# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 2/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 98 | ମୂଲ୍ୟ ₹୭/-




## ଶ୍ରେୟା ଘୋଷାଲଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ୍

ଲୋକପ୍ରିୟ ଗାୟିକା ଶ୍ରେୟା ଘୋଷାଲଙ୍କର ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ଏନେଇ ସେ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି।

୦୨

୧୪

## ବିଶ୍ୱ ରେକର୍ଡ ଭଙ୍ଗ କଲେ ଡୁପ୍ଲାଣ୍ଟିସ

ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଟୁର୍ ମିଟିଂରେ ପୋଲଭଲ୍ଟର ମଣ୍ଡୋ ଡୁପ୍ଲାଣ୍ଟିସ ନିଜ ବିଶ୍ୱ ରେକର୍ଡକୁ ଭଙ୍ଗ କରିଛନ୍ତି।



# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

**ପଡ଼ିଆ, ୧।୩(ଭାସ୍କର ରାଓ)**

ମାଲକାନଗିରି ଜିଲା କାଲିମେଲା ଥାନା ଗିରକାନପଲ୍ଲୀ ପଞ୍ଚାୟତ ଏମ୍‌ଭି ୫୭ ଗ୍ରାମର ଜଣେ ଚାଷୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଅସ୍ପଷ୍ଟ ରହିଛି। ସେ ହେଲେ ସୁଧୀର ହାଲ୍‌ଦାର (୫୫)। ପରିବାର ପକ୍ଷରୁ ଜଣାଯାଇଛି, ଶୁକ୍ରବାର ରାତିରେ ସୁଧୀର କୌଣସି କାମରେ ବାହାରକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜିକରି ପାଇ ନ ଥିଲେ। ଶନିବାର ସକାଳେ ନିଜ ଘରଠାରୁ ୫ ଶହ ମିଟର ଦୂର ☞ପୃଷ୍ଠା-୪


RAMRAJ
COTTON
DHOTIS • SHIRTS
www.ramrajcotton.in
FOR TRADE ENQUIRY
Distributor : MITTAL TRADERS
BARABAZAR, SAMBALPUR - 768 003
CELL : 94372 01426


# ତ୍ରୁଟିଶୂନ୍ୟ ହୋଇପାରୁନି ମାଟ୍ରିକ୍ ପରୀକ୍ଷା

## ବିଜ୍ଞାନ 'ସି' ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କର ପ୍ରଶ୍ନ ନାହିଁ

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ତ୍ରୁଟିଶୂନ୍ୟ ହୋଇପାରୁନାହିଁ। ବିଗତ କିଛିବର୍ଷ ହେଲା ପ୍ରଶ୍ନପତ୍ର ପ୍ରଘଟ, କପି, ପରୀକ୍ଷା ପରିଚାଳନାରେ ଅସାଧୁ କାରବାର ସମେତ ଅନ୍ୟ କେତେକ ତ୍ରୁଟି ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ପ୍ରତିବର୍ଷ ପରୀକ୍ଷା ପୂର୍ବରୁ ଯୋଜନା ହେଉଛି, ଅନେକ ବ୍ୟବସ୍ଥା ଗ୍ରହଣ କରାଯାଉଛି। କିନ୍ତୁ ତାହା ଠିକ୍ ସମୟରେ ଫସରଫାଟୁଛି, ଯାହାକି ଶନିବାର ମାଟ୍ରିକ୍ ବିଜ୍ଞାନ ପରୀକ୍ଷା ବେଳେ ଦେଖିବାକୁ ମିଳିଛି। ବିଜ୍ଞାନ ବିଷୟ 'ସି' ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କ ପ୍ରଶ୍ନ କମ୍ ଥିବା ଜଣାପଡ଼ିଛି। ଏହାକୁ ନେଇ ପରୀକ୍ଷାର୍ଥୀମାନେ ଦ୍ୱନ୍ଦ୍ୱରେ ପଡ଼ିଥିବାବେଳେ ବୋର୍ଡର ପ୍ରଶ୍ନପତ୍ର ଅନୁଧ୍ୟାନ କମିଟି କିଭଳି ଏହି ତ୍ରୁଟି ଧରିପାରିଲେ ନାହିଁ, ତାହା ସନ୍ଦେହ ସୃଷ୍ଟି କରିଛି। ଏହି ବିଭ୍ରାଟ ପାଇଁ ସି ସେଟ୍‌ର ପରୀକ୍ଷାର୍ଥୀ ଲାଭ ପାଇବେ, ଯାହାକି ଅନ୍ୟ ପରୀକ୍ଷାର୍ଥୀଙ୍କ ପାଇଁ ଅନ୍ୟାୟ ବୋଲି କୁହାଯାଉଛି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏଭଳି ତ୍ରୁଟିକୁ ସ୍ୱୀକାର କରିବା ସହ ଏଥିପାଇଁ ଛାତ୍ରୀଛାତ୍ର ଆଶ୍ୱସ୍ତ ରହିବାକୁ ପରାମର୍ଶ ଦେଇଛନ୍ତି।

**କଟକ/ଜୟପୁର/ ବ୍ରହ୍ମପୁର, ୧।୩ (କାର୍ତ୍ତିକ ସାହୁ/ ପବନ ପାଣିଗ୍ରାହୀ/ ସୁବାସ ଚନ୍ଦ୍ର ପାଢ଼ୀ)**

ନିର୍ଦ୍ଧାରିତ ସମୟ ଅନୁଯାୟୀ ଶନିବାର ସକାଳ ୯ଟାରେ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ଶେଷ ହୋଇଥିଲା। ଛାତ୍ରୀଛାତ୍ରମାନେ ପରୀକ୍ଷାକେନ୍ଦ୍ର ବାହାରକୁ ଆସିବା ପରେ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଜଣାପଡିଥିଲା। 'ସି' ସେଟ୍ ପ୍ରଶ୍ନପତ୍ର ପାଇଥିବା ଛାତ୍ରୀଛାତ୍ର ମୋଟ୍ ମାର୍କ ୧୦୦ ☞ପୃଷ୍ଠା-୪


SIKSHA 'O' ANUSANDHAN
SAAT-2025
Empowering students for a brighter future
EMERGING B.TECH PROGRAMMES IN COMPUTING
■ Computer Science and Engineering (AI and ML)
■ Computer Science and Engineering (Cyber Security)
■ Computer Science and Engineering (Data Science)
■ Computer Science and Engineering (Internet of Things)
APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes
NIRF INDIA RANKINGS 2024
■ 14th Best in University Category
■ 26th Best in Engineering Category
INTERNATIONAL RANKINGS 2025
■ Ranked in QS World Rankings 2025
■ Ranked in Times World Rankings 2025
To apply for admission through SAAT, Please visit: www.soa.ac.in



IPS
INDIAN PUBLIC SCHOOL, SAMBALPUR
(A CBSE Affiliated Day cum Residential Co-Educational School)
NO: 1 CBSE DAY / RESIDENTIAL SCHOOL OF ODISHA
The Best DESERVES the Best.....
FROM NURSERY TO CLASS IX & XI
Science, Commerce & Arts
PRE FOUNDATION (IX-X)
FOUNDATION COURSE (XI-XII)
In association with
AAKASH INSTITUTE, SAMBALPUR
ADMISSIONS OPEN
for the Session 2025-26
LEGACY OF CREATING TOPPERS IN CBSE BOARD EXAMINATIONS
98.6% SAKSHI PODDAR (TOPPER CBSE XTH 2023)
97% BHINI ARORA (TOPPER CBSE XTH 2024)
96% MANASVI PRASAD (TOPPER CBSE XIITH 2023)
97% SAKSHI GOYAL (TOPPER CBSE XIITH 2024)
Rankings and Awards
No: 1 CBSE Residential School of Odisha
Best Emerging School in Sambalpur, Odisha
Swachh Vidyalaya Puraskar (District Level Award)
India Best Schools (Rated AAA From Career 360)
Lush Green Campus Spread Over 07 Acres
Entrance Classes for JEE/NEET
Experienced Faculty
Sports Facilities
State of Art Laboratories for Practicals
Career Guidance Cell
AC Hostel Facility
Bus Facility
Call us for information
7205112311, 7328088267




# ଗୁଣି ସନ୍ଦେହ: ଆଦିବାସୀ ମହିଳାଙ୍କୁ ୫ ଘଣ୍ଟା ଚାବୁକ ମାଡ଼



ପୀଡ଼ିତା ମହିଳା

**ସୁନ୍ଦରଗଡ଼/ ବଡ଼ଗାଁ, ୧।୩ (ଜୟନାରାୟଣ ମେଣ୍ଡୁଲୀ/ ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଲିଟିପଡ଼ା ଗାଁରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ୨ ଜଣ ଗୁଣିଆ ଜଣେ ଆଦିବାସୀ ମହିଳାଙ୍କୁ ୫ ଘଣ୍ଟା ଧରି ନିସ୍ଥୁକ ଚାବୁକ ପ୍ରହାର କରିଛନ୍ତି। ଶୁକ୍ରବାର ରାତିରେ ଘଟିଥିବା ଏହି ଅଭାବନୀୟ ଘଟଣା ପ୍ରଚାରିତ ହେବା ପରେ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ଘଟଣା ଅନୁଯାୟୀ, ବଡ଼ଗାଁ ଲିଟିପଡ଼ାର ଜଣେ ଯୁବକଙ୍କ ମାନସିକ ସ୍ଥିତି ଠିକ୍ ରହୁ ନ ଥିବାରୁ ମଚାମରା ଗ୍ରାମର ଗଗନ ନାମକ ଜଣେ ଗୁଣିଆଙ୍କୁ ଠିକ୍ କରିଦେବାକୁ ତାଙ୍କ ପରିବାର ଲୋକେ କହିଥିଲେ। ଭୂତ ଓ ଗ୍ରହଦୋଷ ଯୋଗୁ ଏଭଳି ହୋଇଥିବା ☞ପୃଷ୍ଠା-୪

### ୩୮ ଡିଗ୍ରୀ ଡେଇଁଲା ପାରଦ


# ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର, ୧।୩ (ଅନୁରାଧା ମହାରଣା)**

ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ମାର୍ଚ୍ଚ ଆରମ୍ଭରୁ ଡରାଇଲାଣି ତାତି। ଶନିବାର ୩୮.୫ ଡିଗ୍ରୀ ତାପମାତ୍ରା ସହ ଟିଟିଲାଗଡ଼ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଥିସହ ରାଜ୍ୟର ପ୍ରାୟ ୧୧ ସହରରେ ତାପମାତ୍ରା ୩୭ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଟିଟିଲାଗଡ଼ ତଳକୁ ଝାରସୁଗୁଡା ରହିଛି। ଏଠାରେ ୩୮.୨ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ବଲାଙ୍ଗୀରରେ ୩୮, ସୋନପୁର ୩୭.୭, ଅନୁଗୋଳ ୩୭.୭, ସମ୍ବଲପୁର ୩୭.୬, ସୁନ୍ଦରଗଡ ୩୭.୫, ଭବାନୀପାଟଣା ୩୭.୨, ହୀରାକୁଦ ୩୭.୧, ବୌଦ୍ଧ ୩୭ ଓ ବାରିପଦାରେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଟାର୍ଗେଟରେ ଚାଇନା


PATANJALI wellness
Yoga, Ayurveda & Naturopathy
Yoggram and Niramayam
ଏଲୋପାଥିକ୍ ଡାକ୍ତରମାନଙ୍କ ପାଇଁ ହୋଲି ପର୍ଯ୍ୟନ୍ତ ଉପଚାରର ବିଶେଷ ଉପହାର
MD, MBBS, ସର୍ଜନ, ଡେଣ୍ଟିଷ୍ଟ, ଡର୍ମାଟୋଲୋଜିଷ୍ଟ, ENT, ଅପ୍‌ଥାଲ୍‌ମୋଲୋଜିଷ୍ଟ, ଅର୍ଥୋପେଡିକ୍, ଗାଇନୋକୋଲୋଜିଷ୍ଟ, କାର୍ଡିଓଲୋଜିଷ୍ଟ ଆଦି ଏଲୋପାଥି ଡାକ୍ତରମାନଙ୍କ ପାଇଁ ପତଞ୍ଜଳି ୱେଲ୍‌ନେସ୍, ନିରାମୟମ୍ ତଥା ଯୋଗଗ୍ରାମରେ ବିଶେଷ ରିହାତି ।
ସେବାରତ ଡାକ୍ତରଙ୍କ ପାଇଁ 50% ରିହାତି
ସେବାନିବୃତ୍ତ ଡାକ୍ତରଙ୍କ ପାଇଁ 100% ଛାଡ଼
ଯେଉଁମାନେ କରୁଛନ୍ତି ମାନବଜାତିର ହିତ, ସେମାନଙ୍କ ସେବା ପାଇଁ ଆମେ ସମର୍ପିତ
ରୋଗୀ, ମାନବଜାତିର ସେବାରେ ସମର୍ପିତ ଡାକ୍ତରମାନଙ୍କୁ ସନାତନ ସଂସ୍କୃତିରେ ଆମେ ଭଗବାନ ସ୍ୱରୂପ ମାନିଥାଉ । କିନ୍ତୁ, ମନକୁ ବ୍ୟଥିତ କରୁଥିବା କଥା ହେଉଛି ଯେ, ରୋଗୀଙ୍କ ସେବା କରି କରି ଡାକ୍ତରମାନେ ମଧ୍ୟ ରୋଗୀ ପାଲଟିଯାଇଥାନ୍ତି । ମାତ୍ରାଧିକ କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟକର ଜୀବନଶୈଳୀ, ଯୋଗ, ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଅନୁସରଣ କରି ନ ପାରିବା କାରଣରୁ ସେମାନେ ବିପି, ଥାଇରଏଡ୍, ସୁଗାର୍, ଆଜ୍‌ମା, ଲିଭର୍, କିଡ୍‌ନୀ, ହୃଦ୍‌ରୋଗ, ସର୍ଭାଇକଲ୍ ଯନ୍ତ୍ରଣା ତଥା ପୃଥୁଳତା ଭଳି ରୋଗ ଚକ୍ରରେ ଘେରି ହୋଇଯାଆନ୍ତି ।
ଆମେ ଅତ୍ୟନ୍ତ ସ୍ନେହ, ସମ୍ମାନ ଏବଂ ଅନୁକମ୍ପାପୂର୍ବକ ସମସ୍ତ ଡାକ୍ତରଙ୍କୁ ପତଞ୍ଜଳି ୱେଲ୍‌ନେସ୍, ଯୋଗଗ୍ରାମ, ନିରାମୟମ୍‌କୁ ଆମନ୍ତ୍ରିତ କରୁଛୁ
ଆମେ ଏହି ଆଶ୍ୱାସନା ଦେଉଛୁ ଯେ, ଆମେ ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ଆପଣମାନଙ୍କର ସମସ୍ତ ଜୀବନଶୈଳୀ ଜନିତ ଏବଂ ଅସାଧ୍ୟ ରୋଗଗୁଡ଼ିକର ପ୍ରବନ୍ଧନ, ଚିକିତ୍ସା ଏବଂ ମୂଳୋତ୍ପାଟନ କରିବୁ ଏବଂ ପଞ୍ଚକର୍ମ, ଷଟ୍‌କର୍ମ ଦ୍ୱାରା ଶୁଦ୍ଧିକରଣ କରିବୁ । ଉପଚାରର ଦେୟ ପରିଶୋଧରେ ସକ୍ଷମ ଡାକ୍ତରମାନଙ୍କ ପାଇଁ 50% ରିହାତି ଉପଲବ୍ଧ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତିଦିନ 10ଟି ଥେରାପି ଦିଆଯିବ, ଯାହାର ମୂଲ୍ୟ ସାଧାରଣତଃ 5,000ରୁ 10,000 ଟଙ୍କା ଅଟେ । ଡାକ୍ତରମାନେ ପ୍ରତିଦିନ ଶିରୋଧାରା, ଅଭ୍ୟଙ୍ଗ, ବାହ୍ୟ ଏବଂ ଆଭ୍ୟନ୍ତରୀଣ ବସ୍ତି, ହାଇଡ୍ରୋଥେରାପି, କୋଲୋନ ଥେରାପି, ଶୃଙ୍ଗୀ, ବାତ ମୋକ୍ଷଣ, ରକ୍ତ ମୋକ୍ଷଣ, ଆକ୍ୟୁପଙ୍କଚର୍, ଆକ୍ୟୁପ୍ରେସର୍, ଓଜୋନ୍ ଥେରାପି, ଯଜ୍ଞ ଥେରାପି ଏବଂ ରୋଗ ଅନୁଯାୟୀ ଏଭଳି ଅନେକ ଉପଚାର ଦ୍ୱାରା ଡିଟକ୍ସିଫିକେଶନ୍ ଏବଂ ଋଷିମାନଙ୍କ ଯୋଗ ଓ ଆୟୁର୍ବେଦର ପରମ୍ପରାର ଅନୁଭୂତି ପ୍ରାପ୍ତ କରିବେ ।
ବିଶେଷ – ସରକାରୀ କିମ୍ବା ବେସରକାରୀ ଚାକିରି ପରେ ଅବସର ନେଇଥିବା ଡାକ୍ତର ଏବଂ ଆର୍ଥିକ ସମ୍ବଳ ନ ଥିବା ବ୍ୟକ୍ତିମାନଙ୍କ ପାଇଁ ଯୋଗ, ଆୟୁର୍ବେଦ, ପଞ୍ଚକର୍ମ, ଷଟ୍‌କର୍ମର 100% ଚିକିତ୍ସା ଉପଲବ୍ଧ କରାଇ ଆମେ ସେମାନଙ୍କ ସେବାର ସୌଭାଗ୍ୟ ପ୍ରାପ୍ତ କରିବା ପାଇଁ ଉତ୍କଣ୍ଠିତ ।


*T&C apply
ଦ୍ରଷ୍ଟବ୍ୟ - ଟାଇପ୍-1 ଡାଇବେଟିସ୍, ଲିଭର୍, କିଡ୍‌ନୀ ଅକାମୀ, କ୍ୟାନ୍‌ସର, ଅଟୋ ଇମ୍ୟୁନ୍ ରୋଗରେ ପୀଡ଼ିତ ରୋଗୀମାନଙ୍କ ପାଇଁ କେବଳ ମାର୍ଚ୍ଚ ମାସରେ 25% ରିହାତି ଉପଲବ୍ଧ ହେବ ।
ପତଞ୍ଜଳି ୱେଲ୍‌ନେସ୍‌ରେ ସପ୍ତାହବ୍ୟାପୀ ଚିକିତ୍ସା ଏବଂ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ
8954666111, 8954666222, 8954666333 (Working hours - 6 am to 10 pm),
or visit: www.patanjaliwellness.com | booking@patanjaliwellness.com
ଯଦି ଆପଣ ଅନ୍‌ଲାଇନ୍ ପେମେଣ୍ଟ କରିବାରେ ସମର୍ଥ ନୁହନ୍ତି, ତେବେ ସିଧାସଳଖ ଏଠାକୁ ଆସି ପଞ୍ଜୀକରଣ କରାଇପାରିବେ ।

## ସଂକ୍ଷେପରେ

### ଉତ୍ତରାଖଣ୍ଡ ହିମସ୍ଖଳନରେ ୪ ଶ୍ରମିକ ମୃତ, ୫ ନିଖୋଜ

ନୂଆଦିଲ୍ଲୀ, ୧।୩ (ପି.ଟି.)

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ମାନା ଗ୍ରାମରେ ଶୁକ୍ରବାର ହିମସ୍ଖଳନ ଯୋଗୁ ୫୫ ଜଣ ଶ୍ରମିକ ବରଫ ଅତଡ଼ା ତଳେ ପୋତିହୋଇ ପଡ଼ିଥିବାବେଳେ ଶନିବାର ସୁଦ୍ଧା ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଉଦ୍ଧାର କରାଗଲାଣି। ପ୍ରତିକୂଳ ପାଗ ମଧ୍ୟରେ ଅବଶିଷ୍ଟ ୫ ଜଣଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି। ତେବେ ଉଦ୍ଧାର ହୋଇଥିବା ୫୦ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର କାର୍ଯ୍ୟରେ ସେନାର ୫ଟି ହେଲିକପ୍ଟର ଏବଂ ଗୋଟିଏ ବେସାମରିକ ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ଶୁକ୍ରବାର ସକାଳେ ଗ୍ଲାସିୟର ଧସିବାରୁ ୧୩,୦୦୦ ଫୁଟ୍ ଉଚ୍ଚତାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଆର୍ଓର ୫୫ ଶ୍ରମିକ ଫସିଯାଇଥିଲେ। ଶୁକ୍ରବାର ରାତି ସୁଦ୍ଧା ସେମାନଙ୍କ ମଧ୍ୟରୁ ୩୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଶନିବାର ଆଉ ୧୭ ଜଣଙ୍କୁ ବରଫ ତଳୁ ବାହାର କରାଯାଇଛି। ଗୁରୁତର ଥିବା ୪ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିବା ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

### ତୁର୍କୀରେ କୁର୍ଦ୍ଦିଶର ଯୁଦ୍ଧ ବିରତି ଘୋଷଣା

ଆଙ୍କାରା, ୧।୩

୪୦ ବର୍ଷ ପରେ ତୁର୍କୀରେ କୁର୍ଦ୍ଦିଶ ଉଗ୍ରବାଦୀ ସଙ୍ଗଠନ ଯୁଦ୍ଧ ବିରତି ନେଇ ଘୋଷଣା କରିଛି। ୨ ଦିନ ତଳେ ଜେଲରେ ବନ୍ଦ ଥିବା କୁର୍ଦ୍ଦିଶ ନେତା ଅବଦୁଲା ଓକ୍‌ଲାନ ନିଜ ଯୋଦ୍ଧାମାନଙ୍କୁ ଅସ୍ତ୍ର ରଖିବାକୁ ଅପିଲ କରିଥିଲେ। କୁର୍ଦ୍ଦିଶ ଯୋଦ୍ଧାମାନଙ୍କର ଦଳ କୁର୍ଦ୍ଦିସ୍ତାନ ୱର୍କର୍ସ ପାର୍ଟି (ପିକେକେ) ପକ୍ଷରୁ ସ୍ଥାନୀୟ ଗଣମାଧ୍ୟମ ଏଜେନ୍ସି ଫିରାଟ ନ୍ୟୁଜକୁ ବୟାନ ଜାରି କରି କୁହାଯାଇଛି, ପିକେକେ ନେତା ଅବଦୁଲା ଓକ୍‌ଲାନଙ୍କ ଶାନ୍ତି ଏବଂ ଗଣତାନ୍ତ୍ରିକ ସମାଜର କାର୍ଯ୍ୟାନ୍ୱୟନ ପାଇଁ ସଙ୍ଗଠନ ପକ୍ଷରୁ ଯୁଦ୍ଧ ବିରତି ନେଇ ଘୋଷଣା କରାଯାଇଛି। ଯେପର୍ଯ୍ୟନ୍ତ ପିକେକେ ଯୋଦ୍ଧାଙ୍କ ଉପରେ ଆକ୍ରମଣ ହେବ ନାହିଁ ସେପର୍ଯ୍ୟନ୍ତ ଏହି ସଙ୍ଗଠନ ଅନ୍ୟ କାହାରି ଉପରେ ମଧ୍ୟ ଆକ୍ରମଣ କରିବ ନାହିଁ।

# ମଣିପୁରରୁ ଅଲଗା କେନ୍ଦ୍ରଶାସିତ ଅଞ୍ଚଳ କର




କୁକି ଛାତ୍ର ସଂଗଠନ ଏବଂ କୁକି-ଜୋ ମହିଳା ଫୋରମ୍ ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଦିଲ୍ଲୀରେ କୁକି-ଜୋ ସମ୍ପ୍ରଦାୟର ବିକ୍ଷୋଭ

ନୂଆଦିଲ୍ଲୀ, ୧।୩ (ପି.ଟି.)

ହିଂସା ପ୍ରପୀଡ଼ିତ ମଣିପୁରର କୁକିବହୁଳ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳ ଓ ସ୍ୱତନ୍ତ୍ର ବିଧାନସଭା ଗଢ଼ାଯିବା ଦାବି ଜୋର ଧରିଛି। ଦିଲ୍ଲୀ ଏବଂ ଏନ୍‌ସିଆର୍‌ର କୁକି ଛାତ୍ର ସଂଗଠନ ଏବଂ କୁକି-ଜୋ ମହିଳା ଫୋରମ୍ ପକ୍ଷରୁ ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳ ଦାବିରେ ରାଜଧାନୀର ଯନ୍ତରମନ୍ତରଠାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଶତାଧିକ କୁକି-ଜୋ ଆଦିବାସୀ ସଦସ୍ୟ ଯନ୍ତରମନ୍ତରରେ ଏକାଠି ହୋଇ ସ୍ଲୋଗାନ ଦେଇଥିଲେ। ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ସଙ୍କଟର ସମାଧାନ ନ ହେବା ପର୍ଯ୍ୟନ୍ତ ସେମାନେ ଫେରିପାରିବେ ନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ପଦରୁ ଏନ୍. ବୀରେନ୍ ସିଂଙ୍କ ଇସ୍ତଫା କେବଳ ଲୋକ ଦେଖାଣିଆ। ଆମେ ଅଲଗା କେନ୍ଦ୍ରଶାସିତ ଅଞ୍ଚଳ ଚାହୁଁ ବୋଲି ସେମାନ ଦାବି କରିଛନ୍ତି। ମଣିପୁର ସ୍ଥିତି ପାଇଁ ବୀରେନ୍ ଦାୟୀ। ବିକ୍ଷୋଭ ସ୍ଥଳରୁ ଏକ ବିବୃତି ଜାରି କରି ସେମାନେ କହିଛନ୍ତି, କୁକି-ଜୋ ସମ୍ପ୍ରଦାୟ ଐତିହାସିକ ଅନ୍ୟାୟ ସହିଛି। ମଣିପୁରରେ ଏହି ସମ୍ପ୍ରଦାୟ ପାଇଁ ରାଜନୈତିକ ସମାଧାନ ଜରୁରୀ। ଦାବି ସମ୍ପର୍କିତ ପତ୍ର ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ ବୋଲି ସେମାନେ କହିଛନ୍ତି। ମଣିପୁରର ବର୍ତ୍ତମାନର ପ୍ରଶାସନ କୁକିମାନଙ୍କୁ ସୁରକ୍ଷା ଦେବା ଓ ଆପତ୍ତି ଅଭିଯୋଗର ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେମାନେ ଅଧିକାର ଫେରିପାଇବାକୁ ହେଲେ ଅଲଗା ପ୍ରଶାସନ ଏକମାତ୍ର ପଥ ବୋଲି ବିବୃତିରେ କୁହାଯାଇଛି। ଅଲଗା ପ୍ରଶାସନ, କୁକି-ଜୋ ସଦସ୍ୟମାନଙ୍କୁ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ନିମନ୍ତେ ଯଥାଶୀଘ୍ର କମିଟି ଗଠନ କରାଯିବାକୁ ବିକ୍ଷୋଭକାରୀ ଦାବି କରିଛନ୍ତି।

## ୮ରୁ ଲୋକଙ୍କ ଅବାଧ ଯାତାୟାତ ସୁନିଶ୍ଚିତ କରିବାକୁ ଶାହାଙ୍କ ନିର୍ଦ୍ଦେଶ

ହିଂସା ପ୍ରଭାବିତ ମଣିପୁରର ସମସ୍ତ ରାସ୍ତାରେ ଲୋକଙ୍କ ମୁକ୍ତ ଓ ଅବାଧ ଯାତାୟାତକୁ ସୁନିଶ୍ଚିତ କରାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର ସୁରକ୍ଷା ବଳକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିବନ୍ଧକ ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଦୀର୍ଘମିଆଦୀ ଶାନ୍ତି ଫେରାଇଆଣିବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଏବଂ ଏଥିପାଇଁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ଶାହା ମଣିପୁର ସୁରକ୍ଷା ସ୍ଥିତିର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି। ମଣିପୁରରେ ଫେବୃଆରୀ ୧୩ରେ ରାଷ୍ଟ୍ରପତି ଶାସନ ଲାଗୁହେବା ପରେ ଏହା ଥିଲା ପ୍ରଥମ ସମୀକ୍ଷା ବୈଠକ। ୨୦୨୩ ମେ'ରୁ ମଣିପୁରରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ସହ ଅନେକ ଆହତ ହୋଇଥିଲେ। ହଜାର ହଜାର ଲୋକ ଘରଦ୍ୱାର ହରାଇଥିଲେ। ବୈଠକରେ ଶାହା ମଣିପୁରର ସୁରକ୍ଷା ସ୍ଥିତି ସମ୍ପର୍କରେ ବୁଝିବା ସହ ତାଙ୍କୁ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଅବଗତ କରାଯାଇଛି। ଅନ୍ତର୍ଜାତୀୟ ସୀମାରେ ଥିବା ରାଜ୍ୟର ଦୁଇଟି ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ବାଡ଼ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟପାଳ ଅଜୟ କୁମାର ଭାଲ୍ଲା, ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା, ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ତଥା ଇଷ୍ଟର୍ନ କମାଣ୍ଡ ସେନା କମାଣ୍ଡର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ପଦରୁ ଏନ୍. ବୀରେନ୍ ସିଂଙ୍କ ଇସ୍ତଫା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁହୋଇଥିଲା।

## ୩୧ରୁ ଦିଲ୍ଲୀରେ ୧୫ ବର୍ଷରୁ ପୁରୁଣା ଗାଡ଼ିକୁ ଇନ୍ଧନ ବନ୍ଦ ହେବ

ନୂଆଦିଲ୍ଲୀ, ୧।୩

ମାର୍ଚ୍ଚ ୩୧ରୁ ଦିଲ୍ଲୀରେ ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକୁ ପେଟ୍ରୋଲ ପମ୍ପରେ ତେଲ ଦିଆଯିବ ନାହିଁ। ଦିଲ୍ଲୀ ପରିବେଶ ମନ୍ତ୍ରୀ ମନ୍‌ଜିନ୍ଦର ସିଂ ସିର୍ସା ଶନିବାର ଏହା ଘୋଷଣା କରିଛନ୍ତି। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ବସିଥିବା ବୈଠକରେ ସିର୍ସା କହିଥିଲେ, ଗାଡ଼ିମୋଟରଜନିତ ଉତ୍ସର୍ଜନ ଓ ପ୍ରଦୂଷଣ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନେଉଛନ୍ତି। ବୈଠକରେ ପୁରୁଣା ଗାଡ଼ି ଚଳାଚଳ ବନ୍ଦ କରିବା ଏବଂ ସାଧାରଣ ପରିବହନ ବ୍ୟବସ୍ଥାକୁ ବିଦ୍ୟୁତ୍‌ଚାଳିତ ଯାନରେ ପରିବର୍ତ୍ତନ କରିବା ଆଦି କଟକଣା ଆଦି ନୀତିଗତ ନିଷ୍ପତ୍ତିକୁ ଗୁରୁତ୍ୱ ଦିଆଯାଇଥିଲା। ମନ୍ତ୍ରୀ କହିଛନ୍ତି, ୧୫ ବର୍ଷରୁ ପୁରୁଣା ଗାଡ଼ିଗୁଡ଼ିକୁ ଚିହ୍ନଟ କରିବା ପାଇଁ ପେଟ୍ରୋଲ ପମ୍ପଗୁଡ଼ିକରେ ଉପକରଣ ଲଗାଯିବ ଏବଂ ସେହି ଗାଡ଼ିଗୁଡ଼ିକୁ ଇନ୍ଧନ ଯୋଗାଇ ଦିଆଯିବ ନାହିଁ। ଏହି ନିଷ୍ପତ୍ତି ସମ୍ପର୍କରେ ପେଟ୍ରୋଲିୟମ ମନ୍ତ୍ରଣାଳୟକୁ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ବାୟୁ ପ୍ରଦୂଷଣ ସ୍ତର କମାଇବା ପାଇଁ ଦିଲ୍ଲୀର ସମସ୍ତ ଉଚ୍ଚ ଅଟ୍ଟାଳିକା, ହୋଟେଲ, ବ୍ୟବସାୟିକ କମ୍ପ୍ଲେକ୍ସ, ବିମାନବନ୍ଦର ଭଳି ବୃହତ୍ ପ୍ରତିଷ୍ଠାନ ଏବଂ ନିର୍ମାଣସ୍ଥଳଗୁଡ଼ିକରେ ଆଣ୍ଟିସ୍ମଗ୍ ଗନ୍ ଲଗାଇବା ବାଧ୍ୟତାମୂଳକ ହେବ।

## ତୃଣମୂଳ ସ୍ତରରେ କୃଷି ବଜେଟର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ହେଉ: ମୋଦି

ନୂଆଦିଲ୍ଲୀ, ୧।୩

କୃଷି କ୍ଷେତ୍ରରେ ବିଦ୍ୟମାନ ଯୋଜନାଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏବଂ ତୃଣମୂଳ ସ୍ତରରେ ଏହାର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ପରାମର୍ଶ ଦେବାକୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି କ୍ଷେତ୍ର ସହ ଜଡ଼ିତ ହିତାଧିକାରୀମାନଙ୍କ ଅନୁରୋଧ କରିଛନ୍ତି। ବଜେଟ ପରେ କୃଷି ଏବଂ ଗ୍ରାମୀଣ ସମୃଦ୍ଧିକୁ ନେଇ ଆୟୋଜିତ ହୋଇଥିବା ୱେବିନାର କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ହୋଇଥିବା ପୂର୍ଣ୍ଣକାଳୀନ ବଜେଟରେ ବିକଶିତ ଭାରତର ଦୂରଦୃଷ୍ଟିକୁ ପ୍ରତିଫଳିତ ହୋଇଛି। କୃଷି କ୍ଷେତ୍ରରେ ସମସ୍ତ ହିତାଧିକାରୀଙ୍କଠାରୁ ପ୍ରାପ୍ତ ସୂଚନା ଏବଂ ପରାମର୍ଶ ବଜେଟ ପ୍ରସ୍ତୁତ କରିବାରେ ସହାୟକ ହୋଇଥିଲା। ତେବେ ବଜେଟକୁ ତୃଣମୂଳ ସ୍ତରରେ ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରିତା କରାଯିବାର ଆବଶ୍ୟକତା ରହିଛି ବୋଲି ମୋଦି ଏହି ୱେବିନାରରେ କହିଛନ୍ତି।

## ବାପ, ଝିଅଙ୍କ ଆତ୍ମହତ୍ୟା

କୋଲକାତା, ୧।୩

ପଶ୍ଚିମବଙ୍ଗର କୋଲକାତାସ୍ଥିତ ପର୍ନଶ୍ରୀ ଅଞ୍ଚଳରେ ଶନିବାର ସାଜନ ଦାସ (୫୩) ଏବଂ ତାଙ୍କ ଝିଅ ସୁଜା ଦାସ (୨୨) ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ସୁଜା ଅଟିଜମ ରୋଗରେ ପୀଡ଼ିତ ଥିଲେ। ଏହି ରୋଗ ଯୋଗୁ ସାଜନ ମାନସିକ ଅବସାଦ ମଧ୍ୟରେ ରହୁଥିଲେ। ଝିଅର ଚିକିତ୍ସାରେ ତାଙ୍କର ବହୁ ଅର୍ଥ ଖର୍ଚ୍ଚ ହୋଇଯାଇଥିଲା। ତେଣୁ ସେ ଋଣ ନେଇଥିଲେ। ଋଣ ପରିଶୋଧ କରିବାର ଚାପରେ ସାଜନ ଏବଂ ସୁଜା ଆତ୍ମହତ୍ୟା କରିଥିବା ନେଇ ପୋଲିସ ଆଶଙ୍କା ପ୍ରକାଶ କରିଛି।



ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ଶନିବାର କୋଲକାତାରେ ବିଭିନ୍ନ ମହିଳା ସଂଗଠନର ସଦସ୍ୟମାନେ ଏକ ରାଲିରେ ଯୋଗ ଦେଇଛନ୍ତି।

## କେମିକାଲ ଫ୍ୟାକ୍ଟ୍ରିରେ ନିଆଁ

ଭୋପାଳ, ୧।୩

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳର ଗୋବିନ୍ଦପୁରୀ ଅଞ୍ଚଳର ଜେ.କେ ରୋଡ୍‌ରେ ଥିବା ଏକ କେମିକାଲ ଫ୍ୟାକ୍ଟ୍ରିରେ ଶନିବାର ଭୀଷଣ ନିଆଁ ଲାଗିଯାଇଥିଲା। ୨୦ ଫୁଟ ଉଚ୍ଚ ପର୍ଯ୍ୟନ୍ତ ଏହି ନିଆଁ ଉପରକୁ ଉଠୁଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ନିଆଁ ଲାଗିଥିବା ନେଇ ସୂଚନା ମିଳିବା ପରେ ଅଗ୍ନିଶମ ବାହିନୀର ୧୦ରୁ ୧୨ ଗାଡ଼ି ଏବଂ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ବର୍ତ୍ତମାନ ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇ ପାରିନାହିଁ। ସତର୍କତାମୂଳକ ପଦକ୍ଷେପ ଭାବେ କେମିକାଲ ଫ୍ୟାକ୍ଟ୍ରିର ନିକଟସ୍ଥ ଦୋକାନଗୁଡ଼ିକୁ ପୋଲିସ ବନ୍ଦ କରିଛି। ଶର୍ଟସର୍କିଟ ଯୋଗୁ ଏହି ନିଆଁ ଲାଗିଥିବା ନେଇ ଅନୁମାନ କରାଯାଉଛି। ତେବେ ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଛନ୍ତି କି ନାହିଁ ସେସମ୍ପର୍କରେ ପ୍ରଶାସନ ସୂଚନା ଦେଇନାହିଁ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଥିବା ନେଇ ଆଶଙ୍କା କରାଯାଉଛି।



ଭୋପାଳର ଗୋବିନ୍ଦପୁରୀ ଅଞ୍ଚଳର ଏକ କେମିକାଲ ଫ୍ୟାକ୍ଟ୍ରିରେ ଶନିବାର ଭୀଷଣ ନିଆଁ ଲାଗିଛି।

## ଲାଭ ପାଇଁ ଋଣ ନେଉଥିବା ବ୍ୟକ୍ତି ଗ୍ରାହକ ନୁହନ୍ତି

ନୂଆଦିଲ୍ଲୀ, ୧।୩ (ପି.ଟି.)

ଲାଭ ପାଇବା ପାଇଁ ଯଦି ଜଣେ ଋଣଗ୍ରହୀତା ବ୍ୟାଙ୍କରୁ ଋଣ ନେଇଥାଆନ୍ତି, ତେବେ ଖାଉଟି ସୁରକ୍ଷା ଆଇନ ଅନୁଯାୟୀ ତାଙ୍କୁ ଗ୍ରାହକ କୁହାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜାତୀୟ ଖାଉଟି ବିବାଦ ସମାଧାନ ଆୟୋଗ (ଏନ୍‌ସିଡିଆର୍‌ସି)ଙ୍କ ଏକ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କ ଖଣ୍ଡପୀଠ ବ୍ୟାଙ୍କ ପିଟିଶନ୍‌ର ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଜଣେ ଋଣଗ୍ରହୀତା ଆଡ୍ ବ୍ୟୁରୋ ଅଫ୍ ଆଡଭର୍ଟାଇଜିଂ ପ୍ରା.ଲିଃକୁ ଭୁଲ୍‌କ୍ରମେ ଖିଲାପୀ ଭାବେ କ୍ରେଡିଟ୍ ଇନ୍‌ଫର୍ମେଶନ ବ୍ୟୁରୋ ଅଫ୍ ଇଣ୍ଡିଆ ଲିଃ (ସିଆଇବିଆଇଏଲ୍)କୁ ରିପୋର୍ଟ କରିଥିବାରୁ ବ୍ୟାଙ୍କ ୭୫ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ମକଦ୍ଦମା ଖର୍ଚ୍ଚ ପ୍ରଦାନ କରିବା ପାଇଁ ଏନ୍‌ସିଡିଆର୍‌ସି ନିର୍ଦ୍ଦେଶ ଦେଇଥିଲେ।



ମାମଲା ଅନୁଯାୟୀ, ସେଣ୍ଟ୍ରାଲ ବ୍ୟାଙ୍କ ଆଡ୍ ବ୍ୟୁରୋକୁ ୧୦ କୋଟି ଟଙ୍କା ଋଣ ଦେଇଥିଲା। ପରିଶୋଧରେ ଅନିୟମିତତା ପାଇଁ ଋଣ ଆଦାୟ ଟ୍ରିବ୍ୟୁନାଲରେ ମାମଲା ଦାଏର ହୋଇଥିଲା ଓ ଏକକାଳୀନ ୩.୫୬ କୋଟି ଟଙ୍କା ପୈଠ କରିବାକୁ ଚୂଡ଼ାନ୍ତ ହୋଇଥିଲା। ବ୍ୟୁରୋ ଉକ୍ତ ଅର୍ଥ ପୈଠ କରିଥିଲେ ମଧ୍ୟ ଏହାକୁ ଋଣ ଖିଲାପୀ ବୋଲି ସିଆଇବିଆଇଏଲ୍‌କୁ ବ୍ୟାଙ୍କ ଜଣାଇଥିଲା। ଫଳରେ ବ୍ୟୁରୋର ପତିଆରା କ୍ଷୁଣ୍ଣ ହେବା ସହ ବ୍ୟବସାୟିକ କ୍ଷତି ଘଟିଥିଲା। ଏନ୍‌ସିଡିଆର୍‌ସି ଏହାକୁ ବ୍ୟାଙ୍କ ତରଫରୁ ସେବାରେ ଅଭାବ ଦର୍ଶାଯାଇ ୭୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଫୁରସତ

## ପିଲାଙ୍କୁ ସ୍କୁଲ ପଠାଉନାହାନ୍ତି ଅଭିଭାବକ

କୋଲକାତା

ପଶ୍ଚିମବଙ୍ଗର କୋଲକାତାରେ ରହୁଥିବା ଏକ ଦମ୍ପତି ବିଦ୍ୟାଳୟ ଶିକ୍ଷାଦାନକୁ ନେଇ ଭିନ୍ନ ମତ ପୋଷଣ କରିଛନ୍ତି। ଏହି ଦମ୍ପତି ନିଜର ୨ ପିଲାଙ୍କୁ ବିଦ୍ୟାଳୟକୁ ପଢ଼ିବା ପାଇଁ ପଠାଉନାହାନ୍ତି। ବିଦ୍ୟାଳୟକୁ ପଠାଇ ସେମାନେ ତାଙ୍କ ପିଲାଙ୍କ ସମୟ ନଷ୍ଟ କରିବାକୁ ଚାହାନ୍ତି ନାହିଁ ବୋଲି ଏହି ଦମ୍ପତି କହିଛନ୍ତି। ସେମାନେ ନିଜର ୨ ପିଲାଙ୍କୁ ପାରମ୍ପରିକ ଉପାୟରେ ଶିକ୍ଷା ଦେଉଛନ୍ତି।

ଅଭିନେତ୍ରୀ ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶାହନାଜ ଟ୍ରେଜରି ନିକଟରେ ଏହି ପରିବାରକୁ ଭେଟି ଏହାର ଏକ ଭିଡିଓ ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଶାହନାଜ କହିଛନ୍ତି, କୋଲକାତାର ଏହି ଦମ୍ପତି ନିଜର ୨ ପିଲାଙ୍କୁ ସ୍କୁଲ ନ ପଠେଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସାକ୍ଷାତ୍କାର ବେଳେ ଉକ୍ତ ଦମ୍ପତି କହିଛନ୍ତି, ସ୍କୁଲ ଯିବା ନିଶ୍ଚିତ ଭାବେ ସମୟର ଅପଚୟ ସଦୃଶ। ଏହା ସେମାନେ ବିଶ୍ୱାସ କରନ୍ତି। ତେଣୁ ସେମାନେ ଭ୍ରମଣ, ପ୍ରାକ୍ଟିକାଲ୍ ନଲେଜ ଆଦି ମାଧ୍ୟମରେ ନିଜ ପିଲାଙ୍କର ଶିକ୍ଷାଦାନ କରିଥାନ୍ତି। ସ୍କୁଲ ନ ଛାଡ଼ି ପିଲାଙ୍କୁ ଶିକ୍ଷାଦାନ ଦେବା ପ୍ରକ୍ରିୟାକୁ ସେମାନେ ଏକ ଅଭିଜ୍ଞତାଭିତ୍ତିକ ଶିକ୍ଷା ପଦ୍ଧତି ଭାବରେ ବର୍ଣ୍ଣନା କରିଛନ୍ତି। ଏପରି ଶିକ୍ଷା ପଦ୍ଧତିରେ ପିଲାମାନଙ୍କୁ ଦୈନନ୍ଦିନ ଜୀବନରୁ ବିଭିନ୍ନ ଶିକ୍ଷା ମିଳୁଥିବା ସହ ଭ୍ରମଣ ମାଧ୍ୟମରେ ସେମାନଙ୍କୁ କଳା, ସାହିତ୍ୟ ଏବଂ ଇତିହାସ ସମ୍ପର୍କରେ ଅଧିକ ତଥ୍ୟ ମିଳିଥାଏ ବୋଲି ଏହି ଦମ୍ପତି କହିଛନ୍ତି। ଏହି ଦମ୍ପତିଙ୍କ ପୁଅ କ୍ରିକେଟ୍ ପ୍ରତି ଆଗ୍ରହୀ ଥିବା ବେଳେ ସେ କ୍ରିକେଟ ମାଧ୍ୟମରେ ଗଣିତ ଶିଖୁଥିବା ନେଇ ତାଙ୍କ ମା' କହିଛନ୍ତି। ଏହି ଦମ୍ପତି ଆହୁରି କହିଛନ୍ତି, ବିଦ୍ୟାଳୟକୁ ଯାଉ ନ ଥିବାରୁ ପଢ଼ା ପାଇଁ ତାଙ୍କ ପିଲାମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଢାଞ୍ଚା କିମ୍ବା ପାଠ୍ୟକ୍ରମ ନାହିଁ। ତେଣୁ ସେମାନଙ୍କ ଉପରେ ପଢ଼ାକୁ ସମ୍ବନ୍ଧିତ କୌଣସି ଚାପ ପଡୁନାହିଁ। ପାରମ୍ପରିକ ଉପାୟରେ ଶିକ୍ଷାଦାନ ପଦ୍ଧତି ତାଙ୍କ ପିଲାମାନଙ୍କୁ ଜୀବନର ସବୁକିଛି ଶିଖାଉଥିବା ଏହି ଦମ୍ପତି ଦାବି କରିଛନ୍ତି। ତେବେ ପିଲାମାନଙ୍କୁ ସ୍କୁଲ ପଠାଉ ନ ଥିବାରୁ ସେମାନଙ୍କ କ୍ୟାରିୟର ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ବିପଦ ରହିଛି ବୋଲି କେବେ ମନକୁ ଚିନ୍ତା ଆସେନାହିଁ କି ବୋଲି ଏହି ଦମ୍ପତିଙ୍କୁ ଶାହନାଜ ପଚାରିଥିଲେ। ଉତ୍ତରରେ ଏହି ଦମ୍ପତି କହିଥିଲେ, ସେମାନେ ନିଜ ପିଲାଙ୍କୁ ଉଦ୍ୟୋଗପତି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଉଭୟ ପିଲା ପାରମ୍ପରିକ ଶିକ୍ଷାଦାନ ପଦ୍ଧତିକୁ ଉପଭୋଗ କରୁଛନ୍ତି। ତେଣୁ ସେମାନେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଚିନ୍ତିତ ନୁହନ୍ତି ବୋଲି ଏହି ଦମ୍ପତି କହିଛନ୍ତି।




## ଶ୍ରେୟା ଘୋଷାଲଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ୍

ମୁମ୍ବାଇ

ଲୋକପ୍ରିୟ ଭାରତୀୟ ପ୍ରଚ୍ଛଦପଟ ଗାୟିକା ଶ୍ରେୟା ଘୋଷାଲଙ୍କର ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ଏନେଇ ଶ୍ରେୟା ସୋମବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ଶ୍ରେୟା କହିଛନ୍ତି, ପ୍ରଶଂସକ ଏବଂ ବନ୍ଧୁମାନେ, ଗତ ଫେବୃଆରୀ ୧୩ରୁ ତାଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଯାଇଛି। ଏନେଇ ସେ ଏକ୍ସ'ର ଟିମ୍‌କୁ ଜଣାଇବା ପାଇଁ ଯଥା ସମ୍ଭବ ପ୍ରୟାସ କରିଥିଲେ ମଧ୍ୟ ଏଥିରେ ବିଫଳ ହୋଇଛନ୍ତି। ଏକ୍ସ ପକ୍ଷରୁ ତାଙ୍କୁ କିଛି ଅଟୋ ଜେନେରେଟେଡ୍ ରେସ୍ପନ୍ସ ମିଳୁଥିବା ବେଳେ ଅନ୍ୟ କୌଣସି ପ୍ରତିକ୍ରିୟା ଆସୁନାହିଁ। ସେ ତାଙ୍କ ଏକ୍ସ ଆକାଉଣ୍ଟରେ ଲଗ୍ ଇନ୍ କରିପାରୁ ନାହାନ୍ତି। ତେଣୁ ଏକ୍ସରେ ନିଜ ଆକାଉଣ୍ଟକୁ ଡିଲିଟ୍ ମଧ୍ୟ କରିପାରୁ ନାହାନ୍ତି। ତେଣୁ ତାଙ୍କ ଏକ୍ସ ଆକାଉଣ୍ଟରୁ ଶେୟାର କରାଯାଉଥିବା କୌଣସି ମଧ୍ୟ ମେସେଜ୍ ଉପରେ ବିଶ୍ୱାସ ନ କରିବାକୁ ଏବଂ କୌଣସି ଲିଙ୍କ୍ ଉପରେ କ୍ଲିକ୍ ନ କରିବାକୁ ସେ ତାଙ୍କ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି। ଯଦି ଆଗକୁ ସେ ତାଙ୍କ ଏକ୍ସ ଆକାଉଣ୍ଟକୁ ରିକୋଭରି କରିବାକୁ ସକ୍ଷମ ହେବେ, ତେବେ ଏ ସମ୍ପର୍କରେ ଏକ ଭିଡିଓ କରି ସେ ତାଙ୍କ ପ୍ରଶଂସକଙ୍କୁ ସୂଚନା ଦେବେ ବୋଲି ଶ୍ରେୟା କହିଛନ୍ତି।



# ଜେଲେନ୍‌ସ୍କିଙ୍କୁ ୟୁରୋପୀୟ ରାଷ୍ଟ୍ରର ସମର୍ଥନ

## ଶାନ୍ତି ଚାହୁଁଥିବାରୁ ଆମେରିକା ଆସିଥିଲି: ୟୁକ୍ରେନ୍ ରାଷ୍ଟ୍ରପତି

ନ୍ୟୁୟର୍କ,୧।୩


ଭୋଲୋଡିମିର ଜେଲେନ୍‌ସ୍କି

ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ଶୁକ୍ରବାର ରାତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆଲୋଚନା ବେଳେ ତୀବ୍ର ମତଭେଦରୁ କଥା କଟାକଟି ହୋଇଥିଲା। ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟିହେବାରୁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏଥିରେ ହସ୍ତକ୍ଷେପ କରିଥିବାବେଳେ ଜେଲେନ୍‌ସ୍କି ଆଲୋଚନା ଅଧାରୁ ହ୍ୱାଇଟ୍ ହାଉସ୍ ଛାଡ଼ି ଚାଲିଯାଇଥିଲେ। ଏହି ହାଇଡ୍ରାମା ପରେ ୟୁରୋପୀୟ ସହଯୋଗୀମାନଙ୍କ ସମେତ ଅନ୍ୟ ବିଶ୍ୱନେତାମାନେ ଜେଲେନ୍‌ସ୍କିଙ୍କୁ ସମର୍ଥନ ଜଣାଇଛନ୍ତି। ଏନେଇ ଜେଲେନ୍‌ସ୍କି କହିଛନ୍ତି, ଆମେ ଶାନ୍ତି ଚାହୁଁ। ସେଥିପାଇଁ ମୁଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ଆମେରିକା ଆସିଥିଲି। ଶାନ୍ତି ପ୍ରକ୍ରିୟା ସ୍ୱରୂପ ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ପାଇଁ ମିନେରାଲ୍ସ ଡିଲ୍ ପ୍ରଥମ ପଦକ୍ଷେପ ଥିଲା। ଆମର ସ୍ଥିତି ସଙ୍ଗିନ ହୋଇଥିଲେ ମଧ୍ୟ ଭବିଷ୍ୟତରେ ରୁଷିଆ ଆକ୍ରମଣ ହେବନି ଏହାର ଗ୍ୟାରେଣ୍ଟି ବିନା ଆମେ ଯୁଦ୍ଧକୁ ବନ୍ଦ କରିବେଇ ପାରିବୁନି ବୋଲି ଜେଲେନ୍‌ସ୍କି ଏକ୍ସ'ରେ ଲେଖିଛନ୍ତି। ଜେଲେନ୍‌ସ୍କିଙ୍କୁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ପରେ ଏବେ ୟୁକ୍ରେନ୍‌କୁ ନେଇ ଆମେରିକା ଏବଂ ୟୁରୋପ ମଧ୍ୟରେ ଗଭୀର ଫାଟ ସୃଷ୍ଟି ହୋଇଛି। ୟୁରୋପୀୟ ସହଯୋଗୀ ଏବଂ ବହୁ ବିଶ୍ୱନେତାଙ୍କ ସମର୍ଥନ ବାର୍ତ୍ତାରେ ଜେଲେନ୍‌ସ୍କିଙ୍କ ଏକ୍ସ ଆକାଉଣ୍ଟ ଟାଇମ୍‌ଲାଇନ୍ ଭର୍ତ୍ତି ହୋଇଯାଇଛି। ସେମାନଙ୍କ ସମର୍ଥନ ପାଇଁ ଜେଲେନ୍‌ସ୍କି ଧନ୍ୟବାଦ ଜଣାଇଛନ୍ତି। ସମର୍ଥନ ଜଣାଇଥିବା ନେତାଙ୍କ ମଧ୍ୟରେ ୟୁରୋପୀୟ କମିଶନ୍ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ, ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି, ଜର୍ମାନୀର ସମ୍ଭାବ୍ୟ ପରବର୍ତ୍ତୀ ଚାନ୍‌ସେଲର ଫ୍ରେଡ୍‌ରିକ୍ ମେର୍ଜ, ଇଷ୍ଟୋନିଆ ପ୍ରଧାନମନ୍ତ୍ରୀ କ୍ରିଷ୍ଟେନ୍ ମିଚଲ ପ୍ରମୁଖ ରହିଛନ୍ତି। ଶୁକ୍ରବାର ଭାରତ ଗସ୍ତରେ ଥିବା ଇୟୁ ମୁଖ୍ୟ ଉର୍ସୁଲା ଏକ୍ସ'ରେ ଜେଲେନ୍‌ସ୍କିଙ୍କୁ ପ୍ରଶଂସା କରି ଲେଖିଛନ୍ତି, ଆପଣଙ୍କ ମର୍ଯ୍ୟାଦା ୟୁକ୍ରେନୀୟଙ୍କ ସାହସକୁ ସମ୍ମାନିତ କରିଛି। ଦୃଢ଼, ସାହସୀ ଓ ନିର୍ଭୀକ ରୁହନ୍ତୁ। ଆପଣ କଦାପି ଏକା ନୁହନ୍ତି। ସ୍ଥାୟୀ ଶାନ୍ତି ପାଇଁ ଆମେମାନେ ଆପଣଙ୍କ ସହ କାର୍ଯ୍ୟ କରିବୁ। ସେହିପରି ନିକଟରେ ଟ୍ରମ୍ପଙ୍କୁ ହ୍ୱାଇଟ୍ ହାଉସ୍‌ରେ ଭେଟିଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ କହିଛନ୍ତି, ରୁଷିଆ ଆକ୍ରମଣକାରୀ। ୟୁକ୍ରେନ୍‌କୁ ସହାୟତା କରି ଏବଂ ୩ ବର୍ଷ ପୂର୍ବେ ରୁଷିଆ ଉପରେ କଟକଣା ଲଗାଇ ଆମେ ଠିକ୍ କରିଛୁ। ମୋ ମତରେ ଆମେ ଅର୍ଥ ଆମେରିକୀୟ, ୟୁରୋପୀୟ, କାନାଡୀୟ, ଜାପାନୀ ଓ ଅନ୍ୟ ଦେଶବାସୀ ବୋଲି ମାକ୍ରଁ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେହିପରି କୂଟନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ୟୁରୋପୀୟ ୟୁନିୟନ-ଆମେରିକା ସମିଟ୍ ଡାକିବେ ବୋଲି ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି କହିଛନ୍ତି। ଜର୍ମାନ ଚାନ୍‌ସେଲର ହେବାକୁ ଯାଉଥିବା ମେର୍ଜ କହିଛନ୍ତି, ଏହି ପରୀକ୍ଷଣ ସମୟରେ ୟୁକ୍ରେନ୍ ସହ ଆମେ ଛିଡ଼ାହେବା ଉଚିତ। ଭୟଙ୍କର ଯୁଦ୍ଧରେ ଆକ୍ରମଣକାରୀ ଏବଂ କ୍ଷତିଗ୍ରସ୍ତକୁ ଚିହ୍ନଟ କରିବାରେ ଆମେ କଦାପି ଦ୍ୱନ୍ଦ୍ୱରେ ପଡ଼ିବା ନାହିଁ। ସ୍ୱାଧୀନତା ପାଇଁ ଲଢ଼େଇରେ ଇଷ୍ଟୋନିଆ ଜେଲେନ୍‌ସ୍କି ଏବଂ ୟୁକ୍ରେନ୍ ସହ ଏକାଠି ଛିଡ଼ାହେବ ବୋଲି ଏହାର ପ୍ରଧାନମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଭାନ୍ସଙ୍କୁ 'ଆମେରିକା ଫାଷ୍ଟ' ନୀତିକୁ ବିପୁଳ ସମର୍ଥନ ମିଳିଥିବା ହ୍ୱାଇଟ୍ ହାଉସ୍ କହିଛି। ୩ ବର୍ଷ ହେଲା ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ହେଲେ ଆମେରିକା ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେବାକୁ ପଡ଼ିବ ବୋଲି ଜେଲେନ୍‌ସ୍କି ଟ୍ରମ୍ପଙ୍କ ଆଗରେ ଦାବି ରଖିଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଜଣେ ଆତଙ୍କବାଦୀ। ଜଣେ ହତ୍ୟାକାରୀଙ୍କ ସହ ୟୁକ୍ରେନ୍ ଓ ବିଶ୍ୱ ସାଲିସ୍ କରିବାର ଆବଶ୍ୟକତା ନାହିଁ ବୋଲି ଜେଲେନ୍‌ସ୍କି କହିବାରୁ ଟ୍ରମ୍ପ ଉତ୍ତେଜିତ ହୋଇଥିଲେ। ସେ ଜେଲେନ୍‌ସ୍କିଙ୍କୁ କହିଥିଲେ, ଆପଣ ଅନେକ ନିୟୁତ ଲୋକଙ୍କ ଜୀବନକୁ ନେଇ ଜୁଆ ଖେଳୁଛନ୍ତି। ଏଭଳି କାର୍ଯ୍ୟ ତୃତୀୟ ବିଶ୍ୱଯୁଦ୍ଧକୁ ଉସୁକାଉଛି। ଉପରାଷ୍ଟ୍ରପତି ଭାନ୍ସ ଜେଲେନ୍‌ସ୍କିଙ୍କୁ କହିଥିଲେ, ଆପଣ ଓଭାଲ ଅଫିସ୍‌କୁ ଆସି ଆମେରିକୀୟ ଗଣମାଧ୍ୟମ ସମ୍ମୁଖରେ ଟ୍ରମ୍ପଙ୍କୁ ଅପମାନିତ କରିବା ଏକ ଅଶିଷ୍ଟ ଆଚରଣ। ଆମେରିକା ୟୁକ୍ରେନ୍‌କୁ ଯଥେଷ୍ଟ ସହାୟତା କରିଥିବା ଟ୍ରମ୍ପ କହିଥିଲେ। ହ୍ୱାଇଟ୍ ହାଉସ୍‌ରେ ଜେଲେନ୍‌ସ୍କିଙ୍କ ସହ ମୁହାଁମୁହିଁ ଘଟଣା ପରେ ଆମେରିକୀୟ ରାଷ୍ଟ୍ରପତିଙ୍କୁ ରୁଷିଆ ସମର୍ଥନ ଜଣାଇଛି। ରୁଷୀୟ ଅଧିକାରୀ ଏବଂ ସରକାରୀ ଗଣମାଧ୍ୟମଗୁଡ଼ିକରେ ଆମେରିକା ସାମ୍ନାରେ ମହତ୍ତ୍ୱ ଦେଉଛନ୍ତି। ତୀବ୍ର ବାକ୍‌ଯୁଦ୍ଧ ମଧ୍ୟରେ ଟ୍ରମ୍ପ ଜେଲେନ୍‌ସ୍କିଙ୍କୁ ଶାରୀରିକ ଆକ୍ରମଣ ନ କରି ସଂଯମତା ଦେଖାଇଥିବା ରୁଷିଆ ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି। ଯେଉଁ ହାତ ଜେଲେନ୍‌ସ୍କିଙ୍କୁ ଖୁଆଉଥିଲା, ସେ ସେହି ହାତକୁ କାମୁଡ଼ିଛନ୍ତି। ୨୦୨୨ରେ ବିନା ସମର୍ଥନରେ କିଭ୍ ଏକାକୀ ଶାସନ ଚଳାଇଥାନ୍ତା ବୋଲି ଜେଲେନ୍‌ସ୍କି ହ୍ୱାଇଟ୍ ହାଉସ୍‌ରେ କହିବା ସବୁଠୁ ବଡ଼ ମିଛ ବୋଲି ଜାଖାରୋଭା ଟେଲିଗ୍ରାମରେ ଲେଖିଛନ୍ତି। ସେହିପରି ରୁଷିଆର ପୂର୍ବତନ ରାଷ୍ଟ୍ରପତି ତଥା ସୁରକ୍ଷା ପରିଷଦର ଉପମୁଖ୍ୟ ଡିମିଟ୍ରି ମେଡ୍‌ଭେଡେଭ୍ ମଧ୍ୟ ଜେଲେନ୍‌ସ୍କିଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।




# ‘ମିଥ୍ୟା ପ୍ରତିଶ୍ରୁତିରେ ଭୋଟବ୍ୟାଙ୍କ ତିଆରି ଚାଲିଥିଲା’

## ମୟୂରଭଞ୍ଜ ବିକାଶରେ ଅର୍ଥର ଅଭାବ ରହିବ ନାହିଁ: ମୁଖ୍ୟମନ୍ତ୍ରୀ

ବାରିପଦା(ନାଳାଡ଼ି ବିହାରୀ ଦଣ୍ଡପାଟ)/ ଉଦଳା(ସନ୍ତୋଷ ବାହିନୀ)/ଗୋପବନ୍ଧୁ ନଗର(ଶାନ୍ତନୁ ମଲ୍ଲିକ),୧।୩


ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମନ୍ତ୍ରୀ ରବି ନାରାୟଣ ନାଏକ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବିଭିନ୍ନ ନିର୍ବାଚନମଣ୍ଡଳୀ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲାରେ ବିକାଶ ନିମନ୍ତେ ଅର୍ଥର ଅଭାବ ରହିବ ନାହିଁ। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଉଦଳାସ୍ଥିତ ପାଟପୁରଠାରେ ଆୟୋଜିତ ସମାରୋହରେ ଏହା କହିଛନ୍ତି। ଏଥିସହ ସେ କହିଛନ୍ତି, ଗାଁର ବିକାଶ ହେଲେ ଜିଲା ସମେତ ସମଗ୍ର ରାଜ୍ୟ ବିକଶିତ ହୋଇପାରିବ। ୮ମାସର ଶିଶୁ ସରକାରରେ ରାଜ୍ୟର ବିକାଶ ନିମନ୍ତେ ପ୍ରୟାସ ଜାରି ରହିଛି। ବିଗତ ୨୪ବର୍ଷରେ ଚାଲିଥିବା ବିଜେଡି ସରକାରଙ୍କ ଦ୍ୱାରା ମୟୂରଭଞ୍ଜବାସୀଙ୍କ ବିକାଶ କ'ଣ ହୋଇଛି ବୋଲି ଜନସମାବେଶକୁ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ମିଶନ ଶକ୍ତି ନାଁରେ ମିଛ ପ୍ରତିଶ୍ରୁତି ଦେଇ ମହିଳାଙ୍କ ବିକାଶ ଦିଗରେ ପ୍ରତିବନ୍ଧକ ସାଜିଥିଲେ। ଚାଷୀଙ୍କୁ ଧାନ କିଣାରେ ଏକ ଶହ ଟଙ୍କା ଦେବାକୁ କହି ପ୍ରତିଶ୍ରୁତି ପୂରଣ କରିପାରିଲେ ନାହିଁ। ଅଢ଼େଇ ଦଶନ୍ଧି ଧରି କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ ନାମରେ ବିକାଶର ଡିଣ୍ଡିମ ପିଟି ଚାଲିଥିଲେ। ମୟୂରଭଞ୍ଜ ଜିଲାରେ ଆଦିବାସୀଙ୍କୁ ଶୋଷଣ କରି ଭୋଟ ବ୍ୟାଙ୍କ ପ୍ରସ୍ତୁତ କରି ଲୁଟ୍ କରି ଚାଲିଥିଲେ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ସମାଲୋଚନା କରି କହିଛନ୍ତି।

କପ୍ତିପଦା ଉପଖଣ୍ଡ ଉଦଳାସ୍ଥିତ ପାଟପୁରଠାରେ 'ପ୍ରଗତି ପଥେ ମୟୂରଭଞ୍ଜ' ଶିର୍ଷକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫୭ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୨୨୫କୋଟି ଟଙ୍କା ବିନିଯୋଗରେ ୧୦୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ମୋଟ ୩୨୫କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, କଳା, ସଂସ୍କୃତି, ପରମ୍ପରା ଐତିହ୍ୟକୁ ମୟୂରଭଞ୍ଜ ମାଟି ବଞ୍ଚାଇ ରଖିଛି। ମୟୂରଭଞ୍ଜର ଛଉନୃତ୍ୟ ବିଶ୍ୱପ୍ରସିଦ୍ଧି ଲାଭ କରିଛି। ପୁରାଣ ବର୍ଣ୍ଣିତ ମୟୂରଭଞ୍ଜ ଜିଲା ଏକ ଐତିହ୍ୟ ମାଟି। ଦେବସ୍ଥଳୀ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକ ପ୍ରାଚୀନସ୍ଥଳୀ ଭାବେ ଭୂମିକା ନିଭାଇଛି। ଶିମିଳିପାଳର ବିକାଶ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିରର ପୁନର୍ବିକାଶ ପାଇଁ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରେ ମହିଳାମାନଙ୍କୁ ୧୦ଲକ୍ଷ, ପୁରୁଷମାନଙ୍କୁ ୫ ଲକ୍ଷ ଏବଂ ବୟସ୍କ ମହିଳାମାନଙ୍କୁ ଅଧିକ ୫ଲକ୍ଷ ଓ ପୁରୁଷଙ୍କୁ ଅଧିକ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ କରାଯାଇ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଦୀନଦୁଃଖୀ ଗରିବ ପରିବାର ଝିଅ ବିବାହ ନିମନ୍ତେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ବଜେଟରେ ଉପସ୍ଥାପନ କରାଯାଇ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ସେହିପରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ମାଗଣାରେ ତୀର୍ଥଦର୍ଶନ କରିବାର ବ୍ୟବସ୍ଥା କରାଯାଇଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ପାଇଁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ହେବାକୁ ଯାଉଛି। ଏଥିନିମନ୍ତେ ୨ଶହ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ବୃହତ୍ ମୟୂରଭଞ୍ଜ ଜିଲା ସିଂହ ଭାଗ ପାଇପାରିବ ବୋଲି କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ସର୍ଭେ କରାଯାଇ ୧ ଲକ୍ଷ ଯୋଗ୍ୟ ହିତାଧିକାରୀ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା କରାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ଦିନରେ ଜିଲାର ବିକାଶ ଦିଗରେ ନିରନ୍ତର ଭାବେ ଏକ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଉଦଳା ବିଧାୟକ ଭାସ୍କର ମଡ଼େଇ ସ୍ୱାଗତ ଅଭିଭାଷଣ ରଖିବା ସହ ଉଦଳା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବାଥୁଡ଼ି, ସାନ୍ତାଳ ସମାଜ, ହୋ, ଭୂୟାଁ, ପୁରାଣ, ସାମ୍ୟବିକ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟକ ସଞ୍ଜଲୀ ମୁର୍ମୁ, କେନ୍ଦୁଝର ଜିଲା ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ନାଏକ, ଜିଲାପାଳ ହେମକାନ୍ତ ସାୟ, ପୂର୍ବତନ ମନ୍ତ୍ରୀ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ବିଧାୟକ କାନ୍ଦରା ସୋରେନ, ଉଦଳା ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ପ୍ରିୟଙ୍କା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ସୁରେଶ ପନ୍ତ ନୂତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ



ଭୁବନେଶ୍ୱର,୧।୩(ବନ୍ଦନା ସେଠୀ)

୧୯୯୦ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଧିକାରୀ ସୁରେଶ ପନ୍ତ ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପିସିସିଏଫ୍ ଥିବା ୧୯୮୮ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଧିକାରୀ ଦେବୀଦତ୍ତ ବିଶ୍ୱାଳ ଶୁକ୍ରବାର ଅବସର ଗ୍ରହଣ କରିଥିବାରୁ ତାଙ୍କ ସ୍ଥାନରେ ସୁରେଶଙ୍କୁ ନୂଆ ଦାୟିତ୍ୱ ମିଳିଛି। ୨୦୨୧ରୁ ସୁରେଶ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବରେ କାର୍ଯ୍ୟରତ ଅଛନ୍ତି। ଉତ୍ତରାଖଣ୍ଡର ବାସିନ୍ଦା ସୁରେଶ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହେବା ପରେ ଭାରତୀୟ ବନ ସେବାରେ କୃତିତ୍ୱ ଅର୍ଜନ କରିଥିଲେ।

# ତୀର୍ଥଯାତ୍ରୀ ବସ୍‌କୁ ଧକ୍କା ଦେଲା ହାଇୱା, କଣ୍ଟେନର

## ୧୨ ଆହତ, ୭ ଗୁରୁତର

ଭଦ୍ରକ/ଭଣ୍ଡାରିପୋଖରୀ,୧।୩ (ସନାତନ ରାଉତ/ରାଜେନ୍ଦ୍ର ଶତପଥୀ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଛତାବର ନିକଟରେ ଶୁକ୍ରବାର ରାତି ପ୍ରାୟ ୩ଟା ବେଳେ ତ୍ରିକିଜ୍ ଦୁର୍ଘଟଣା ଘଟିଛି। ଏକ ତୀର୍ଥଯାତ୍ରୀ ବସ୍‌କୁ ପଛରୁ ହାଇୱା ଏବଂ କଣ୍ଟେନର ଧକ୍କା ଦେବାରୁ ୧୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଥିବାବେଳେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଟାଟାରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ 'ନିନି' ନାମକ ବସ୍ ପୁରୀ ଅଭିମୁଖେ ଯାଉଥିବା ବେଳେ ଛତାବର ନିକଟରେ ଟାୟାର ପଙ୍କଚର୍ ହୋଇଯାଇଥିଲା। ବସ୍‌କୁ ରାସ୍ତାପାର୍ଶ୍ୱରେ ରଖି ଟାୟାର ବଦଳାଉଥିବା ବେଳେ ପଛପଟୁ ଦ୍ରୁତଗତିରେ ଯାଉଥିବା ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ତା' ପଛକୁ ଏକ କଣ୍ଟେନର ମଧ୍ୟ ହାଇୱା ସହ ବସ୍‌କୁ ଧକ୍କା ଦେଇଥିଲା। ଏଥିରେ ବସ୍‌ରେ ବସିଥିବା ସିଂହଭୂମ ଅଞ୍ଚଳର ସୁଶୀଳା ଘୋଷ(୫୩), ରମେଶ ଗୌଡ଼(୫୮), ଅର୍ଜୁନ ଗିରି(୪୦), ସୁବ୍ରତ ଗିରି(୪୫), ଅଜିତ୍ କୁମାର ଦାସ(୩୦), ହାଇୱା ଡ୍ରାଇଭର ଅମୂଲ୍ୟ ଦାସ(୪୫) ଓ ଦୁର୍ଘଟଣା ସ୍ଥାନରେ ଠିଆ ହୋଇଥିବା ଭଣ୍ଡାରିପୋଖରୀ ପିଥିପୁରର ଗୌରାଙ୍ଗ ସାହୁ(୩୨) ଗୁରୁତର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତରିଣୀ ସିଂହ(୨୬), ମୋହନ ସିଂ ସର୍ଦ୍ଦାର(୨୫), ପୁରୁଣ୍ଡିଲ ସିଂହ(୧୮), ଭାରତୀ ସିଂହ(୧୮) ଓ ବାଲାଜୀ ସାହୁ(୩୩) ଆହତ ହୋଇଛନ୍ତି। ଭଣ୍ଡାରିପୋଖରୀ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରିଥିଲା। ଆହତମାନଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନା ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ଗୁରୁତର ୭ଜଣଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।


# ଏଆଇ ଦେଖାଇଲା ପିଲାଙ୍କ ସ୍ୱପ୍ନର କ୍ୟାରିୟର

## ଶିକ୍ଷକଙ୍କ ଉଦ୍ୟମକୁ ସୋସିଆଲ ମିଡିଆରେ ପ୍ରଶଂସା

ବେଜିଂ,୧।୩



ସାମ୍ପ୍ରତିକ ସ୍ଥିତିରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାରକୁ ନେଇ ବହୁ ବିବାଦ ସୃଷ୍ଟି ହୋଇଥିବା ସହ ସମାଜ ପ୍ରତି ଏହାର କ୍ଷତିକାରକ ପ୍ରଭାବକୁ ନେଇ ଅନେକେ ଚିନ୍ତା ପ୍ରକଟ କରୁଛନ୍ତି। ଏହାରି ମଧ୍ୟରେ ଚାଇନାର ଏକ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ ଏଆଇର ସାମର୍ଥ୍ୟକୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ନିଆରା ଉପାୟରେ ବ୍ୟବହାର କରିଛନ୍ତି। ସମ୍ପ୍ରତି ଇନ୍‌ଷ୍ଟାଗ୍ରାମରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ୍ୱାର୍ଲ୍ଡ ନାମକ ଏକ ହ୍ୟାଣ୍ଡେଲରୁ ଏହାର ଏକ ଭିଡିଓ ପୋଷ୍ଟ କରାଯାଇଛି, ଯାହା ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଚାଇନାର ଏକ ସ୍କୁଲର ପ୍ରଦର୍ଶନୀ ହଲ୍‌ରେ ଛାତ୍ରଛାତ୍ରୀମାନେ ବହୁସଂଖ୍ୟାରେ ବସିଥିବାବେଳେ ସେମାନଙ୍କୁ ତାଙ୍କ ଶିକ୍ଷକ ଏକ ସ୍ଲାଇଡଶୋ ପ୍ରେଜେଣ୍ଟେସନ୍ କରି ଦେଖାଉଛନ୍ତି। ଏହି ସ୍ଲାଇଡଶୋ'ରେ ଶିକ୍ଷକ ଜଣକ ଏଆଇକୁ ବ୍ୟବହାର କରି ନିଜ ଛାତ୍ରଛାତ୍ରୀଙ୍କ ସ୍ୱପ୍ନର କ୍ୟାରିୟର ସମ୍ପର୍କିତ ଏଆଇ ଜେନେରେଟେଡ୍ ଫଟୋକୁ ଗୋଟିଏ ପରେ ଗୋଟିଏ କରି ଦେଖାଉଛନ୍ତି। ପ୍ରତି ସ୍ଲାଇଡ ଶୋ'ରେ ନିଜ ମଧ୍ୟରୁ ଜଣଙ୍କର ଭବିଷ୍ୟତରେ ଫଟୋକୁ ଦେଖି ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ତାଳି ମାରିବା ସହ ଖୁସିରେ ଝୁମି ଉଠୁଛନ୍ତି। ଭବିଷ୍ୟତରେ ନିଜକୁ ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର, ମଡେଲ, ଆଷ୍ଟ୍ରୋନଟ୍, କ୍ରୀଡ଼ାବିତ ଭାବେ ଫଟୋ ମାଧ୍ୟମରେ ଦେଖି ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ହୋଇ ପଡ଼ିଥିବା ନେଇ ଏହି ଭିଡିଓରେ ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ସମ୍ପ୍ରତି ଏହି ଭିଡିଓ ଭାଇରାଲ ହେଉଥିବାବେଳେ ଅନେକ ୟୁଜର୍ସ ଏହାକୁ ଏଆଇର ସର୍ବୋତ୍ତମ ବ୍ୟବହାର କହି ଶିକ୍ଷକଙ୍କର ପ୍ରଶଂସା କରିଛନ୍ତି। ଏଆଇର ଏପରି ସକାରାତ୍ମକ ବ୍ୟବହାର ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଯୋଗାଉଥିବା କେତେକ ୟୁଜର୍ସ କହିଛନ୍ତି। ସେହିପରି ଜଣେ ୟୁଜର ଲେଖିଛନ୍ତି, ଯାହା ହେଉ ଏଥର ଏଆଇ କୌଣସି ବିଶୃଙ୍ଖଳା ସୃଷ୍ଟି ନ କରି ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରେରଣା ଯୋଗାଇବାରେ ବ୍ୟବହୃତ ହୋଇଛି। ଶିକ୍ଷକଙ୍କ ଏଭଳି ଉଦ୍ୟମ ପ୍ରଶଂସନୀୟ। ଅନ୍ୟ ଜଣେ ୟୁଜର ଲେଖିଛନ୍ତି, ଏଆଇ ନିଶ୍ଚିତଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି। ତେବେ ଏହାର ବ୍ୟବହାର ପଛର ଉଦ୍ଦେଶ୍ୟ ଠିକ୍ ରହିବା ଆବଶ୍ୟକ। ଆଉ ଜଣେ ଲେଖିଛନ୍ତି, ସେପେଲିସି ସ୍ୱପ୍ନକୁ ହାସଲ କରାଯାଇପାରିବ, ତାହା ଏଆଇ ଜେନେରେଟେଡ୍ ଏହି ଫଟୋଗୁଡ଼ିକ ଦେଖି ପିଲାମାନେ ପ୍ରେରଣା ପାଇଛନ୍ତି। ଏପରି ଅନୁଭବକୁ ସେମାନେ ଭୁଲି ପାରିବେ ନାହିଁ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ 'ନାରୀ', ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ସର୍ବଦଳୀୟ ବୈଠକ, ସ୍ଥାନ: ସିପିଏମ୍ ଅଫିସ, ଆନନ୍ଦ ବଜାର, ୟୁନିଟ୍-୯, ସମୟ: ଅପରାହ୍ନ ୪ଟା।
- ଲୋହିଆ ଏକାଡେମୀ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ସର୍ବୋଦୟ କର୍ମୀ ଗୁରୁଜୀ ଶରତଚନ୍ଦ୍ର ମହାରଣାଙ୍କ ୧୧୭ତମ ଜୟନ୍ତୀ ଅବସରରେ ଆଲୋଚନା ସଭା ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡମୀ, ସମୟ: ଅପରାହ୍ନ ୫ଟା।
- ନବରତ୍ନ ସାହିତ୍ୟ ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ସାହିତ୍ୟ ସମାରୋହ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ୧୯ତମ ଗୁରୁ ପ୍ରଣାମ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ତାରାକାନ୍ତ ପତି ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପାର୍ବତୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ- ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡର ନୂଆସାହି, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ଓବିସି ମୋର୍ଚ୍ଚା ତରଫରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚୌଦ୍ୱାର ଗାନ୍ଧୀ ଛକ,ସମୟ: ଅପରାହ୍ନ ୩ଟା ୩୦।

## ବାଲେଶ୍ୱର
- ଫିଟ୍ ଇଣ୍ଡିଆ ସଚେତନତା ନିମନ୍ତେ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୭ଟା।
- କର୍ଣ୍ଣ, ନାସା, ଗଳା ବିଭାଗର କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରତିଭା ପରିବାର ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଖଇରା ଶିକ୍ଷକ ସଂଘ ଭବନ, ସମୟ: ଅପରାହ୍ନ ୪ଟା।
- ୫୦ତମ ଫେସବୁକ୍ କବିତା ଆସରର ଉଦ୍‌ଯାପନୀ ଦିବସ, ସ୍ଥାନ: ଉତ୍କଳା ମଞ୍ଚ, ନୋସି ବିଜିନେସ ପାର୍କ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ
- ରାମ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଇପୁର, ବନ୍ତ, ସମୟ: ସକାଳ ୯ଟା।
- ନବଗ୍ରହ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ବାର୍ଷିକୋତ୍ସବ, ସ୍ଥାନ: ତେନ୍ତୁଳିଆସ୍ଥିତ ନବଗ୍ରହ ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ, ସ୍ଥାନ: ବାସୁଦେବପୁର ଆଞ୍ଚଳିକ ମହିମା ଆଶ୍ରମ, ସମୟ: ପୂର୍ବାହ୍ନ୧୦ଟା।
- ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଖପୁରିଆପଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ, ସ୍ଥାନ: ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଚନ୍ଦ୍ରଭାନୁପୁର ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ୍ ଫାଇନାଲ ମ୍ୟାଚ୍, ସ୍ଥାନ: ସୋଧ ଧରମପଡ଼ିଆ, ଦୋବଲ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣ କାଳୀ ମନ୍ଦିରର ବାର୍ଷିକୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମଠସାହି, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଚନ୍ଦ୍ରଶେଖର ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ତଥା ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ,ସ୍ଥାନ: ଚମ୍ପୁଆ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- କ୍ରିକେଟ୍ ମ୍ୟାଚ, ସ୍ଥାନ: ସଦର ବ୍ଲକ୍ ରାଇକଳା ଖେଳପଡ଼ିଆ, ସମୟ: ଅପରାହ୍ନ ୪ ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା, ସ୍ଥାନ: କାଳୀ ପଡ଼ିଆ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ବିଦ୍ୟାଜ୍ୟୋତି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ମୋରଡ଼ା, ସମୟ: ଅପରାହ୍ନ ୫ଟା ୩୦।

## ବ୍ରହ୍ମପୁର
- କୋପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ବୈଠକ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଭାଜପା ପକ୍ଷରୁ ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ୍ ୨୦୨୫ ବିଷୟରେ ଆଲୋଚନା ଚକ୍ର, ସ୍ଥାନ: ଅଶୋକା ସିନେମା ହଲ୍ ଆସିକା, ସମୟ: ଅପରାହ୍ନ ୩ ଟା।
- ମା'ଦଣ୍ଡକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ, ସ୍ଥାନ: କେଶରାପଲ୍ଲୀ ଆସିକା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଓଏସ୍ଏପି ପ୍ରଥମ ବାଟାଲିୟନ ହାବିଲଦାର-ସିପାହୀ ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍ଏପି ପ୍ରଥମ ବାଟାଲିୟନ ପରିସର, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ସର୍ବଭାରତୀୟ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ, ସ୍ଥାନ: ଗଲ୍ଫ ପଡ଼ିଆ, ବଡପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ଭାରତୀୟ ମଜ୍‌ଦୂର ସଂଘର ତ୍ରୈବାର୍ଷିକ ସମ୍ମିଳନୀ ଉଦ୍‌ଯାପନୀ ସମାରୋହ,ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ସକାଳ ୯ଟା।

## ଯାଜପୁର
- ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକର ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପରିସ, ସମୟ: ପୂର୍ବାହ୍ନ ୧୦ଟା।
- ରବି ଲାବଣ୍ୟ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ : ଧର୍ମଶାଳା ବ୍ଲକର ଶ୍ୟାମସୁନ୍ଦର ଜୀଉ ଖେଳପଡ଼ିଆ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜନ୍ମ ମହୋତ୍ସବ, ସ୍ଥାନ:କଣ୍ଟିଲୋ ସତ୍‌ସଙ୍ଗ ବିହାର, ସମୟ: ସକାଳ ୮ଟା।
- ନବକୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୮୭ତମ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଢ଼ୋଲମରା ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ପଞ୍ଚମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ନାଟ୍ୟଧାରା ପକ୍ଷରୁ ପଞ୍ଚମ ରାଜ୍ୟସ୍ତରୀୟ ନାଟ୍ୟମେଳାର ଉଦ୍‌ଘାଟନୀ ଉତ୍ସବରେ ନାଟକ ଶୁଣନ୍ତୁ ହେ ଅଭିମନ୍ୟୁମାନେ, ସ୍ଥାନ:ପଠାଣି ସମାନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ବଡ଼ଟେମରା ସେବାଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ଉମରକୋଟ ଶିକ୍ଷା ସମ୍ମିଳନୀ, ସ୍ଥାନ: ବିଡ୍ରି ମନ୍ଦିର ଧୋଡ୍ରା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ପୁଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଡଷ୍ଟ୍ରିଆଲ୍ ପାର୍କ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟନ, ସ୍ଥାନ: ପେଟୁରୁ ପଞ୍ଚାୟତ ପୁରାତନ ବିଏସ୍ଏଫ୍ କ୍ୟାମ୍ପ, ସମୟ: ୧୧ଟା।
- ପାଠକ ସମ୍ମିଳନୀ, ସ୍ଥାନ: ପ୍ରେସ୍ କ୍ଲବ୍ ପରିସର,ସେମିଳିଗୁଡା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଧନଉକଡା ବ୍ଲକ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଶୁଭ୍ର ମଲ୍ଲିକା ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ : ଶ୍ରୀଅରବିନ୍ଦ ବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସମୟ ପୂର୍ବାହ୍ନ ୧୦ଟା ୩୦।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ପ୍ରଦର୍ଶନୀ ଫୁଟବଲ ମ୍ୟାଚ-ଓଡ଼ିଶା ବନାମ ପଶ୍ଚିମବଙ୍ଗ , ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୩୦।
- ହମଟି ଡମଟି ପ୍ଲେସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରୀଡାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଲକି ବିବାହ ମଣ୍ଡପ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ ଟା ୧୫ ମିନିଟ।
- ବଲାଙ୍ଗୀର ବହିହାଟର ସପ୍ତମ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ଣ ୨ଟା।

## ରାଉରକେଲା
- କମ୍ପ୍ୟୁଟର ବିଭାଗ ପକ୍ଷରୁ ଆମେଗା- -୨୦୨୫ ଛାତ୍ର ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ୱାଟକୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଡଗ୍ ଶୋ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପୂଜା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ୫୦ତମ ଫେସ୍‌ବୁକ୍ କବିତା ଆସର, ସ୍ଥାନ: କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ସୁରତରଣୀ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଝାଙ୍କି ଓ ଦ୍ୱାଦଶୀ ଜ୍ୟୋତିର୍ଲିଙ୍ଗ ପ୍ରଦର୍ଶନୀ, ସ୍ଥାନ: ସିଭିଲଟାଉନଶିପ୍ ଶନି ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଜୀରାନଦୀ ବଞ୍ଚାଅ ଅଭିଯାନର ବୈଠକ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରେଡ୍‌ଡ୍ରପ୍ ଅଲଟ୍ରା ମାରାଥନ୍‌ର ସଫଳତା ସମାରୋହ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସମାରୋହ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା କରଣ ସମାଜ କଲ୍ୟାଣ ମଣ୍ଡପ ପରିସର, ସମୟ: ଅପରାହ୍ନ ୫ଟା।
- ଇଦ୍ ଉଲ୍ ଜୁହା ପାଇଁ ରମଜାନ ଆରମ୍ଭ, ସ୍ଥାନ: ଭବାନୀପାଟଣା ଜମ୍ମା ମସ୍‌ଜିଦ୍, ସମୟ: ଭୋର ୫ଟା।

## ବୌଦ୍ଧ
- ଷୋହଳତମ ଅଲ୍ ଇଣ୍ଡିଆ ଡିଏସ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା ,ସ୍ଥାନ: ବାବୁସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି , ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ,ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- କେନ୍ଦ୍ର ଓ ରାଜ୍ୟ ବଜେଟ ନେଇ ଭାଜପାର ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସୋନପୁର ସାହା ଗେଷ୍ଟ ହାଉସ୍, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଓଡ଼ିଶା ବିଲଡିଂ ଓ ଅନ୍ୟାନ୍ୟ ନିର୍ମାଣ କଲ୍ୟାଣ ବୋର୍ଡ ଅଧୀନରେ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ, ସ୍ଥାନ: ନ୍ୟାଶନାଲ କଲେଜ ଅଡିଟୋରିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡିଆ, ସମୟ: ସକାଳ ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହସ୍ଥିତି କର୍ମ ସମୂହକୁ ସମ୍ପନ୍ନ କରିବାରେ ବହୁତ ସମୟ ନେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ସରଳ ଭାବରେ ବିଶ୍ୱାସ କରି ଅସୁବିଧାରେ ପଡ଼ିପାରନ୍ତି। ତଥାପି ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି।

**ବୃଷ** ଧନାଧିପତିଙ୍କ ଦୁର୍ବଳତା କାରଣରୁ ସେ ଆପଣଙ୍କୁ ଶୁଭଫଳ ଦେବାର ସାମର୍ଥ୍ୟ ହରାଇପାରନ୍ତି। ବନ୍ଧୁଙ୍କ ସହ ଥଟ୍ଟାମଜା କଥା ଅଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରେ। ରାହୁଯୁକ୍ତ ଶୁକ୍ର ଓ ଚନ୍ଦ୍ର ଆପଣଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲହେବ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ବ୍ୟବସାୟକୁ ବଢ଼ାଇପାରନ୍ତି।

**ମିଥୁନ** ରାଶି ଓ କର୍ମାଧିପ ବୁଧ ନୀଚ ଭାବରେ ଅବସ୍ଥାନ କରିଥିଲେ ମଧ୍ୟ ଉଚ୍ଚସ୍ଥାନକୁ ଦୃଷ୍ଟିଦେଇ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟରୁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଲାଭ କରିବେ। କର୍ମାରମ୍ଭ ସହ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି।

**କର୍କଟ** କେନ୍ଦ୍ରକୋଣାଧିପ ମଙ୍ଗଳ ଦ୍ୱାଦଶ ଭାବସ୍ଥ ଯୋଗୁ ପାରିବାରିକ ଜୀବନରେ ମତାନ୍ତର ଘଟିପାରେ। ଅବଶ୍ୟ କର୍ମକ୍ଷେତ୍ରରୁ ଉଚ୍ଚ ସମ୍ମାନ ପ୍ରତିଷ୍ଠା ପାଇବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଦୀର୍ଘ ଦିନରୁ ରହି ଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ସିଂହ** ରାଶ୍ୟାଧିପ ସପ୍ତମ ଭାବସ୍ଥ ହୋଇ ଶନିଯୁକ୍ତ କାରଣରୁ ଯାତ୍ରାରେ ବିଳମ୍ବରେ ଲକ୍ଷ୍ୟ ପୂରଣ ହେବ। ଶିଳ୍ପ, ବାଣିଜ୍ୟ, ଆଇନ, ଅଦାଲତ ଓ ପ୍ରତିଯୋଗିତାରେ ସୁଫଳ ପାଇବେ। ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ମଧ୍ୟ ବିଫଳ ହେବେ। ପଡ଼ୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ।

**କନ୍ୟା** ବୁଧଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ବନ୍ଧୁଙ୍କ ସହାନୁଭୂତି ଲାଭ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି କାର୍ଯ୍ୟ ସକାଶେ ସମ୍ମତି ପ୍ରଦାନ କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ପିଲାଙ୍କ କଳହକୁ କେନ୍ଦ୍ର କରି ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଆଜିର ଯାତ୍ରା, ବାଣିଜ୍ୟ ଓ ପରିବହନରେ ସମସ୍ୟା ଦୂର ହେବାର ସୂଚନା ରହିଛି।

**ତୁଳା** ରାହୁ ଓ ଚନ୍ଦ୍ରଙ୍କ ସ୍ଥିତିଜନିତ ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବେସାହାରା ହୋଇପାରେ। ଭୁଲ୍ ବୁଝାମଣାରୁ ଆତ୍ମୀୟଙ୍କ ସହ ସୁସମ୍ପର୍କ ରହି ନ ପାରେ। ଅବଶ୍ୟ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର କମ୍ ସମୟ ମଧ୍ୟରେ ଦୂରୀଭୂତ ହୋଇଯିବ।

**ବିଛା** ପାପଗ୍ରହ ମଧ୍ୟ ବୃହସ୍ପତି ଆପଣଙ୍କ ଉନ୍ନତ ଚିନ୍ତା ଓ ଯୋଜନାକୁ ଲକ୍ଷ୍ୟଭ୍ରଷ୍ଟ କରାଇପାରନ୍ତି। ଅବଶ୍ୟ ଶିକ୍ଷା, ସନ୍ତାନ, ମନ୍ତ୍ରଣା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। ଅଯଥା କାମରେ ବ୍ୟୟାଧିକ୍ୟଜନିତ ପଶ୍ଚାତେ ମନସ୍ତାପ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କୀୟଙ୍କ ସହଯୋଗ ପାଇବେ ନାହିଁ।

**ଧନୁ** କେନ୍ଦ୍ରସ୍ଥ ରାଜଯୋଗଜନିତ ଉତ୍ତମ ବନ୍ଧୁସମ୍ପର୍କ ସ୍ଥାପିତ ହେବ। ପାରିବାରିକ ସଦ୍ଭାବ, ନୂତନ ଗୃହ, ଯାନବାହନ, ବସ୍ତ୍ର ଆଭୂଷଣାଦି ଲାଭ ହେବ। ପୂର୍ବାଷାଢ଼ା ନକ୍ଷତ୍ର ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି, ତାହା ବିଳମ୍ବରେ ପାଇବେ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି ଓ ଆନୁଷ୍ଠାନିକ କାମରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ମକର** ଆଜି ମନ ଅନୁଯାୟୀ କାର୍ଯ୍ୟହାସଲ ଓ ଅଭିଳସିତ ଜିନିଷ ପାଇବେ। ସଭାସମିତି କିମ୍ବା ବନ୍ଧୁମିଳନ ଭିତରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସ୍ୱଗୃହୀ ଶନିଙ୍କ ପ୍ରଭାବଜନିତ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ନୂତନ କର୍ମାରମ୍ଭ, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ।

**କୁମ୍ଭ** ରବିଙ୍କ ସହ ଶନିଙ୍କ ସଂଯୋଗ ହେତୁ ସରକାରୀ ସହାୟତା ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ହାସଲରେ ପଛେଇ ଯିବେ। ପ୍ରତିପକ୍ଷ ମିତ୍ରତାର ହାତ ବଢ଼ାଇବା ସହିତ ବିଭିନ୍ନ ଦିଗରୁ ସହଯୋଗ ପାଇବେ। ଅସୁବିଧାଜନକ ପରିସ୍ଥିତି ଦୂରେଇ ଯିବା ସହ ବନ୍ଧୁଙ୍କ ଆତିଥ୍ୟରୁ ଖୁସି ରହିବେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇ ଯାଇପାରେ।

**ମୀନ** ରାଶିରେ ଏକାଧିକ ଗ୍ରହ ରହିଥିବାରୁ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମାଜିକ ସ୍ତରରେ ତ୍ୟାଗ, ସହନଶୀଳତା ଓ ଉଦାରତା ଗୁଣରୁ ପ୍ରଶଂସିତ ହେବେ। ବନ୍ଧୁମିଳନ ସାଙ୍ଗକୁ ସତ୍‌ସଙ୍ଗ ଓ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ପ୍ରଶାସନିକ ସ୍ତରରେ, ରାଜନୀତିରେ, ସଭାସମିତିରେ ଓ ବ୍ୟବସାୟରେ ସୁଫଳ ଆଶା କରାଯାଇପାରେ।

ଆଜି ମାର୍ଚ୍ଚ ୨ ତାରିଖ, ରମଜାନ୍ ମାସର ରୋଜା ଆରମ୍ଭ, ଫାଲ୍‌ଗୁନ ଶୁକ୍ଳ ତୃତୀୟା ରବିବାର। ରାଶିନକ୍ଷତ୍ର-ସକାଳ ଘ.୦୮।୫୯ ମି. ଗତେ, ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ଓ ପାଣିଗ୍ରହଣ, ଦେବତା ପ୍ରତିଷ୍ଠା, ଜଳାଶୟ ଖନନ ପାଇଁ ଶୁଭଦିନ, ଦିବା ଘ.୦୬।୦୯ମି. ଗତେ ଘ.୧୦।୦୨ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୨୧ ଗତେ ଘ.୦୫।୪୮ ମଧ୍ୟେ ରାହୁକାଳ।

# ପାରଦର୍ଶୀ ଆବେଦନ ଅବଧି ମାସେ ବଢ଼ିଲା

## ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲା ଓଡ଼ିଶା ଅଭିଭାବକ ମହାସଂଘ

ଭୁବନେଶ୍ୱର,୧।୩(ସୁଚିସ୍ମିତା ସାହୁ): ଘରୋଇ ସ୍କୁଲ୍‌ରେ ଗରିବ ଶ୍ରେଣୀର ପିଲାମାନେ ପ୍ରଥମରୁ ଅଷ୍ଟମ ମାଗଣାରେ ପାଠପଢ଼ିବା ଲାଗି ପାରଦର୍ଶୀ ପୋର୍ଟାଲରେ ଆବେଦନ ପ୍ରକ୍ରିୟାକୁ ଏକମାସ ବୃଦ୍ଧି କରିଛି ଗଣଶିକ୍ଷା ବିଭାଗ। ସରକାରଙ୍କ ପୂର୍ବ ନିର୍ଦ୍ଦେଶନାମା ଅନୁସାରେ, ଜାନୁଆରୀ ୨୨ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ସ୍କୁଲ୍‌ଗୁଡିକର ପଞ୍ଜୀକରଣ କାଗଜପତ୍ର ଯାଞ୍ଚ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।ଏଥିଯୋଗୁ ଆବେଦନ କରିପାରି ନ ଥିବା ବହୁ ଗରିବ ପିଲା ସରକାରଙ୍କ ଏହି ସୁବିଧା ପାଇବାକୁ ସୁଯୋଗ ପାଇବେ ବୋଲି କୁହାଯାଇଛି। କିନ୍ତୁ ଏଥିଯୋଗୁ ନାମଲେଖା ଓ ପାଠପଢ଼ାରେ ବହୁ ବିଳମ୍ବ ହେବ ବୋଲି ଦର୍ଶାଇ ବିରୋଧ କରିଛି ଓଡିଶା ଅଭିଭାବକ ସଂଘ। ଘରୋଇ ସ୍କୁଲର ସୁବିଧା ଲାଗି ଏଥିରେ ବହୁ ଘୋଟାଲା ହୋଇଥିବା ଅଭିଯୋଗ ଆଣି ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହୋଇଛି।

# ପ୍ରଥମ ପୃଷ୍ଠାରୁ...

## ତ୍ରୁଟିଶୂନ୍ୟ ହୋଇପାରୁନି ...

ମଧ୍ୟରୁ ୪ ମାର୍କ କମ୍ ଥିବା ଜାଣିବାକୁ ପାଇଥିଲେ। ପ୍ରଶ୍ନପତ୍ରରେ ଏଭଳି ତ୍ରୁଟିକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଚିନ୍ତାରେ ପଡ଼ିଛନ୍ତି। ମାଟ୍ରିକ୍ ପରୀକ୍ଷାର ଶୃଙ୍ଖଳିତ ପରିଚାଳନା ପାଇଁ ବୋର୍ଡ ପକ୍ଷରୁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଉଛି। ବୋର୍ଡ ମୁଖ୍ୟାଳୟର ନିୟନ୍ତ୍ରଣ କକ୍ଷରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବସ୍ଥା ଦ୍ୱାରା କପି କରୁଥିବା ପରୀକ୍ଷାର୍ଥୀଙ୍କୁ ଧରିବାର ବୈଷୟିକ କୌଶଳ, ଯନ୍ତ୍ରପାତି ଖଞ୍ଜାଯାଇଛି। ସେହିପରି ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରରୁ ଭାଇରାଲ ହେଲେ ସହଜରେ ଧରିବା ପାଇଁ ୱାଟରମାର୍କ, କ୍ୟୁଆର୍ କୋଡ୍ ଭଳି ବ୍ୟବସ୍ଥା ପ୍ରଶ୍ନପତ୍ରରେ କରାଯାଇଛି। ପୁଣି ପ୍ରଶ୍ନପତ୍ର ମୁଦ୍ରଣ ପୂର୍ବରୁ ପରୀକ୍ଷା ପରିଚାଳନା କମିଟି ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥାଏ। ଏସବୁ ସତ୍ତ୍ୱେ ପ୍ରଶ୍ନପତ୍ରରେ ତ୍ରୁଟି ଚର୍ଚ୍ଚାର ବିଷୟ ପାଲଟିଛି।

ରାଜ୍ୟର ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେଇ ଫେରିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ପରୀକ୍ଷାର୍ଥୀ ସରସ୍ୱତୀ ଖିଲ ଓ ଦୀକ୍ଷିତ ଦଳେଇ କହିଛନ୍ତି, ୪ ମାର୍କର ପ୍ରଶ୍ନ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲୁ। ଏ ନେଇ ଶିକ୍ଷା ବିଭାଗ ଅଧିକାରୀ ଓ ବୋର୍ଡ କାର୍ଯ୍ୟାଳୟରେ ଅଭିଯୋଗ କରିବେ ବୋଲି ସେମାନେ କହିଛନ୍ତି। ଜୟପୁର ବ୍ଲକ୍ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ କହିଛନ୍ତି, ଛାତ୍ରୀଛାତ୍ରଙ୍କଠାରୁ ୪ ମାର୍କର ପ୍ରଶ୍ନ ନ ଥିବା ନେଇ ଅଭିଯୋଗ ପାଇଛୁ। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଗଞ୍ଜାମ ଜିଲାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ ପ୍ରଧାନ କହିଛନ୍ତି, ଭୁଲବଶତଃ ଉକ୍ତ ପ୍ରଶ୍ନଟି ପ୍ରଶ୍ନପତ୍ରରେ ପ୍ରିଣ୍ଟିଂ ହୋଇ ନ ଥିଲା। ପରୀକ୍ଷା ଆରମ୍ଭରୁ ଏହା ଜଣାପଡିଥିଲା। ହେଲେ ଆଉ କିଛି କରିବାର ନ ଥିଲା। ବୋର୍ଡ କର୍ତ୍ତୃପକ୍ଷ ଏନେଇ ଯାହା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ବୋର୍ଡର ପୂର୍ବତନ ସଭାପତି ଡ. ସତ୍ୟକାମ ମିଶ୍ର କହିଛନ୍ତି, ପ୍ରଶ୍ନପତ୍ର ତ୍ରୁଟିରେ ସାମିଲ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ପିଲାମାନଙ୍କ ଭବିଷ୍ୟତ ଦୃଷ୍ଟିରୁ ପ୍ରଶ୍ନପତ୍ରକୁ ତ୍ରୁଟିଶୂନ୍ୟ କରିବା ପାଇଁ ସବୁ ପ୍ରକାର ସତର୍କତା ଗ୍ରହଣ କରାଯିବା ନିତାନ୍ତ ଆବଶ୍ୟକ।

ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, ବିଜ୍ଞାନ ବିଷୟର 'ସି' ସେଟ୍‌ରେ ୪ ମାର୍କ ବିଶିଷ୍ଟ ଗୋଟିଏ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ନ ଥିବା ପରିଲକ୍ଷିତ ହୋଇଛି। ମୁଦ୍ରଣଜନିତ ତ୍ରୁଟି ଯୋଗୁ ଏଭଳି ହୋଇଛି। କୌଣସି ପରୀକ୍ଷାର୍ଥୀଙ୍କର ଯେପରି କ୍ଷତି ନ ହେବ ସେନେଇ ବିଚାର କରାଯାଉଛି। ବୋର୍ଡର ପରୀକ୍ଷା ପରିଚାଳନା କମିଟି ଏନେଇ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ବିଜ୍ଞାନ ବିଷୟରେ କପି କରି ୧୧ ଜଣ ପରୀକ୍ଷାର୍ଥୀ ମାଲ୍‌ପ୍ରାକ୍ଟିସ୍(ଏମ୍‌ପି) ହୋଇଛନ୍ତି।

## ଗୁଣି ସନ୍ଦେହ: ଆଦିବାସୀ ...

କହି ଶୁକ୍ରବାର ସନ୍ଧ୍ୟାରେ ଆଶା ବାଗେଙ୍କ ଘରକୁ ଗଗନ ଓ ତାଙ୍କର ଜଣେ ସହଯୋଗୀ ଆସିଥିଲେ। ରାତି ୮ଟାରେ ପୂଜାପାଠ କରିବା ସମୟରେ ସେଠାକୁ ପୂଜା ଦେଖିବାକୁ ଯାଇଥିବା ଜଣେ ମହିଳାଙ୍କୁ ଗୁଣିଆମାନେ ହଠାତ୍ ଚାବୁକରେ ନିସ୍ତୁକ ମାଡ଼ ମାରିଥିଲେ। ରାତି ୧୦ଟାରେ ଗୁଣିଆମାନେ ସଂପୃକ୍ତ ମହିଳାଙ୍କ ଘରକୁ ଯାଇ ପୂଜା କୋଠରିରେ ଜବରଦସ୍ତ ପଶି ଦେବୀଦେବତାଙ୍କ ଫଟୋ ଓ ମୂର୍ତ୍ତିଗୁଡ଼ିକୁ ଘରୁ ବାହାର କରି ଫିଙ୍ଗିଦେଇଥିଲେ। ରାତି ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ମହିଳାଙ୍କୁ କିଛି ସମୟ ବ୍ୟବଧାନରେ ଗୁଣିଆମାନେ ମାଡ଼ମାରି ଚାଲିଥିଲେ। ମହିଳାଙ୍କ ସ୍ୱାମୀ ଏହାକୁ ବିରୋଧ କରିଥିଲେ ମଧ୍ୟ ଗୁଣିଆମାନେ ଶୁଣି ନ ଥିଲେ। ଖବର ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ବଡ଼ଗାଁ ବ୍ଲକ ଅଞ୍ଚଳର କେତେକ ଗ୍ରାମରେ ଗୁଣିଆମାନଙ୍କ ଏକ ଦଳ ଅଛି। ସେମାନେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ଘରେ ପୂଜାପାଠ କରି ଓ ଶରୀରରେ ଦେବଦେବୀ ପ୍ରବେଶ କରିଥିବା କହି ଅସ୍ୱାଭାବିକ ପ୍ରତିକ୍ରିୟା ଦେଖାଇଥାନ୍ତି। ସେହିପରି ଜିଲାର ବଣାଇ, ଲହୁଣୀପଡା, ଗୁରୁଣ୍ଡିଆ, କୋଇଡା, ସବ୍‌ଡେଗା, ଲେଫ୍ରିପଡା ସମେତ ସୁନ୍ଦରଗଡ଼ ସଦର ବ୍ଲକ ଅଞ୍ଚଳରେ ବିଶେଷ କରି ଆଦିବାସୀ ସମ୍ପ୍ରଦାୟ ପରିବାର ମଧ୍ୟରେ ଅନ୍ଧବିଶ୍ୱାସ ଭଳି ଗୁଣି ଗାରେଡ଼ି କୁସଂସ୍କାର ରହିଛି। କିଛି ବର୍ଷ ପୂର୍ବରୁ ସବ୍‌ଡେଗା ବ୍ଲକ କିରାଲଗା ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ଆଦିବାସୀ ମହିଳାଙ୍କୁ ଦିନ ଦ୍ୱିପ୍ରହରରେ ଉଲଗ୍ନ କରି ଗାଁ ସାରା ବୁଲାଇବା ଘଟଣା ସେତେବେଳେ ଆଲୋଡନ ସୃଷ୍ଟି କରିଥିଲା। ଏଥିସହ ଜିଲାର ଅନେକ ଅଞ୍ଚଳରେ ଗୁଣି ଗାରେଡ଼ିକୁ କେନ୍ଦ୍ରକରି ଅନେକ ହତ୍ୟାକାଣ୍ଡ ମଧ୍ୟ ଘଟିଛି। ଏଭଳି ଘଟଣାକୁ ରୋକିବା ପାଇଁ ସାମାଜିକ କର୍ମୀ ଶଶିପ୍ରଭା ବିନ୍ଧାଣି ଏକ ଜନସ୍ୱାର୍ଥ ମାମଲା ରୁଜୁ ପରେ ଓଡିଶା ସରକାର ୨୦୧୩ ମସିହାରେ ସ୍ୱତନ୍ତ୍ର ଆଇନ ମଧ୍ୟ ପ୍ରଣୟନ କରି ଦଣ୍ଡବିଧାନ କରିଛନ୍ତି। ହେଲେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନ କରିବା ପାଇଁ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ହୋଇ ନ ଥିବା ପରିତାପର ବିଷୟ ବୋଲି ସୁନ୍ଦରଗଡ଼ର ମହିଳା ସାମାଜିକ କର୍ମୀ ଶୁଭଶ୍ରୀ ରାୟ ପ୍ରକାଶ କରିଛନ୍ତି। ବଡଗାଁ ଘଟଣାକୁ ନେଇ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ନିନ୍ଦା କରି ସରକାର ଆଇନ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରି ସମାଜରୁ ଏଭଳି ଅନ୍ଧବିଶ୍ୱାସକୁ ରୋକିବା ପାଇଁ ବ୍ୟାପକ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ଜିଲାରେ ଏଭଳି ଘଟଣା ବଢ଼ିଚାଲିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

## ବିଷ ପିଇ ଚାଷୀଙ୍କ ...

ଚାଷଜମିରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ନିକଟରେ ଏକ କୀଟନାଶକ ବୋତଲ ଥିବା ତାଙ୍କ ପୁଅ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ନଂ. ୧୨/୨୫ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସୁଧୀର ଚାଷକରି ପରିବାର ପ୍ରତିପୋଷଣକରି ଆସୁଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି କହିଛନ୍ତି।

## ଟିଟିଲାଗଡ଼ ସବୁଠୁ ...

୩୭ ଡିଗ୍ରୀ ସେଲସିୟସ୍ ଛୁଇଁଥିଲା। ଏହାସହ କଟକ ଓ ଭୁବନେଶ୍ୱରରେ ଦିନ ତାପମାତ୍ରା ୩୪. ୨ ରହିଥିଲା। ତେବେ ଏବର୍ଷ ଗ୍ରୀଷ୍ମ ପ୍ରବାହ ଅବଧି ଅଧିକ ରହିବ, ମେ' ଶେଷ ପର୍ଯ୍ୟନ୍ତ ଖରା ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅତିଷ୍ଠ କରିବ। ଏହି ୩ମାସ ମଧ୍ୟରେ ୮ରୁ ୯ଦିନ ଲଗାତର ହିଟ୍‌ୱେଭର ଆଶଙ୍କା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୩ଦିନ ମଧ୍ୟରେ ରାତି ତାପମାତ୍ରା ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ବୋଲି ସେ କହିଛନ୍ତି।

# ଦାଦନ ଯାଇ ପୁଅ ନିଖୋଜ

ମହାକାଳପଡ଼ା, ୧।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ପଞ୍ଚାୟତ ବାହାକୁଦ ଗାଁର ପ୍ରହ୍ଲାଦ ବେହେରାଙ୍କ ପୁଅ ଅକ୍ଷୟ ଓରଫ ବୁଲୁ(୨୦) ନିଖୋଜ ଥିବା ନେଇ ଶନିବାର ଲିଖିତ ଅଭିଯୋଗ ହୋଇଛି। ଏହାକୁ ନେଇ ୪ଦିନ ହେବ ଘରେ ଚୁଲି ଜଳୁନି। ବାପା ପ୍ରହ୍ଲାଦ, ମା' କୁନିଲତା ଓ ତାଙ୍କ ସାନଭାଇଙ୍କ ଆଖିରୁ ଲୁହ ଶୁଖୁନି। ପୁଅର ଫେରିବା ବାଟକୁ ପରିବାର ଲୋକ ଚାହିଁ ବସିଛନ୍ତି।

ଅଭାବୀ ପରିବାର ପ୍ରତିପୋଷଣ ପାଇଁ ସୁଦୂର ବେଙ୍ଗାଲୁରୁକୁ ବର୍ଷେ ପୂର୍ବେ ବୁଲୁ କାମ କରିବାକୁ ଯାଇଥିଲେ। ସେଠାରେ ଚନ୍ଦ୍ରଗାନାପଲ୍ଲୀ ଅଞ୍ଚଳର ଏକ୍ସ ସାଇଡ୍ ବ୍ୟାଟେରି କମ୍ପାନୀରେ ଗାଁ ଅଞ୍ଚଳର କେତେଜଣ ସାଥୀଙ୍କ ସହ ଯାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମାସକୁ ଦୁଇ ପଇସା ରୋଜଗାର କରି ପରିବାର ପାଖକୁ ପଠାଇଥାନ୍ତି। ମାତ୍ର ୪ଦିନ ପୂର୍ବେ ମହାଶିବରାତ୍ରି ପୂର୍ବଦିନ ରାତିରେ ମା' କୁନିଲତା ସହ ପୁଅ ବୁଲୁ ମୋବାଇଲ ଫୋନ୍ ଯୋଗେ କଥା ହୋଇଥିଲେ। ମାମୁ ଘର ଗାଁ ସାଥୀ ପିଲା ଘରକୁ ଯାଇଛନ୍ତି। ପଇସା ପତ୍ର କିଛି ନାହିଁ ଦେଇପାରିନି ବୋଉ। ସାଥୀ ପିଲାଙ୍କ ହାତରେ କିଛି ଶୁଖିଲା ଖାଦ୍ୟ ପ୍ୟାକେଟ ପଠାଉଛି। ତାଙ୍କ ପାଖରୁ ବୁଝିନେବୁ ବୋଲି କଥା ହୋଇଥିଲେ। ପରଦିନ ମହାଶିବରାତ୍ରି ଥିବାରୁ କାଲେ କମ୍ପାନୀ କାର୍ଯ୍ୟାଳୟ ଛୁଟିଥିବ ଏହା ଭାବି ପୁଅ ପାଖକୁ ମା' ଫୋନ ଲଗାଇଥିଲେ। ମା' ଫୋନ କରିବାରୁ ତାହା ସୁଇଚ୍ ଅଫ ଦେଖାଇ ଥିଲା। ପରେ ପୁଅ ମେସ୍‌ରେ ଥିବା ସାଥୀଙ୍କ ସହ ମା' କଥା ହୋଇଥିଲେ। ହେଲେ ପୁଅ ସାଥୀ ମାର୍ଶାଘାଇ ଥାନା ଅଞ୍ଚଳର ସତ୍ୟରଞ୍ଜନ ବେହେରା ଓରଫ ଟୁଲୁଙ୍କ ସହ କଥା ହେବାରେ ସେ କହିଥିଲେ, ଫେବୃଆରୀ ୧୭ଠାରୁ ତୁମ ପୁଅ କୁଆଡ଼େ ଯାଇଛି ଆମେ ଜାଣିନୁ। ହେଲେ ତା'ର ମୋର ବିବାଦ ହେବାରୁ ତାକୁ ୨ ଚାପୁଡା ମାରିଛି। ତା'ଠାରୁ ୮ ହଜାର ଟଙ୍କା ଛଡ଼ାଇ ରଖିଛି ବୋଲି ବୁଲୁଙ୍କ ମା'ବାପାଙ୍କୁ ସେ କହିଥିଲେ। ଏକଥା ଶୁଣି ପରେ ମା'ବାପାଙ୍କ ଚିନ୍ତା ବଢ଼ିଯାଇଛି। ସେବେଠାରୁ ଅଦ୍ୟାବଧି ବୁଲୁଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ରହିଛି। ମହାଶିବରାତ୍ରିଠାରୁ ୪ଦିନ ହେବ ଘରେ ଚୁଲି ଜଳୁନି ବୋଲି ପରିବାର ଲୋକେ କହିଛନ୍ତି। ସରକାର ସହାୟତା କରିବାକୁ ପରିବାର ଲୋକେ ନିବେଦନ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ସଞ୍ଜୟ କୁମାର ରଥଙ୍କୁ ପଚାରିବାରେ ବେଙ୍ଗାଲୁରୁ ଥାନା ଅଞ୍ଚଳର ଘଟଣା ସମ୍ପର୍କିତ ଅଭିଯୋଗ ମିଳିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସ୍ୱପ୍ନ ସାକାର ପାଇଁ ଶିବଲିଙ୍ଗ ଚୋରି

## ପରିବାରର ୮ ଗିରଫ

ଦ୍ୱାରକା(ଗୁଜରାଟ), ୧।୩

ଭିଡ୍‌ଭଞ୍ଜନ ମହାଦେବ ମନ୍ଦିରରୁ ଶିବଲିଙ୍ଗ ଆଣି ଘରେ ରଖିଲେ ପରିବାରର ସମସ୍ତ ସମସ୍ୟା ସମାଧାନ ସହ ସୁଖ, ଶାନ୍ତି ଫେରି ଆସିବ ବୋଲି ବହୁ ଦିନର ସ୍ୱପ୍ନ ଥିଲା। ଝିଅର ଏଭଳି ସ୍ୱପ୍ନକୁ ପୂରଣ କରିବା ପାଇଁ ପରିବାର ଲୋକେ ନିଜ ଗ୍ରାମଠାରୁ ୫୦୦କିଲୋମିଟର ଦୂରରେ ଅବସ୍ଥିତ ମହାଦେବ ମନ୍ଦିରରୁ ଶିବ ଲିଙ୍ଗ ଚୋରି କରି ଆଣି ନିଜ ଘରେ ପ୍ରତିଷ୍ଠା କଲେ। ପୋଲିସ ଏନେଇ ଜାଣିବା ପରେ ପରିବାରର ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଏକ ଘଟଣା ଘଟିଛି ଗୁଜରାଟର ଦ୍ୱାରକା ଅଞ୍ଚଳରେ। ଚୋରି ହୋଇଥିବା ଶିବଲିଙ୍ଗକୁ ଉଦ୍ଧାର କରାଯିବା ପରେ ତାକୁ ପୁଣି ମନ୍ଦିରରେ ପୁନଃସ୍ଥାପନା କରାଯାଇଛି।

ମିଳିଥିବା ସୂଚନାନୁସାରେ ଗୁଜରାଟର ସବରକଣ୍ଠ ଜିଲାର ହିମତ୍ ନଗରବାସୀ ମହେନ୍ଦ୍ର ମକ୍‌ୱାନାଙ୍କ ଝିଅାରୀଙ୍କ ସ୍ୱପ୍ନ ଥିଲା ଯେ, ଦ୍ୱାରକାସ୍ଥିତ ଭିଡ୍‌ଭଞ୍ଜନ ମହାଦେବ ମନ୍ଦିରର ଶିବଲିଙ୍ଗକୁ ଆଣି ଘରେ ସଂସ୍ଥାପନ କରିବାକୁ । ଏହାଦ୍ୱାରା ପରିବାରର ସବୁ ସମସ୍ୟା ଦୂର ହୋଇଯିବ। ଏପରି କି ସେ ମନ୍ଦିରରୁ ଶିବଲିଙ୍ଗ ଚୋରି କରି ଆଣିବାକୁ ପରିବାର ଲୋକଙ୍କୁ ମଧ୍ୟ ବିଭିନ୍ନ ସମୟରେ ପ୍ରବର୍ତ୍ତାଉଥିଲେ। ଝିଅର ସ୍ୱପ୍ନକୁ ପୂରଣ କରିବାକୁ ପରିବାରର ୮ଜଣ ସଦସ୍ୟ ନିଜ ଗ୍ରାମଠାରୁ ୫୦୦ କିଲୋମିଟର ଦୂର ଦ୍ୱାରକା ଯାଇଥିଲେ। ସେଠାରେ କିଛି ଦିନ ରହି ହର୍ଷଦସ୍ଥିତ ଭିଡ୍‌ଭଞ୍ଜନ ମହାଦେବ ମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଉକ୍ତ ମନ୍ଦିରରୁ ଶିବଲିଙ୍ଗ ଚୋରାଇ ଆଣିଥିଲେ। ଏପରି କି ଗତ ମହାଶିବରାତ୍ରି ଦିନ ଶିବଲିଙ୍ଗକୁ ଘରେ ପ୍ରତିଷ୍ଠା କରି ପୂଜା କରିଥିଲେ। ମନ୍ଦିରରୁ ଶିବଲିଙ୍ଗ ଚୋରି ହେବା ପରେ ଦ୍ୱାରକା ପୋଲିସ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ତଲାସି କରିଥିଲା। ତଦନ୍ତ ସମୟରେ ବିଭିନ୍ନ ତଥ୍ୟକୁ ଆଧାର କରି ୫୦୦ କି.ମି. ଦୂର ସର୍ବକଣ୍ଠା ଗ୍ରାମକୁ ଯାଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ଥିଲା। ପୋଲିସ ଚୋରି ଶିବ ଲିଙ୍ଗକୁ ଉଦ୍ଧାର କରିବା ସହ ମହେନ୍ଦ୍ର ଏବଂ ୩ଜଣ ମହିଳାଙ୍କ ସମେତ ତାଙ୍କ ପରିବାରର ୮ଜଣଙ୍କୁ ଗିରଫ କରିଥିବା ଦ୍ୱାରକା ଏସ୍‌ପି ନୀତିଶ ପାଣ୍ଡେ ସୂଚନା ଦେଇଛନ୍ତି।


ଭିଡ୍‌ଭଞ୍ଜନ ମହାଦେବ ମନ୍ଦିର

# ଘରେ ଶୋଇଥିବା ବେଳେ ଯୁବକଙ୍କୁ ଏସିଡ୍ ମାଡ଼

ବାସୁଦେବପୁର/ସାବରଙ୍ଗ, ୧।୩
(ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ ଜଣେ ଯୁବକଙ୍କୁ ଏସିଡ୍ ମାଡ଼ କରାଯାଇଛି। ଯୁବକ ଜଣକ ଗୁରୁତର ଥିବାବେଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଯୁବକ ହେଉଛନ୍ତି ଗ୍ରାମର ଜଗବନ୍ଧୁ ପଲେଇ(୨୬)। ଏନେଇ ଜଗବନ୍ଧୁଙ୍କ ଭାଇ ଅରୁଣଙ୍କ ଅଭିଯୋଗକ୍ରମେ ନାୟକାଣିଡିହି ଥାନାରେ ଏକ ମାମଲା(ନଂ.୨୪/୨୫) ରୁଜୁ କରାଯାଇଛି। ନାୟକାଣିଡିହି ପୋଲିସ ଓ ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଜଗବନ୍ଧୁ ଏକ ଟେଣ୍ଟ ହାଉସ୍ କରି ଜୀବିକା ନିର୍ବାହ କରନ୍ତି। ଶୁକ୍ରବାର ଏକ ଟେଣ୍ଟ କାମ ସାରି ସେ ନିଜ ଘରେ ଶୋଇଥିଲେ। ଘରର ଝରକା ଖୋଲାଥିବା ବେଳେ କେହି ଦୁର୍ବୃତ୍ତ ଝରକା ବାଟେ ଏସିଡ୍ ଫିଙ୍ଗି ଫେରାର ହୋଇଯାଇଛନ୍ତି। ଜଗବନ୍ଧୁଙ୍କ ଚିତ୍କାର ଶୁଣି ପରିବାର ଲୋକେ ନିଦରୁ ଉଠିଥିଲେ। ଏସିଡ୍ ମାଡ଼ରେ ଜଗବନ୍ଧୁଙ୍କ ଆଖି, ମୁହଁ ଓ ଛାତିର ବିଭିନ୍ନ ଅଂଶ ପୋଡ଼ିଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି। ଏସିଡ୍ ପ୍ରକୋପରେ ଜଗବନ୍ଧୁ ଶୋଇଥିବା ବିଛଣା ଓ ତକିଆ ମଧ୍ୟ କିଛି ଅଂଶ ପୋଡ଼ିଯାଇଛି। ପୂର୍ବରୁ ମଧ୍ୟ କେହି ଜଗବନ୍ଧୁଙ୍କ ଟେଣ୍ଟ ହାଉସ୍ କପଡ଼ା, ବାଉଁଶ ଓ ଅନ୍ୟାନ୍ୟ ସାମଗ୍ରୀକୁ ଏକାଧିକବାର ନିଆଁ ଲଗାଇ ପୋଡ଼ି ଦେଇଥିଲେ। ବ୍ୟବସାୟିକ ଶତ୍ରୁତା କିମ୍ବା ଅନ୍ୟ କୌଣସି ଶତ୍ରୁତାରୁ ଏଭଳି ଆକ୍ରମଣ ହୋଇଛି, ତାହା ସ୍ପଷ୍ଟ ହୋଇପାରି ନାହିଁ। ଏସିଡ୍ ପକାଇଥିବା ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଜଗବନ୍ଧୁଙ୍କ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି।

# ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ଗିରଫ

## ସହଦେବ ହତ୍ୟା ମାମଲା

ଭୁବନେଶ୍ୱର, ୧।୩(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ରାଜରାସ୍ତାରେ ବିଏମ୍‌ସି ସଫେଇ କର୍ମଚାରୀ ସଂଘର ସମ୍ପାଦକ ସହଦେବ ନାୟକ ହତ୍ୟା ମାମଲାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ପୋଲିସ ଗିରଫ କରିଛି। ସେ ହେଲେ ମାମଲାର ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ନାୟକ ଓରଫ ସୁଶେଇ। ସୁଶାନ୍ତଙ୍କୁ କଟକ ଜିଲା କାନପୁର ଅଞ୍ଚଳରୁ ଧରିବା ପରେ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ସୁଶାନ୍ତଙ୍କୁ ମିଶାଇ ଏହି ମାମଲାରେ ୮ ଜଣ ଗିରଫ ହୋଇସାରିଛନ୍ତି। ପୂର୍ବ ବିବାଦ ଓ ବ୍ୟକ୍ତିଗତ ଶତ୍ରୁତା ପାଇଁ ସହଦେବଙ୍କୁ ହତ୍ୟା କରିବା ପାଇଁ ସମସ୍ତ ଅଭିଯୁକ୍ତ ସୁଶାନ୍ତଙ୍କ ଘରେ ଏକାଠି ହୋଇ ଷଡ଼ଯନ୍ତ୍ର କରି ହତ୍ୟା କରିବାରେ ସକ୍ଷମ ହୋଇଥିଲେ। ସୁଶାନ୍ତଙ୍କ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ଏକ ଚୋରି ମାମଲା ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ ଗତ ଜାନୁଆରୀ ୮ ତାରିଖ ସକାଳେ ସହଦେବ ତାଙ୍କ ଝିଅକୁ ରାମମନ୍ଦିର ନିକଟ ଏକ ସ୍କୁଲରେ ଛାଡ଼ି ମୋଟରସାଇକେଲ ଯୋଗେ ରସୁଲଗଡ଼ ଯାଉଥିବାବେଳେ ପଛରୁ ପିଛା କରୁଥିବା ଲକ୍ଷ୍ମୀଧର ନାୟକ ଓରଫ ମଣ୍ଟେଇ, ତାଙ୍କ ସ୍ତ୍ରୀ ଲିପିକା ନାୟକ, ସୁଶାନ୍ତ ନାୟକ ଓ ରକି ନାୟକ ମିଳିମିଶି ରସୁଲଗଡ଼ ରେଳ ଓଭରବ୍ରିଜ ଉପରେ ସହଦେବଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ସହଦେବଙ୍କ ବେକକୁ ହାଣି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସହଦେବଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏପରି କି ସୁଶାନ୍ତ ତାଙ୍କ ମୋଟର ସାଇକେଲ୍ ଛାଡ଼ି ଚାଲିଯାଇଥିଲେ। ପୋଲିସ ଉକ୍ତ ଘଟଣାରେ ୨୪ ଘଣ୍ଟା ମଧ୍ୟରେ ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ଲିପିକା, ରାକେଶ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଓରଫ ଲକି ଏବଂ ରକିଙ୍କୁ ଗିରଫ କରିଥିଲା। ଏହାପରେ କିଛି ଦିନ ପରେ ଆଉ ଜଣଙ୍କୁ ଗିରଫ କରିଥିବା ବେଳେ ହତ୍ୟା ମାମଲାର ଅନ୍ୟତମ ମୁଖ୍ୟ ଖଳନାୟିକା ରମା ଗତ ଫେବୃଆରୀ ୧୬ ରେ ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ କରିଥିଲେ।


ସୁଶାନ୍ତ ନାୟକ

# ଏଟିଏମ୍ ତାଡ଼ି ଲୁଟ ଘଟଣାର ପର୍ଦ୍ଦାଫାଶ, ମାସକ ପରେ ୬ ଗିରଫ

## ଝାରପଡ଼ା ଜେଲରେ ପରିଚିତ ହୋଇ ରଚିଥିଲେ ଯୋଜନା

ଭୁବନେଶ୍ୱର, ୧।୩(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଞ୍ଚଳରୁ ଗତ ଜାନୁଆରୀ ୨୪ତାରିଖ ଭୋର ସମୟରେ ଅଟୋମେଟଡ ଟେଲର ମେଶିନ(ଏଟିଏମ)କୁ ତାଡି ସେଥିରୁ ୨୧ଲକ୍ଷ ଟଙ୍କା ନେବା ପରେ ଗଙ୍ଗୁଆ ନାଳରେ ଫୋପାଡି ଦେବା ଘଟଣାର ମାସକ ପରେ ପର୍ଦ୍ଦାଫାଶ ହୋଇଛି। ଲିଙ୍ଗରାଜ ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ଘଟଣାର ତଦନ୍ତ କରି ଏହି ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଖବରଦାତା ସମ୍ମିଳନୀ କରି ଶନିବାର ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ କହିଛନ୍ତି। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳର ଭିକି ଦେବିପ୍ରସାଦ ମଲ୍ଲିଆ ଓ ଆକାଶ ମହାପାତ୍ର, ଏୟାରଫିଲ୍ଡ ସୁନ୍ଦରପଦା ଅଞ୍ଚଳର ସାଗର ସାମଲ ଓ ବିରେନ ରାଉତ, ଜଟଣୀର ରମାକାନ୍ତ ସାହୁ ଓରଫ କାହ୍ନା ଏବଂ ଅନ୍ୟ ଜଣେ ହେଲେ ରାଉରକେଲାର ବୁବାଇ ଓରଫ ଆକାଶ ମୁଖାର୍ଜୀ। ଏହି ମାମଲାରେ ପୋଲିସ ୨ଟି ମୋଟରସାଇକେଲ, ନଗଦ ୧ ଲକ୍ଷ ୬୦ ହଜାର, ୬ଟି ମୋବାଇଲ, ଅପରାଧରେ ବ୍ୟବହୃତ ଅଟୋ, ଭଙ୍ଗା ଏଟିଏମ୍ ମେଶିନ, ହାମର ଜବତ ହୋଇଛି।


ଗିରଫ ଅଭିଯୁକ୍ତଙ୍କ ସହ ଜବତ ମୋବାଇଲ ଓ ଟଙ୍କା।

ସେହିପରି ଏହି ଘଟଣାରେ ପଶ୍ଚିମବଙ୍ଗର ରାଜୁଙ୍କ ସମେତ ୨ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ପୋଲିସ କମିଶନର କହିଛନ୍ତି। ଅଭିଯୁକ୍ତମାନେ ମାସେ ପୂର୍ବରୁ ଏହି ଯୋଜାନା କରିଥିଲେ। ଟଙ୍କା ଲୁଟିବା ପରେ ଅଭିଯୁକ୍ତମାନେ ପରସ୍ପର ଟଙ୍କା ଭାଗ କରି ନେଇଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ଅପରପକ୍ଷେ ଅଭିଯୁକ୍ତ ଭିକି ଏକ ହତ୍ୟା ମାମଲାରେ ୨୦୨୨ରେ ଓ ଆକାଶ ଏକ ସାଇବର ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ ଯାଇଥିଲେ। ୨୦୨୨ରେ ଏଟିଏମ୍ ଲୁଟ ମାମଲାରେ ପଶ୍ଚିମବଙ୍ଗର ରାଜୁ ମଧ୍ୟ ଜେଲ ରହିଥିଲେ। ସେଠାରେ ପରସ୍ପର ପରିଚିତ ହୋଇ ଆଉ ଏକ ଲୁଟ୍ କରିବା ପାଇଁ ଯୋଜନା କରିଥିଲେ। ୨୦୨୨ରେ ଫେରାର ଅଭିଯୁକ୍ତ ରାଜୁ ଜାମିନରେ ଜେଲରୁ ବାହାରିଥିଲେ। ଏହାର ୨ ବର୍ଷ ପରେ ଅର୍ଥାତ ୨୦୨୪ ଡିସେମ୍ବର ୨୫ରେ ଭିକି ଜାମିନରେ ଆସିଥିଲେ। ଏହାପରେ ରାଜୁଙ୍କ ସହ ଯୋଗାଯୋଗ କରି ସହରସାରା ରେକି କରିବା ପରେ ଲିଙ୍ଗରାଜ ଥାନା ଅଞ୍ଚଳରୁ ଏଟିଏମ୍ ଲୁଟ ପ୍ଲାନ କରି ଏହି କାଣ୍ଡ ଭିଆଇଥିବା ପୋଲିସ ଜାଣିବାକୁ ପାଇଛି।

# ଭିଜିଲାନ୍ସ ଦ୍ୱାରା ସମବାୟ ସମିତି ସମ୍ପାଦକ ଗିରଫ

## ଋଣ ଆଦାୟ ଅର୍ଥ ହେରଫେର

କଟକ, ୧।୩(କାର୍ତ୍ତିକ ସାହୁ)

ଋଣ ଅର୍ଥ ହେରଫେର କରିବା ଅଭିଯୋଗରେ ବାଙ୍କୀ ବ୍ଲକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ସରଣ୍ଡା ଶାଖା ଅଧୀନ ଓସ୍ତିଆ ସମବାୟ ସମିତିର ସମ୍ପାଦକ ଶ୍ରୀନିବାସ ମନ୍ତ୍ରୀଙ୍କୁ ଭିଜିଲାନ୍ସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ବାଙ୍କୀ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ପକ୍ଷରୁ ଓସ୍ତିଆ ସମବାୟ ସମିତି ଦ୍ୱାରା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ଦିଆଯାଉଥିଲା। ସେଥିମଧ୍ୟରୁ କୃଷିଋଣ ନେଇଥିବା ଚାଷୀମାନେ ଗତ ୨ ବର୍ଷ ଧରି ବିଭିନ୍ନ ସମୟରେ ଋଣ ପରିଶୋଧ କରିଆସିଛନ୍ତି। ହେଲେ ଉକ୍ତ ଅର୍ଥକୁ ଅଭିଯୁକ୍ତ ସମ୍ପାଦକ ଶ୍ରୀନିବାସ ହିତାଧିକାରୀଙ୍କ ଋଣ ଖାତାରେ ଲିପିବଦ୍ଧ କରି ନ ଥିଲେ। ଏ ସମ୍ପର୍କରେ ସେମାନେ ଜାଣିବା ପରେ କଟକ ଭିଜିଲାନ୍ସ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୩/୨୫) ରୁଜୁ କରାଯିବା ସହ ତଦନ୍ତ ବେଳେ ସମିତି ସମ୍ପାଦକ ଶ୍ରୀନିବାସ ଆଦାୟ ହୋଇଥିବା ଋଣ ଅର୍ଥକୁ ହେରଫେର କରିଥିବା ଜଣାପଡ଼ିଥିଲା। ଗତ ୨ ବର୍ଷ ମଧ୍ୟରେ ୫୯ ଜଣ ହିତାଧିକାରୀ ପରିଶୋଧ କରିଥିବା ୧୧,୮୩,୭୧୮ ଟଙ୍କା ସମିତି ଖାତାରେ ଲିପିବଦ୍ଧ କରାଯାଇ ନ ଥିବା ସ୍ପଷ୍ଟ ହୋଇଥିଲା। ଇତିମଧ୍ୟରେ ୨ବର୍ଷ ମଧ୍ୟରେ ଋଣୀମାନଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା।


ଶ୍ରୀନିବାସ ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଣା ବେଳକୁ ଦାନ୍ତ ନାହିଁ**
**ଦାନ୍ତ ବେଳକୁ ଚଣା ନାହିଁ।**

ସମୟ ଓ ମଣିଷ ମଧ୍ୟରେ ଜୀବିକାର ଖେଳ। ସମସ୍ତଙ୍କର ସବୁ ଜିନିଷ ପରିପୂର୍ଣ୍ଣ ହୋଇ ନ ଥାଏ। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟ କରି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିଡା କୁଟେଇଲି ବାହାରେ**
**ଯାହା ଲାଗି ଚିଡା କୁଟାଇଥିଲି**
**ସେ ତ ନାହିଁ ଏ ଗାଆଁରେ।**

ପ୍ରେମର ସ୍ୱାକ୍ଷର। ପ୍ରେମିକ ପ୍ରବାସରେ ଥିବା ହେତୁ ପ୍ରେମିକାର ପରିପାଟୀ ବୃଥା ହୋଇଯିବା ପରିପ୍ରେକ୍ଷୀରେ ପ୍ରେମିକା ମନରେ ସୃଷ୍ଟି ହୋଇଥିବା ବ୍ୟାକୁଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିଳାଙ୍କ ଅଶ୍ଳୀଳ ଭିଡିଓ ଏଡିଟିଂ, ଭାଇରାଲ କରି ଯୁବକ ଗିରଫ

ପାଟକୁରା, ୧।୩(ରବୀନ୍ଦ୍ର ନାଥ ବାରିକ )

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଗରଦପୁର ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ପ୍ରେମ ନିବେଦନ କରି ବିଫଳ ହେବାରୁ ଅଶ୍ଳୀଳ ଭିଡିଓ ଏଡିଟିଂ, ଭାଇରାଲ ଓ ବ୍ଲକ ମେଲିଂ କରୁଥିବା ଜଣେ ଯୁବକଙ୍କ ନାମରେ ଅଭିଯୋଗ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାଇବର ସେଲ ସ୍ପେଶାଲ ସ୍କ୍ୱାଡ୍ ଓ ପାଟକୁରା ପୋଲିସ ମିଳିତ ଉଦ୍ୟମରେ ମହିଳାଙ୍କୁ ବ୍ଲକ ମେଲିଂ କରୁଥିବା କମଳ ବେହେରା (୩୪)ଙ୍କୁ ପୁରୀ ସମୁଦ୍ର କୂଳରୁ ଗିରଫ କରାଯାଇଛି। ତାଙ୍କୁ ଶୁକ୍ରବାର ରାତିରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କମଳ ଜଣେ ମିଉଜିକ ଭିଡିଓ ଅଭିନେତା, ତାଙ୍କ ଘର ଢେଙ୍କାନାଳ ଜିଲା ଶଙ୍ଖୁଆସ୍ଥିତ କାଇମାଟି ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି।


ଦୀର୍ଘଦିନ ହେବ କମଳ ଗରଦପୁର ଅଞ୍ଚଳର ଜଣେ ମହିଳା ୟୁଟୁବରଙ୍କୁ ଏକ ତରଫା ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ପରେ ଉକ୍ତ ମହିଳାଙ୍କ ଫଟୋ ଓ ଭିଡିଓକୁ ନେଇ ଡିପଫେକ ମାଧ୍ୟମରେ ଏଡିଟିଂ କରି ଇନ୍‌ଷ୍ଟାଗ୍ରାମରେ ଫେକ ଆଇଡି ଖୋଲି କମଳ ଓ ତାଙ୍କ ସହଯୋଗୀ ବିପ୍ଳବ ପରିଡା ଭାଇରାଲ କରି ଚାଲିଥିଲେ। ଏମାନଙ୍କ ସହ ଗରଦପୁର କଙ୍କଡ଼ା ଅଞ୍ଚଳର ସତ୍ୟଜିତ ବେହେରା ଓ ବ୍ରହ୍ମପୁରର ଶୁଭେନ୍ଦୁ ବାଦଲ ନାୟକ ମଧ୍ୟ ସାଇବର ଅପରାଧ ଘଟାଇ ଚାଲିଥିଲେ। ଏ ନେଇ ମହିଳା ଜଣକ ପାଟକୁରା ଥାନାରେ ୨ ଥର ଅଭିଯୋଗ କରିଥିଲେ। ପୋଲିସ କମଳ ବେହେରା ଓ ବିପ୍ଳବ ପରିଡାଙ୍କ ବିରୋଧରେ ନଂ. ୨୪୮/୨୪ରେ ମାମଲା ରୁଜୁ କରିଥିଲା। କିଛିଦିନ ହେବ କମଳ ମହିଳାଙ୍କୁ ବାରମ୍ବାର ଫୋନ ଯୋଗେ ମାମଲା ପ୍ରତ୍ୟାହାର ପାଇଁ ଧମକ ଦେବା ସହ ୨ ଲକ୍ଷ ଟଙ୍କା ମାଗିଥିଲେ। ମହିଳା ଜଣକ ତାଙ୍କ କଥା ନ ମାନିବାରୁ ଡିପଫେକ ମାଧ୍ୟମରେ ମହିଳାଙ୍କ ଏକାଧିକ ଅନ୍ତରଙ୍ଗ ଭିଡିଓ ଓ ଫଟୋ ଏଡିଟିଂ କରି ନିଜ ସହ ଯୋଡି ହ୍ୱାଟସ ଆପ ଓ ଇନଷ୍ଟାଗ୍ରାମରେ ଅପଲୋଡ଼ କରି ଭାଇରାଲ କରି ଚରିତ୍ର ସଂହାର କରି ଚାଲିଥିଲେ। ପର୍ଣ୍ଣଗ୍ରାଫି ସାଇଡରେ ଡିପଫେକ ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବେ ବୋଲି କମଳ ଧମକ ଦେଇଥିଲେ। ଏ ନେଇ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ମହିଳା ଜଣକ ଅଭିଯୋଗ କରିଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ସାଇବର ସେଲ ସ୍ପେଶାଲ ସ୍କ୍ୱାଡ୍ ପୋଲିସ ଓ ପାଟକୁରା ଥାନା ପୋଲିସ ଅଭିଯୁକ୍ତ କମଳଙ୍କ ମୋବାଇଲ ଟ୍ରାକ୍ କରି ପୁରୀରୁ ଗିରଫ କରିଛି। କମଳଙ୍କ ପାଖରୁ ଏକ ମୋବାଇଲ ଫୋନ ସିଜ୍ ହୋଇଛି। ଫୋନରେ ଅନେକ ମହିଳାଙ୍କ ଡିପଫେକ ଅନ୍ତରଙ୍ଗ ଭିଡିଓ ଓ ଫଟୋ ଥିବା ଜଣାପଡିଛି। ଡିପଫେକ ମାଧ୍ୟମରେ ମହିଳାଙ୍କ ଅଶ୍ଳୀଳ ଭିଡିଓ ଏଡିଟିଂ କରିଥିବା କମଳ ସ୍ୱୀକାର କରିଛନ୍ତି। ହେଲେ କମଳଙ୍କ ସହଯୋଗୀ ବିପ୍ଳବ, ସତ୍ୟଜିତ ଓ ଶୁଭେନ୍ଦୁଙ୍କୁ ତୁରନ୍ତ ଗିରଫ କରିବାକୁ ମହିଳା ଦାବି କରିବା ସହ ଓଡ଼ିଶା କ୍ରାଇମବ୍ରାଞ୍ଚରେ ପୁଣି ଅଭିଯୋଗ କରିଛନ୍ତି।


ଗିରଫ ହୋଇଥିବା ଅଭିଯୁକ୍ତ କମଳ ବେହେରା।

## ଥଟ୍ଟାମଜାରୁ ଗଣ୍ଡଗୋଳ

# କାଠଫାଳିଆ ମାଡ଼ରେ ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା, ୧।୩(କାଳିଚରଣ ଦାଶ):ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର ଖଦାଳ ସାହିରେ ଥଟ୍ଟାମଜାରୁ ଗଣ୍ଡଗୋଳ ହୋଇଛି। କାଠଫାଳିଆ ମାଡ଼ରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାହିର ଅଭିମନ୍ୟୁ ନାଇକଙ୍କ ପୁଅ ବଳରାମ। ଶୁକ୍ରବାର ଅପରାହ୍ନରେ ବଳରାମ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ କଥାବାର୍ତ୍ତା ବେଳେ ଥଟ୍ଟାମଜା କରୁଥିଲେ। ପରେ ତାହା ଗଣ୍ଡଗୋଳର ରୂପ ନେଇଥିଲା। ସମ୍ପୃକ୍ତ ସମ୍ପର୍କୀୟଙ୍କ ପରିବାର ଲୋକଙ୍କ ମିଳିତ ଆକ୍ରମଣରେ ଆହତ ହୋଇ ସେ ଘରକୁ ଫେରିଥିଲେ। ରାତି ପ୍ରାୟ ୧୦ଟା ବେଳକୁ ବଳରାମଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଭୋର ୪ଟାରେ ତାଙ୍କର ମୃତ୍ୟୁ ହୋଇଛି। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଏନେଇ ବୁଗୁଡ଼ା ଥାନାରେ ନଂ.୧୩୩/୨୫ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଭୁବନେଶ୍ୱରରେ ଗଞ୍ଜେଇ ବିକ୍ରି ବେଳେ ୩ ଗିରଫ

ଭୁବନେଶ୍ୱର, ୧।୩(ସୂର୍ଯ୍ୟକାନ୍ତ ବେହେରା): କନ୍ଧମାଳରୁ ଗଞ୍ଜେଇ ସଂଗ୍ରହ କରି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ଅଭିଯୋଗରେ ୩ ଜଣ ଯୁବକଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଶୈଳଶ୍ରୀ ବିହାରରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭରତପୁର ଥାନା ଅଞ୍ଚଳର ଲିଙ୍ଗରାଜ ଘଟୁଆଳ, ମୈତ୍ରୀବିହାରରେ ରହୁଥିବା ମୟୂରଭଞ୍ଜର ସାଧୁ ସୋରେନ ଓ ନୟାଗଡ଼ର ଆଲୋକ କୁମାର ନାୟକ। ସେମାନଙ୍କଠାରୁ ୨୫କେଜି ଗଞ୍ଜେଇ, ୩ ମୋବାଇଲ ଫୋନ, ଗୋଟିଏ ମୋଟରସାଇକେଲ ଜବତ ହୋଇଛି। କୋର୍ଟରେ ଅଭିଯୁକ୍ତମାନଙ୍କୁ ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ

## ଥାନାରେ ଅଭିଯୋଗ, ବିଭାଗର ଅସ୍ୱୀକାର

କେନ୍ଦୁଝର, ୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆରେ ଜଣେ ୧୨ ବର୍ଷର ୬ଷ୍ଠ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣା ଶନିବାର ଚର୍ଚ୍ଚାର ବିଷୟ ହୋଇଛି। ମାସିକ ଡାକ୍ତରୀ ପରୀକ୍ଷା ବେଳେ ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାକୁ ନେଇ ଥାନାରେ ମାମଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଡାକ୍ତରୀ ପରୀକ୍ଷାରେ ରିପୋର୍ଟ ନେଗେଟିଭ୍ ବାହାରିଥିବା ଜଣାପଡ଼ିବା ପରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଚମ୍ପୁଆସ୍ଥିତ ଏସ୍‌ସି, ଏସ୍‌ଟି ବିଭାଗ ଅଧୀନରେ ଚାଲିଥିବା ଏକ ଆବାସିକ ହାଇସ୍କୁଲରେ ଛାତ୍ରୀ ଜଣକ ପଢୁଛନ୍ତି। ଗତ ଜାନୁଆରୀରେ ମକର ସଂକ୍ରାନ୍ତି ଛୁଟିରେ ଛାତ୍ରୀ ଜଣଙ୍କ ନିଜ ଘରକୁ ଯାଇଥିଲେ। ୨୫ ଫେବୃଆରୀରେ ସ୍କୁଲକୁ ଫେରିଥିବା ବେଳେ ଏଏନ୍‌ଏମ୍ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଛାତ୍ରୀଙ୍କ ସମେତ ଅନ୍ୟ ୨ ଜଣଙ୍କ ମାସିକ ରତୁସ୍ରାବ ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପରେ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଗର୍ଭଧାରଣ ପରୀକ୍ଷା କରାଯାଇଥିଲା। ସେଥିରେ ଜଣଙ୍କ ରିପୋର୍ଟ ପଜିଟିଭ ମିଳିଥିଲା। ଘଟଣା ପରେ ବିଭାଗୀୟ ଅଧିକାରୀମାନେ ସ୍କୁଲ ପରିଦର୍ଶନ କରିଥିଲେ। ଏ ନେଇ ଥାନାରେ ରିପୋର୍ଟ କରିବାକୁ ପ୍ରଧାନ ଶିକ୍ଷକଙ୍କୁ କହିଥିଲେ। ପ୍ରଧାନ ଶିକ୍ଷକ ଚମ୍ପୁଆ ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଥିଲେ। କେନ୍ଦୁଝରରୁ ରିପୋର୍ଟ ପଜିଟିଭ୍ ଆସିବା ପରେ ଉଚ୍ଚ ଅଧିକାରୀଙ୍କ ଆଦେଶକ୍ରମେ ଚମ୍ପୁଆ ପୋଲିସ ଏକ ମାମଲା(ନଂ.୩୯/୨୫) ରୁଜୁକରି ତଦନ୍ତ କରୁଛି। ମାତ୍ର ପୋଲିସ ଛାତ୍ରୀଙ୍କ ପୁଣି ଯୋଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ପରୀକ୍ଷା କରିବା ବେଳେ ରିପୋର୍ଟ ନେଗେଟିଭ ମିଳିଥିଲା। କେନ୍ଦୁଝରରେ ଭୁଲ୍(ପଜିଟିଭ) ରିପୋର୍ଟ ଯୋଗୁ ଘଟଣା ପ୍ରସାରିତ ହୋଇଥିଲା। ଘଟଣାରେ ପ୍ରଧାନ ଶିକ୍ଷକ ମଦନ ମହାନ୍ତ କହିଛନ୍ତି, ପୋଲିସ ତଦନ୍ତ ପରେ ସବୁ କିଛି ଜଣାପଡ଼ିବ। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ କହିଛନ୍ତି, ଏଭଳି ଅଭିଯୋଗର କୌଣସି ସତ୍ୟତା ନାହିଁ। ଚମ୍ପୁଆ ଥାନା ଅଧିକାରିଣୀ ଦେବକୀ ନାୟକ କହିଛନ୍ତି, ଅଭିଯୋଗ ମିଳିବା ପରେ ମାମଲା ରୁଜୁ କରି ତଦନ୍ତ କରାଯାଉଛି। ଡାକ୍ତରୀ ପରୀକ୍ଷାରେ ନେଗେଟିଭ ବାହାରିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ।

ଏଭଳି ସମ୍ବେଦନଶୀଳ ଘଟଣାରେ ପଜିଟିଭ ରିପୋର୍ଟ ବାହାରିବା ଫଳରେ ଥାନାରେ ମାମଲା ଏବଂ ପ୍ରଚାର ହୋଇଥିଲା। କିନ୍ତୁ ପୋଲିସ ତଦନ୍ତ ବେଳେ କରିଥିବା ପରୀକ୍ଷାରେ ନେଗେଟିଭ୍ ବାହାରିଲା। ଜିଲା ମୁଖ୍ୟାଳୟରେ କିଭଳି ପଜିଟିଭ ବାହାରିଲା ତାହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

> ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ଇ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ। –ଶ୍ରୀଅରବିନ୍ଦ

# ଟାର୍ଗେଟରେ ଚାଇନା



ଆକାର ପଟେଲ

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମର ଜେଲେନ୍‌ସ୍କି ହ୍ୱାଇଟ ହାଉସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଛନ୍ତି। ଜେଲେନ୍‌ସ୍କି ସମ୍ଭାବ୍ୟ ବିଶ୍ୱଯୁଦ୍ଧ ବିପଦକୁ ଆହ୍ୱାନ କରୁଛନ୍ତି ବୋଲି ଟମ୍ପ୍ କ୍ରୋଧରେ ତାଙ୍କୁ ଦାୟୀ କରିବାର ଦିନକ ପରେ ସେ ବିଷୟରେ କ'ଣ ବା ଲେଖାଯାଇପାରେ ? ୩ ମାସ ପୂର୍ବରୁ ଅର୍ଥାତ୍ ୨୦୨୪ ନଭେମ୍ବରରେ ଖବର ପ୍ରକାଶ ପାଇଥିଲା ଯେ, ଯୁଦ୍ଧକୁ ବଢ଼ାଇବା ଲାଗି ବାଇଡେନ୍ ପ୍ରଶାସନ ରୁଷିଆର ଆଭ୍ୟନ୍ତରୀଣ ଅଞ୍ଚଳରେ ଆମେରିକା ନିର୍ମିତ ମିଜାଇଲ ଆକ୍ରମଣ କରିବାକୁ ଅନୁମତି ଦେଇଥିଲା। ଏହା ପରେ 'ବାଇଡେନ୍‌ଙ୍କ ମିଶାଇଲ ନିଷ୍ପତ୍ତି ନେଇ ତୃତୀୟ ବିଶ୍ୱଯୁଦ୍ଧ ବିପଦ ସୃଷ୍ଟି କରିବାକୁ ଯାଉଛନ୍ତି' ବୋଲି ରୁଷିଆର ଲ'ମେକର କହିଥିଲେ ଏବଂ ଏ ସଂକ୍ରାନ୍ତରେ ଖବର ରଏଟରରେ ପ୍ରକାଶ ପାଇଥିଲା। ଅକ୍ଟୋବର୨୦୨୪ରେ ପ୍ରକାଶିତ ଖବରରେ ଆମେରିକାର ବୃହତ୍ତମ ବ୍ୟାଙ୍କ ଜେପି ମୋର୍ଗାନର ସିଇଓ ଜାମି ଡିମନ କହିଥିଲେ, ପାଶ୍ଚାତ୍ୟ ଶକ୍ତି ବିପଦରେ ରହିଛି ଏବଂ ଏକ ତୃତୀୟ ବିଶ୍ୱଯୁଦ୍ଧ ହୋଇପାରେ। ଏଣୁ ଶୁକ୍ରବାର ହ୍ୱାଇଟ ହାଉସର ଓଭାଲ ଅଫିସରେ ଯେଉଁ ଘଟଣା ସାମ୍ନାକୁ ଆସିଲା ସେ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବା। ପ୍ରଥମେ ଡୋନାଲ୍ଡ ଟ୍ରମ୍ପ କ'ଣ ଚାହାନ୍ତି ତାହା କହିବା କଷ୍ଟକର, କାରଣ ସେ ଅନେକ ବିଷୟରେ ବହୁତ କିଛି ଅନୌପଚାରିକ ଭାବେ କହୁଛନ୍ତି। ଏହା ଘଟିବାର କାରଣ ହେଉଛି ସେ ଅଜ୍ଞ ଓ ଅପ୍ରତ୍ୟାଶିତ ଭାବେ ପ୍ରତିକ୍ରିୟା ପ୍ରକାଶ କରନ୍ତି ବୋଲି ତାଙ୍କ ସମାଲୋଚକମାନେ କହନ୍ତି। କିନ୍ତୁ ଦୁଇଥର ଆମେରିକା ରାଷ୍ଟ୍ରପତି ନିର୍ବାଚନ ଜିତିଥିବା ଏଭଳି ବ୍ୟକ୍ତିଙ୍କୁ ଏମିତି ବର୍ଗରେ ସ୍ଥାନିତ କରିବା କଷ୍ଟକର। ଆସନ୍ତୁ, ଧରିନେବା ଯେ, ସେ ଯାହା କରୁଛନ୍ତି ତାହା ସେ ଜାଣନ୍ତି। ଯେଉଁ ଦୃଷ୍ଟିକୋଣ ଅଧିକ ସୁସଙ୍ଗତ ସେଥିରୁ ଜଣାପଡୁଛି ଆମେରିକା ରାଷ୍ଟ୍ରପତିଙ୍କ ଟାର୍ଗେଟ ହେଉଛି ଚାଇନା। ସେ ଚାଇନାର ଅଗ୍ରଗତିକୁ ରୋକିବାକୁ ଚାହାନ୍ତି, ଯେମିତିକି ତାହା କ୍ଷମତାରେ ଆମେରିକା ସହ ସମାନ ହୋଇପାରିବ ନାହିଁ। ଡଲାର କେବଳ ଏକମାତ୍ର ବୈଶ୍ୱିକ ମୁଦ୍ରା ହୋଇ ରହୁ ତାହା ମଧ୍ୟ ସେ ଚାହାନ୍ତି।

ଆମେରିକା ସହ ସମାନ ହେବା ଲାଗି ଚାଇନା ଯୋଜନା କରିଛି। ଯଦି ଅତୀତର ଅଭିବୃଦ୍ଧି ହାର ଜାରି ରହେ ତେବେ ଆଗାମୀ ୨ ଦଶନ୍ଧି ମଧ୍ୟରେ ଆମେରିକାର ଅର୍ଥ ବ୍ୟବସ୍ଥାକୁ ଟପିଯିବା ସମ୍ଭାବନା ଅଛି। ଟ୍ରମ୍ପ୍ ତାହା ଘଟୁ ବୋଲି ଚାହାନ୍ତି ନାହିଁ। ତାଙ୍କ ପ୍ରଥମ ପାଳିରେ ଲଗାଯାଇଥିବା ଆମଦାନୀ ଶୁଳ୍କ ଓ ଅନ୍ୟ କଟକଣା ବାଇଡେନ୍‌ଙ୍କ ସମୟରେ ଜାରି ରହିଥିଲା। ଚଳିତ ପାଳିରେ ମଧ୍ୟ ଟ୍ରମ୍ପ୍ ଚାଇନାର ସବୁ ସାମଗ୍ରୀ ଉପରେ ଅଧିକ ୧୦ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇଲେ ଏବଂ ଆଉ ଅଧିକ ୧୦ ପ୍ରତିଶତ ଚଳିତ ସପ୍ତାହରେ କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଛି। ସେ କହିଛନ୍ତି ଯେ, ଏହାକୁ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି କରିପାରନ୍ତି। ଦେଖିବାକୁ ଗଲେ ଚାଇନାରେ ଏହା ଅଧିକ ଅନିଶ୍ଚିତତା ଏବଂ ଅଶାନ୍ତ ସ୍ଥିତି ସୃଷ୍ଟିକରିବ ଏବଂ ଆମେରିକାରେ ମଧ୍ୟ ଏଭଳି ଘଟିବ। କାରଣ ଅଧିକାଂଶ ଶିଳ୍ପ ପରସ୍ପର ସହ ଜଡ଼ିତ। ଅନେକ ଲୋକ ଟ୍ରମ୍ପଙ୍କୁ ଆକ୍ଷେପକରି କହିଛନ୍ତି, ଏଭଳି ନୀତି ଚାଇନା କମ୍ପାନୀଗୁଡ଼ିକର ଯେତିକି କ୍ଷତି ନ କରିବ ତା'ଠାରୁ ଅଧିକ ଆମେରିକୀୟ ଉପଭୋକ୍ତାଙ୍କୁ ପ୍ରଭାବିତ କରିବ। କିନ୍ତୁ ସେ ଏହା ଉପରେ ଚିନ୍ତା କରୁନାହାନ୍ତି କି ଗୁରୁତ୍ୱ ଦେଉନାହାନ୍ତି। ଡଲାର ବଦଳରେ ସ୍ୱତନ୍ତ୍ର ମୁଦ୍ରା ପ୍ରଚଳନକୁ ନେଇ ବ୍ରିକ୍ସକୁ ସେ ସିଧାସଳଖ ଧମକ ଦେବା ମଧ୍ୟ ଚାଇନାକୁ ନିୟନ୍ତ୍ରଣ କରିବାର ଅନ୍ୟ ଏକ ଯୋଜନା। ସେ ୟୁକ୍ରେନ୍ ଓ ମଧ୍ୟପ୍ରାଚ୍ୟରେ ଲାଗିଥିବା ସଂଘର୍ଷକୁ ଶୀଘ୍ର ସମାଧାନ କରିବାକୁ ଚାହୁଁଛନ୍ତି, ଯାହା ଫଳରେ ଚାଇନା ଉପରେ ଅଧିକ ଧ୍ୟାନ ଦିଆଯାଇପାରିବ। ଚାଇନା ହେଉଛି ଆମେରିକାର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ, ରୁଷିଆ କି ଅନ୍ୟ କେହି ନୁହନ୍ତି। ଜାନୁଆରୀରେ ଟ୍ରମ୍ପ୍ ଇସ୍ରାଏଲ ଉପରେ ଚାପ ପକାଇବା ଯୋଗୁ ଏକ ଶାନ୍ତି ବୁଝାମଣା ମାଧ୍ୟମରେ ଗାଜାରେ ୨ ବର୍ଷ ଧରି ଲାଗି ରହିଥିବା ବମ୍ଫିଂ ବନ୍ଦ ହୋଇଥିଲା। ଏବେ ଆମେରିକା ସମର୍ଥନ ବନ୍ଦ କରିବା ପରେ ରୁଷିଆ ଆଗରେ ୟୁକ୍ରେନ୍ ମୁଣ୍ଡ ନୁଆଁଇବ ବୋଲି ଜଣାପଡୁଛି। ଯଦି ଏହି ଦୃଷ୍ଟିକୋଣ ସତ ହୁଏ, ଅର୍ଥାତ୍ ୟୁକ୍ରେନ୍ ଉପରେ ରୁଷିଆର ବିଜୟ ପରେ ଚାଇନା ଉପରେ ଆମେରିକା ଅଧିକ ଧ୍ୟାନ ଦେବ। ଟ୍ରମ୍ପ୍ ସବୁବେଳେ ଚାଇନାଠାରୁ ଆମେରିକାକୁ ଆଗକୁ ନେବାକୁ ଚାହୁଁଛନ୍ତି। ଆମଦାନୀ ଶୁଳ୍କଗୁଡ଼ିକ ବୈଶ୍ୱିକ ମାର୍କେଟରେ ଏକ ପ୍ରକାର ଅବ୍ୟବସ୍ଥା ଓ ଅନିଶ୍ଚିତତା ସୃଷ୍ଟି କରିଛି ଏବଂ ଆମେ ଦେଖୁଛୁ ଯେ, ତାହା ସବୁବେଳେ ଡଲାରକୁ ମଜଭୁତ କରୁଛି। ଏକ ମଜଭୁତ ଡଲାର ହିଁ ଏହାକୁ ମୁକାବିଲା କରିବାର ଏକ ମାତ୍ର ପଦକ୍ଷେପ ହେବ, ଫଳରେ ଆମେରିକା ତା'ର ସାମଗ୍ରୀକୁ ରପ୍ତାନି କରିବା କଷ୍ଟକର ହୋଇପଡ଼ିବ ଏବଂ ଟ୍ରମ୍ପଙ୍କ ଟ୍ରେଡ୍ ଡେଫିସିଟି ହ୍ରାସ ସ୍ୱପ୍ନ ବି ଅଟକିଯିବ। ସମ୍ଭବତଃ ଟ୍ରମ୍ପ୍ ମଧ୍ୟ ଏ ବିଷୟରେ ଚିନ୍ତା କରିଛନ୍ତି କି କରିନାହାନ୍ତି ତାହା ଆମେ ୪ବର୍ଷର ଲମ୍ବା ସମୟରେ ଦେଖିପାରିବା।

ଚାଇନା ଏହା ଉପରେ କିଭଳି ପ୍ରତିକ୍ରିୟା ପ୍ରକାଶ କରିବ ତାହା ହେଉଛି ବଡ଼ ପ୍ରଶ୍ନ। ଚାଇନାରେ ଅଧିକ ବିଜ୍ଞ ଓ କୁଶଳୀ ଲୋକ ଅଛନ୍ତି। ସେମାନେ ଅନ୍ୟ ଦେଶ ତୁଳନାରେ ଐତିହାସିକ ଭାବେ ମାତ୍ର ୪୦ ବର୍ଷ ଭିତରେ ଚାଇନାର ଅର୍ଥ ବ୍ୟବସ୍ଥା ଓ ଶିଳ୍ପକୁ ବହୁ ଆଗକୁ ନେଇପାରିଛନ୍ତି। ଚାଇନା ତାହା ସ୍ଥିତିକୁ ରକ୍ଷା କରିବ ଏବଂ ଏହା ପ୍ରଥମେ ଆମେରିକା ସହିତ ସମାନ ହେବା ପରେ ତାହାକୁ ଟପିଯିବା ପାଇଁ କାମ କରିବ। ଚାଇନାର ମହତ୍ତ୍ୱାକାଂକ୍ଷାଗୁଡ଼ିକୁ ଆମେରିକା ଅଟକାଇପାରିବ ନାହିଁ। ଚାଇନାର ନେତାଙ୍କୁ ହ୍ୱାଇଟ୍ ହାଉସକୁ ଡକାଯାଇପାରିବ ନାହିଁ କି ତାଙ୍କୁ ଧମକାଇ ଅନ୍ୟ ସମ୍ମୁଖରେ ମୁଣ୍ଡ ନୁଆଁଇବା ପାଇଁ ବାଧ୍ୟ କରାଯାଇପାରିବ ନାହିଁ, ଯାହା ଅନ୍ୟ ମିତ୍ରଦେଶ କ୍ଷେତ୍ରରେ କରାଯାଇଛି। ନିକଟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଚାଇନାର ବିକାଶ ଓ ୨୦୨୪ରେ ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ଏହାର ରପ୍ତାନି ଅଭିବୃଦ୍ଧି ଦର୍ଶାଇଛି ଯେ, ଆମଦାନୀ ଶୁଳ୍କ ବୃଦ୍ଧି ହୁଏତ ତା' ଅଭିବୃଦ୍ଧିକୁ ଧିମା କରିପାରେ, କିନ୍ତୁ ଚାଇନାକୁ ଅଟକାଇ ପାରିବ ନାହିଁ। ଆମେରିକା ତା'ର ବୈଶ୍ୱିକ ପ୍ରଭୁତ୍ୱ ଜାରି ରଖିବାରେ ଟ୍ରମ୍ପଙ୍କ ପ୍ରୟାସ ଯଦି ସତ, ତେବେ ୟୁକ୍ରେନ୍ ଯୁଦ୍ଧ ଶେଷ ହେବା ହିଁ ସ୍ପଷ୍ଟ କରିବ ଯେ, ତାଙ୍କ ଓଭାଲ ଅଫିସ ଡେସ୍କ ଗୁରୁତ୍ୱର ସହ କାମ କରୁଛି। ଏହା ପରେ କ'ଣ ଘଟିବ, ବିଶ୍ୱଯୁଦ୍ଧ କିମ୍ବା ଆଉ କିଛି, ତାହା ସମ୍ପୂର୍ଣ୍ଣ ଭାବେ କେହି ଜାଣନ୍ତି ନାହିଁ।

Email:aakar.patel@gmail.com

# ନିଜକୁ ଅଜଣା ରଖୁଥିବା ଲୋକ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜକୁ ଜଣାଇବା ପାଇଁ ଏଠାରେ ଯେମିତି ଅସମ୍ଭବ ଭିଡ଼, ଜଣେ ଅନ୍ୟ ଜଣଙ୍କୁ ପଛରେ ପକାଇ ଆଗକୁ ମାଡ଼ିଯିବା ପାଇଁ ଯେଉଁ ପାଗଳ ପ୍ରତିଯୋଗିତା ; ସେ ସମସ୍ତଙ୍କ ଅଲକ୍ଷ୍ୟରେ ନିଜକୁ ଅଜଣା ରଖୁଥିବା ଲୋକ ଥିବେ ବୋଲି ସହଜରେ ବିଶ୍ୱାସ କରିହୁଏନା। ଶଠତା, ପ୍ରବଞ୍ଚନା ଆଦି ଯାବତୀୟ ଅନାଚାରରେ ନିରନ୍ତର ଘାଣ୍ଟି ହେଉଥିବା ସମାଜ ଅଧୁନା ଯେଉଁ ନୂଆ ବ୍ୟାଧିରେ ସଂକ୍ରମିତ, ତାହା ହେଲା ଆତ୍ମପ୍ରଚାର। ସଭିଏ ନିଜ ନିଜକୁ ବିଦିତ କରିବାକୁ ତତ୍ପର। ନିଜ ଆଦର୍ଶ ଓ ଆଚରଣ ମଧ୍ୟରେ ଯେତେ ଫରକ ଥାଉ ପଛେ, ନିଜ ଦର୍ପଣରେ ଆପଣା ମୁହଁ ଯେତେ ଅସୁନ୍ଦର ଦିଶୁ ବରଂ, ଗଣଦର୍ପଣରେ ନିଜର ଏ ସୁନ୍ଦର ପ୍ରତିଫଳନ ପାଇଁ ସମସ୍ତେ ବ୍ୟଗ୍ର। ଏହି ପ୍ରଚାର ସର୍ବସ୍ୱ ସମାଜରେ ଏମିତି କାଁଭାଁ କେଇଜଣ ଆତଯାତ ହୁଅନ୍ତି, ଯେଉଁମାନେ ଅତ୍ୟନ୍ତ ଅପ୍ରଚାରିତ ଭାବେ ଏମିତି କିଛି କରନ୍ତି, ଯାହା ଅନନ୍ୟ।

ବୟସ ତାଙ୍କର ଅଶୀ ଛୁଇଁବାକୁ ଯାଉଛି। ନିପଟ ମଫସଲର ବାସିନ୍ଦା ସେ। ଶିକ୍ଷା ବୋଇଲେ ଶ୍ରୀଅକ୍ଷର ବିବର୍ଜିତ। ମଧୁ ଅଜା ନାମରେ ବିଦିତ ଏହି ବୃଦ୍ଧଙ୍କ ପାଇଁ ବୃକ୍ଷରୋପଣ ଏକ ଜୀବନକାଳର ସାଧନା। ସକାଳୁ ଉଠି ହାତରେ କୋଦାଳଟିଏ ଧରି ୟା' ବାଡ଼ି, ତା' ବଗିଚାରେ ପଶି ବିଭିନ୍ନ କିସମର ଚାରାଗଛ ସଂଗ୍ରହ କରି ନିଜ ଗାଁକୁ ସଂଯୋଗ କରୁଥିବା ସଡ଼କ ଧାରରେ ନେଇ ରୋପଣ କରନ୍ତି। କେବଳ ଗଛ ଲଗାଇବାରେ ତାଙ୍କ କାର୍ଯ୍ୟ ସରିଯାଏ ନାହିଁ। ଗାଈଗୋରୁଙ୍କଠୁ ଗଛଟିକୁ ରକ୍ଷା କରିବାକୁ ସେ ତା' ଚାରିପଟେ ବାଡ଼ ଦିଅନ୍ତି ଓ ଗଛଟି ଚେର ଭିଡ଼ିବା ଯାଏ ତା' ମୂଳରେ ପାଣି ଦେଇଚାଲନ୍ତି। ସାମାଜିକ ବନୀକରଣ ସଂସ୍ଥା ଦ୍ୱାରା ପରିଚାଳିତ ନର୍ସରୀରୁ ଚାରା ଆଣି ମଧୁ ଅଜା ଏମିତି କେତେ ଗଛ ଠିଆ କରାଇ ସାରିଲେଣି, ତାହାର ହିସାବ ସେ ନିଜେ ମଧ୍ୟ ରଖିନାହାନ୍ତି। ପରିଣତ ବୟସର କ୍ଲାନ୍ତି ନାହିଁ, ନିଜ କାର୍ଯ୍ୟ ପାଇଁ ସାବାସିର ଅପେକ୍ଷା ନାହିଁ! ବାସ୍, କେବଳ ଏକ ସାଧନା, ଯେଉଁ ସାଧନାର ମହନୀୟ ସିଦ୍ଧି ସମ୍ପର୍କରେ ସେ ନିଜେ ମଧ୍ୟ ସଚେତନ ନୁହନ୍ତି!

ବଡ଼ ବିଚିତ୍ର ଏହି ମହାନ୍ ବୃଦ୍ଧଙ୍କର ଜୀବନ ତପସ୍ୟା। ଏକ ବୃକ୍ଷବିହୀନ ପୃଥିବୀର ସମ୍ଭାବ୍ୟ ବିଭୀଷିକା ସମ୍ପର୍କରେ ସେ ଜାଣିଥିବେ ବୋଲି ବିଶ୍ୱାସ ହୁଏନା। ଏ ସମ୍ପର୍କରେ ପ୍ରଚୁର ବିଜ୍ଞତା ହାସଲ କରିଥିବା ଆମ ଭଳି ସଭ୍ୟ, ଶିକ୍ଷିତ, ଆଧୁନିକ ନାଗରିକମାନେ ସହରର ଡ୍ରଇଂରୁମ୍‌ରେ ବସି ସମ୍ବାଦପତ୍ର ପଢୁଥିଲା ବେଳେ ଏକ ଭୟଙ୍କର ଭବିଷ୍ୟତକୁ ଆଖି ଆଗରେ ଦେଖି ଭୟରେ ଶିହରି ଉଠୁ। ସ୍କୁଲ କଲେଜଗୁଡ଼ିକରେ ବୃକ୍ଷରୋପଣର ବର୍ଣ୍ଣାଢ଼୍ୟ ସମାରୋହରେ ବକ୍ତୃତା ଦେଇ ଶ୍ରୋତୃମଣ୍ଡଳୀଙ୍କ ଚେତନାରେ ଚମକ ସୃଷ୍ଟି କରୁ। ଭାଷଣ ପର୍ବ ପରେ ନିଜ ଶ୍ରୀହସ୍ତରେ ଚାରାଟିଏ ରୋପଣ କଲାବେଳେ କ୍ୟାମେରା ଆଡ଼କୁ ଚାହିଁ ମୁହଁରେ ମୃଦୁ ହସ ଖେଳାଉ। ପ୍ରତିବର୍ଷ ଏହି ବୃକ୍ଷରୋପଣ ଋତୁରେ ରୋପଣ ହେଉଥିବା ହଜାର ହଜାର ଚାରା ମଧ୍ୟରୁ ସପ୍ତାହେ ବା ଦୁଇ ସପ୍ତାହ ପରେ କେତୋଟି ବଞ୍ଚିଥାଏ ; ତାହାର ହିସାବ ରଖିବାକୁ ଆମ ପାଖରେ ସମୟ ନ ଥାଏ କି ସ୍ପୃହା ବି ନ ଥାଏ। ଅଥଚ ବଡ଼ ବୋଲାଉଥିବା ଆମ ଭଳି ସମ୍ଭ୍ରାନ୍ତମାନଙ୍କ ପ୍ରଚାରସର୍ବସ୍ୱ ପରିଚୟ ଫିକା ପଡ଼ିଯାଏ ଏହି ଅଶିକ୍ଷିତ ଓ ପ୍ରଚାରବିମୁଖ ଗାଉଁଲି ବୃଦ୍ଧଙ୍କର ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଆଗରେ!



ମଧ୍ୟପ୍ରଦେଶର ଏକ ଦୂରବର୍ତ୍ତୀ ଗାଁର ଝିଅ ଗାୟତ୍ରୀ। ଝିଅମାନଙ୍କ ପାଠପଢ଼ାକୁ ବରଦାସ୍ତ କରାଯାଉ ନ ଥିବା ଏକ ଗାଁରେ ଜନ୍ମ ହୋଇ ବି ଗାୟତ୍ରୀ ବହୁ ପ୍ରତିକୂଳ ପରିସ୍ଥିତିରେ ମାଟ୍ରିକ୍ ପାସ୍ କରି ଯାଇଥିଲେ। ସେ ଶିକ୍ଷିକା ହେବାର ଯୋଗ୍ୟତା ବି ଅର୍ଜନ କରିଥିଲେ। ତାଙ୍କ ଯୋଗ୍ୟତା ପାଇଁ ଯେତେବେଳେ ତାଙ୍କୁ ଶିକ୍ଷକତା କରିବାକୁ ସରକାରୀ ନିଯୁକ୍ତି ମିଳିଲା, ପରିବାର ସହିତ ସମଗ୍ର ଗାଁକୁ ଚମକାଇ ଦେଇ ସେ ଗାଁ ଛାଡ଼ି ବାହାରକୁ ଯିବେ ନାହିଁ ବୋଲି ନିଷ୍ପତ୍ତି ନେଲେ। ତାଙ୍କ ଆଖି ପଡ଼ିଲା ନିଜ ଗାଁ ଝିଅମାନଙ୍କ ଉପରେ ; ଯେଉଁମାନଙ୍କ ପାଇଁ ଥିଲା ବିଦ୍ୟାଳୟର ମାଟି ନ ମାଡ଼ିବା ପାଇଁ ଏକ ଅଲିଖିତ ବାରଣନାମା। ସେମାନଙ୍କୁ ନିଜ ଉଦ୍ୟମରେ ସାକ୍ଷର କରିବାକୁ ସେ ଶପଥ ନେଲେ। ଗାଁର ରୁଢ଼ିବାଦୀ ମୁରବିମାନଙ୍କ ନିର୍ଦ୍ଦେଶ ବିରୋଧରେ ଯାଇ ସେ ସେମାନଙ୍କୁ ପାଠ ପଢ଼ାଇଲେ। ନିଜର ସେଇ ଛୋଟ ମୁଲକଟି ବାହାରେ ସେଯାଏଁ ଅଜଣା ହୋଇ ରହିଥିବା ସେଇ ତରୁଣୀଟିଏକୁ ଦିନେ ଜଗତ ଜାଣିଲା। ଚିହ୍ନିଲା ତାଙ୍କ ଅସୀମ ତ୍ୟାଗକୁ, ନିଜ ମାଟି ପାଇଁ ଥିବା ଅପ୍ରମିତ ମମତ୍ୱବୋଧକୁ।

କଥା ହେଲା ଦିନେ ଅମିତାଭ ବଚ୍ଚନଙ୍କ 'କୌନ ବନେଗା କରୋଡ଼ପତି'ର ସେଇ ହଟ୍ ସିଟ୍‌ରେ ବସିବାର ସୁଯୋଗ ପାଇଲେ ଗାୟତ୍ରୀ। ବାର ଲକ୍ଷ ପଚାଶ ହଜାର ଟଙ୍କାର ଧନ ରାଶି ଅର୍ଜନ କଲା ପରେ ଯେତେବେଳେ ତାଙ୍କୁ ପ୍ରଶ୍ନ କରାଗଲା– ''ଏତେ ବିପୁଳ ଅର୍ଥ ପାଇ ତୁମେ କ'ଣ କରିବ'', ସେତେବେଳେ ସେ ତାହାର ଉତ୍ତରରେ ତାଙ୍କ ମିଶନର ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ, ତହିଁରୁ ଜଣାପଡ଼ିଲା, ଜାତୀୟ ସାକ୍ଷରତା ମିଶନର ବଡ଼ ବଡ଼ ସ୍ଲୋଗାନ ପ୍ରତିଧ୍ୱନିତ ହେଉଥିବା ଆମ ଦେଶରେ ତଥାପି ବଞ୍ଚି ରହିଥିବା ନିରକ୍ଷରତାର ଦୂରୀକରଣ ପାଇଁ ସତେ ଯେମିତି ସ୍ୱୟଂ ସରସ୍ୱତୀ ସେଠାରେ ବିଜେ ହୋଇଛନ୍ତି! ଯୁଗ ଯୁଗର ବାରଣର ବଳୟ ଡେଇଁ ତାଙ୍କ ଗାଁର ନିରକ୍ଷରା କନ୍ୟାମାନଙ୍କୁ ସେ ଯେମିତି ସାକ୍ଷର କରିବାକୁ ଅଣ୍ଟା ଭିଡ଼ିଛନ୍ତି, ତାହା କୋଟି କୋଟି ଟଙ୍କାର ସରକାରୀ ଯୋଜନାଠାରୁ କାହିଁ କେତେ ଉଚ୍ଚରେ। ପ୍ରକୃତରେ ଗାୟତ୍ରୀଙ୍କ ଏହି ପ୍ରାଣମୟ ପ୍ରଚେଷ୍ଟାର ପଟାନ୍ତର ନାହିଁ।

ନିଜକୁଅଜଣା ରଖିଅପରର ସେବା ପାଇଁସମର୍ପିତ ରହୁଥିବା ପରାର୍ଥ ପ୍ରାଣମାନେ ଏ ଜଗତରେ କାଁ ଭାଁ ଆତଯାତ ହୁଅନ୍ତି। ଦୂବଟିଏ ଲଗାଇ ଟିଭି ପରଦାରେ, ଦାରୁ ଲଗାଇଥିବାରୁ ବଡ଼ିମା ବଖାଣୁଥିବା ଲୋକଙ୍କ ଦୁନିଆରେ ଏମାନେ ଜଣେ ଜଣେ ନୀରବ ସାଧକ। ଏମାନେ ନିଜକୁ ପ୍ରଚାରିତ କରିବାଠୁଁ ଏମିତି ଦୂରେଇ ରହିଥା'ନ୍ତି ଯେ ବାମହାତର କାମ ଡାହାଣ ହାତ ବି ଜାଣିପାରେନା। ଏ ସମ୍ପର୍କରେ ଏକ ମାର୍ମିକ କାହାଣୀ।

ରାସ୍ତାକଡ଼ର ବିଜୁଳି ଖୁଣ୍ଟରେ ଲଟକା ଯାଇଥିବା କାଗଜଟିରେ ଲେଖାଯାଇଥିଲା– ''ରାସ୍ତାରେ ଯାଉ ଯାଉ ଏଇଠି କେଉଁଠି ଶହେଟଙ୍କାର ନୋଟ୍‌ଟି ହଜାଇ ଦେଇଛି। ମୁଁ ଜଣେ ଅଭାବି ଲୋକ। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି, କୃପା କରି ଏଇ ଗଳିର ଶେଷମୁଣ୍ଡରେ ଥିବା ମୋ ଘରେ ପହଞ୍ଚାଇ ଦେଲେ କୃତଜ୍ଞ ରହିବି।'' ରାସ୍ତାରେ ଯାଉଥିବା ଜଣେ ଦରଦୀ ପଥଚାରୀଙ୍କ ଦୃଷ୍ଟିରେ ନିବେଦନ ପତ୍ରଟି ପଡ଼ିଲା। ଏକ ବ୍ୟସ୍ତ ଚଲାପଥରେ ନୋଟ୍‌ଟି ତାଙ୍କୁ କାହୁଁ ବା ମିଳନ୍ତା! ତେବେ ସେ କ'ଣ ଭାବିଲେ କେଜାଣି ଉଲ୍ଲିଖିତ ସେଇ ଘରଟି ପାଖରେ ପହଞ୍ଚି ଦୁଆରରେ କରାଘାତ କଲେ। କବାଟ ଖୋଲିଲେ ଜଣେ ସତୁରି ସରିକି ବୃଦ୍ଧା। ଆଗନ୍ତୁକଙ୍କ ହାତରେ ଶହେଟଙ୍କିଆ ନୋଟ୍‌ଟିଏ ଦେଖି ସେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ। କହିଲେ– ''ମୋର କିଛି ବି ଟଙ୍କା ହଜିନାହିଁ ପୁଅ! ବୋଧହୁଏ ମୋ ଅସହାୟ ଅବସ୍ଥା ଦେଖି କେହି ଜଣେ ସେଇ ବିଜୁଳି ଖୁଣ୍ଟରେ କ'ଣ ଲେଖି କାଗଜଟିଏ ଲଟକାଇ ଦେଇଛି ଯେ ଆଜି ସକାଳୁ ଏ ଯାଏ ବାରଜଣ ଲୋକ ଆସି ମୋ ହଜି ନ ଥିବା ଟଙ୍କା ଫେରାଇ ଚାଲିଛନ୍ତି। ମୁଁ ଯେତେ ମନାକଲେ ବି ସେମାନେ ମାନୁନାହାନ୍ତି। ଆଉ ନୁହେଁ ବାବୁ! ଏତେ ଲୋକଙ୍କ କୃପାର ବୋଝ ମୁଁ ଆଉ ସମ୍ଭାଳି ପାରୁନାହିଁ। ଦୟାକରି ଏଠାରୁ ଯାଇ ସେହି କାଗଜଟିକୁ ବିଜୁଳି ଖୁଣ୍ଟରୁ କାଢ଼ି ଫିଙ୍ଗିଦେବ। କେତେଲୋକଙ୍କୁ ମୁଁ ଆଉ କୈଫିୟତ ଦେଇ ଚାଲୁଥିବି!

ଯୁବକ ଜଣକ ଫେରି ଆସିଲେ। ଖୁଣ୍ଟରେ ଲଟକା ହୋଇଥିବା ସେଇ କାଗଜଖଣ୍ଡର ଅଜଣା କର୍ତ୍ତାଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ମୁଣ୍ଡ ନଇଁ ଆସିଲା। ଅସହାୟା ବୃଦ୍ଧାଙ୍କୁ ସାହାଯ୍ୟ କରିବାକୁ ଏମିତି ପ୍ରଚେଷ୍ଟା କରିଥିବା ସେଇ ଅଜଣା ବ୍ୟକ୍ତି ହୁଅନ୍ତୁ ବା ଫଳ ଖାଇବାର ଆଶା ନ ରଖି ଗଛ ଲଗାଇ ଚାଲିଥିବା ମଧୁଅଜା ଅବା ପୁଣି ନିଜ ଗାଁର ଝିଅମାନଙ୍କୁ ସାକ୍ଷର କରିବାକୁ ଶିକ୍ଷୟିତ୍ରୀ ଚାକିରି ଛାଡ଼ିଥିବା ମଧ୍ୟପ୍ରଦେଶର ଗାୟତ୍ରୀ, ସବୁରି ଅଲକ୍ଷ୍ୟରେ ଏମିତି କେଇଜଣ ଅଛନ୍ତି ବୋଲି ତ ବହୁ ବିଘଟନ ସତ୍ତ୍ୱେ ବଞ୍ଚିବାର ପ୍ରେରଣା ମିଳୁଛି, ଏ ସଂସାର ଲାଗୁଛି ତଥାପି ଅପରିବର୍ଜନୀୟ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ:୮୯୫୬୨୪୧୦୫

# ଆହତ ପୃଥିବୀ



ଉମା ଶଙ୍କର ପ୍ରସାଦ

ଆଜକୁ ପ୍ରାୟ ୨୦ ବର୍ଷ ତଳର କଥା। ବିଳମ୍ବିତ ମୌସୁମୀ ଅନେକଙ୍କ ମନରେ ଭୟ, ଆତଙ୍କ ଓ ଆଶଙ୍କାର ପ୍ରାଚୀର ଛିଡ଼ା କରାଇ ଦେଇଥିଲା। ବିଳମ୍ବିତ ମୌସୁମୀ କୃଷକ ସମାଜକୁ ଭାରାକ୍ରାନ୍ତ ଓ ବ୍ୟତିବ୍ୟସ୍ତ କରିବା ବିଭିନ୍ନ ଖବରକାଗଜର ପୃଷ୍ଠା ମଣ୍ଡନ କରିଥିଲା। କିନ୍ତୁ ମୌସୁମୀର ପ୍ରତିକୂଳ ଅବସ୍ଥାର କାରଣ ବିଷୟରେ ଏ ସମାଜ ବୁଝିପାରି ନ ଥିଲା କି ଅଦ୍ୟାବଧି ବୁଝିପାରିନାହିଁ ମଧ୍ୟ। ସମଗ୍ର ବିଶ୍ୱବାସୀ ଆଜି ନିଜ ହାତରେ ଏ ପୃଥିବୀର ଅନ୍ତଟିରି ତାକୁ ଅନ୍ତଃସାର ଶୂନ୍ୟ କରି ପକାଉଛନ୍ତି। ଏ ରୁଗ୍ଣ ମାନସିକତା କାହିଁକି? ପରିବେଶକୁ ଅହରହ ବିନାଶ କରିଚାଲିଛୁ ଏବଂ ତା'ର ଭୟାବହ ପରିଣତି ବିଷୟରେ ଆମେ ଅଜ୍ଞ ହୋଇ ରହିଛୁ। ପରିବେଶକୁ ଆମେ ପ୍ରତ୍ୟହ ପ୍ରଦୂଷଣ କରିବାରେ ବ୍ୟସ୍ତ। ଆମେ ବାବୁମାନେ ନିତିଦିନ ବଜାରକୁ ନିଜର ନିତ୍ୟ ବ୍ୟବହାର ଜିନିଷ ଆଣିବା ପାଇଁ ଶୂନ୍ୟ ହସ୍ତରେ ଯାଉ ଏବଂ ଦୋକାନୀଠାରୁ ପଲିଥିନ କ୍ୟାରି ବ୍ୟାଗ୍‌ରେ ଜିନିଷପତ୍ର ଆଣି ଯେଉଁଠି ମନ ସେଇଠି ଫିଙ୍ଗି ଦେଇଥାଉ। ସାମାନ୍ୟ ବ୍ୟାଗ୍‌ଟିଏ ଘରୁ ନେଇ ଯିବା ପାଇଁ ଭୁଲିଯାଇଥାଉ। ଜରି ଗୋଟାଳି ଏହି ପରିତ୍ୟକ୍ତ ପ୍ଲାଷ୍ଟିକକୁ କବାଡି ମୂଲ୍ୟରେ ବିକ୍ରୟ କରିଥାଏ। ପଲିଥିନ ଶିଳ୍ପ ପୁନଃପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ କରୁଥିବା ପଲିଥିନ ବାୟୁ ଓ ଜଳକୁ କେତେ ପ୍ରଦୂଷିତ କରେ ତାହା ଆମେ ଜାଣୁନୁ। ଯେତେବେଳେ ଏହା ବଜାରରେ ବହୁଳ ଭାବରେ ବ୍ୟବହୃତ ହୁଏ ସେତେବେଳେ ମାଟି ପ୍ରଦୂଷିତ ହେବାର ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଗୋଟିଏ ଆଧୁନିକ ପରିବାର ବର୍ଷକ ମଧ୍ୟରେ ଯେତେ ପଲିଥିନ ବ୍ୟବହାର କରି ଫୋପାଡି ଦେଇଥାଏ ତାହା ଏକ ଏକର ଜମିର ଫସଲ ନଷ୍ଟ କରିବା ସହ ଚିରଦିନ ପାଇଁ ମାଟିର ଉର୍ବରତା ନଷ୍ଟ କରି ଦେଇଥାଏ। ଏହି ପଲିଥିନଗୁଡିକ ମାଟିର ଅଭ୍ୟନ୍ତରକୁ ଯାଇ ବୃଷ୍ଟି ଜଳକୁ ଭୂଗର୍ଭକୁ ଛାଡିବାରେ ବାଧାସୃଷ୍ଟି କରିଥାଏ। ଏଗୁଡ଼ିକୁ ମାଟିରେ ଥିବା ବ୍ୟାକ୍ଟେରିଆମାନେ ବର୍ଷ ବର୍ଷ ଧରି ନଷ୍ଟ କରି ପାରନ୍ତିନି। ଓଡ଼ିଶା ସରକାର ଆଇନ ପ୍ରଣୟନ କରି ପଲିଥିନ ବ୍ୟବହାର ବନ୍ଦ କରିବା ସହ କୋଡିଏ ମାଇକ୍ରୋଥିନ୍‌ର କ୍ୟାରିବ୍ୟାଗ ପ୍ରଚଳନ ପାଇଁ ଅନୁମତି ଦେଲେ। କିନ୍ତୁ ଆଇନ ନାଳିଫିତା ତଳେ ରହିଲା ଓ ପୂର୍ବପରି ପଲିଥିନ ବିକ୍ରି ଚାଲିଲା। ଆଜିର ଆଧୁନିକ ଯୁଗରେ ପ୍ୟାକେଟ୍ ଖାଦ୍ୟକୁ ବେଶି ଶୁଦ୍ଧ ଓ ସଭ୍ୟତାର ନିଦର୍ଶନ ବୋଲି ଧରାଯାଏ। ସେହି କ୍ରମରେ ଆମେ ବ୍ୟବହାର କରୁଥିବା ପାଉଚ ପାଣି ଓ ପାଣି ବୋତଲ କେତେଦୂର ପ୍ରଦୂଷଣ ମୁକ୍ତ ତାହା ସମସ୍ତେ ଜାଣୁ। ସେହିପରି ଖାଦ୍ୟ–ବସ୍ତ୍ର ଇତ୍ୟାଦିକୁ ପ୍ୟାକ କରିବା ପାଇଁ ଯେତେ ପଲିଥିନ ବ୍ୟବହୃତ ହୁଏ ତାହା ମଧ୍ୟ ମୁଣ୍ଡବ୍ୟଥାର କାରଣ। ସିକିମ ସରକାର ଅନେକ ଦିନ ହେଲା ଏହି ପଲିଥିନ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି ଏବଂ ଜନସାଧାରଣଙ୍କ ଅବଗତି ନିମନ୍ତେ ସର୍ବସାଧାରଣ ସ୍ଥାନରେ ବିଜ୍ଞାପନ କରିଛନ୍ତି। କିନ୍ତୁ ଓଡ଼ିଶା ସରକାର ବହୁ ପଛରେ। ବର୍ତ୍ତମାନ ଆମ ସରକାରଙ୍କ ପୌର ପ୍ରଶାସନ ପକ୍ଷରୁ ପ୍ରତିଦିନ ସକାଳୁ



ଆବର୍ଜନା ସଂଗ୍ରହ କରାଯାଇଥାଏ। ଏହି ଆବର୍ଜନାର ପୁନଃ ନିୟୋଜନ ପାଇଁ ବୈଜ୍ଞାନିକମାନଙ୍କ ଦ୍ୱାରା ଅନେକ ଚେଷ୍ଟା ଚାଲିଛି। ଆବର୍ଜନାକୁ ମିଶାଇ ବେଙ୍ଗାଲୁରୁରେ ଏକ ଅତ୍ୟାଧୁନିକ ରାସ୍ତା ନିର୍ମାଣ କରାଯାଇଛି। ଅପରପକ୍ଷରେ ପଲିଥିନ୍ ବ୍ୟାଗ ବ୍ୟବହାର ଯୋଗୁ ଝୋଟ ଭଳି ଏକ ଶିଳ୍ପର ଭବିଷ୍ୟତ ଆଜି ଅନ୍ଧାରରେ। ସମଗ୍ର ଭାରତବର୍ଷରେ ଝୋଟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଷଷ୍ଠରେ ଅଛି। ଦେଶରେ ଥିବା ୭୮ଟି ଝୋଟ ଶିଳ୍ପରେ ପ୍ରାୟ ୩.୭୦ ଲକ୍ଷ ଲୋକ ପ୍ରତ୍ୟକ୍ଷ ଭାବେ ଓ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପରୋକ୍ଷ ଭାବରେ ନିର୍ଭରଶୀଳ। ଏକଦା କାଗଜଠୁଙ୍ଗା ତିଆରି କରି ନିଜ ଗୁଜୁରାଣ ମେଣ୍ଟାଉଥିବା ବହୁ ପରିବାର ବର୍ତ୍ତମାନ ନିଃସ୍ୱ ଓ ହତାଶ।

ଆହତ ପୃଥିବୀକୁ ବଞ୍ଚାଇବାକୁ ହେଲେ ଆମକୁ ବହୁଳ ବୃକ୍ଷରୋପଣ ଓ ସଂରକ୍ଷଣ ନିତାନ୍ତ ଜରୁରୀ। ଏହା ପ୍ରାଣୀଜଗତର ଜୀବନଯାପନ ପ୍ରଣାଳୀକୁ ସନ୍ତୁଳନ ଅବସ୍ଥାରେ ରଖିବା ପାଇଁ ସମ୍ପୂର୍ଣ୍ଣ ସହାୟକ ହୋଇଥାଏ। ହେଲେ ଏବେ ଅବାଧ ବୃକ୍ଷ କଟା ଚାଲୁଛି, ରାସ୍ତା ପ୍ରଶସ୍ତୀକରଣ ହେଉଛି। କିନ୍ତୁ ସେହି ଅନୁସାରେ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ବୃକ୍ଷରୋପଣ ହେଉନାହିଁ କାହିଁକି? ସ୍ମରଣଯୋଗ୍ୟ ଯେ ୧୯୯୯ ମହାବାତ୍ୟାରେ ଭୁବନେଶ୍ୱରରେ ଅନେକ ହଜାର ଗଛ ଭାଙ୍ଗି ପଡିଥିଲା। ବାତ୍ୟାମୁହଁରୁ ଯାହା କିଛି ବର, ଓସ୍ତ, ନିମ୍ବ ଏବଂ ଜାମୁକୋଳି ଗଛ ବର୍ତ୍ତି ଯାଇଥିଲା ତାହା ବର୍ତ୍ତମାନ କଟା ସରିଲାଣି। ବିଭିନ୍ନ ସଂସ୍ଥା ବୃକ୍ଷରୋପଣ କାର୍ଯ୍ୟକ୍ରମ କରୁଛନ୍ତି ନିଜର ଫଟୋଉଠାଇ ପେପରରେ ବାହାର କରିଦେଲେ ତାଙ୍କ କାମ ଶେଷ, କିନ୍ତୁ ଲଗାଇଥିବା ବୃକ୍ଷ ବଞ୍ଚିଲା କି ମଲା ସେ ଚିନ୍ତା ସେମାନଙ୍କର ନ ଥାଏ! କେବଳ ଭୁବନେଶ୍ୱର ପାଇଁ ୨୫ ଲକ୍ଷ ବୃକ୍ଷର ଚାହିଦା ରହିଛି। ତେଣୁ ହେକ୍ଟର ପିଛା ୧୫୦ଟି ଚାରା ରୋପଣ କଲେ ଏହା ଠିକ୍ ଆସିବ। ଏବେ ୨୦ ଲକ୍ଷ ହେକ୍ଟର ଉଜୁଡା ଜଙ୍ଗଲର ପୁନରୁଦ୍ଧାର ପାଇଁ ପ୍ରୟାସ ଜାରି ରହିବା ସହ ଜଙ୍ଗଲରେ ନିଆଁ ରୋକିବାକୁ ଏସ୍‌ଡିପି ପ୍ରସ୍ତୁତ ରହିବ ବୋଲି ସରକାରୀ ନିଷ୍ପତ୍ତି ହୋଇଛି।

ସମୁଦ୍ର କୂଳରେ ଯେଉଁ ଘଞ୍ଚ ଜଙ୍ଗଲ ଥିଲା ତାହାର ଆକାରରେ ଏବେ ହ୍ରାସ ଘଟିଲାଣି। ଏହି ଲୁଣା ଜଙ୍ଗଲ ପ୍ରାଚୀର ସଦୃଶ ହୋଇଥିବାରୁ ଝଡ ବାତ୍ୟାକୁ ପ୍ରତିରୋଧ କରିବାରେ ସକ୍ଷମ ହେବା ସହ ଗ୍ରୀଷ୍ମ ଋତୁର ତାପମାତ୍ରାକୁ ଶୋଷି ନେବାରେ ସାହାଯ୍ୟ କରିଥାଏ। ଭାରତର ସମୁଦାୟ ଭୂଇଁର ୩୫ ପ୍ରତିଶତ ଭୀଷଣ ଭାବରେ ପରିବେଷ ପ୍ରଦୂଷଣର ଶିକାର। ଏକ ଆକଳନ କହେ ପ୍ରାୟ ସମୁଦାୟ କ୍ଷେତ୍ରର ୧୧ ପ୍ରତିଶତ ଭୂଇଁ ବୃକ୍ଷ ଛାଇ ତଳେ ରହିଛି। ଭାରତ ହେଉଛି ଉଷ୍ଣ ବାୟୁମଣ୍ଡଳର ଦେଶ। ଦିନ ଥିଲା ଏହି ଉପମହାଦେଶ ମଧ୍ୟରେ ଘଞ୍ଚ ଜଙ୍ଗଲ ଭରି ରହିଥିଲା। ଲମ୍ବା ଲମ୍ବା ସୁନ୍ଦର ବୃକ୍ଷଲତାରେ ଦେଶର କଳେବର ଢାଙ୍କିହୋଇ ଆଖିକୁ ସୌନ୍ଦର୍ଯ୍ୟର ମୋହରେ ବଶୀଭୂତ କରି ପକାଉଥିଲା। ଆଜି ଜଙ୍ଗଲର ବିନାଶ ଫଳରେ ପୃଥିବୀର ଜଳବାୟୁ ବଦଳି ଯାଇଛି। ପୃଥିବୀର ପ୍ରତ୍ୟେକ ରାଷ୍ଟ୍ର ଏଥିପ୍ରତି ସଜାଗ ଦୃଷ୍ଟିଦେଇ ପରିବେଶ ପ୍ରଦୂଷଣ ଆୟତ୍ତ କରିବା ପାଇଁ ଆଗଭର ହେବା ସହ ଏହି ଶସ୍ୟଶାମଳା ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଇବା ସମସ୍ତଙ୍କର ପରମ କର୍ତ୍ତବ୍ୟ ହେବା ଦରକାର।

ଖୋର୍ଦ୍ଧା, ମୋ:୬୩୭୦୬ ୭୫୫୬୨

## ଏଇ ଭାରତରେ

କୁକୁଡ଼ା ମରାଯାଉଥିବା ଦୋକାନଗୁଡ଼ିକରୁ ବାହାରୁଥିବା ପର ଓ ବର୍ଜ୍ୟରୁ ଉଲ୍ ଭଳି ସୂତା ପ୍ରସ୍ତୁତ କରୁଛନ୍ତି ରାଜସ୍ଥାନର ରାଧେଶ ଅଗରହାରି। କେବଳ ଏତିକି ନୁହେଁ, ରାଧେଶ ଏହି ବର୍ଜ୍ୟରୁ କାଗଜ ପ୍ରସ୍ତୁତ କରୁଛନ୍ତି। 'ଗୋଲ୍ଡେନ ଫିଦର' ଷ୍ଟାର୍ଟଅପ ମାଧ୍ୟମରେ ସେ ଏହା କରୁଛନ୍ତି ଏବଂ ଏବେ ସୁଦ୍ଧା ସେ ୭୩ ଲକ୍ଷ କେଜି ଚିକେନ ବର୍ଜ୍ୟ କାମରେ ଲଗାଇ ସାରିଲେଣି। ଏହାଦ୍ୱାରା ମୁଖ୍ୟତଃ ନଦୀ ଜଳ ପ୍ରଦୂଷଣ ରୋକାଯାଇପାରୁଛି ବୋଲି କହନ୍ତି ରାଧେଶ। ଏହି କାର୍ଯ୍ୟରେ ସଫଳତା ପାଇବା ଲାଗି ତାଙ୍କୁ ୧୩ ବର୍ଷ ଲାଗିଯାଇଛି। ଚିକେନ ବର୍ଜ୍ୟରୁ ପ୍ରସ୍ତୁତ ସୂତାରୁ ଶାଲ୍, ଷ୍ଟଲ, କୁଇଲ୍ଟ ଆଦି ତିଆରି କରାଯାଉଛି। ଏହା ସହ କାଗଜରେ ଡାଏରି କରାଯାଉଛି। ବର୍ଜ୍ୟରୁ ମଧ୍ୟ ଖତ ଓ ମାଛ ଖାଦ୍ୟ ପ୍ରସ୍ତୁତ ହେଉଛି। ରାଧେଶ ଟେକ୍ସଟାଇଲ ଡିଜାଇନରେ ନର୍ଦର୍ନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜିରୁ ଡିଗ୍ରୀ ହାସଲ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରାଫ୍ଟ, ଜୟପୁରରୁ ଶିକ୍ଷା ଲାଭ କରିଛନ୍ତି। ସେ ରାଜସ୍ଥାନର ୧୨୦୦ ଆଦିବାସୀ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଜୟପୁର ଓ ପୁଣେରେ କମ୍ପାନୀ ପ୍ରତିଷ୍ଠା କରି ଉତ୍ପାଦନ ଆରମ୍ଭ କରିଛନ୍ତି ଓ ବାର୍ଷିକ ୧.୫ କୋଟି ଟଙ୍କା ରୋଜଗାର କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୭୬

- ତୈଳ ଓ ପ୍ରାକୃତିକ ବାଷ୍ପ କମିଶନକୁ ତେଲ ଅନୁସନ୍ଧାନ କାର୍ଯ୍ୟରେ ସହାୟତା କରିବା ଲାଗି ହିନ୍ଦୁସ୍ତାନ ଜାହାଜ ନିର୍ମାଣ କାରଖାନା ପକ୍ଷରୁ ଏକ ଯୋଗାଣ ଜାହାଜ 'ସାଗରିକା' ଦିଆଯାଇଛି।
- ଚିକିଟିରୁ ବ୍ରହ୍ମପୁର ଯାଉଥିବା ଏକ ସରକାରୀ ବସ୍ ଗୁରୁତରଭାବେ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ଚିକିଟି ଅଞ୍ଚଳର ପ୍ରବୀଣ ଜନନେତା, ବ୍ୟବସ୍ଥାପକ ଓ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଦିବାକର ପଟ୍ଟନାୟକଙ୍କ ମୃତ୍ୟୁ।

## ଚିରନ୍ତନୀ

ଚେତନ ହେଲାଣି କେତେ ଜଡ଼
କେତେ ଜୁଇ ହୁଏ କୁଆଁ ରବ!
ଆଲୋକ–ଛାୟାର କେତେ ଛବି
ପଥେ ଆସି ଯାଏ ପୁଣି ଦ୍ରବି
ରଚି ସୁଖ ଦୁଃଖ ନବ ନବ
କେତେ ଜୁଇ ହୁଏ କୁଆଁ ରବ।
(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 5 | | 7 |
| 9 | | | 3 | | | | 8 | |
| 6 | 1 | | | 4 | | | | |
| | | | | 7 | | 9 | | |
| | | | 4 | | 5 | | | |
| | 7 | 5 | 8 | 6 | | | | 4 |
| | | | | 3 | | | 4 | |
| | 9 | | | | | 3 | 7 | |
| | | | | 8 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 9 | 7 | 8 | 5 | 1 | 4 | 3 |
| 7 | 3 | 8 | 1 | 9 | 4 | 6 | 2 | 5 |
| 1 | 4 | 5 | 2 | 3 | 6 | 7 | 8 | 9 |
| 8 | 2 | 3 | 6 | 4 | 9 | 5 | 1 | 7 |
| 9 | 5 | 1 | 8 | 7 | 3 | 4 | 6 | 2 |
| 6 | 7 | 4 | 5 | 1 | 2 | 9 | 3 | 8 |
| 4 | 9 | 6 | 3 | 2 | 7 | 8 | 5 | 1 |
| 3 | 1 | 7 | 4 | 5 | 8 | 2 | 9 | 6 |
| 5 | 8 | 2 | 9 | 6 | 1 | 3 | 7 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜୀବିକା ଓ ସବୁଜ ପରିବେଶ

ମହାଶୟ,

ଆମ ରାଜ୍ୟରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ ଅଟୋରିକ୍ସା ଚଲାଇ ସେମାନଙ୍କ ଜୀବିକା ନିର୍ବାହ କରନ୍ତି। ଜୀବାଶ୍ମ ଇନ୍ଧନ ଦ୍ୱାରା ଚାଳିତ ଅଟୋଚାଳକ/ ମାଲିକ ପ୍ରଦୂଷଣ ସମସ୍ୟାକୁ ନେଇ ସେମାନେ ଭୟରେ ରହିଥାନ୍ତି। ନିୟମ ଅନୁଯାୟୀ, ୧୫ ବର୍ଷରୁ ଉର୍ଦ୍ଧ୍ୱ ଯାନଗୁଡ଼ିକୁ ଫିଟ୍‌ନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ, ନଚେତ୍ ଯାନଗୁଡ଼ିକୁ ବାତିଲ କରିଦିଆଯାଏ। ଧନ ଅଭାବରୁ ଏବଂ ଋଣର ଉଚ୍ଚ ସୁଧ ହାର ଯୋଗୁ ଅଟୋରିକ୍ସା ମାଲିକମାନେ ବ୍ୟାଟେରିଚାଳିତ ଅଟୋ କ୍ରୟ କରିପାରନ୍ତି ନାହିଁ। ଏହି ପରିପ୍ରେକ୍ଷୀରେ, କର୍ତ୍ତୃପକ୍ଷ ସରକାରୀ କର୍ମଚାରୀଙ୍କ ପରି ପଞ୍ଜିକୃତ ଅଟୋରିକ୍ସା ମାଲିକଙ୍କୁ ଏକ ଇଲେକ୍ଟ୍ରିକ ଯାନ (ଇଭି) ମୂଲ୍ୟର ୭୫ ପ୍ରତିଶତ ପର୍ଯ୍ୟନ୍ତ ସୁଧମୁକ୍ତ ଋଣର ବ୍ୟବସ୍ଥା ଅଥବା ସେହିଭଳି କିଛି ସୁବିଧାର ବ୍ୟବସ୍ଥା କରିପାରିଲେ ବହୁତ ଗରିବ ଅଟୋଚାଳକ/ମାଲିକ ଉପକୃତ ହୁଅନ୍ତେ। ଏହା ଯାନବାହନ ପ୍ରଦୂଷଣକୁ ମଧ୍ୟ ହ୍ରାସ କରିବାରେ ସହାୟକ ହୁଅନ୍ତା।

– ନବନୀତ ପାଣିଗ୍ରାହୀ, ରାୟଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ନବ ନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା

**ସୋନପୁର,୧।୩(ମୃତ୍ୟୁଞ୍ଜୟ ଶତପଥୀ):** ନବନିର୍ମାଣ କୃଷକ ସଙ୍ଗଠନ ସୁବର୍ଣ୍ଣପୁରର ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଶନିବାର ସାକ୍ଷାତ୍ କରିଥିଲେ। ଧାନ ମଣ୍ଡି ବ୍ୟବସ୍ଥାରେ ସୁଧାର ଉପରେ ସରକାରଙ୍କ ପ୍ରତିଶ୍ରୁତି ନେଇ ଆଲୋଚନା ହୋଇଥଲା। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦୀର୍ଘ ୧୫ ଦିନ ହେବ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅନଶନରେ ବସିଛନ୍ତି। ୮ ଦିନ ପୂର୍ବରୁ ସେ ୮ ଦଫା ଦାବି ସମ୍ବଳିତ ଏକ ଖୋଲା ଚିଠି ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଆଲୋଚନା ପାଇଁ ସରକାରଙ୍କୁ ୮ ଦିନ ସମୟ ଦେଇଥିଲେ। ଏଯାଏ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କର କୌଣସି ମନ୍ତ୍ରୀ ଆଲୋଚନ ପାଇଁ ଆସିନାହାନ୍ତି। ଏଣୁ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନବନିର୍ମାଣ କୃଷକ ସଙ୍ଗଠନ ସୁବର୍ଣ୍ଣପୁର ଜିଲା ଶାଖାର ସଦସ୍ୟମାନେ ଶୀଘ୍ର କୁମାରଙ୍କ ସହ ଆଲୋଚନା ନ ହେଲେ ଜିଲାବ୍ୟାପି ସତ୍ୟାଗ୍ରହ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନର ସୁବର୍ଣ୍ଣପୁର ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ୀ କହିଛନ୍ତି। ଚାଷ ଓ ଚାଷୀ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ନୂଆ ସରକାର ଯତ୍ନଶୀଳ ହୁଅନ୍ତୁ ବୋଲି ସଙ୍ଗଠନର ରାଜ୍ୟ ଉପଦେଷ୍ଟା ରାଜେନ୍ଦ୍ର ପ୍ରସାଦ ମିଶ୍ର କହିଛନ୍ତି। ଏହା ସହ ବିଗତ ଦିନରେ ଚାଷୀ ନେତ୍ରୀ ସୋନାଲି ବିଶିଙ୍କୁ ରୋଟି ସେକ କହି ଅସମ୍ମାନିତ କରିଥିବା ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ଜିଲାରୁ ବଦଳି କରିବା ପାଇଁ ସଙ୍ଗଠନ ଦାବି କରିଛି।

### ବଳାତ୍କାର ଅଭିଯୁକ୍ତ କୋର୍ଟ ଚାଲାଣ
#### ନ୍ୟାୟ ନ ମିଳିଲେ ପୀଡିତାଙ୍କ ଆତ୍ମାହୁତି ଚେତାବନୀ

**ଲାଞ୍ଜିଗଡ଼,୧।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅଞ୍ଚଳର ଜଣେ ୧୮ବର୍ଷିୟ ବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ବିଜେପୁର ଗ୍ରାମର ଶିବ ନାଏକ (୫୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ବାଳିକା ଜଣକ ଶୁକ୍ରବାର ସକାଳେ ଦୋକାନକୁ ସୌଦା ଆଣିବା ପାଇଁ ଯାଉଥିବା ବେଳେ ଶିବ ତାଙ୍କ ମୁହଁକୁ ଚାପିଧରି ନିକଟସ୍ଥ ଏକ ଭଙ୍ଗା ଘରକୁ ନେଇ ବଳାତ୍କାର କରିଥିଲେ। ଏ ନେଇ ପୀଡିତା ଶନିବାର ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଟିମ୍ ଗାଁକୁ ଯାଇ ଅଭିଯୁକ୍ତ ଶିବଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ପୀଡିତାଙ୍କ ଗତ ମାସରେ ନିର୍ବନ୍ଧ ହୋଇଥିବାରୁ ସେ ଅଞ୍ଚଳରେ ମୁଣ୍ଡ ଟେକି ଚାଲିବା କଷ୍ଟକର ହୋଇପଡିଛି। ଏଣୁ ତାଙ୍କୁ ନ୍ୟାୟ ନ ମିଳିଲେ ସେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଜେପୁର ଥାନାରେ ଏକ ମାମଲା (ନଂ.୭/୨୫) ରୁଜୁ କରାଯାଇ ଅଭିଯୁକ୍ତ ଶିବଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ବିଶ୍ୱମ୍ଭର କହଁର ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ମୃତ ବିଏସ୍ଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**କୋକସରା,୧।୩ (ଦୁଷ୍ମନ୍ତ କୁମାର ପାଢୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ଜୟ ନାରାୟଣ ଶବରଙ୍କ ମଝିଆ ପୁଅ ରଶ୍ମି ରଞ୍ଜନ ଶବର (୪୫) ଶୁକ୍ରବାର ରାତିରେ ନୂଆପଡ଼ାଠାରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରଶ୍ମି ୨୦୦୬ରେ ଭାରତୀୟ ସେନା ବିଏସ୍ଏଫ୍‌ରେ ସିପାହୀ ଭାବେ ରାଜସ୍ଥାନ ବାଟାଲିୟନରେ କାର୍ଯ୍ୟରତ ଥିଲେ। ତାଙ୍କ ପତ୍ନୀ ପଞ୍ଚମୀ ଶବର ମଧ ନୂଆପଡା ପୋଲିସରେ କାର୍ଯ୍ୟରତ ଅଛନ୍ତି। ରଶ୍ମି କିଛିଦିନ ତଳେ ଛୁଟିରେ ନିଜ ପରିବାର ରହୁଥିବା ନୂଆପଡା ଆସିଥିଲେ। ଶୁକ୍ରବାର ରାତିରେ ସେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଶନିବାର ସନ୍ଧ୍ୟାରେ ତାଙ୍କ ପାର୍ଥିବ ଶରୀର ପୈତୃକ ଗାଁ କୋକସରାରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋରାପୁଟରେ ନିୟୋଜିତ ଥିବା ବିଏସ୍ଏଫ୍ ଅଧିକାରୀମାନେ ପହଞ୍ଚି ତାଙ୍କ ମୃତ ଶରୀରକୁ ଗାର୍ଡ ଅଫ ଅନର ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ଅନ୍ତିମ ସଂସ୍କାର ଗାଁ ମଶାଣିରେ ସମ୍ପନ୍ନ ହୋଇଥିଲା।

# ଶ୍ରେଣୀରେ ଆଖି ଲାଗିଯିବାରୁ ଛାତ୍ରୀଙ୍କୁ ମାଡ଼ ମାରିଲେ ଶିକ୍ଷକ

**ଲୋଇସିଂହା,୧।୩(ସୁଶାନ୍ତ ବାରିକ)**


ଅଭିଭାବକଙ୍କ ସହ ପୀଡ଼ିତା।

ଦେହ ଅସୁସ୍ଥ ଥିବାରୁ ପାଠପଢ଼ା ବେଳେ ଶ୍ରେଣୀ କକ୍ଷରେ ଛାତ୍ରୀଙ୍କ ଆଖି ଲାଗିଯାଇଥିଲା। ଏହା ଦେଖି ଶ୍ରେଣୀ ଶିକ୍ଷକ ଛାତ୍ରୀଙ୍କୁ ବାଡ଼ିରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ସଦର ମହକୁମା ଲୋଇସିଂହା ଉଚ୍ଚ ବିଦ୍ୟାଳୟରେ ଘଟିଛି। ପୀଡ଼ିତା ଛାତ୍ରୀ ଜଣକ ହେଲେ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଚୁମ୍କି ନନ୍ଦ। ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିଲେ ବି ଶିକ୍ଷକ ତାଙ୍କୁ ମାଡ଼ ମାରିବା ଘଟଣା ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅଭିଯୋଗରୁ ପ୍ରକାଶ, ଲୋଇସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିଛି କସ୍ତୁରବା ଗାନ୍ଧୀ ବାଳିକା ସେବାଶ୍ରମ। ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ସରଗାଡ଼ ପଞ୍ଚାୟତ ସିଂହାଣିମୁଣ୍ଡା ଗ୍ରାମର ପିଙ୍କି ନନ୍ଦ ଓ ବାପା ନୀଳ ନନ୍ଦଙ୍କ ଝିଅ ଚୁମ୍କି ଗତ ୨ବର୍ଷ ହେବ ଉକ୍ତ ସେବାଶ୍ରମରେ ରହି ପାଠପଢୁଛନ୍ତି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାରୁ ଶନିବାର ସକାଳ ବେଳା ପାଠପଢ଼ା ଆରମ୍ଭ ହୋଇଥିଲା। ତେବେ ଶ୍ରେଣୀରେ ବସିଥିବା ବେଳେ ଚୁମ୍କି ଅସୁସ୍ଥ ଅନୁଭବ କରୁଥିଲେ। ଏପରି କି ପାଠ ପଢ଼ାଯିବା ସମୟରେ କୁଆଡ଼େ ତାଙ୍କ ଆଖି ଲାଗିଯାଇଥିଲା। ଏହା ଦେଖି ସମ୍ପୃକ୍ତ ଶିକ୍ଷକ ଜଣକ ଛାତ୍ରୀଙ୍କ ପାଖକୁ ଆସି କୌଣସି ତାଗିଦ ନ କରି ବାଡ଼ିରେ ମାଡ଼ ମାରିଥିଲେ। ଏହି ସମୟରେ ଛାତ୍ରୀ ଜଣକ ଅସୁସ୍ଥ ଅନୁଭବ କରୁଥିବାରୁ ଆଖି ପଡ଼ିଯାଇଥିବା କହିଥିଲେ। ଏହା ସତ୍ତ୍ୱେ ତାଙ୍କୁ ମାଡ଼ ମାରିବାକୁ ଶିକ୍ଷକ ପଛାଇ ନ ଥିଲେ। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷକ ଜଣକ କ୍ଲାସ୍‌ରୁ ଚାଲିଗଲା ପରେ ବି ପୁଣି ଫେରି ମାଡ଼ ମାରିଥିଲେ। ମାଡ଼ ଯୋଗୁ ପୀଡ଼ିତା ଛାତ୍ରୀ ଯନ୍ତ୍ରଣା ସହ୍ୟ କରି ନ ପାରି ଫୋନ୍ ଯୋଗେ ପରିବାରବର୍ଗଙ୍କୁ ଜଣାଇଥିଲେ। ଖବର ପାଇ ପୀଡ଼ିତାଙ୍କ ମା' ବାପା ଓ ସମ୍ପର୍କୀୟ ସ୍କୁଲକୁ ଆସିଥିଲେ। ଝିଅକୁ ଘଟଣା ସଂକ୍ରାନ୍ତରେ ପଚାରି ବୁଝିବା ସହିତ ତା' ବାହୁରେ ମାଡ଼ ଦାଗ ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରି କି ମାଡ଼ ମାରିଥିବା ଶିକ୍ଷକଙ୍କ ନିକଟରେ ସେମାନେ ପ୍ରତିବାଦ କରିଥିଲେ। ଅସୁସ୍ଥ ଥିବାରୁ ଚିକିତ୍ସା ବଦଳରେ ମାଡ ମାରିବାକୁ ନେଇ ଅଭିଭାବକ କ୍ଷୋଭ ପ୍ରକାଶ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଶିକ୍ଷକ ଜଣକ ଏହାକୁ ନେଇ ଯୁକ୍ତିତର୍କ କରିବା ଘଟଣା ଅଭିଭାବକଙ୍କୁ ବ୍ୟଥିତ କରିଥିଲା। ପୀଡ଼ିତାଙ୍କ ବାପା ନୀଳ କହିଛନ୍ତି, ଝିଅର ଚିକିତ୍ସା କରାଯାଇଛି। ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ସଞ୍ଜୀବ ଦାଶ କହିଛନ୍ତି, ଏପରି ଏକ ଘଟଣା ଘଟିଛି। ସହକର୍ମୀଙ୍କ ବ୍ୟବହାରକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ଏବିଇଓ ଟଙ୍କଧର ଭୋଇଙ୍କୁ ପଚାରିବାରେ ଏହି ଘଟଣା ତାଙ୍କ ନଜରକୁ ଆସିନାହିଁ। ସୋମବାର ଘଟଣା ସଂକ୍ରାନ୍ତରେ ବୁଝିବେ ବୋଲି କହିଥିଲେ।

# ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ନାଗରିକ ସମ୍ବର୍ଦ୍ଧନା


ବଲାଙ୍ଗୀର ଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି।

**ବଲାଙ୍ଗୀର,୧।୩ (ବୀରେନ୍ଦ୍ର କୁମାର ଝାଙ୍କର)**

#### ପୁରୁଣା ସ୍ମୃତି ରୋମନ୍ଥନ କଲେ ଛାତ୍ର ଆନ୍ଦୋଳନର ସାଥୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଶୁକ୍ରବାର ବଲାଙ୍ଗୀରଠାରେ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଖିଳ ଓଡିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ୧୯୮୦-୮୧ ପକ୍ଷରୁ ସ୍ଥାନୀୟ ଏକ ହୋଟେଲଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ସଭାରେ ରତନ ମହାରଣା ସଭାପତିତ୍ୱ କରିଥିଲେ। ସଭାରେ ମୋହନ ଗୋପାଳ ପଣ୍ଡା, ଡା. ବାସୁଦେବ ପତି, ପ୍ରମୋଦ ମହାପାତ୍ର ମଞ୍ଚାସୀନ ଥିଲେ। ସଭାକୁ ପ୍ରଭାସ ପାଣିଗ୍ରାହୀ ପରିଚାଳନା କରିଥିଲେ। ୧୯୮୦ ଦଶକର ଛାତ୍ର ଆନ୍ଦୋଳନର ଲୋକପ୍ରିୟ ଛାତ୍ରନେତା ତଥା ଏବର ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ତାଙ୍କ ପୁରୁଣା ବନ୍ଧୁ, ସହପାଠୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ତରଫରୁ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର ଓ ରେଜିଷ୍ଟ୍ରାର ଯୁଧିଷ୍ଠିର ନାଏକ, ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର ଓ ସଦସ୍ୟମାନେ ମନ୍ତ୍ରୀ ପୂଜାରୀଙ୍କୁ ଉପାୟନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଅବସରପ୍ରାପ୍ତ ସୈନିକ ସଂଘ, ଭୂମିକା, ଇନ୍‌ଟେକ, ରୋଟାରି ଇଲିଟ୍, କୁଲତା ସମାଜ, ବ୍ରାହ୍ମଣ ସମାଜ, ଜିଲା ଆଦିବାସୀ ସଂଘ, ଜିଲା ସାମ୍ବାଦିକ ସଂଘ, ଆୟୁର୍ବେଦିକ କଲେଜ ପୁରାତନ ଛାତ୍ର ସଂଘ ସମେତ ଶତାଧିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ପୂଜାରୀ ୧୯୮୦ ଦଶକର ଛାତ୍ର ଆନ୍ଦୋଳନ ଏବଂ ସେଥିରେ ବଲାଙ୍ଗୀରର ଭୂମିକାକୁ ସ୍ମରଣ କରିଥିଲେ। ସେ କହିଥିଲେ, ବଲାଙ୍ଗୀର ସହରରେ ପିଲାଦିନେ ପାଠ ପଢ଼ିଛନ୍ତି। ଏହି ମାଟିରୁ ସେ ସମସ୍ତ ଉର୍ଜା ପାଇଛନ୍ତି। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଓ ବଲାଙ୍ଗୀର ଜିଲାର ବିକାଶ ସମ୍ପର୍କରେ ସେ ସବୁବେଳେ ଉଦ୍ୟମ କରିବେ ବୋଲି କହିଥିଲେ। ସଭାରେ ଡା. ବାସୁଦେବ ପତି ବଲାଙ୍ଗୀରରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ଏଠାରେ ଏକ ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିଗରେ ମନ୍ତ୍ରୀ ପୂଜାରୀ ଉଦ୍ୟମ କରନ୍ତୁ ବୋଲି ଦାବି କରିଥିଲେ। ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସଭାରେ ମୋହନ ଗୋପାଳ ପଣ୍ଡା ରାଜ୍ୟରୁ ଦୁର୍ନୀତି ହଟାଇବା ଦିଗରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଡା. ପତି ଧନ୍ୟବାଦ ଦେଇଥିଲେ।

# ଜବରଦଖଲ ଜମି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ


ସମୀକ୍ଷା ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟ ଅଧିକାରୀ।

**ବୌଦ୍ଧ,୧।୩(ଅଜିତ କୁମାର ବାରିକ)**

#### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର ଦିନିକିଆ ବୌଦ୍ଧ ଜିଲା ଗସ୍ତ କରି ରାଜସ୍ୱ ବିଭାଗର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପୂଜାରୀ ଜିଲାରେ ଥିବା ସରକାରୀ ଜମିର ତଥ୍ୟ ପ୍ରସ୍ତୁତ, ଭୂମିହୀନଙ୍କୁ ୪ ଡେସିମିଲ ଜାଗା, ଆଗାମୀ ୫ ବର୍ଷ ମଧ୍ୟରେ ଜବରଦଖଲ ମୁକ୍ତ ଅଭିଯାନ, ଜମି ବିବାଦ ନେଇ ତିକ୍ତତା ଦୂର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ ଚିହ୍ନଟ, ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲ ଜମି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ, ଯେଉଁ ରାଜସ୍ୱ ନିରୀକ୍ଷକ ଜବରଦଖଲ ନେଇ ଅସହଯୋଗ କରିବେ ପ୍ରଥମେ ସେମାନଙ୍କ ନାମରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପୂଜାରୀ ଚେତାବନୀ ଦେଇଥିଲେ। ଯେଉଁମାନଙ୍କ ୪ଡେସିମିଲରୁ କମ୍ ଜମି ଥିବ ସେମାନଙ୍କୁ ଭୂମିହିନ କୁହାଯିବ ଓ ସେମାନଙ୍କୁ ବସୁନ୍ଧରା ଯୋଜାନାରେ ସାମିଲ କରି ଭୂମି ଯୋଗାଇ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଦ୍ୟାଳୟରେ ଖେଳ ପଡିଆ, ବିଦ୍ୟାଳୟ ପାଚେରି, ଷ୍ଟାଡିୟମ କରାଯିବ। ଏହାସହ ୫ ବର୍ଷ ମଧ୍ୟରେ କେତେ ବ୍ୟକ୍ତିଙ୍କୁ ପଟ୍ଟା ପ୍ରଦାନ କରାଯାଇଛି ତାହାର ତଦନ୍ତ କରିବାକୁ ସେ କହିଥିଲେ। ସେହିପରି ଜାଗା ମିଶନ ଜରିଆରେ କେତେ ବ୍ୟକ୍ତିଙ୍କୁ ଜମି ପ୍ରଦାନ କରାଯାଇଛି ତାହାର ତଦନ୍ତ କରିବା ସହ ବେଆଇନ ଭାବେ ଜାଗା ହାତେଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ବୋର୍ଡ ଅଫ୍ ରେଭିନ୍ୟୁର ଅତିରିକ୍ତ ସଚିବ ସରୋଜ କୁମାର ସାହୁ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ସମସ୍ତ ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶାଖାପାଟଣାରେ ନାବାଳକ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଲାଞ୍ଜିଗଡ଼,୧।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ମାଳିଯୁବାଙ୍ଗ ପଞ୍ଚାୟତର କେନ୍ଦୁପେଟ ଗାଁର ନାବାଳକ ରଘୁ ମାଝୀ(୧୭) ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲାକୁ ଦାଦନ ଖଟିବାକୁ ଯାଇଥିବା ବେଳେ ଶୁକ୍ରବାର ସେଠାରେ ମୃତ୍ୟୁ ଘଟିଛି। ରଘୁ ୨ ଫେବୃଆରୀରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅନକାପାଲି ଥାନା ଅନ୍ତର୍ଗତ ଜବାହାରଲାଲ ନେହେରୁ ଫର୍ମାଷ୍ଟିକ ନାମକ ଏକ କମ୍ପାନୀକୁ ଗାଁ ପିଲାଙ୍କ ସହିତ ମିଶି କାମ କରିବା ପାଇଁ ଯାଇଥିଲେ। ମାତ୍ର ୨୬ ଦିନ ପରେ ଶୁକ୍ରବାର ସନ୍ଧ୍ୟାରେ ଉକ୍ତ କମ୍ପାନୀରେ କାମ କରୁଥିବା ସମୟରେ ରଘୁଙ୍କ ମୁଣ୍ଡ ବୁଲାଇବା ଓ ବାନ୍ତି ହେବା ଯୋଗୁ ରାତ୍ର ୧୦ ଘଣ୍ଟା ସମୟରେ ରହୁଥିବା ନିଜ ରୁମକୁ ଚାଲିଆସିଥିଲେ। ସେଠାରେ ସେ ଗୁରୁତର ହୋଇଥିବା ବେଳେ ଖବର ପାଇ ରଘୁଙ୍କ ସୁପରଭାଇଜର ରାମକ୍ରୀଷ୍ଣା ଓ ଗାଁ ପିଲାଙ୍କ ସହିତ ରଘୁଙ୍କୁ ଭୋର ୪ଟାରେ ନିକଟରେ ଥିବା ଅଣକାପାଲି ସରକାରୀ ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଁ ପିଲା ରଘୁଙ୍କ ବାପା ସାନ ମାଝୀଙ୍କୁ ଜଣାଇବା ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଲୋକେ ମୃତଦେହ ଆଣିବାକୁ ଅସମର୍ଥ ହୋଇ ପଡିଛନ୍ତି। ସାନ ମାଝୀ କମ୍ପାନୀ ପକ୍ଷରୁ କ୍ଷତିପୂରଣ ଦାବି କରି ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ସଡ଼କ ଦୁର୍ଘଟଣା: ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ନୂଆପଡ଼ା,୧।୩ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ମାଉଳିଭଟା ଛକ ନିକଟରେ ଶନିବାର ଏକ ସଡକ ଦୁର୍ଘଟଣାରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଉଳିଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସରସି ଯୋଶୀ (୪୯)। ସୂଚନା ମୁତାବକ ଶନିବାର ପୂର୍ବାହ୍ନ ୧୧ଟା ୩ ରେ ବିଦ୍ୟାଳୟ ଛୁଟି ପରେ ସରସି ନିଜ ସ୍କୁଟିରେ ନୂଆପଡ଼ା ଘରକୁ ଫେରୁଥିଲେ। ଏହି ସମୟରେ ଏକ ପିକଅପ ଭ୍ୟାନ ଧକ୍କା ଦେବାରୁ ଶିକ୍ଷୟିତ୍ରୀ ଚକା ତଳେ ଚାପି ହୋଇ କିଛି ବାଟ ଘୋଷାଡି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶିକ୍ଷୟିତ୍ରୀଙ୍କ ଏକମାତ୍ର ପୁତ୍ର ବିକ୍ରାନ୍ତ ଯୋଶୀ ରାଜସ୍ଥାନର କୋଟାରେ ପାଠ ପଢୁଥିବାରୁ ରବିବାର ପହଞ୍ଚିଲା ପରେ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ବିଶ୍ୱ ରଞ୍ଜନ ମିଶ୍ର, ଦେଢଶୁର ବିଭୁଦତ୍ତ ମିଶ୍ର, ବଡ ଯାଆ ମୀନାକ୍ଷୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


**MILK UNION, SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on Hire for Jayantpur-Hatibari. Milk Route running covering 93 K.M. (Both Morning & Evening shift).
For details please visit our website www.samul.in
Interested Parties may purchse and submit Tenders by 10.03.2025
Tender Paper cost - Rs. 200/- + GST
EMD - Rs. 2,000/-


# ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ବୈଠକ



ବୈଠକରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘ କର୍ମକର୍ତ୍ତା।

**ସୋନପୁର,୧।୩(ମୃତ୍ୟୁଞ୍ଜୟ ଶତପଥୀ)**

ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଜିଲା ସଂଘର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ସମସ୍ତ ସଭ୍ୟ, ସଭ୍ୟା ଯୋଗଦେଇ ସଂଘର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନଙ୍କ କ୍ୟାଡର ସୃଷ୍ଟି କରି ଚାକିରି ସ୍ଥାୟୀ କରିବାକୁ ଦାବି ହୋଇଥିଲା। ଏହି ଦାବିକୁ ନେଇ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବା ବୋଲି ସ୍ଥିର ହୋଇଛି। ଏଥି ସହିତ ଏକ ପୋଷ୍ଟକାର୍ଡ ଅଭିଯାନର ଶୁଭାରମ୍ଭ ହୋଇଥଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହଲିଙ୍ଗ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଓ ଭାଜପା ରାଜ୍ୟ ସଭାପତିଙ୍କୁ ସଂଘ ପକ୍ଷରୁ ପୋଷ୍ଟକାର୍ଡ ପଠାଇବାକୁ ଅଭିଯାନରେ ସ୍ଥିର କରାଯାଇଛି। ଏହି ବୈଠକରେ ଜିଲା ସଂଘ ସଭାପତି ଅଶୋକ କୁମାର ମିଶ୍ର, ଉପସଭାପତି ବିଶିକେଶନ ରଥ, ସମ୍ପାଦକ ସୁଜିତ କୁମାର ସାହୁ, ଆବାହକ ନାରାୟଣ ରଥ ଓ କୋଷାଧକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।


**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**
लापताः आवश्यक सूचना


गुमशुदा सुनिता मुंडा उम्र–28 वर्ष

सर्व साधारण को सूचित किया जाता है कि आवेदक बुधु मुंडा उम्र–26 वर्ष के द्वारा अपनी भाभी सुनिता मुंडा उम्र–28 वर्ष की गुमशुदगी के संबंध में बहरागोडा थाना में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा सुनिता मुंडा उम्र–28 वर्ष, पति–सुखदेव मुंडा, सा0–नुतनडीह, पो0–गुहीयापाल, थाना–बहरागोड़ा, जिला–पूर्वी सिंहभूम, जमशेदपुर जो दिनांक–23.02.2025 को बीना किसी बताये घर में कहीं अंयत्र चली गई है जो अबतक वापस नहीं आई है। परिवार वालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा महिला का हुलिया निम्न प्रकार है :–कद–05 फीट, रंग–सॉवला, पहनावा–लाल साड़ी एवं लाल ब्लाउज, पहचान चिन्ह–बायें हाथ में टैटु का निशान, भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक ग्रामीण, पूर्वी सिंहभूम, जमशेदपुर | : 9470199228 |
| अनु0 पुलिस पदाधिकारी, (घाटशिला) | : 9431706485 |
| थाना प्रभारी, बहरागोड़ा | : 9431706526 |

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 347519 Police(24-25).D



**DISTRICT PROJECT OFFICE**
**SAMAGRA SHIKSHA, ANGUL**
Phone : 06764-232412, Fax : 06764-233808
Email : dpcangulssa.opepa@nic.in, ssaangul@rediffmail.com
Letter No. 709/BRCM Date : 01.03.2025
File No. : VI/IE/22/2024-25
**QUOTATION CALL NOTICE**
Quotations in plain paper are invited from the intending registered firms having valid GSTIN and PAN for supply of Resource Centre Materials for CWSN for PM SHRI Schools. The bidders shall have to furnish their offer price item wise as mentioned in the bid after going through the terms and conditions of the tender published in **Angul district website www.angul.odisha.gov.in and OSEPA website www.osepa.odisha.gov.in.**
The tender should reach the office of the undersigned on or before **13.03.2025 by 1.30 P.M.** The tenders shall be opened on **13.03.2025 at 3.00 P.M.** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.
By the order of Collector-cum-Chairman
Sd./- DEO-cum-DPC
Samagra Shiksha, Angul



**OFFICE OF THE NOTIFIED AREA COUNCIL, RAMBHA**
**NOTICE INVITING TENDER (NIT)**
**The Project envisages ICT Enabled Management System for Solid Waste Management under Jurisdiction of Rambha NAC**
**Notice No. 395** **Date: 27.02.25**
No. C-1771: Rambha NAC invites online tender from experienced, competent and eligible bidders in two envelope system for **ICT Enabled Management System for Solid Waste Management under Jurisdiction of "Rambha NAC"** as scheduled under:

| | |
|---|---|
| Name of the Work | ICT Enabled Management System for Solid Waste Management under Jurisdiction of Rambha NAC |
| Employer/Owner | Rambha NAC |
| Brief Scope of Work | The supplier needs to provide an ICT Enabled Management System for SWM system with help of GPS device, Citizen application, face based Staff monitoring system, RFIDs, Processing plant monitoring system. |
| Completion of Work | 30 days reckoned from the date of issue of Work Order. |
| Cost of Tender Document | Rs.600/- (Non-refundable) in favour of Executive Officer, Rambha NAC payable at NAC Office, Rambha |
| Last Date of Selling Tender Document | Upto 05.00 P.M. Hrs. on Dtd.13.03.2025 in the Rambha NAC Office (Except Govt. Holidays) |
| Last Date of offline submission of Technical and Financial Bid | Upto 11.00 A.M. Hrs. on Dtd.17.03.2025 |
| Date & time of opening of Technical Bid | At 11.30 A.M. Hrs. on Dtd.17.03.2025 at Rambha NAC Office |
| Date & time of opening of Financial Bid | At 03.00 P.M. Hrs. on Dtd.20.03.2025 at Rambha NAC Office |
| Validity of Offer | 90 days after the last date fixed for submission of Bid |
| Security Deposit | 3% (Three Percent only) of contract value will be deducted in each RA bill and will be paid after release of final payment. |

The tenders shall be submitted through Registered Post/Speed Post/ Directly at NAC Office, Help Desk by hand addressed to:
**The Executive Officer**
**Rambha NAC Office**
**Ganjam, Odisha, PIN - 761028**
Sd./- Executive Officer
N.A.C. Rambha
OIPR-13114/11/0026/2425


# ଦାଦନ ଖଟିବାକୁ ଯାଇ ସ୍ୱାମୀ ନିଖୋଜ: ସ୍ତ୍ରୀ ଥାନାର ଦ୍ୱାରସ୍ଥ

**ଥୁଆମୂଳ ରାମପୁର,୧।୩(ଦୁର୍ଗା କୀର୍ତ୍ତି):** ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ଜଣେ ଶ୍ରମିକ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ବଡ଼ଛତ୍ରଙ୍ଗ ପଞ୍ଚାୟତ ଚମ୍ପାଛୁଆଁ ଗ୍ରାମରେ। ଗ୍ରାମର ରାଏ ସିଂ ମାଝୀ ଓ ଅନ୍ୟ ଦୁଇଜଣ ଦାଦନ ଖଟିବାକୁ ଗତ ୧୯ତାରିଖରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବରେ କାମ କରିବାକୁ ଯାଇଥିଲେ। ହେଲେ ଗତ ୫ଦିନ ହେବ ରାଇଏ ସିଂ ନିଖୋଜ ଥିବା ତାଙ୍କ ସାଙ୍ଗରେ ଯାଇଥିବା ଦୁଇ ଜଣ ଶ୍ରମିକ ଗାଁରେ ଥିବା ରାଏ ସିଂ ମାଝୀଙ୍କ ସ୍ତ୍ରୀଙ୍କୁ ଫୋନ କରି ଜଣାଇଥିଲେ। ପରେ ସ୍ତ୍ରୀ ସୁଆଦେଈ ମାଝୀ ତାଙ୍କ ସ୍ୱାମୀଙ୍କୁ ଖୋଜି ଆଣିଦେବା ପାଇଁ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠଙ୍କୁ ପଚାରିବାରୁ ଆମ ଥାନା ଅଧୀନରେ ନିଖୋଜ ହୋଇ ନାହାନ୍ତି। ଏଣୁ ଆମେ ନିଖୋଜ ମାମଲା ରୁଜୁ କରି ନାହୁଁ। କିନ୍ତୁ ଆମେ ବିଶାଖାପାଟଣା ଥାନା ସହ ଯୋଗାଯୋଗ କରୁଛୁ। ସେଠାରୁ ଖବର ଆସିଲେ କହିବୁ ବୋଲି କହିଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**
**Corrigendum**
No.772/Date. 24.02.2025
**1st Corrigendum to Bid Identification No. Tender-Online-C.C.03 of 2025 Dated 05.02.2025 Invited vide this office Lr. No. 424 dated 05.02.2025**
**No.O-1560** : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-03 of 2025 Dt. 05.02.2025 issued vide this office Lr. No.424 Dt. 05.02.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-03 of 2025 | 17.03.2025 up to 5.00 P.M. | 18.03.2025 at 11.00 A.M. | To be intimated later on |

All other conditions remain unaltered.
Sd./- Chief Construction Engineer
Central Rural Works Circle, Bhubaneswar
OIPR-25194/11/0028/2425

# ବେଙ୍କମୁରା ପ୍ରାଥମିକ ବିଦ୍ୟାଳୟ ନ ଖୋଲିଲେ ଆନ୍ଦୋଳନ

ଝାରସୁଗୁଡା,୧।୩(ଆଶିଷ ରଞ୍ଜନ ଦାଶ)

ନିକଟରେ ରାଜ୍ୟ ସରକାର ୪୦ଟି ବିଦ୍ୟାଳୟ ଖୋଲିଥିବା ବେଳେ ବେଙ୍କମୁରା ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇ ନ ଥିବାରୁ ଗ୍ରାମବାସୀଙ୍କ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବେଙ୍କମୁରା ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ବାରମ୍ବାର ଗ୍ରାମବାସୀ ଦାବି ଜଣାଇଥିଲେ ମଧ୍ୟ ଏଥିପ୍ରତି କୌଣସି ସୁଫଳ ମିଳୁନାହିଁ। ମହାମାରୀ କରୋନା ସମୟରେ ଦୁଇ ବର୍ଷ ପାଇଁ ଏହା ସ୍ଥଗିତ ରହିଥିଲା। ଏହି ବିଦ୍ୟାଳୟ ମାର୍ଗଦର୍ଶିକା ଅନୁସାରେ ବନ୍ଦ ହେବାର ନ ଥିଲା। ତେବେ ଭୁଲ ତଥ୍ୟ ଯୋଗୁ ଏହା ବନ୍ଦ ହେଲା ବୋଲି ଶିକ୍ଷା ବିଭାଗର ତଥ୍ୟରୁ ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି ବିଦ୍ୟାଳୟ ଖୋଲାଗଲା ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବେଙ୍କମୁରା ନିକଟରେ ଥିବା ପଣ୍ଡରି ଉଚ୍ଚ ବିଦ୍ୟାଳୟର, ବଲଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି। କିନ୍ତୁ ଉକ୍ତ ଦୁଇ ବିଦ୍ୟାଳୟକୁ ଯିବାକୁ ହେଲା ବିଦ୍ୟାର୍ଥୀମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବେଙ୍କମୁରା ନିକଟରେ ଥିବା ପଣ୍ଡରି ଉଚ୍ଚ ବିଦ୍ୟାଳୟର ଦୂରତା ପ୍ରାୟ ୪ କିଲୋମିଟର ହୋଇଥିବା ବେଳେ ବଲଣ୍ଡା ପ୍ରାଥମିକ ବିଦ୍ୟାଳୟର ଦୂରତା ୩ କିଲୋମିଟରରୁ ଅଧିକ। ବଲଣ୍ଡାକୁ ଗଲେ ରାସ୍ତା ପାର୍ଶ୍ୱରେ ଘଞ୍ଚ ଜଙ୍ଗଲ, ବନ୍ୟଜନ୍ତୁ ଆତଙ୍କ। ଏପରିକି ଅତୀତରେ ବନ୍ୟଜନ୍ତୁ ଆକ୍ରମଣର ଶିକାର ହୋଇଛନ୍ତି ଛାତ୍ର ଛାତ୍ରୀ।ସେହିପରି ପଣ୍ଡରିକୁ ଯିବାକୁ ହେଲେ ରାସ୍ତାର ଉଭୟ ପାର୍ଶରେ ଜଳାଶୟ ଥିବାରୁ ଏହାକୁ ଖୋଦ ତତ୍କାଳୀନ ବିଧାୟକ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ।

**ଦୁଇଥର ଭୋଟ ବର୍ଜନ କରିଥିଲେ ଗ୍ରାମବାସୀ**

ସେହିପରି ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସୁରେଶ ପୂଜାରୀ ବେଙ୍କମୁରା ପ୍ରାଥମିକ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗକୁ ଗତ ଜୁଲାଇ ମାସ ପଣ୍ଡରି ଗସ୍ତରେ ଯାଇ ଏହାର ପ୍ରୟାସ କରାଯିବ ବୋଲି କହିଥିଲେ । ଗତ ୧୬ ଜୁନ ୨୦୨୩ ରେ ତତ୍କାଳୀନ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପତ୍ର ସଂଖ୍ୟା ୭୨୨ରେ ଜଣାଇଥିଲେ ଯେ ବେଙ୍କମୁରା ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ୪୧ ଜଣ ଛାତ୍ରୀଛାତ୍ର ଅଛନ୍ତି। ସେହିପରି ପାଖ ସ୍କୁଲକୁ ଯିବାକୁ ହେଲେ ବିଭିନ୍ନ ଜଳାଶୟ, ଜଙ୍ଗଲ ଓ ହୀରାକୁଦ ଜଳ ଭଣ୍ଡାର ଅଞ୍ଚଳ ରାସ୍ତା ଦେଇ ଯିବାକୁ ପଡ଼େ। ଗତ ଉପ ନିର୍ବାଚନରେ ବେଙ୍କାମୁରା ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ସେ ସମୟରେ,ଏହାକୁ ତତ୍କାଳୀନ ମନ୍ତ୍ରୀ ବିଦ୍ୟାଳୟକୁ ନିଶ୍ଚୟ ଖୋଲାଯିବ ବୋଲି କହିଥିଲେ। ସେହିପରି ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗର ଅଧିକାରୀଙ୍କ ତୁହାକୁ ତୁହା ବୈଠକ ହୋଇଥିଲା ।କିନ୍ତୁ ଶେଷରେ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଭୁଲ ତଥ୍ୟ ଯୋଗୁ ଏଥିରେ ବାଧା ଉପୁଜିଲା। ପରେ ୨୦୨୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ସେ ସମୟରେ ତତ୍କାଳିନ ଏମ୍‌ପି ତଥା ବର୍ତ୍ତମାନ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ, ଓଡ଼ିଶା ସରକାର ପୂଜାରୀ ବେଂକମୁରା ଗ୍ରାମକୁ ଆସି ଆମେ ସରକାର ଗଢିଲେ ନିଶ୍ଚୟ ବିଦ୍ୟାଳୟ ଖୋଲିବା ପାଇଁ ଯତ୍ନବାନ ହେବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ନିକଟରେ ଓଡ଼ିଶାର ୪୦ ବିଦ୍ୟାଳୟ ଖୋଲିଥିବା ବେଳେ ଝାରସୁଗୁଡ଼ାର ବେଙ୍କମୁରା ପ୍ରାଥମିକ ବିଦ୍ୟାଳୟ ଖୋଲା ଯାଇ ନ ଥିବାରୁ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବିଦ୍ୟାଳୟ ନ ଖୋଲିଲେ ଗ୍ରାମବାସୀ ଆଗାମୀ ଦିନରେ ପୁଣି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଭିଭାବକ ମକରଧ୍ୱଜ ମଲ୍ଲିକ ପ୍ରକାଶ କରିଛନ୍ତି।

## ସୁଇଟ୍‌ରେ ଜାତୀୟ ବିଜ୍ଞାନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ସମ୍ବଲପୁର,୧।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତି ସଂସ୍ଥାନ (ସୁଇଟ)ରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଛି। ସୁଇଟର ନିର୍ଦ୍ଦେଶକ ଡ.ସୁଦର୍ଶନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବ ସଶକ୍ତିକରଣ ଓ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଡ.ଏପିଜେ ଅବଦୁଲ କଲାମ ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଂର ପ୍ରଶିକ୍ଷକ ହିମାଂଶୁ ପଣ୍ଡା, ଜୟଶ୍ରୀ ପଣ୍ଡାମଧୁ ତାଣ୍ଡେ ପଶିକ୍ଷଣ ଦେଇଥିଲେ।

## ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର

ସମ୍ବଲପୁର,୧।୩(ଭବାନୀ ଶଙ୍କର ଭୋଇ)

ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ଶନିବାର ଗୋବର୍ଦ୍ଧନ ବଡମାଲ ବନସୁରକ୍ଷା ସମିତିରେ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍ତାପ ବଢିବା ସହିତ ଜଙ୍ଗଲରେ ନିଆଁ ଲାଗିବା ଘଟଣା ବଢିବାରେ ଲାଗିଛି। ଏଭଳି ସ୍ଥିତିରେ ଜନସାଧାରଣ ସଚେତନ ହେବା ନିହାତି ଜରୁରୀ । ଟିକଏ ଭୁଲ ବା ଅସାବଧାନତା ପୁରା ଜଙ୍ଗଲକୁ ପୋଡି ନଷ୍ଟ କରିବା ଆଶଙ୍କା ରହିଛି ବୋଲି ବନାଞ୍ଚଳ ଅଧିକାରୀ ନାୟକ କହିଥିଲେ। ଏଥିରେ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ସଦର ବନାଞ୍ଚଳ ତରଫରୁ ସଭ୍ୟ ସମ୍ପାଦକ ପ୍ରଫୁଲ୍ଲ ରଞ୍ଜନ ବରୁଆମ୍, କ୍ଷେତ୍ରସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ, ବନ ସହାୟକ ମଧୁସୂଦନ ମିରି, କୋଷାଧ୍ୟକ୍ଷ ରୋହିତ ପ୍ରଧାନ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ପ୍ରଥମେ ବନ୍ୟଜନ୍ତୁଙ୍କଠାରୁ ଗ୍ରାମବାସୀଙ୍କ ସୁରକ୍ଷା, ବାର୍ଷିକ କାର୍ଯ୍ୟଖସଡ଼ା ବିଷୟରେ ଆଲୋଚନା କରିଥିଲେ। ବନାଗ୍ନି ନିୟନ୍ତ୍ରଣ ଉପରେ ଶପଥ ପାଠ କରାଯାଇଥିଲା। ଶେଷରେ ଜନାର୍ଦ୍ଦନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର କପ୍ ଫୁଟ୍‌ବଲ: ଓଡ଼ିଶା ଦଳ ଫାଇନାଲରେ


ଓଡିଶା ଓ କୋଲକାତା ମଧ୍ୟରେ ମ୍ୟାଚର ଏକ ଦୃଶ୍ୟ।

ସମ୍ବଲପୁର,୧।୩(ବି.ଶଙ୍କର)

ସମଲେଶ୍ୱରୀ ସ୍ପୋର୍ଟିଂ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ଟୁର୍ନାମେଣ୍ଟ ଶନିବାର ମ୍ୟାଚରେ ଓଡ଼ିଶା ଫୁଟବଲ ଆସୋସିଏଶନ ଦଳ ବିଜୟୀ ହୋଇଛି । ଏହି ବିଜୟ ସହ ଓଡିଶା ଦଳ ଫାଇନାଲ ମ୍ୟାଚ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ଆସନ୍ତା ସୋମବାର ହେବାକୁ ଥିବା ଫାଇନାଲ ମ୍ୟାଚରେ ଓଡ଼ଶା ଶକ୍ତିଶାଳି ଶ୍ରୀନିଧି ଡେକାନ ହାଇଦ୍ରାବାଦକୁ ଭେଟିବ । ଶନିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଓଡ଼ିଶା ବନାମ ଜର୍ଜ ଟେଲିଗ୍ରାଫ କୋଲକାତା ମଧ୍ୟରେ ହୋଇଥିଲା। ଓଡ଼ିଶା ୪–୦ ଗୋଲ ସ୍କୋରରେ କୋଲକାତାକୁ ହରାଇଥିଲା। ମ୍ୟାଚର ୪ର୍ଥ ମିନିଟରେ ଓଡ଼ିଶା ଦଳ ପେନାଲଟି ସୁଯୋଗ ପାଇଥିଲା । ରାହୁଲ ମୁଖି ଗୋଲ ସ୍କୋରରେ ପରିଣତ କରିଥିଲେ। ରୋସନ ପାନ୍ନା ମ୍ୟାଚର ୨୩ ତମ ମିନିଟରେ ୧ଟି ଗୋଲ ସ୍କୋର କରିଥିଲେ । ମ୍ୟାଚର ୭୮ ଓ ୮୭ତମ ମିନିଟରେ ସୁରେଶ ଖଡିଆ ୨ଟି ଦର୍ଶନୀୟ ଗୋଲ ସ୍କୋର କରିଥିଲେ। ଆଜିର ମ୍ୟାଚକୁ ନବୀନ କୁମାର ନାଏକ, ଦିଲିପ ରାଉତ ଓ ଜିତେନ୍ଦ୍ରିୟ ଥନାପତି ଏବଂ ଉତ୍କଳମଣୀ ବେହେରା ପରିଚାଳନା କରିଥିଲେ । ସେହିପରି ଦୁର୍ଗା ମାଧବ ନାଏକ ମ୍ୟାଚ କମଶନର ଥିଲେ । ଟୁର୍ନାମେଣ୍ଟ ଆୟୋଜନ କମିଟିଅଧ୍ୟକ୍ଷ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଫୁଟବଲଏକାଡେମୀ ସମ୍ପାଦକ ଅତନୁ ଘୋଷ ଉପସ୍ଥିତ ଥିଲେ ।

## ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ସମ୍ବଲପୁର,୧।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଭି ରମଣଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଏବଂ ମାଲ୍ୟାର୍ପଣ କରାଯାଇଥିଲ। ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ଉପଯୋଗିତା ଏବଂ ଭାରତର ସୁନାମଧନ୍ୟ ବୈଜ୍ଞାନିକ ନୋବେଲ ପୁରସ୍କାର ପ୍ରାପ୍ତ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ରମଣ ପ୍ରଭାବ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ବକ୍ତୃତା ରଖିଥିଲେ। ଶିକ୍ଷକ ତନୟ କୁମାର ପ୍ରଧାନ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ସାହୁ ଗଣିତ ଏବଂ ବିଜ୍ଞାନ କ୍ଲବ୍‌ରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିସ୍ମିତାରାଣୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ


ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ସମ୍ବଲପୁର,୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ର ପରିସରସ୍ଥ ପରିବାର କଲ୍ୟାଣ କେନ୍ଦ୍ରରେ ବାର୍ଷିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ 'କାୱା–୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ସାମୂହିକ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପୃଥକ ଅଧିବେଶନରେ ବିଶେଷଜ୍ଞମାନେ ଯୋଗଦେଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ ସମ୍ବଲପୁର ଆଞ୍ଚଳିକ କାୱା ସଭାପତି ପୁନମ୍ ସିଂ ପ୍ଲାଷ୍ଟିକ୍ ବ୍ୟାଗ୍ ବିରୋଧରେ ସଚେତନତା ଅଭିଯାନ ପ୍ରସଙ୍ଗରେ ଅଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭିମସାର ପ୍ରସୂତୀ ଓ ସ୍ତ୍ରୀ ରୋଗ ଅଧକ୍ଷ ପ୍ରଫେସର ଡା. ମମତା ସୋରେନ କର୍କଟ ନିରାକରଣ, ଗର୍ଭାଶୟ ଓ ପ୍ରଜନନ ସ୍ୱାସ୍ଥ୍ୟ ସଚେତନତା ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସିଆର୍‌ପିଏଫ୍ ଅଧିକାରୀ ଓ ଯବାନମାନେ ସେମାନଙ୍କ ପରିବାର ସହ ଉପସ୍ଥିତ ଥିଲେ। ଏଥିରେ ଯୋଗଦେଇଥିବା ମହିଳାମାନେ ଉପସ୍ଥିତ ଚିକିତ୍ସକଙ୍କଠାରୁ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କିତ ବିଭିନ୍ନ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ।

## ସଂସ୍କାର ଦ୍ୱାରା ସଫଳ ବାପାର ପରିଚୟ ମିଳିଥାଏ

କୁଚିଣ୍ଡା,୧।୩(ବିରଞ୍ଚି ଦର୍କା)

**ମଝାପଡାରେ ସଫଳ ଆବା ସମ୍ମିଳନୀ**

ସମ୍ବଲପୁର ଜିଲା ବାମରା ବ୍ଲକ ରବଗା ପଞ୍ଚାୟତ ଅନ୍ତର୍ଗତ ମଝାପଡ଼ାରେ ଶନିବାର ଖ୍ରୀଷ୍ଟ ଧର୍ମାବଲମ୍ବୀ ୧୨ଟି ପାରିସର ଜିଲାସ୍ତରୀୟ ଆବା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଫ୍ରେମ କୁଲୁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ବାମରା ବ୍ଲକ ଏମ୍‌ପି ପ୍ରତିନିଧି ନରେଶ ସିଂ ଠାକୁର, ବାମରା ଭାଜପା ମଣ୍ଡଳ ସଭାପତି ବିଷ୍ଣୁ ଅଗ୍ରୱାଲ, ଟେଲିକମ ଉପଦେଷ୍ଟା ରୁଦ୍ର ପ୍ରତାପ ଦେଓ,ସମାଜସେବୀ ଗନ୍ଦେ ମାଝି ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସଂସ୍କାର ଦ୍ୱାରା ଜଣେ ବ୍ୟକ୍ତି କିଭଳି ସଫଳ ବାପା ହୋଇ ପାରିବ ସେନେଇ ଆଲୋଚନା କରିଥିଲେ। ଆଦିବାସୀଙ୍କ ବିକାଶ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର ଉଦାହରଣ ଦେଇ ଏହି ସଂପ୍ରଦାୟର ପିଲାମାନେ ଶିକ୍ଷା କ୍ଷେତ୍ରରେ କିଭଳି ଅଗ୍ରଗତି କରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର, ସୁନ୍ଦରଗଡ ଓ ଦେବଗଡ ଜିଲାର ୧୫ଶହରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟ ଧର୍ମାବଲମ୍ବୀ ବାପାମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ଖଡିଆ ସମାଜ ମହିଳାମାନେ ପାରମ୍ପରିକ ବେଶ ପୋଷାକ ସହ ନୃତ୍ୟଗୀତ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୟୁକୋ ବ୍ୟାଙ୍କର କୃଷି ମହୋତ୍ସବ



ମହୋତ୍ସବରେ ଅତିଥିମାନେ ମଞ୍ଜୁରୀ ପତ୍ର ପ୍ରଦାନ କରୁଛନ୍ତି।

ସମ୍ବଲପୁର,୧।୩(ବି.ଶଙ୍କର)

ୟୁକୋ ବ୍ୟାଙ୍କ ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କୃଷି, ଏମଏସଏମଇ ଓ କାସା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ଏବଂ ବରଗଡ ଜିଲାର ଏମ୍‌ଏସଏମଇ ଓ କୃଷି ଉଦ୍ୟୋଗୀମାନେ ଯୋଗଦେଇଥିଲେ। ଏହି ଅବସରରେ କୋଲକାତା ମୁଖ୍ୟ କାର୍ଯ୍ୟାଳୟରୁ ରିକୋଭରି ବିଭାଗର ମହାପ୍ରବନ୍ଧକ ଧିରଜ ପଟ୍ଟବର୍ଦ୍ଧନ, ସମ୍ବଲପୁର ଅଞ୍ଚଳ ସହାୟକ ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଆଶିଷ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଆଞ୍ଚଳିକ ମୁଖ୍ୟ ବିଶ୍ୱାଳ ରିସୋର୍ସ, କୃଷି ଓ ଏମଏସଏମଇ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଂଶଗ୍ରହଣକାରୀ ଏବଂ ଗ୍ରାହକଙ୍କୁ ବ୍ୟାଙ୍କ ସହ ସେମାନଙ୍କ ଦୀର୍ଘକାଳୀନ ସମ୍ପର୍କ ପାଇଁ ପଟ୍ଟବର୍ଦ୍ଧନ ଧନ୍ୟବାଦ ଅର୍ପଣ କରିଥିଲେ। କେତେକ ଗ୍ରାହକ ୟୁକୋ ବ୍ୟାଙ୍କ ସହ ଯୋଡି ହେବାର ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାକୁ ଉପସ୍ଥାପନ କରିଥିଲେ।କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର ପ୍ରମୁଖ ରିସୋର୍ସ ଉତ୍ପାଦଗୁଡିକ ଯଥା: ୟୁକୋ ୟୁନିକ, ୟୁକୋ ରୟାଲ ଏବଂ ୟୁକୋ ପ୍ରିଭିଲେଜ ପ୍ରଭୃତି ଉପରେ ଆଲୋକପାତ କରାଯାଇଥିଲା। ୟୁକୋ ଅଭିନନ୍ଦନ, ଟ୍ରାକ୍ଟର ଏବଂ ଟ୍ରେଡର ଭଳି ପ୍ରମୁଖ ଉତ୍ପାଦର ଲାଭ ବିଷୟରେ ଅଂଶ ଗ୍ରହଣକାରୀଙ୍କୁ ବୁଝାଯାଇଥିଲା। ସେହିପରି ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦ ଯଥାକୃଷି ବିଭାଗର ୟୁକୋ ଅମୃତ ଧାରା, ଏଆଇଏଫ, ପିଏମ୍‌ଏଫ୍‌ଏମ୍‌ଇ ଏବଂ ଅନ୍ୟାନ୍ୟ କୃଷି ଯୋଜନାଗୁଡିକ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରାଯାଇଥିଲା । ଡିଜିଟାଲ ବ୍ୟାଙ୍କିଙ୍ଗ୍ ବିଭାଗ ବିଭିନ୍ନ ଡିଜିଟାଲ ଋଣ ଯୋଜନା ଯଥା: ୟୁକୋ ଜିଏସ୍‌ଟି ସ୍ମାର୍ଟ ଫାଇନାନ୍ସ, ଏସ୍‌ଟିପି ମୁଦ୍ରା ଋଣ, ଏସ୍‌ଟିପି ପେନ୍‌ସନ, ପିକ୍ୟୁପିଏଲ୍ ଓ ଅନ୍ୟାନ୍ୟ ଡିଜିଟାଲ ଉତ୍ପାଦ ସମ୍ବନ୍ଧରେ ସୂଚିତ କରାଯାଇଥିଲା । ମହୋତ୍ସବର ଅଭିଯାନ ଅବସରରେ କେତେକ ଏମ୍‌ଏସ୍‌ଏମ୍‌ଇ ଓ କୃଷି ଗ୍ରାହକଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା।

## ଦାଦନ ଖଟିବାକୁ ଯାଇ ସ୍ୱାମୀ ନିଖୋଜ: ସ୍ତ୍ରୀ ଥାନାର ଦ୍ୱାରସ୍ଥ

ଥୁଆମୂଳ ରାମପୁର,୧।୩(ଦୁର୍ଗା କୀର୍ତ୍ତି)

ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ଜଣେ ଶ୍ରମିକ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଚମ୍ପାଛୁଆଁ ଗ୍ରାମରେ। ଗ୍ରାମର ରାଏ ସିଂ ମାଝୀ ଓ ଅନ୍ୟ ଦୁଇଜଣ ଦାଦନ ଖଟିବାକୁ ଗତ ୧୯ତାରିଖରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାନ୍ଧର ଏକ ଘରୋଇ କମ୍ପାନୀରେ କାମ କରିବାକୁ ଯାଇଥିଲେ। ହେଲେ ଗତ ୫ଦିନ ହେବ ରାଇଏ ସିଂ ନିଖୋଜ ଥିବା ତାଙ୍କ ସାଙ୍ଗରେ ଯାଇଥିବା ଦୁଇ ଜଣ ଶ୍ରମିକ ଗାଁରେ ଥିବା ରାଏ ସିଂ ମାଝୀଙ୍କ ସ୍ତ୍ରୀଙ୍କୁ ଫୋନ କରି ଜଣାଇଥିଲେ। ପରେ ସ୍ତ୍ରୀ ସୁଆଦେଇ ମାଝୀ ତାଙ୍କ ସ୍ୱାମୀଙ୍କୁ ଖୋଜି ଆଣିଦେବା ପାଇଁ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠଙ୍କୁ ପଚାରିବାରୁ ଆମ ଥାନା ଅଧୀନରେ ନିଖୋଜ ହୋଇ ନାହାନ୍ତି। ଏଣୁ ଆମେ ନିଖୋଜ ମାମଲା ରୁଜୁ କରି ନାହୁଁ।

**MILK UNION, SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on Hire for Jayantpur-Hatibari. Milk Route running covering 93 K.M. (Both Morning & Evening shift).
For details please visit our website www.samul.in
Interested Parties may purchse and submit Tenders by 10.03.2025
Tender Paper cost - Rs. 200/- + GST
EMD - Rs. 2,000/-

**DISTRICT PROJECT OFFICE**
**SAMAGRA SHIKSHA, ANGUL**
Phone : 06764-232412, Fax : 06764-233808
Email : dpcangulssa.opepa@nic.in, ssaangul@rediffmail.com
Letter No. 709/BRCM Date : 01.03.2025
File No. : VI/IE/22/2024-25
**QUOTATION CALL NOTICE**
Quotations in plain paper are invited from the intending registered firms having valid GSTIN and PAN for supply of Resource Centre Materials for CWSN for PM SHRI Schools. The bidders shall have to furnish their offer price item wise as mentioned in the bid after going through the terms and conditions of the tender published in **Angul district website www.angul.odisha.gov.in and OSEPA website www.osepa.odisha.gov.in.**
The tender should reach the office of the undersigned on or before **13.03.2025 by 1.30 P.M.** The tenders shall be opened on **13.03.2025 at 3.00 P.M.** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.
By the order of Collector-cum-Chairman
Sd./- DEO-cum-DPC
Samagra Shiksha, Angul

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**
लापताः आवश्यक सूचना



गुमशुदा सुनिता मुंडा उम्र–28 वर्ष
सर्व साधारण को सूचित किया जाता है कि आवेदक बुधु मुंडा उम्र–26 वर्ष के द्वारा अपनी भाभी **सुनिता मुंडा उम्र–28 वर्ष** की गुमशुदगी के संबंध में बहरागोडा थाना में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा सुनिता मुंडा उम्र–28 वर्ष, पति–सुखदेव मुंडा, सा0–नुतनडीह, पो0–गुहीयापाल, थाना–बहरागोड़ा, जिला–पूर्वी सिंहभूम, जमशेदुपर** जो **दिनांक–23.02.2025** को बीना किसी बताये घर में कहीं अंयत्र चली गई है जो अबतक वापस नहीं आई है। परिवार वालों ने अपने स्तर से काफी खोजबीन किया परन्तु कुछ पता नहीं चल सका। **गुमशुदा महिला का हुलिया निम्न प्रकार है :–कद–05 फीट, रंग–सॉवला, पहनावा–लाल साड़ी एवं लाल ब्लाउज, पहचान चिन्ह–बायें हाथ में टैटु का निशान, भाषा–हिन्दी एवं बंगला।**
अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
अनु0 पुलिस पदाधिकारी, (घाटशिला) : 9431706485
थाना प्रभारी, बहरागोड़ा : 9431706526
वरीय पुलिस अधीक्षक, पूर्वी सिंहभूम, जमशेदपुर
PR 347519 Police(24-25).D

**OFFICE OF THE NOTIFIED AREA COUNCIL, RAMBHA**
**NOTICE INVITING TENDER (NIT)**
**The Project envisages ICT Enabled Management System for Solid Waste Management under Jurisdiction of Rambha NAC**
**Notice No. 395** **Date: 27.02.25**
No. C-1771: Rambha NAC invites online tender from experienced, competent and eligible bidders in two envelope system for **ICT Enabled Management System for Solid Waste Management under Jurisdiction of "Rambha NAC"** as scheduled under:

| | |
|---|---|
| Name of the Work | ICT Enabled Management System for Solid Waste Management under Jurisdiction of Rambha NAC |
| Employer/Owner | Rambha NAC |
| Brief Scope of Work | The supplier needs to provide an ICT Enabled Management System for SWM system with help of GPS device, Citizen application, face based Staff monitoring system, RFIDs, Processing plant monitoring system. |
| Completion of Work | 30 days reckoned from the date of issue of Work Order. |
| Cost of Tender Document | Rs.600/- (Non-refundable) in favour of Executive Officer, Rambha NAC payable at NAC Office, Rambha |
| Last Date of Selling Tender Document | Upto 05.00 P.M. Hrs. on Dtd.13.03.2025 in the Rambha NAC Office (Except Govt. Holidays) |
| Last Date of offline submission of Technical and Financial Bid | Upto 11.00 A.M. Hrs. on Dtd.17.03.2025 |
| Date & time of opening of Technical Bid | At 11.30 A.M. Hrs. on Dtd.17.03.2025 at Rambha NAC Office |
| Date & time of opening of Financial Bid | At 03.00 P.M. Hrs. on Dtd.20.03.2025 at Rambha NAC Office |
| Validity of Offer | 90 days after the last date fixed for submission of Bid |
| Security Deposit | 3% (Three Percent only) of contract value will be deducted in each RA bill and will be paid after release of final payment. |

The tenders shall be submitted through Registered Post/Speed Post/ Directly at NAC Office, Help Desk by hand addressed to:
**The Executive Officer**
**Rambha NAC Office**
**Ganjam, Odisha, PIN - 761028**
Sd./- Executive Officer
N.A.C. Rambha
OIPR-13114/11/0026/2425

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**
**Corrigendum**
No.772/Date. 24.02.2025
**1st Corrigendum to Bid Identification No. Tender-Online-C.C.03 of 2025 Dated 05.02.2025 Invited vide this office Lr. No. 424 dated 05.02.2025**
**No.O-1560** : The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.-03 of 2025 Dt. 05.02.2025 issued vide this office Lr. No.424 Dt. 05.02.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Upto | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-03 of 2025 | 17.03.2025 up to 5.00 P.M. | 18.03.2025 at 11.00 A.M. | To be intimated later on |

All other conditions remain unaltered.
Sd./- Chief Construction Engineer
Central Rural Works Circle, Bhubaneswar
OIPR-25194/11/0028/2425

## ସଂକ୍ଷେପରେ

### ଏଟିଏମ୍‌ରେ ନାହିଁ ଟଙ୍କା: ଗ୍ରାହକ ହନ୍ତସନ୍ତ

**ଥୁଆମୂଳ ରାମପୁର,୧।୩ (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ୍ ସଦର ମହକୁମାରେ ଥିବା ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ରେ ଟଙ୍କା ରହୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଗତ ୨ମାସରୁ ଊର୍ଦ୍ଧ୍ୱ ହେଲା ଅଚଳ ହୋଇପଡ଼ିଛି। ସେହିପରି ଆଇଟିଡିଏ ମାର୍କେଟ କମ୍ପ୍ଲେକ୍ସରେ ଆକ୍ସିସ୍ ବ୍ୟାଙ୍କ ଭବାନୀପାଟଣା ଶାଖା ପକ୍ଷରୁ ଏକ ଏଟିଏମ୍ ସ୍ଥାପନ କରାଯାଇଛି। ହେଲେ ପ୍ରାୟ ସମୟ ଏହି ଏଟିଏମ୍‌ରେ ଟଙ୍କା ରହୁନାହିଁ। ଏ ନେଇ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ପରିସ୍ଥିତିରେ କେତେଜଣ ଗ୍ରାହକ ବାଧହୋଇ ଗ୍ରାହକ ସେବାକେନ୍ଦ୍ର ଯାଇ ଧାଡ଼ିରେ ଅପେକ୍ଷା କରୁଛନ୍ତି ତ ଅନ୍ୟ କେତେକ ପାଖ ସହରରେ ଥିବା ଏଟିଏମ୍‌କୁ ଯାଇ ଟଙ୍କା ଉଠାଣ କରୁଛନ୍ତି। ଏସ୍‌ବିଆଇ ଏଟିଏମ୍ ସମ୍ପର୍କରେ ଥୁଆମୂଳ ରାମପୁର ଶାଖା ପରିଚାଳକ ଜୟକୃଷ୍ଣ ମେହେରଙ୍କୁ ପଚାରିବାରୁ ଆମ ପୁରୁଣା ଏଟିଏମ୍ ବକ୍ସରେ ଯାହା ଅତ୍ୟାଧୁନିକ ଯନ୍ତ୍ରପାତି କିମ୍ବା ନୂତନ ଏଟିଏମ୍ ବକ୍ସ ଲାଗିବା କଥା ଲାଗିଯାଇଛି। ଖୁବ୍‌ଶୀଘ୍ର ଲୋକଙ୍କୁ ଆଗଭଳି ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ।

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ରୁପ୍ରାରୋଡ,୧।୩ (ସଞ୍ଜୀବ ଦାସ):** ନର୍ଲା ବ୍ଲକ୍ ତୁଲାଗାଁ କ୍ଲଷ୍ଟର ଅନ୍ତର୍ଗତ ବୁଦେଲପଦର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଗୁଣନିଧି ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ଗୋବର୍ଦ୍ଧନ ମାଝୀ ମୁଖ୍ୟ ଅତିଥି, ତୁଲାଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଚ୍ୟୁତ ବାରିକ ମୁଖ୍ୟବକ୍ତା ଓ ଅତିରିକ୍ତ ଶିକ୍ଷା ଅଧିକାରୀ ସୂର୍ଯ୍ୟଦେବ ବାଗ, ତୁଲା ଗାଁ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦିଲୀପ ଗହୀର, ବେହେରାପାଟି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିତ୍ରଲେଖା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ କ୍ଷିତୀଶ ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିଲେ।

### ଏବିଇଓଙ୍କୁ ଅସରକାଳୀନ ସମ୍ବର୍ଦ୍ଧନା

**ଖଡ଼ିଆଳ,୧।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ମୋତିଲାଲ ବେହେରାଙ୍କୁ କାର୍ଯ୍ୟାଳୟ ପରିସରରେ ଅସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସମସ୍ତ ସିଆର୍‌ସିସି ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଏବିଇଓ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କଳାହାଣ୍ଡିରେ ଦେଶୀ, ବିଦେଶୀ ମଦର ଚାହିଦା

- ଚୋରା ଚାଲାଣ ରୋକିପାରୁନି, ରାଜସ୍ୱ ଆଦାୟରେ ଖୁସ୍ ଅବକାରୀ ବିଭାଗ
- ୫ ବର୍ଷରେ ରାଜସ୍ୱ ଟାର୍ଗେଟ ପ୍ରାୟ ୨ଗୁଣ ବୃଦ୍ଧି
- ୨୨୪୭ ଅବକାରୀ ମାମଲା, ୧୬୨୧ ଜଣ ଗିରଫ

**ଭବାନୀପାଟଣା,୧।୩ (ଉତ୍ତମ କୁମାର ଦାଶ)**



ଜିଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲାରେ ଦେଶୀ ଓ ବିଦେଶୀ ମଦର ଚାହିଦା ଏକ ସମ୍ବେଦନଶୀଳ ପରିସ୍ଥିତି ସୃଷ୍ଟି କରିଛି। ଜିଲାର ମୁଖ୍ୟାଳୟ ହେଉ ଅବା ଗାଁ ଯୁଆଡେ ଆଖି ବୁଲାଇଲେ ମଦ ମିଳିବା ସହଜ ହୋଇଯାଉଛି। ସବୁଠାରୁ ରୋଚକପୂର୍ଣ୍ଣ କଥା ହେଲା ମଦ ପିଉଥିବା ବ୍ୟକ୍ତି ଟିକେ ଦୂରକୁ ଯାଇ ସରକାରୀ ଭାଟି କିମ୍ବା ବିଦେଶୀ ମଦ ଦୋକାନରୁ ମଦ ଆଣି ପିଇବା ଅପେକ୍ଷା ହାତପାଆନ୍ତାରେ ମଦ କିଣିବାକୁ ପସନ୍ଦ କରୁଛନ୍ତି। ତେଣୁ କୋଟିଆ ହୁଅନ୍ତୁ କି ଚୋରା ମଦବେପାରୀଙ୍କୁ ଧରି ସାବାଡ଼ କରିବା ସମ୍ଭବ ହେଉନାହିଁ ବୋଲି ଖୋଦ ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକ ମତ ରଖିଛନ୍ତି।

ଜିଲାରେ ମଦ ବେପାରରେ କିଛି ନୀତିନିୟମ ରହିଥିବା ଅନୁଭବ ହେଉନାହିଁ। କେଉଁଠି ନକଲି ମଦର କାରଖାନା ଚାଲୁଛି ତ କିଏ ବିଲ ନ ଦେଇ ମଦ ବିକ୍ରି କରୁଛି। ବିକ୍ରିବଟାରେ କୌଣସି ଅଙ୍କୁଶ ନାହିଁ। ତଥାପି ଏହି ଜିଲା କ୍ରମାଗତ ଭାବେ ଅବକାରୀ ରାଜସ୍ୱ ଆଦାୟରେ ରେକର୍ଡ ସୃଷ୍ଟି କରିଆସୁଛି। ୨୦୧୯ରେ ସରକାରଙ୍କ ଅବକାରୀ ବିଭାଗ କଳାହାଣ୍ଡି ପାଇଁ ୪୨କୋଟି ଟଙ୍କାର ଟାର୍ଗେଟ ଦେଇଥିଲେ। ହେଲେ ରାଜସ୍ୱ ଆଦାୟ ହୋଇଥିଲା ୪୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା। ଚଳିତ ଆର୍ଥିକବର୍ଷ ପାଇଁ ଟାର୍ଗେଟ ୭୪ କୋଟି ଥିବାବେଳେ ଜାନୁଆରୀ ସୁଦ୍ଧା ୫୮କୋଟି ଟଙ୍କା ଆଦାୟ ସରିଛି। ମାର୍ଚ୍ଚ ଶେଷରେ ରାଜସ୍ୱ ୭୮କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଅଧିକାରୀ ଜଣାଇଛନ୍ତି। କଳାହାଣ୍ଡି ଏକ କୃଷିପ୍ରଧାନ ଜିଲା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମଦର ବହୁଳ ବିକ୍ରି ଦ୍ୱାରା ଟାର୍ଗେଟଠାରୁ କେବଳ ରାଜସ୍ୱ ଆଦାୟ ବୃଦ୍ଧି ହେଉଛି ତା' ନୁହେଁ; ହିଂସାକାଣ୍ଡ, ଦୁର୍ଘଟଣା ଓ ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବୃଦ୍ଧି କରିଚାଲିଛି। ଜିଲାରେ ପ୍ରତିବର୍ଷ ସଡକ ଦୁର୍ଘଟଣାରେ ୧୫୦ରୁ ଊର୍ଦ୍ଧ୍ୱ ମୁଣ୍ଡ ଗଡୁଛି। ମଦ ପିଇ ଗାଡି ଚାଳନା ହିଁ ଦୁର୍ଘଟଣାର ପ୍ରମୁଖ କାରଣ ହୋଇଥିବା କୁହାଯାଉଛି। ଅବକାରୀ ମାନୁଆଲକୁ ଭିତ୍ତି କରି ନିୟମାନୁସାରେ କାର୍ଯ୍ୟ କରାଯାଉନି। ଜିଲାରେ ଅନ-ସପ୍ ୨୨ଟି ଥିବାବେଳେ ଅଫ୍-ସପ୍ ୩୪ଟି ରହିଛି। ନିୟମାନୁଯାୟୀ ମଦ ବିକ୍ରି ପରେ ବିଲ ଦିଆଯିବା କଥା। ତାହା କାଁ ଭାଁ କେଉଁଠି ଦିଆଯାଉଥିବା ବେଳେ ଅନ୍ୟଠି ବିଲ ଆଦୌ ଦିଆଯାଉନାହିଁ। ବିଦେଶୀ ମଦକୁ ବାଦ୍ ଦେଲେ ଭବାନୀପାଟଣା ସହରରେ ପାନ ଦୋକାନ, ଗଳିକନ୍ଦିରେ ଦେଶୀ ମଦ ବିକ୍ରି କରାଯାଉଛି। ଜିଲାର ୧୩ଟି ବ୍ଲକରେ ଦେଶୀ ମଦ ବିକ୍ରି ବୃଦ୍ଧି ପାଇଛି। ଚୋରାରେ ରନ୍ଧା ମଦ ପ୍ରସ୍ତୁତ କରାଯାଉଛି। ଅବକାରୀ ବିଭାଗ ଅକସ୍ମାତ କୌଣସି ସୂଚନା ପାଇଲେ ଚଢ଼ାଉ କରି ଦେଶୀ ରନ୍ଧା ମଦ ଜବତ କରିବା ସହ ପୋଚ ନଷ୍ଟ କରି କେବଳ ଦାୟିତ୍ୱ ତୁଲାଉଛି। ଗତବର୍ଷ ଏପ୍ରିଲରୁ ଚଳିତବର୍ଷ ଜାନୁଆରୀ ଶେଷ ସୁଦ୍ଧା ୨୨୪୭ଟି ଅବକାରୀ ମାମଲା ହୋଇଥିବାବେଳେ ୧୬୨୧ ଜଣଙ୍କୁ ଗିରଫ କରାଯାଇଛି। ୫୭୧୯୧୦ କେଜି ପୋଚ, ବେଆଇନ ରନ୍ଧା ମଦ ୩୮୯୨୭ ଲିଟର, ବେଆଇନ ସରକାରୀ ଦେଶୀ ମଦ ୮୦୧୬ ଲିଟର ଜବତ ହୋଇଛି। କିନ୍ତୁ ନକଲି ମଦ ବହୁଳ ଭାବେ ପ୍ରସ୍ତୁତ ଚାଲିଥିବା ସତ୍ତ୍ୱେ ଧରାପଡ଼ିଛି କେବଳ ୧୧୧ ଲିଟର। ସପ୍ତାହେ ପୂର୍ବେ ମୁଖିଗୁଡ଼ାର ନକଲି ମଦର କାରଖାନା ଉପରେ ଚଢ଼ାଉ କରିବା ସମୟରେ ବିପୁଳ ପରିମାଣର ମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଧରାପଡିଥିଲା। ଜିଲାରେ ନକଲି ମଦ ଓ ଗଳିକନ୍ଦିରେ ଯେଉଁଭଳି ମଦ ବିକ୍ରି ଚାଲିଛି ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।



କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତାଙ୍କ ସହ କବିଗଣ।

## କଳାହାଣ୍ଡି ଲେଖିକା ସଂଘର 'ଫଗୁଣ କାବ୍ୟୋତ୍ସବ'

**ଭବାନୀପାଟଣା, ୧।୩ (ଉତ୍ତମ କୁମାର ଦାଶ)**

ଫଗୁଣ ଆସିଲେ ଆମ୍ବ ବଉଳର ମହ ମହ ବାସ୍ନାରେ ଚତୁର୍ଦ୍ଦିଗ ମହକି ଉଠେ। ମଲ୍ଲି, ରଜନୀଗନ୍ଧା, ଯୁଇ, ଯାଇ, ହିନାର ଭୁରୁ ଭୁରୁ ବାସ୍ନା ସହ କୋଇଲିର କୁହୁ କୁହୁ ତାନରେ ପରିବେଶ ମଧୁମୟ ହୋଇ ଉଠେ। ପ୍ରଭୁ ରାଧା କୃଷ୍ଣ ସାଥେ ଫଗୁ ରଙ୍ଗରେ ରଙ୍ଗେଇ ହେବା ପାଇଁ ମନ ଧାଇଁଯାଏ। ଶନିବାର ଭବାନୀପାଟଣା ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କଳାହାଣ୍ଡି ଲେଖିକା ସଂଘର 'ଫଗୁଣ କାବ୍ୟୋତ୍ସବ'ରେ କିଛି ଏଭଳି ସ୍ୱାଦର କବିତା ପରଷିଥିଲେ କବିଗଣ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସଭ୍ୟା ମମତା ପଟ୍ଟନାୟକଙ୍କ ଶାଶୁ ସ୍ୱର୍ଗତଃ ସରୋଜିନୀ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କବି ଅନୀତା ମୁଣ୍ଡ ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ କବି ଦୀପ୍ତି ମୁଣ୍ଡ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ସମ୍ପାଦିକା କଳ୍ପନା ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧକ୍ଷା ସବିତା ଶତପଥୀ ବାର୍ଷିକ ଆୟବ୍ୟୟ ଅଟକଳ ପ୍ରଦାନ କରିଥିଲେ। କବି ସୁମତି ମୁଣ୍ଡଙ୍କ ସଂଯୋଜନାରେ ଅନୀତା ମୁଣ୍ଡ, ପଦ୍ମିନୀ ବେହେରା, ଆନନ୍ଦିନୀ ପାତ୍ର, ଅର୍ଚ୍ଚନା ମିଶ୍ର, ମିନତି ପ୍ରଧାନ, ମନୋରମା ପାତ୍ର, ହରିପ୍ରିୟା ଠାକୁର, କାଜଲ ମହାରଣା, ପ୍ରତିଭା ମିଶ୍ର, ପ୍ରେମଶୀଳା ବେହେରା, ସନ୍ଧ୍ୟାରାଣୀ ବେହେରା, ସବିତା ଶତପଥୀ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ସୁଦେଷ୍ଣା ପଣ୍ଡା ପରିଚାଳନା କରିଥିଲେ। ସହସମ୍ପାଦିକା ମିନତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଏପ୍ରିଲ ୧ରୁ ମାରାଗୁଡ଼ା ମହୋତ୍ସବ

**ନୂଆପଡ଼ା,୧।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ମାରଗୁଡ଼ା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଉପାଧ୍ୟକ୍ଷ ଦୀପିକା ଦୀପ, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, କୋମନା ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ନୂଆପଡ଼ା ଜିଲା ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଭୀମସେନ ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଫଣିନ୍ଦମ ସିଂଦେଓ, ନୂଆପଡ଼ା ଜିଲା ଓକିଲ ସଂଘ ସଭାପତି କ୍ଷିତୀଶ ଅଶୋକ ବୋଧନକର, ଜିଲା ଭାଜପା ସଭାପତି କମଲେଶ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଏପ୍ରିଲ ୧ରୁ ୫ ପର୍ଯ୍ୟନ୍ତ ମାରାଗୁଡ଼ା ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉତ୍ସବ ସହ ପଲ୍ଲିଶ୍ରୀ ମେଳା ମଧ୍ୟ ଅନୁଷ୍ଠିତ ହେବ ବୋଲି ଜିଲାପାଳ ଘୋଷଣା କରିଥିଲେ। ଶେଷରେ ଉପ ଜିଲାପାଳ ଯୋଗେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ମାଣ୍ଡିଆ ବଣ୍ଟନରେ ଅନିୟମିତତା ଅଭିଯୋଗ

**ସିନାପାଲି,୧।୩(ମନଫୁଲ ମେହେର)**

ସିନାପାଲି ବ୍ଲକ୍ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ମାଣ୍ଡିଆ ବଣ୍ଟନରେ ଅନିୟମିତତା ନେଇ ଅଭିଯୋଗ ହେଉଛି। ସରକାର ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଚାଉଳ ସହିତ ମାଣ୍ଡିଆ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ସ୍ଥାନୀୟ ପଞ୍ଚାୟତ ତରଫରୁ ପିଡିଏସ୍ ସାମଗ୍ରୀରେ ମାଣ୍ଡିଆ ପ୍ରଦାନ କରୁଛନ୍ତି। ହେଲେ କେତେଜଣ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ହିତାଧିକାରୀ ପିଡିଏସ୍ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ସିନାପାଲି ବ୍ଲକ୍ ଅନ୍ତର୍ଗତ ନିଲଜି, ଟିମନପୁର, ଭରୁଆମୁଣ୍ଡା, ନୂଆପଡ଼ା ପ୍ରଭୃତି ପଞ୍ଚାୟତରେ ଜାନୁଆରୀ ଓ ଫେବୃଆରୀ ମାସର ମାଣ୍ଡିଆ ବଣ୍ଟନ ହୋଇ ନ ଥିବା ଅଭିଯୋଗ ହୋଇଛି। କେତେକ ପଞ୍ଚାୟତରେ ପୂର୍ବରୁ ଫିଙ୍ଗର ପ୍ରିଣ୍ଟ ନିଆ ସରିଥିଲେ ମଧ୍ୟ କାହିଁକି ମାଣ୍ଡିଆ ଦିଆଯାଇ ନାହିଁ ବୋଲି ପ୍ରଶ୍ନ ଉଠିଛି। ଏ ନେଇ କେତେଜଣ ପଞ୍ଚାୟତ ଯୋଗାଣ ସହାୟକଙ୍କୁ ପଚାରିବାରୁ ମାଣ୍ଡିଆ ଅଛି ଓ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ନିଆଯାଇଛି। କିଛିଦିନ ପରେ ବଣ୍ଟନ କରିଦେବେ ବୋଲି କହିଛନ୍ତି। ଏ ନେଇ ସିନାପାଲି ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠିଆଙ୍କୁ ପଚାରିବାରୁ କୌଣସି ଦୁର୍ନୀତି ହୋଇନାହିଁ, କେତେଜଣ ଯୋଗାଣ ସହାୟକଙ୍କ ଅବହେଳା କାରଣରୁ ଏଭଳି ବ୍ୟତିକ୍ରମ ହୋଇଛି ବୋଲି ପ୍ରକାଶ କରିଥିଲେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ ହିତାଧିକାରୀଙ୍କୁ ତୁରନ୍ତ ମାଣ୍ଡିଆ ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷା ବିଭାଗର ମାସିକ ସମୀକ୍ଷା ବୈଠକ


ପ୍ରଧାନ ଶିକ୍ଷକଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି ।

**ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧିକାରୀ, ଶିକ୍ଷକ ପୁରସ୍କୃତ**

**ନୂଆପଡ଼ା,୧।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶିକ୍ଷା ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଅଧିକାରୀ ଓ ଶିକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ବୈଠକରେ ଶିକ୍ଷା ବିଭାଗର ବିଭିନ୍ନ ବିଷୟରେ ଆଲୋଚନା ପରେ ଜିଲାପାଳ ମଧୁସୂଦନ ଦାସ ନୂଆପଡା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁଙ୍କୁ ବିଦ୍ୟାଳୟ ପରିଚାଳନା ସହ ସୁଦୂର ଉତ୍ତରପ୍ରଦେଶରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଉଦ୍ଧାର କରି ଉଦାହରଣ ସୃଷ୍ଟି କରିଥିବା ହେତୁ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବରେ ପୁରସ୍କୃତ କରିଛନ୍ତି। ସେହିଭଳି ବାଣୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତା ମାଝୀଙ୍କୁ ଉତ୍କୃଷ୍ଟ ରୋଷେଇ ବଗିଚା ଓ କାଙ୍କେରମଞ୍ଜି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲଳିତ ମାଝିଙ୍କୁ ସର୍ବୋଚ୍ଚ ଛାତ୍ର ଉପସ୍ଥାନ ପାଇଁ ପୁରସ୍କୃତ କରିଥିଲେ। ନୂଆପଡା ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କୁ ଶ୍ରେଷ୍ଠ ବିଇଓ ଭାବରେ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଥିଲେ ।

## ଗ୍ରାମ୍ୟ ଜଳଯୋଗାଣ କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଲାଞ୍ଜିଗଡ଼,୧।୩(ରମେଶ ଚନ୍ଦ୍ର ନାୟକ)**

**ଜଳଯୋଗାଣ ବାଧାପ୍ରାପ୍ତ, ବିକଳ୍ପ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ ଦରମା, ଭତ୍ତା, ସ୍ଥାୟୀ ନିଯୁକ୍ତି ଓ ବୀମାଭୁକ୍ତ କରିବା ଦାବିରେ ୨୦ ତାରିଖରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ବ୍ଲକ୍‌ର ୨୬ ଗୋଟି ଗ୍ରାମପଞ୍ଚାୟତରେ ୫୭ ଗୋଟି ବସୁଧା ପ୍ରକଳ୍ପ ଥିବାବେଳେ ୬୭ ଜଣ ଜଳ ଯୋଗାଣ କର୍ମଚାରୀ ଓ ପମ୍ପ ଡ୍ରାଇଭର ରହିଛନ୍ତି। ତେବେ ଦୀର୍ଘ ବର୍ଷ ଧରି ସେମାନଙ୍କ ଦାବି ପୂରଣ ହୋଇ ନ ଥିବାରୁ ରାଜ୍ୟ ସଂଘ ଡାକରାରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଗ୍ରୀଷ୍ମଋତୁ ଆରମ୍ଭ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଜଳକଷ୍ଟ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଏହି ସମୟରେ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପଞ୍ଚାୟତ ସମିତି ବୈଠକରେ ସଭ୍ୟାସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିବାବେଳେ ଜଳ ଯୋଗାଣକୁ ଗୁରୁତର ସହିତ ନେଇଛି ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ। ବିଡିଓ ଶଶାଙ୍କ ପାତ୍ର ବ୍ଲକ୍‌ର ସମସ୍ତ ପଞ୍ଚାୟତକୁ ଜଳଯୋଗାଣ ପାଇଁ ତୁରନ୍ତ ବିକଳ୍ପ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦଶମତ ମାଝୀ ବ୍ଲକ୍‌ର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗକରି ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ନିୟମିତ କରିବାକୁ ପଦକ୍ଷେପ ନେଉଥିବା ଜଣାପଡିଛି। ଆଜି ସୁଦ୍ଧା ବ୍ଲକ୍‌ର କିଛି ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଥିବାବେଳେ ଅନ୍ୟ ସବୁ ପଞ୍ଚାୟତରେ ଆଗାମୀ କିଛିଦିନରେ ସ୍ୱାଭାବିକ ହୋଇଯିବ ବୋଲି ବିଡିଓ ପାତ୍ର ପ୍ରକାଶ କରିଛନ୍ତି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**କୋମନା,୧।୩(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ କୁସଦହନା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପାଲା ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋମନା ଏବିଇଓ ବଳମତ ମାଝୀ ମୁଖ୍ୟ ଅତିଥି, କୁରୁମପୁରୀ କ୍ଲଷ୍ଟର ସଂଯୋଜକ ସୁବାଳ ଶ୍ୟାମ ପଣ୍ଡା ମୁଖ୍ୟ ବକ୍ତା ଓ ଟେଙ୍ଗନାବାସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡା, ଚୌକାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଯୋଶୀ, ଦଳଦଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରେମଲାଲ ସତନାମୀ, ସିନାପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ସାହୁ, ବେଲମୁଣ୍ଡିଆପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କମଳା କାନ୍ତ ଦାସ, ବିଦ୍ୟାଳୟ କମିଟି ସଭାପତି ଗୋଲାପ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରିଖିରାମ ମହାନନ୍ଦ ବିବରଣୀ ପଠନ ଓ ଶିକ୍ଷୟିତ୍ରୀ ବିନିତା ଦାସ ଧନ୍ୟବାଦ ଦେଇଥିଲେ।

## ଡ. ଭୀମରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭବାନୀପାଟଣା,୧।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ନକଟିଗୁଡା ଛକରେ ଭାରତ ରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଭବ୍ୟ ପ୍ରତିମୂର୍ତ୍ତି ସହ ସମ୍ବିଧାନର ସୁଦୃଶ୍ୟ ପ୍ରତିକୃତିକୁ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏଠାରେ ପୂର୍ବରୁ ବାବାସାହେବଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା। କିନ୍ତୁ ସମୟକ୍ରମେ ରାସ୍ତା ପ୍ରଶସ୍ତିକରଣ ଓ ସହରର ସୌନ୍ଦର୍ଯ୍ୟକରଣକୁ ଦୃଷ୍ଟିରେ ରଖି ଫେଡେରେଶନ ପକ୍ଷରୁ ବାବା ସାହେବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପୌର ପରିଷଦ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ବିଚାରକୁ ନେଇ ପୌର ପରିଷଦ ଓ ଜିଲା ପ୍ରଶାସନ ପକ୍ଷରୁ ନକ୍ଟିଗୁଡା ଛକରେ ବାବାସାହେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ସହିତ ସମ୍ବିଧାନ ପୁସ୍ତକର ପ୍ରତିକୃତି ସ୍ଥାପନ କରାଯାଇଛି। ଲୋକାର୍ପଣ ଉତ୍ସବରେ ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ମୁଖ୍ୟଅତିଥି ଓ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମୁନୀନ୍ଦ୍ର ହୋନ୍ନାଗା, ପୌର ନିର୍ବାହୀ ଅଧିକାରୀ ଡା. ସତ୍ୟ ସମ୍ପର୍ଣ୍ଣା ରାଉତ, ପୌର ଯନ୍ତ୍ରୀ ବୀର ସିଂ ବିରୋଲି, କନିଷ୍ଠ ଯନ୍ତ୍ରୀ ରାଧାନାଥ ରାୟ, ଫଗୁ ମାର୍ଣ୍ଡି, କାଉନସିଲର ରଂଯୁକ୍ତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନ ସଭାପତି ଶ୍ରୀବତ୍ସ ତାଣ୍ଡି, ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ କୁମାର, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଏକ, ଉପଦେଷ୍ଟା ପ୍ରେମାନନ୍ଦ ବାଗ, କାର୍ଯ୍ୟକାରୀ ସଭାପତି ଋଷିସୁଦନ ଛତ୍ରପାଲ, ନଗର ସଭାପତି ପୃଥ୍ୱୀରାଜ ଛତ୍ରିଆ, ବିଶିଷ୍ଟ ଆମ୍ବେଡକରବାଦୀ ସୁଗ୍ରୀବ ଦୀପ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନକ୍ଟିଗୁଡା ଛକକୁ ସମ୍ବିଧାନ ଛକ ଭାବେ ନାମିତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।




ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥିମାନେ।

# ଜଳବନ୍ଦୀ ଆଶଙ୍କାରେ ପୁଣି ୩୫୦ ପରିବାର

**ଲାଞ୍ଜିଗଡ଼,୧।୩(ରମେଶ ଚନ୍ଦ୍ର ନାୟକ)**

**ମନ୍ଥର ଗତିରେ ଚାଲିଛି ବ୍ରିଜ୍ କାମ**


ପୋଲ କାମ ଅଧାପନ୍ତରିଆ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ପଞ୍ଚାୟତ ପ୍ରଧାନୀପଡ଼ା ଛକରୁ ସାହାଜପଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କଲ୍ୟାଣୀ ନଦୀରେ ବ୍ରିଜ୍ ନିର୍ମାଣ କାମ ମନ୍ଥର ଗତିରେ ଚାଲୁଥିବାରୁ ଏହା ଶେଷ ହୋଇପାରି ନ ଥିବା ଅଭିଯୋଗ ହେଉଛି। ଫଳରେ ପୁଣି ୩୫୦ ପରିବାର ବର୍ଷାଦିନେ ଜଳବନ୍ଦୀ ହେବା ଆଶଙ୍କା ରହିଛି ।

ସାହାଜପଡ଼ା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଜେପୁର ପ୍ରଧାନୀପଡ଼ା ଛକରୁ ସାହାଜପଡ଼ାକୁ ସଂଯୋଗ କରୁଥିବା ୪ କି.ମି. ପାଦଚଲା ରାସ୍ତା ମଝିରେ କଲ୍ୟାଣୀ ନଦୀ ରହିଛି। ନଦୀ ଯୋଗୁ ସାହାଜପଡ଼ା ସମେତ ଡକରିଗୁଡ଼ା, ବଣ୍ଡେଲ, ଗାତ୍ରାଗୁଡା,ବାରଗୁଡ଼ା ଓ ବାଲିସରା ଗାଁର ଲୋକେ ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ଫଳରେ ବର୍ଷାଦିନେ ପଞ୍ଚାୟତ କାର୍ଯ୍ୟାଳୟ ବିଜେପୁର ଓ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁରକୁ ଯିବା ପାଇଁ ଲୋକେ ନାନା ଅସୁବିଧା ଭୋଗୁଥିଲେ। ଏଠିକାର ଲୋକେ ୬ ମାସ ଜଳବନ୍ଦୀ ଜୀବନ କାଟୁଥିବା ବେଳେ ଆଉ ୬ ମାସ କଲ୍ୟାଣୀ ନଦୀରେ ପାଣି କମିବା ପରେ ବାଲିବସ୍ତା ଦେଇ ଯାତାୟାତ କରୁଥିଲେ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଉପରୋକ୍ତ ୬ ଗ୍ରାମର ଅଧିବାସୀ କଲ୍ୟାଣୀ ନଦୀରେ ପୋଲ ନିର୍ମାଣ କରିବାକୁ ନେଇ କଳାହାଣ୍ଡି ଜିଲାପାଳ, ସାଂସଦ, ବିଧାୟକ, ବିଡିଓ, ସରପଞ୍ଚଙ୍କ ପାଖରେ ଦାବି ଜଣାଇ ଆସୁଥିଲେ। ଏପରି କି ଭୋଟ ବର୍ଜନ ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। ସରକାର ଏହାକୁ ଗୁରୁତର ସହ ଗ୍ରହଣକରି ୨୦୨୩ ମସିହାରେ ଏହି ବ୍ରିଜ୍ ନିର୍ମାଣ ପାଇଁ ଟେଣ୍ଡର ହୋଇ ମେ ମାସରେ କାମ ଆରମ୍ଭ କରିଥିଲେ। କିନ୍ତୁ ଠିକାଦାର ଜଣକ ଅନ୍ୟ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦେଇଥିବା ବେଳେ ସେହି ଠିକାଦାର ଜଣେ ମିସ୍ତ୍ରିଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ପୁଣି କାମ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀ ତଦାରଖ ପାଇଁ ଆସୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପୋଲ କାମ ଶୀଘ୍ର ଆରମ୍ଭ ନ ହେଲେ ବର୍ଷାଦିନେ ସମ୍ପୂର୍ଣ୍ଣ ଭାବେ ପୋତିହୋଇଯିବ ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ଫଳରେ ପୁଣି ୩୫୦ ପରିବାର ଜଳବନ୍ଦୀ ହେବା ଆଶଙ୍କା ରହିଛି ବୋଲି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ପଚାରିବାରୁ ଏହି କାମ ପାଇଁ ୨୦୨୩-୨୪ରେ ଏଗ୍ରିମେଣ୍ଟ ହୋଇଛି ଓ ଗତବର୍ଷ ମେ ମାସରୁ କାମ ଆରମ୍ଭ ହୋଇଛି। କାମ କରିବା ବେଳକୁ ପାଣି ଚାଲି ଆସୁଛି ଏବଂ ଫାଉଣ୍ଡେଶନ ଧସିଯାଉଛି। ତେଣୁ ବିଳମ୍ବ ହେଉଛି, ବର୍ତ୍ତମାନ କାମ ଠିକ ଭାବେ ଚାଲୁଛି। କାମ ସ୍ଥାନକୁ ବିଭାଗୀୟ ଯନ୍ତ୍ରୀ ତଦାରଖ ପାଇଁ ଆସୁ ନ ଥିବା ଅଭିଯୋଗକୁ ଖଣ୍ଡନକରି ପ୍ରତିଦିନ ତଦାରଖ ପାଇଁ ଯାଉଥିବା ପ୍ରକାଶ କରିଛନ୍ତି ।

# ହାଇଟେକ ସର୍ଭେର ନମୁନା ସର୍ଭେ ନିର୍ଦ୍ଦେଶ

## ସୁବର୍ଣ୍ଣପୁରରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

- ସ୍କୁଲ, କଲେଜ ନାମରେ ଖେଳ ପଡିଆ, ଜମି ପଟ୍ଟା ପ୍ରଦାନ ପରାମର୍ଶ
- ଭୂମିହୀନଙ୍କୁ ଚିହ୍ନଟ କରି ଜମି ପଟ୍ଟା ପ୍ରଦାନ କର
- ସେବା ପ୍ରଦାନରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ସୋନପୁର, ୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୋଜନା ଏବଂ କାର୍ଯ୍ୟକାରୀ ସମ୍ପର୍କିତ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଉପସ୍ଥିତ ଥିଲେ।

ମନ୍ତ୍ରୀ ପୂଜାରୀ କହିଥିଲେ ଜିଲାରେ ହାଇଟେକ ସର୍ଭେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସର୍ଭେ ତ୍ରୁଟିଶୂନ୍ୟ ହୋଇଛି କି ନାହିଁ ଆଉ ଥରେ ନମୂନା ସର୍ଭେ କରାଯିବ। ଠିକ୍‌ଠାକ ହୋଇଥିଲେ ପଟ୍ଟା ବଣ୍ଟନ କରାଯିବ। ନଚେତ୍ ପୁଣିଥରେ ସର୍ଭେ କରିବାକୁ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ସ୍କୁଲ, କଲେଜ ନାମରେ ଜମି ପଟ୍ଟା ପ୍ରଦାନ କରିବା ଉପରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ପଡିଆ ଆବଶ୍ୟକ। ତେଣୁ ଶିକ୍ଷାନୁଷ୍ଠାନ ପାର୍ଶ୍ୱରେ ସରକାରୀ ଜମି ଥିଲେ ଖେଳପଡିଆ ପାଇଁ ପଟ୍ଟା


ସୁବର୍ଣ୍ଣପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରୁଛନ୍ତି।

ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨ ମାସ ଭିତରେ ଏହି କାମ ସାରିବାକୁ ସେ ତହସିଲଦାରମାନଙ୍କୁ ପରାମର୍ଶ ଦେଇଥିଲେ। ଧାର୍ଯ୍ୟ ସୀମା ମଧ୍ୟରେ ରାଜସ୍ୱ ସେବା ଜାତି, ଆୟ, ଉତ୍ତରାଧିକାରୀ ଓ ଆବାସିକ ପ୍ରମାଣପତ୍ର ପ୍ରଦାନ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନେ ଯେପରି ସେବା ପାଇବା ପାଇଁ ହଇରାଣ ହରକତ ନ ହୁଅନ୍ତି ସେଥି ନିମନ୍ତେ ସମସ୍ତ ରାଜସ୍ୱ ଅଧିକାରୀ ବିଶେଷ ଯତ୍ନବାନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ତହସିଲଦାର ଓ ଅନ୍ୟାନ୍ୟ ରାଜସ୍ୱ କର୍ମଚାରୀ ବିଭିନ୍ନ ଗ୍ରାମ ଗସ୍ତ କରି ଜନସାଧାରଣଙ୍କ ରାଜସ୍ୱ ସମସ୍ୟାର ସମାଧାନ କରନ୍ତୁ। ଭୂମିହୀନଙ୍କୁ ଚିହ୍ନଟ କରି ବସୁନ୍ଧରା ଯୋଜନାରେ ଜମି ପଟ୍ଟା ପ୍ରଦାନ କରିବାକୁ କହିଥିଲେ। ଯେଉଁ ଲାଭାର୍ଥୀ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କରି ରହୁଛନ୍ତି ସେମାନଙ୍କ ଜମି ପଟ୍ଟାକୁ ନିଶ୍ଚିତ କରିବାକୁ ହେବ। ବିଭାଗକୁ ଲୋକାଭିମୁଖୀ କରିବାକୁ ଜିଲାରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅଧିକାରୀ ଯତ୍ନବାନ ହୋଇ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲାରେ ଅଧିକ ରାଜସ୍ୱ ଗ୍ରାମ ହେଲେ ସାଧାରଣ ଲୋକ ଗରିବୀ କଲ୍ୟାଣ ଯୋଜନାର ଅଧିକ ମାତ୍ରାରେ ଲାଭ ପାଇପାରିବେ। ଏଣୁ ବିଧି ମୁତାବକ ମାର୍ଚ୍ଚ ୩୧ ସୁଦ୍ଧା ଜିଲାରେ ନୂତନ ରାଜସ୍ୱ ଗ୍ରାମ ଗଠନ ପ୍ରସ୍ତାବ ସରକାରଙ୍କୁ ପଠାଇବାକୁ ମନ୍ତ୍ରୀ ପରାମର୍ଶ ପ୍ରଦାନ କରିଛନ୍ତି। ସରକାରୀ ଜମି ଜବରଦଖଲ ହଟାଇବା ସହିତ ତାର ସୁରକ୍ଷା ପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅସାଧୁ ଉପାୟରେ ଆଦିବାସୀ ଓ ହରିଜନଙ୍କ ଜମି ହଡ଼ପ କରୁଥିବା ଲୋକଙ୍କ ପ୍ରତି ବିଶେଷ ସତର୍କ ରହିବାକୁ ରାଜସ୍ୱ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କୁ ରାଜସ୍ୱ ସେବା ପ୍ରଦାନରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଥିଲେ।

ବୈଠକରେ ଜିଲାପାଳ ଅନ୍ୟା ଦାସ, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲାପାଳ ଡ. ସୌମ୍ୟାରୁପା ରଥ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଆସିଷ୍ଟାଣ୍ଟ କଲେକ୍ଟର(ରାଜସ୍ୱ) ସତ୍ୟବ୍ରତ ସାହୁ, ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର ଉପସ୍ଥିତ ଥିଲେ।

# ଶିକ୍ଷକତାକୁ ବ୍ରତଭାବେ ଗ୍ରହଣ କର


ଅତିଥିଙ୍କ ଗହଣରେ ତାଲିମ ନେଇଥିବା କନିଷ୍ଠ ଶିକ୍ଷକମାନେ।

## ତାଲିମ ନେଲେ ୫୦ ନବନିଯୁକ୍ତ ଶିକ୍ଷକ

ସୋନପୁର, ୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ନୂତନଭାବେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ତାଲିମ ପ୍ରେରଣା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ୨୪ ଫେବୃଆରୀରୁ ୧ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରି ତାଲିମପ୍ରାପ୍ତ ହୋଇଛନ୍ତି। ଆମ ବିଭାଗ, ମୋ ବିଦ୍ୟାଳୟ, ପିଲାଙ୍କୁ ବୁଝିବା, ପିଲାମାନେ ଶିଖନ୍ତି କିପରି, ଶ୍ରେଣୀ ପରିଚାଳନା, ପାଠ ଯୋଜନା, ମାନ ନିର୍ଦ୍ଧାରଣ, ଅଭିନବ ପ୍ରୟାସ ଓ ଶିକ୍ଷା ସମ୍ପର୍କିତ ଇଣ୍ଡେକ୍ସ ଇତ୍ୟାଦି ବିଷୟରେ ତାଲିମ ପ୍ରଦନ କରାଯାଇଥିଲା। କୋଅର୍ଡିନେଟର୍ ଡ. ଅକ୍ଷୟ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲକ୍ଷ୍ମୀନାରାୟଣ ସାହୁ, ଦିଲୀପ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଓ ସୁରେଶ କୁମାର ନାଏକ ସାଧନ କର୍ମୀଭାବେ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକତାକୁ ଏକ ବୃତ୍ତି ନୁହେଁ ବରଂ ଏହାକୁ ଏକ ବ୍ରତ ରୂପେ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲେ। ଶେଷରେ ଅଂଶଗ୍ରହଣକାରୀମାନେ ଛଅଟି ଦଳରେ ଭାଗ ହୋଇ ଛଅଟି ପ୍ରସଙ୍ଗ ଆଧାରିତ ଏକାଙ୍କିକା ପରିବେଷଣ କରିଥିଲେ।

## ସଂକ୍ଷେପରେ

### ଅଲେଖ ମହିମା ଧ୍ୱନିରେ ମହିମାପଡ଼ା ପ୍ରକମ୍ପିତ

ବିନିକା, ୧।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ମହିମା ପଡାରେ ଶନିବାର ଅଲେଖ ମହିମା ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ଛତିଶଗଡ ରାଜ୍ୟରୁ ବ୍ରହ୍ମ ଅବଧୂତ ବୀରେନ୍ଦ୍ର ବାବା ଶିଷ୍ୟଙ୍କ ଗହଣରେ ଶନିବାର ବିନିକା ମହିମା ପଡାରେ ପହଞ୍ଚିଥିଲେ। ବାବା ବକଳଧାରୀ ମହିମା ଧର୍ମୀ ହୋଇଥିବାରୁ ଧର୍ମର ନିୟମ ଅନୁସାରେ ଯନ୍ତ୍ରଚାଳିତ ଯାନରେ ଯିବା ଆସିବା କରନ୍ତି ନାହିଁ। ବାବାଙ୍କ ଶିଷ୍ୟମାନେ ଏକ କାଠପଟା ଆସନରେ କାନ୍ଧରେ ବୋହି ନେଇଥିଲେ। ବାବା ଖଲିଆପାଲି ଭୀମଭୋଇଙ୍କ ସମାଧି ପୀଠରେ ରହି ପୁଣି ବୌଦ୍ଧ ଜିଲା ଜଟାସିଂଘା ମହିମା ମଠ ଯିବା କାର୍ଯ୍ୟକ୍ରମ ଥିବା ଶିଷ୍ୟମାନେ କହିଥିଲେ।

### ବିନିକା ଏନଏସିରେ ସମୀକ୍ଷା ବୈଠକ

ବିନିକା, ୧।୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟା ୭ ଟାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବୈଠକରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ସମସ୍ତ ବିଭାଗର କାର୍ଯ୍ୟର ସମୀକ୍ଷା କରିଥିଲେ। ବିଡିଓ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଣ୍ଟୁ ଖମାରୀ, ଜନସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଯନ୍ତ୍ରୀ ଏ କୁମାର ମୂର୍ତ୍ତି, ଭାରପ୍ରାପ୍ତ ଜିଲା ପ୍ରକଳ୍ପ ଅଧିକାରୀ ଲଲାଟେନ୍ଦୁ ସି, ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ସିଓ ପ୍ରମିତା ବାରିକଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

### ବିନିକାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବିନିକା, ୧।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଟାଉନ ହଲଠାରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବିନିକା ସ୍ପୋର୍ଟସ କ୍ଲବ ଓ ମୂରଲୀ କ୍ରିଷ୍ଣା ଫାଉଣ୍ଡେଶନ ବିକାଶ ହସ୍ପିଟାଲ ବରଗଡ଼ ଅନୁକୂଲ୍ୟରେ ଆୟୋଜିତ ଉକ୍ତ ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲା ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ସିଦ୍ଧାର୍ଥ ମହାବିଦ୍ୟାଳୟ ଅଧକ୍ଷା ଡା ରେଖା ପଧାନ, ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କାଉନସିଲର ବିଜୟ ବରାଇ ଯୋଗଦେଇଥିଲେ। ଶିବିରରେ ୨ଶହରୁ ଅଧିକ ବ୍ୟକ୍ତି ପଞ୍ଜୀକୃତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡକ୍ଟର ଶ୍ରୀବତ୍ସ କୁମାର ମହାପାତ୍ର(ସର୍ଜରୀ), ଡା ନୀଳମଣି ପାତ୍ର(ଶିଶୁରୋଗ), ଡା ନାରାୟଣ ମିଶ୍ର(ଅସ୍ଥି ଶଲ୍ୟ) ଡା ଅମନ ଦାସ ଫିଜିଓ ଥେରାପି, ଡା ଶ୍ରଦ୍ଧାସୁମନ ପାଳ(ଦନ୍ତ ବିଶେଷଜ୍ଞ) ଡା ରୋହିତ କୁମାର(ମେଡ଼ିସିନ) ଯୋଗଦେଇ ଚିକିତ୍ସା କରିଥିଲେ। ପରେ ମାଗଣା ଔଷଧ ବିତରଣ କରାଯାଇଥିଲା।

# ଆଧୁନିକ ରାଷ୍ଟ୍ର ନିର୍ମାଣରେ ସହଭାଗୀ ହୁଅ

## ମାଣିକପୁର ୟୁପି ସ୍କୁଲର ବାର୍ଷିକ ଉତ୍ସବ

ଅମରପାଲି, ୧।୩(ପୀତାମ୍ବର ସାହୁ)

ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା। ଏଠାରେ ଉତ୍ତମ ମଣିଷ ହେବା ପାଇଁ ଶିକ୍ଷକମାନେ ଶିକ୍ଷାଦାନ କରିଥାନ୍ତି। ଉତ୍ତମ ଛାତ୍ରୀଛାତ୍ର ପରିଶ୍ରମ କରି ସଫଳତା ପାଇଥାନ୍ତି। ପରିଶ୍ରମ ବଳରେ ସମ୍ପୃକ୍ତ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ଅନେକ ସଫଳତା ପାଇ ଥାଆନ୍ତି। ତେଣୁ ଆଧୁନିକ ରାଷ୍ଟ୍ର ନିର୍ମାଣରେ ସମସ୍ତେ ସହଭାଗୀ ହୁଅନ୍ତୁ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ମାଣିକପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ।

ପ୍ରଧାନଶିକ୍ଷକ ଶ୍ରୀନିବାସ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲୁହା ମୁଖ୍ୟ ଅତିଥି, ଶିକ୍ଷାବିତତ୍ ଯୁଗଳ କିଶୋର ମିଶ୍ର ମୁଖ୍ୟବକ୍ତା, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ମୁର୍ଷୁଣ୍ଡୀ ସରପଞ୍ଚ ତଥା ବରିଷ୍ଠ ଆଇନଜୀବୀ ମନୋଜ କୁମାର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ବେଟିଖିଆ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ଦୃଢ଼ ମନୋବଳ ଓ କଠିନ ପରିଶ୍ରମ କଲେ ସଫଳତା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସ୍କୁଲ ପରିସରରେ ଏକ ଗଣେଶ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା। ଏହାପରେ ମହାପୁରୁଷମାନଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭା ପରେ ଗୁରୁ ହୃଷୀକେଶ ଦାଶଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ତବଲା ବାଦକ ଦଶରଥ ମଲ୍ଲିକ ସହାୟତା କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀନିବାସ ରଥଙ୍କ ନିର୍ଦ୍ଦେଶନାରେ ଗୋପାଳ ଛୋଟରାୟ ଦ୍ୱାରା ଲିଖିତ ଗିତିନାଟ୍ୟ ଛାତ୍ରିଛାତ୍ର ମାନଙ୍କ ଦ୍ୱାରା କୃଷ୍ଣଜନ୍ମ ମଞ୍ଚସ୍ଥ ହୋଇଥିଲା। ସଭା କାର୍ଯ୍ୟ ଶିକ୍ଷକ ରାଧାକାନ୍ତ ପ୍ରଧାନ ସଂଯୋଜନା କରିଥିବା ବେଳେ ଶ୍ରୀପତି ମଲ୍ଲିକ ସ୍କୁଲ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବିଷ୍ଣୁପ୍ରସାଦ ପାଇକରାଏ, ଜୟଦେବ ତାଣ୍ଡିଆ, ସମ୍ବି ସାହୁ, କମିଟି ସଦସ୍ୟ ଗଜେନ୍ଦ୍ର ଝାଙ୍କର, ମିଲୁ ଭୋଇ, ରମେଶ ମିଶ୍ର, ସୁମନ୍ତ ପ୍ରଧାନ, କୃପାସିନ୍ଧୁ ପାଣିଗ୍ରାହୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।


ମାଣିକପୁର ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# କଲ୍ୟାଣ ମଣ୍ଡପ, ଯୋରନାଳ ବ୍ରିଜ୍ ପାଇଁ ବିଧାୟକ ପାଣ୍ଠି ଦିଆଯିବ


ଜନସମ୍ପର୍କ ପଦଯାତ୍ରା ସଭାରେ ବିଧାୟକ ନିରଞ୍ଜନ ପୂଜାରୀ ଓ ଅନ୍ୟ ବିଜେଡି ନେତୃବର୍ଗ।

## ଜନସମ୍ପର୍କ ପଦଯାତ୍ରାରେ ସୋନପୁର ବିଧାୟକଙ୍କ ପ୍ରତିଶ୍ରୁତି

ଡୁଙ୍ଗୁରିପାଲି, ୧।୩(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଜନସମ୍ପର୍କ ପଦଯାତ୍ରା କରିଥିଲେ। ବିଧାୟକଙ୍କ ସହ ବିଜେଡି କର୍ମକର୍ତ୍ତାମାନେ ଚେରୁପାଲି ଗ୍ରାମର ଆଗଲପୁର ଛକରୁ ଏକ ଶୋଭାଯାତ୍ରାରେ ଗ୍ରାମର ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ବିଧାୟକ ପୂଜାରୀ ଚେରୁପାଲି ପଞ୍ଚାୟତରେ ପୂର୍ବ ସରକାରଙ୍କ ତରଫରୁ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାମ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ଚେରୁପାଲି ସମିତି ସଭ୍ୟା ମିଥିଲ୍ୟା ସାହୁ, ସନ୍ତୋଷ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଧର୍ମେନ୍ଦ୍ର ବିଶ୍ୱାଳ, ବଦ୍ରିନାରାୟଣ ପାଣ୍ଡିଆ, ଶିବ ପଧାନ, ଜିତେନ୍ଦ୍ର ସାହୁ, ପ୍ରଦୀପ ମହାନନ୍ଦ ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ। ଚେରୁପାଲି ସରପଞ୍ଚ ଦିଲୀପ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଙ୍ଗନଦୀରୁ ଦୁଇଟି ଉଠା ଜଳସେଚନ ପଏଣ୍ଟ ଯୋଗେ ଚେରୁପାଲି ଗ୍ରାମର ହଜାର ହଜାର ଏକର ଜମିରେ ଚାଷ ହେଉଥିବାରୁ ସଭାରେ ବିଧାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପରେ ସରପଞ୍ଚ ଶତପଥୀ ଗ୍ରାମର ଅର୍ଦ୍ଧ ନିର୍ମିତ କଲ୍ୟାଣ ମଣ୍ଡପ ଓ ଚେରୁପାଲି–ଯାମପାଲି ରାସ୍ତାର ଯୋରନାଳ ଉପରେ ନିର୍ମାଣାଧୀନ ବ୍ରିଜ କାମ ସମ୍ପୂର୍ଣ୍ଣ ସକାଶେ ଅର୍ଥ ମଞ୍ଜୁର କରିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଉପରୋକ୍ତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ପରିବା ପାଇଁ ବିଧାୟକ ପାଣ୍ଠି ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବଦ୍ରିନାରାୟଣ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ଗିଝରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ତରଭା, ୧।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସର୍ଗିଝାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ସୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରମିଳା ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ସମ୍ମାନୀତ ଅତିଥିଭାବେ ଏବିଇଓ ସତ୍ୟନାରାୟଣ ମହାପାତ୍ର, ସିଆରସିସି ଶଙ୍କର ମହଲା, ସରପଞ୍ଚ ସତ୍ୟଭାମା ଦଳବେହେରା, ଶୁଭ୍ରକାନ୍ତି ପଟ୍ଟନାୟକ, ସଞ୍ଜୀବ ସେଠୀ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ସୁନୀତା ସାହୁ ଓ ଦମୟନ୍ତୀ ମଲ୍ଲିକ। ଚଳିତବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ସଚ୍ଚିଦାନନ୍ଦ ନାଗଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରଯାଇଥିଲା। ବସନ୍ତ ଦଲାଇଙ୍କ ରଚିତ ଓ ନିର୍ଦ୍ଦେଶିତ ପରିବେଶଧର୍ମୀ ନାଟକ ଜଙ୍ଗଲ ହିଁ ମଙ୍ଗଳ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରଯାଇଥିଲା। ସାଂସ୍କୃତିକ କାର୍ଯକ୍ରମକୁ ସୁଦାମ ନାଏକ ପରିଚାଳନା କରିଥିବାବେଳେ କମଳିନୀ ମହାନା ଧନ୍ୟବାଦ ଅର୍ପଣ ଦେଇଥିଲା ଶିକ୍ଷକ ଜ୍ୟୋର୍ତିମୟୀ ସରାଫ, ଜ୍ୟୋତି ସାହୁ, କରୁଣାକର ପାଣ୍ଡେ, ଜଗନ୍ନାଥ ମିଶ୍ର, ସୁଧୀର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାଟେ ସହଯୋଗ କରିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା

## ବୌଦ୍ଧ ଜିଲା ପରିଷଦ ବୈଠକ

ବୌଦ୍ଧ, ୧।୩(ଅଜିତ କୁମାର ବାରିକ)


ଜିଲା ପରିଷଦ ବୈଠକରେ ଉପସ୍ଥିତ କନ୍ଧମାଳ ଏମ୍‌ପି ଓ ଅନ୍ୟମାନେ।

ବୌଦ୍ଧ ଜିଲା ପରିଷଦ ବୈଠକ ପଞ୍ଚାୟତ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଓ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ସୁବ୍ରତ କୁମାର ପଣ୍ଡା ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜିଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ସମୀକ୍ଷା କରାଯିବା ସହିତ ପ୍ରକଳ୍ପଗୁଡିକ ତୁରନ୍ତ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ଜିଲା ପରିଷଦ ବୈଠକ ଡକାଯାଉ ନ ଥିବାରୁ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ପାନୀୟଜଳ, ପଞ୍ଚାୟତରାଜ ବିଭାଗର କାର୍ଯ୍ୟ, କୃଷି, ଜଳସମ୍ପଦ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ମହିଳା ଶିଶୁ କଲ୍ୟାଣ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ମଙ୍ଗଳ, ପୂର୍ତ୍ତ, ଶିଳ୍ପ, ଶ୍ରମ, ଜଙ୍ଗଲ, ସମବାୟ ସମିତି, ବୟନ ଶିଳ୍ପ, ବିଦ୍ୟୁତ, ହସ୍ତତନ୍ତ, ନିୟନ୍ତ୍ରିତ ବଜାର କମିଟି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପରେ ଆଲୋଚନା ହୋଇଥିଲା। ପୁରୁଣାକଟକଠାରେ ବାଇପାସ ନିର୍ମାଣ, ବାଉଁଶୁଣୀ ଓ ବୀରନରସିଂହପୁରଠାରେ ଜବରଦଖଲ ଉଚ୍ଛେଦ, ପ୍ରଧାନମନ୍ତ୍ରୀ ରାସ୍ତା ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ମଣ୍ଡିଗୁଡିକରେ ଚାଷୀଙ୍କ ଧାନ ଥିବାବେଳେ ତୁରନ୍ତ ଉଠାଇବାକୁ ସଭ୍ୟମାନେ ଦାବି କରିଥିଲେ। ଏ ନେଇ ଜିଲାପାଳ ଧାନ କିଣା ଲକ୍ଷ୍ୟ ଧାର୍ଯ୍ୟ ହୋଇସାରିଥିବା ବେଳେ ରାଜ୍ୟ ସରକାରଙ୍କୁ ଜଣାଯାଇଥିବା କହିଥିଲେ। ସେହିପରି ନିର୍ମାଣାଧୀନ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ଶେଷ ହୋଇଥିବା ବେଳେ କେବେ ଶୁଭାରମ୍ଭ ହେବ ବୋଲି ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ପ୍ରଶ୍ନ କରିଥିଲେ। ତେବେ ଜମି ସ୍ୱାସ୍ଥ୍ୟ ବିଭାଗ ନାମରେ ହୋଇ ନ ଥିବାରୁ ବିଳମ୍ବ ହେଉଥିବା ସୂଚନା ଦିଆଯାଇଥିଲା। ଶିକ୍ଷା ବିଭାଗର ବିଭିନ୍ନ ଯୋଜନା ବିଦ୍ୟାଳୟ ଗୁଡିକରେ ଠିକ୍‌ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଏବଂ ପିଲାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ପଦକ୍ଷେପ ନିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲା ପରିଷଦ ସଭ୍ୟା କଳ୍ପନାରାଣୀ ସାହୁ, ତାରାମଣୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫ ଆକାଂକ୍ଷୀ ଶୌଚାଳୟ ଉଦ୍‌ଘାଟିତ



ରାଉରକେଲା, ୧।୩ (ବିପ୍ଲବ ରଞ୍ଜନ ଦାଶ/ଦିନେଶ ମିଶ୍ର): ରାଉରକେଲା ସହରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଆରଏମ୍‌ସି ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ ପରିପ୍ରେକ୍ଷୀରେ ସ୍ୱଚ୍ଛ ଭାରତ ମିଶନ ଅଭିଯାନରେ ୫ ଆକାଂକ୍ଷୀ ଶୌଚାଳୟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଶୌଚାଳୟଗୁଡ଼ିକୁ ଆରଏମ୍‌ସି କମିଶନର ତଥା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ ଉଦ୍‌ଘାଟନ କରିଥିଲେ। ରାଉରକେଲା ମହାନଗର ନିଗମ ପକ୍ଷରୁ ସର୍ବସାଧାରଣ ସ୍ଥାନଗୁଡ଼ିକୁ ଖୋଲା ଶୌଚମୁକ୍ତ କରିବା ପାଇଁ ସହରର ପ୍ରମୁଖ ସ୍ଥାନରେ ପୂର୍ବରୁ ୨ଟି ଆକାଂକ୍ଷୀ ଶୌଚାଳୟ ରହିଥିଲା। ଦିନକୁ ଦିନ ସହରରେ ଲୋକସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଆରଏମ୍‌ସି ପକ୍ଷରୁ ରାଉରକେଲା ସରକାରୀ ଚିକିତ୍ସାଳୟ, ନୂଆ ବସ୍‌ଷ୍ଟାଣ୍ଡ, ମ୍ୟୁନିସିପାଲ କଲେଜ ସମ୍ମୁଖ ସାରନା ପଡିଆ, ରୂପଟୋଲା, ଦେଓଗାଁସ୍ଥିତ ମୁଣ୍ଡାବସ୍ତିଠାରେ ଆଉ ୫ଟି ଆକାଂକ୍ଷୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ରାଉରକେଲା ସହରକୁ ଖୋଲା ଶୌଚରୁ ମୁକ୍ତ କରିବା ସହ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସୁଦୃଢ଼ କରିବାରେ ଏହି ଶୌଚାଳୟ ଗୁଡ଼ିକ ବିଶେଷ ସହାୟକ ହେବ ବୋଲି କମିଶନର କୁଲକର୍ଣ୍ଣୀ ସୂଚନା ଦେଇଥିଲେ। ଆର୍‌ଏମ୍‌ସିର ଉପଆୟୁକ୍ତ ପଲ୍ଲବୀ ନାୟକ, ଅନୀତା ନାୟକ, ତରୁଣକାନ୍ତ, ଅଜିତ କୁମାର ପଟ୍ଟନାୟକ, ସ୍ୱାଧୀନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଦ ଘରୁ ଚୋରି, ଜଣେ ଗିରଫ

ରାଉରକେଲା, ୧।୩ (ସଙ୍ଗୀତା ଜେନା): ସେକ୍ଟର-୧୫ ଥାନା ଅଞ୍ଚଳରେ ଥିବା ଇ ବ୍ଲକରୁ ଗତ ୨୬ ତାରିଖ ସନ୍ଧ୍ୟାରେ ଏକ ବନ୍ଦଘରୁ କେହି ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି କରିନେଇଥିଲେ। ଏ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଶନିବାର ପୂର୍ବାହ୍ନ ୧୦ଟାରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୌଭାଗ୍ୟ ନାୟକ(୨୬) ଏବଂ ସେ ସେକ୍ଟର-୧୬ ଡି ବ୍ଲକ ବାସିନ୍ଦା। ତାଙ୍କଠାରୁ ୫ଟି ସୁନା ଚୁଡ଼ି, ୧ହଳ କାନଫୁଲ, ରୂପା ପାଉଁଜି ସହ ନଗଦ ୩୮ଶହ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୋଗକାରୀ ବୃନ୍ଦାବନ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ଗତ ୨୬ ତାରିଖ ସନ୍ଧ୍ୟାରେ ମନ୍ଦିରକୁ ଯାଇଥିବାବେଳେ ଦୁର୍ବୃତ୍ତ ଜଣଙ୍କ ଆଜବେଷ୍ଟସ ଭାଙ୍ଗି ଚୋରି କରିଥିଲେ।

# ଭିତ୍ତିଭୂମି ଥାଇ ସୁବିଧାରୁ ବଞ୍ଚିତ ଖେଳାଳି

## ଅବ୍ୟବସ୍ଥା ଘେରରେ ୪ ମିନି ଷ୍ଟାଡ଼ିୟମ

ରାଉରକେଲା, ୧।୩ (ସଙ୍ଗୀତା ଜେନା)

ହକିର ଗଡ଼ ସୁନ୍ଦରଗଡ ଜିଲାର ଖେଳାଳିମାନଙ୍କ ପାଇଁ ରାଉରକେଲା ଛେଣ୍ଡରେ ବିଶ୍ୱସ୍ତରୀୟ ହକି ଷ୍ଟାଡ଼ିୟମ୍, ବିଶ୍ରା ଛକସ୍ଥିତ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ବହୁମୁଖୀ କ୍ରୀଡ଼ା ଷ୍ଟାଡିୟମ ବ୍ୟତୀତ ଅନ୍ୟ ଷ୍ଟାଡିୟମ ମଧ୍ୟ ନିର୍ମାଣ କରାଯାଇଛି। କ୍ରୀଡ଼ା ବିଭାଗ ପୃଷ୍ଠପୋଷକତା ଏବଂ ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଗୁଡ଼ିକ ପରିଚାଳନା କରାଯାଉଛି। ଏତେସବୁ କ୍ରୀଡ଼ା ଭିତ୍ତିଭୂମି ଥିବା ସତ୍ତ୍ୱେ ଖେଳାଳିମାନେ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲାର ରାଉରକେଲା, ନୂଆଗାଁ, ବିଶ୍ରା, କୁଆଁରମୁଣ୍ଡା, ରାଜଗାଙ୍ଗପୁର ସମେତ ବିଭିନ୍ନ ପାରିପାର୍ଶ୍ୱିକ ଅଞ୍ଚଳର ଖେଳାଳିମାନଙ୍କ ପାଇଁ ୧୦ବର୍ଷ ତଳେ ରାଉରକେଲା ସହରର କୋଏଲନଗର, ଛେଣ୍ଡ, ସିଭିଲଟାଉନଶିପ୍ ଏବଂ ଉଦିତନଗରରେ ୪ଟି ମିନି ଷ୍ଟାଡ଼ିୟମ୍ କରାଗଲା। ଏଥିରେ ଜଗିଂ ଟ୍ରାକ୍, ଷ୍ଟୋର ବା ୟୁଟିଲିଟି ରୁମ୍, ଅପଗ୍ରେଡେଶନ ଓ ପଡ଼ିଆ ସମତଳ, ପାଚେରି ନିର୍ମାଣ, ବୃକ୍ଷରୋପଣ, କବାଡ଼ି ପିଚ୍, ଦର୍ଶକ ଗ୍ୟାଲେରୀ, ଚେଞ୍ଜିଂ ରୁମ୍, ପ୍ରସାଧାନ ଗୃହ, ଫ୍ଲଡ୍ ଲାଇଟ୍ ସୁବିଧା ହୋଇଥିଲା। ୧୦ ବର୍ଷ ତଳେ ଏଗୁଡ଼ିକ ନିର୍ମାଣ କରାଗଲା। ପୁଣିଥରେ ରାଉରକେଲା ସ୍ମାର୍ଟସିଟି ଅଧୀନରେ ଛେଣ୍ଡ ମିନି ଷ୍ଟାଡିୟମ୍‌ର ୧୦.୦୨୫ ବର୍ଗମିଟର, ଉଦିତନଗରର ୧୯.୭୨୦ ବର୍ଗମିଟର, କୋଏଲ ନଗରର ୯.୩୨୦ ବର୍ଗମିଟର ଏବଂ ସିଭିଲଟାଉନଶିପ୍‌ର ୧୦.୬୦୦ ବର୍ଗ ମିଟରର ଉନ୍ନତୀକରଣ ପାଇଁ ୭କୋଟି ୪୫ଲକ୍ଷ ବ୍ୟୟ ଅଟକଳ ହେଲା। ୨୦୨୩ରେ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ସମୟରେ ଏଗୁଡ଼ିକର ଉନ୍ନତୀକରଣ ଶେଷ କରାଗଲା। ତେବେ ୨ବର୍ଷ ପରେ ଉକ୍ତ ଷ୍ଟାଡିୟମଗୁଡ଼ିକରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଜଣେ ପୂର୍ବତନ କୋଚ୍ ଅଭିଯୋଗ କରି କହିଛନ୍ତି, ଷ୍ଟାଡିୟମ୍‌ରେ ଖେଳାଳିଙ୍କୁ ପ୍ରଶିକ୍ଷଣ ଓ ଅଭ୍ୟାସ କରାଇବା ବ୍ୟବସ୍ଥା ରହିଥିବାବେଳେ ସ୍ଥାନୀୟ ଲୋକେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ କରୁଛନ୍ତି। କିଛି ଅସାମାଜିକ ଲୋକ ଏହାର ଅପବ୍ୟବହାର କରୁଛନ୍ତି। ଫଳରେ ଟ୍ରାକ୍‌ର ଘାସ ମରିଯାଉଛି। ଖେଳାଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଡ଼ିଆରେ କ୍ରିକେଟକୁ ନିଷେଧ କରାଯିବା ଉଚିତ। ରାତି କ୍ରୀଡ଼ା ପାଇଁ ଅଧିକ ଆଲୋକ ବ୍ୟବସ୍ଥା ଦରକାର। ସେହିପରି ସୁରକ୍ଷା ବ୍ୟବସ୍ଥା କମ୍ ଯୋଗୁ ଏହି ଷ୍ଟାଡଇୟମ ନିଶାଡ଼ିମାନଙ୍କ ଚରାଭୂଇଁ ପାଲଟିଛି ବୋଲି କୋଚ୍ ଜଣଙ୍କ କହିଥିଲେ।

ଏ ସମ୍ପର୍କରେ ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚରାଯିବାରୁ ସେ କହିଲେ, ଉକ୍ତ ଷ୍ଟାଡ଼ିୟମ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ (ଆର୍‌ଏସ୍‌ସିଏଲ୍) କରୁଛି। ସୁରକ୍ଷା ବ୍ୟବସ୍ଥା ପାଇଁ ଜନସହଯୋଗ ଆବଶ୍ୟକ। ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ବଜେଟ୍ ଆର୍‌ଏମ୍‌ସି ନିକଟରେ ନାହିଁ। କୋଏଲନଗର, ଛେଣ୍ଡ ଷ୍ଟାଡିୟମ୍‌ର ଉନ୍ନତୀକରଣ କାର୍ଯ୍ୟ ବାକି ରହିଛି। ଅତିଶୀଘ୍ର ଏଗୁଡ଼ିକ ସମ୍ପୂର୍ଣ୍ଣ ହେବ। କୋଏଲନଗର ଷ୍ଟାଡ଼ିୟମ୍ ପାଇଁ ସୁରକ୍ଷା ବ୍ୟବସ୍ଥା ନେଇ ଝିରପାଣି ପୋଲିସ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି ବୋଲି ଏଡିଏମ୍ କୁଲକର୍ଣ୍ଣୀ କହିଥିଲେ।



କୋଏଲନଗରସ୍ଥିତ ମିନି ଷ୍ଟାଡ଼ିୟମ।

## ରାସାୟନିକ ଦୁର୍ଘଟଣା ମୁକାବିଲା ପାଇଁ ମକ୍ ଡ୍ରିଲ୍



ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ କରାଯାଉଛି।

ରାଉରକେଲା, ୧।୩ (ସଙ୍ଗୀତା ଜେନା)

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସମ୍ଭାବ୍ୟ ରାସାୟନିକ ଦୁର୍ଘଟଣାର ପରବର୍ତ୍ତୀ ପରିଚାଳନା ପାଇଁ ରାଜ୍ୟର ୨୩ଟି କାରଖାନାରେ ମକ୍ ଡ୍ରିଲ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲାର ୩ଟି କାରଖାନା ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲା ପ୍ରଶାସନ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ, ପୋଲିସ ପ୍ରଶାସନ, ଅଗ୍ନିଶମ, ସ୍ୱାସ୍ଥ୍ୟ, ସିଭିଲଡିଫେନ୍ସ ଆଦି ବିଭାଗ ପରବର୍ତ୍ତୀ ପରିଚାଳନା ଆକଳନ କରିଥିଲେ। ରାସାୟନିକ ବିପର୍ଯ୍ୟୟ ପାଇଁ ଶିଳ୍ପାନୁଷ୍ଠାନରେ ଆଗୁଆ ପ୍ରସ୍ତୁତି, ସୁରକ୍ଷା ବନ୍ଦୋବସ୍ତ, କମ୍ବାଟ ଟିମ୍, ରେସକ୍ୟୁ ଟିମ୍, ଅକଲାରିଜ୍ ଟିମ୍‌ର କାର୍ଯ୍ୟଶୈଳୀକୁ ତଦାରଖ କରାଯାଇଥିଲା। ଆଶ୍ରୟସ୍ଥଳୀ ଭାବେ ଆଇଡିଏଲ୍ ସମାଜ ମଙ୍ଗଳକେନ୍ଦ୍ରକୁ ବଛାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ବିଜୟ ନାୟକ, କୁଆଁରମୁଣ୍ଡା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପପରିବେଶବିତ୍ ବିଜୟ ଭୋଇ, ସହକାରୀ ପରିବେଶବିତ୍ ପ୍ରୀତମ ପତି, ପରିବେଶ ବୈଜ୍ଞାନିକ ସୁଶ୍ରୀ ପ୍ରଜ୍ଞାଜ୍ୟୋତି ସେନାପତି, ଫ୍ୟାକ୍ଟ୍ରି ଆଣ୍ଡ ବଏଲରର ସହକାରୀ ନିର୍ଦ୍ଦେଶକ ସ୍ୱରାଜ ତ୍ରିପାଠୀ, ସ୍ୱାସ୍ଥ୍ୟ ବିଭାଗର ଡା. ଜ୍ୟୋତିରଶ୍ମି ଏକ୍କା, ଓଡ଼ିଶା ଅଗ୍ନିଶମ ବିଭାଗର ଅଜୟ ବରଦା, ଆଇଡିଏଲ୍ କାରଖାନା ପରିଚାଳନା ନିର୍ଦ୍ଦେଶକ ରାକେଶ ରମ୍ପାଲା, ଲାଇସେନ୍ସ ମୁଖ୍ୟ ଦୀପକ ମିଶ୍ର, ଆଇଆଇ ମୁଖ୍ୟ ରଞ୍ଜନ ମହାନ୍ତି, ସିକ୍ୟୁରିଟି ଅଫିସର ଅଜୟ ପ୍ରଧାନଙ୍କ ସମେତ ଓଡ୍ରାଫ ଓ ଅନ୍ୟ ବିଭାଗ ଏଥିରେ ସାମିଲ ହୋଇଥିଲେ।




ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଅନୀଲ ଶର୍ମା ଆଇସିଏଆଇର ରାଉରକେଲା ଅଧ୍ୟକ୍ଷ

ରାଉରକେଲା, ୧।୩ (ସଙ୍ଗୀତା ଜେନା)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାଟାର୍ଡ ଆକାଉଣ୍ଟସ ଅଫ୍ ଇଣ୍ଡିଆ (ଆଇସିଏଆଇ) ରାଉରକେଲା ଶାଖାର ୨୦୨୫-୨୬ ବର୍ଷ ପାଇଁ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗତ ୨୬ ତାରିଖ ପୂର୍ବାହ୍ନ ୧୧ଟାରେ ରାଉରକେଲା ଚାମ୍ବର ଅଫ୍ କମର୍ସରେ ଏହା ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ନିବାସୀ ଅନୀଲ ଶର୍ମା ପ୍ରଥମ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଶର୍ମାଙ୍କ ଟିମ୍‌ରେ ପଙ୍କଜ ଗର୍ଗ ଉପାଧ୍ୟକ୍ଷ, ସଚିବ ସନ୍ଦୀପ ଅଗ୍ରୱାଲ, କୋଷାଧ୍ୟକ୍ଷ ସଞ୍ଜୟ ମିତ୍ତଲଏବଂ କମିଟି ସଦସ୍ୟ ସୋନୁ ଅଗ୍ରୱାଲ ଓ ନୀଳବ ଅଗ୍ରୱାଲ ପ୍ରମୁଖ ରହିଛନ୍ତି। ଏହି ଅବସରରେ କୋଲକୋତାର ସିଏ ଅଭିଷେକ ଟିବ୍ରେୱାଲ ଜିଏସ୍‌ଟି ପରିବର୍ତ୍ତନ ସମ୍ପର୍କରେ ସଦସ୍ୟମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ବିଦାୟୀ ଅଧ୍ୟକ୍ଷ ସିଏ ଅମିତ ଅଗ୍ରୱାଲ, ସିଏ ଜେ. ପି. ମିତ୍ତଲଙ୍କ ସହ ତାଙ୍କ କାର୍ଯ୍ୟକଳାପର ସଫଳତା ବିନିମୟ କରିଥିଲେ। ସିଏ ମନୋଜ ଥେବାରିଆ, ରୋହିତ ଗୁପ୍ତା, ଅରୁଣ ଟିବ୍ରେୱାଲ, ପବନ ଅଗ୍ରୱାଲ, ଜୟପ୍ରକାଶ ଅଗ୍ରୱାଲ, ସୁଧୀର ଲାଠ, ରାଜେଶ ଜୈନ, ଯୋଗେଶ ବାଙ୍କା, ଐଶ୍ୱର୍ଯ୍ୟା ଅଗ୍ରୱାଲ, ଅଶ୍ଳିଷା ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ପୂର୍ବତନ ଅଧ୍ୟକ୍ଷ, କେନ୍ଦ୍ରୀୟ ପରିଷଦ ସଦସ୍ୟ ଓ ଆଞ୍ଚଳିକ ପରିଷଦ ସଦସ୍ୟଙ୍କ ସମେତ ଶତାଧିକ ଚାଟାର୍ଡ ଆକାଉଣ୍ଟାଣ୍ଟ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ଇସ୍ପାତ ଶିକ୍ଷକ ସଂଘର ବାର୍ଷିକୋତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା, ୧।୩ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନରେ ଅବସରପ୍ରାପ୍ତ ଇସ୍ପାତ ଶିକ୍ଷକ ସଂଘର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଅନ୍ତର୍ଯାମୀ ସାହୁ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ମଧୁସୂଦନ ବଳଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବହୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ପରସ୍ପର ମଧ୍ୟରେ ଭାବ ବିନିମୟ ଓ ନିଜର ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଉପସଭାପତି ସୁଧାକର ରଥ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ଲେଙ୍କା, ବନମାଳି କର, ପ୍ରାକ୍ତନ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ରହି ସମସ୍ତଙ୍କ ମଧ୍ୟରେ ଐକ୍ୟବଦ୍ଧତା ଓ ଶିକ୍ଷକମାନଙ୍କ ସମାଜ ପ୍ରତି ଅବଦାନ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ନିକଟରେ ଅବସର ଗ୍ରହଣ କରିଥିବା ତ୍ରିନାଥ ଷଡ଼ଙ୍ଗୀ, ପବିତ୍ରା ସାହୁ, ଆଲବର୍ଟିନା ମାଝୀ, ଏସ୍. କେ. ମିଶ୍ର, ବନମାଳି କର, ସୁନିଲ ରଥ, କନ୍ଦର ନାୟକ, ସୁଜାତା ମଲ୍ଲିକ, ଅନୁପ କୁମାର ଦାସ, ନାରାୟଣ ଚନ୍ଦ୍ର ପଣ୍ଡା, ମଞ୍ଜୁବାଳା ପଟ୍ଟନାୟକ ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ଉଦୟ ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଶ୍ରୀଧର ଥମ୍ବ ଧନ୍ୟବାଦ ଅର୍ପଣ କରିଥିଲେ।

## ନୃତ୍ୟମହ୍ଲାର ପକ୍ଷରୁ ନୃତ୍ୟକଳା ପ୍ରଦର୍ଶନ

ରାଉରକେଲା, ୧।୩ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲାର ନୃତ୍ୟମହ୍ଲାର ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଶୃଙ୍ଗାର-୨୦୨୫ ଆୟୋଜିତ ହୋଇଯାଇଛି। ରାଉରକେଲାର ବ୍ଲୁ ପ୍ଲାନେଟ ହଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୁଶ୍ରୀ ବର୍ଷାରାଣୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ଗୁରୁ ସୁବ୍ରତ ଭୂୟାଁ ଏବଂ ଲୋକନୃତ୍ୟ ଓ ଲୋକଗୀତ ଗାୟିକା ପଦ୍ମିନୀ ଦୋରାଙ୍କୁ ନୃତ୍ୟମହ୍ଲାର-୨୦୨୫ ସମ୍ମାନ ଏବଂ ପଶ୍ଚିମବଙ୍ଗରୁ ଆସିଥିବା ଭାରତ ନାଟ୍ୟମ୍ ଗୁରୁ ସୋମା ମଣ୍ଡଳଙ୍କୁ ଯୁବ କଳା ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ନୃତ୍ୟ ମହୋତ୍ସବରେ ତ୍ରିବେଣୀ କଳା ସଙ୍ଗମ, ଓନେସ ଗ୍ରୁପ, ପାୟଲ ଡ୍ୟାନ୍ସ ଏକାଡେମୀ, ନୃତ୍ୟ ମଧୁରମ, ନୃତ୍ୟଶାନ୍ତି, ସୋମା ମଣ୍ଡଳ ଏବଂ ନୃତ୍ୟ ମହ୍ଲାର ଆଦି ନୃତ୍ୟାନୁଷ୍ଠାନର କଳାକାରମାନେ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ଅତିଥିମାନେ ଅନୁଷ୍ଠାନର ସଭାପତି ସୁଶ୍ରୀ ବର୍ଷାରାଣୀ ପଣ୍ଡାଙ୍କ ଓଡ଼ିଆ ନୃତ୍ୟ, ସଂସ୍କୃତି ଏବଂ ପରମ୍ପରା ପ୍ରତି ରହିଥିବା ଉତ୍ସର୍ଗୀକୃତ ମନୋଭାବ ଏବଂ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ ରହିଥିବା ଅତୁଳନୀୟ ଅବଦାନକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଦସ୍ୟ ବିଭୂତି ଭୂଷଣ ପୁହାଣ, ରାମନାଥ ପର୍ବତ, କଲ୍ୟାଣୀ କର ଏବଂ ସ୍ନେହାଞ୍ଜଳୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ୩ ଦିବସୀୟ ଜିଲା ଉନ୍ନୟନ ପ୍ରଦର୍ଶନୀ ସମ୍ପନ୍ନ

ରାଉରକେଲା, ୧।୩ (ଦିନେଶ ମିଶ୍ର)

ମହାଶିବରାତ୍ରି ପାଳନ ଉପଲକ୍ଷେ ରାଉରକେଲା ବେଦବ୍ୟାସ ପୀଠରେ ଆରମ୍ଭ ହୋଇଥିବା ୩ ଦିବସୀୟ ଜିଲା ଉନ୍ନୟନ ପ୍ରଦର୍ଶନୀ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜ ମୁଖ୍ୟ ଅତିଥି, ସହାୟକ ନିର୍ଦ୍ଦେଶକ ଉଦ୍ୟାନକୃଷି ବିଭାଗ ଅଧିକାରୀ ଦୁଷ୍ମନ୍ତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ରାଉରକେଲା ଉଦ୍ୟାନ କୃଷି ବିଭାଗକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗକୁ ଦ୍ୱିତୀୟ ଓ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ରକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ କୃଷି ବିଭାଗ ଠାରୁ ଆରମ୍ଭ କରି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ହସ୍ତଶିଳ୍ପ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ କରାଯାଇ ଲୋକମାନଙ୍କୁ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ଶ୍ରମ ବିଭାଗ ସହ ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ୧୯ଟି ଷ୍ଟଲ କରାଯାଇଥିଲା। କାର୍ଯ୍ୟକ୍ରମରେ ବେଦବ୍ୟାସ ଟ୍ରଷ୍ଟବୋର୍ଡର ସଦସ୍ୟମାନଙ୍କ ସହ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫଟିମା ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତୀ ଷ୍ଟଲକୁ ପୁରସ୍କୃତ କରାଯାଉଛି।

## ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟିର ଧାରଣା




ବିମାନ ବନ୍ଦର ସମ୍ମୁଖରେ ଧାରଣା ଦିଆଯାଇଛି।

ରାଉରକେଲା, ୩।୧ (ଦିନେଶ ମିଶ୍ର)

ରାଉରକେଲା ବିମାନ ବନ୍ଦର ସମ୍ମୁଖରେ ରାଉରକେଲା ଏୟାରପୋର୍ଟ କମିଟି ଆକ୍ସନ ପକ୍ଷରୁ ଶନିବାର ଦୁଇ ଘଣ୍ଟିଆ ଧାରଣା ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ବହୁ ସଦସ୍ୟ ଉପସ୍ଥିତ ରହି କହିଥିଲେ, ଗତ ଫେବୃଆରୀ ୨ ତାରିଖରେ ଓଡିଶାର ମୁଖ୍ୟମନ୍ତ୍ରୀ ରାଉରକେଲା ଏୟାରପୋର୍ଟକୁ ଏକ ପୂର୍ଣ୍ଣାଙ୍ଗ ବିମାନବନ୍ଦରରେ ପରିଣତ କରିବା ଦାବିକୁ ଯଥାର୍ଥ ଜଣାଇ ଏହା ଖୁବ୍ ଶୀଘ୍ର ହେବ ବୋଲି ଖବରଦାତା ସମ୍ମିଳନୀରେ ଜଣାଇଥିଲେ। କିନ୍ତୁ ଉକ୍ତ ପ୍ରତିଶ୍ରୁତିକୁ ମାସେ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଭଳି କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଇନାହିଁ। ଫଳରେ ମୁଖ୍ୟମନ୍ତ୍ରୀ ରାଉରକେଲା ବିମାନବନ୍ଦର ବିକାଶ କରିବା ଦିଗରେ ଦେଇଥିବା ଟିପ୍ପଣୀ ଓ ଉନ୍ନତୀକରଣ କାର୍ଯ୍ୟର ପ୍ରଗତି ବାବଦରେ ମନେ ପକାଇବା ପାଇଁ କମିଟିର କର୍ମକର୍ତ୍ତା ଏହି ଧାରଣା ଶନିବାର ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଦେଇଥିଲେ ବୋଲି ଜଣାଇଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ଏୟାରପୋର୍ଟ ଆକ୍ସନ କମିଟି ସଦସ୍ୟମାନେ ପୂର୍ବରୁ ୪ଦଫା ଦାବି ନେଇ ୨୬ଦିନ ଆନ୍ଦୋଳନରେ ବସିଥିଲେ। ପରେ ୫ ଦିନ ଧରି ଅନଶନରେ ବସିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ରାଉରକେଲା ବିମାନବନ୍ଦରର ଉନ୍ନତୀକରଣ ପାଇଁ କୌଣସି ପଦକ୍ଷେପ ନ ନେଲେ କମିଟି ସଦସ୍ୟମାନେ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

# ପାର୍ଶ୍ୱାଞ୍ଚଳ ଗ୍ରାମବାସୀଙ୍କୁ ଛତୁଚାଷ ତାଲିମ

ରାଉରକେଲା, ୧।୩ (ବିପ୍ଲବ ରଞ୍ଜନ ଦାଶ)



ତାଲିମପ୍ରାପ୍ତ ମହିଳାଙ୍କୁ ଛତୁ ମଞ୍ଜି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ଆର୍‌ଏସ୍‌ପି କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ପାର୍ଶ୍ୱାଞ୍ଚଳ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଛତୁ ଚାଷ ତାଲିମ ପ୍ରଦାନ କରୁଛି। ଏହି କ୍ରମରେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଫେବୃଆରୀ ମାସରେ ଅନୁଷ୍ଠିତ ଦୁଇଟି ପର୍ଯ୍ୟାୟରେ ୪୦ଜଣଙ୍କୁ ଛତୁଚାଷ ତାଲିମ ପ୍ରଦାନ କରାଯାଇଛି। ଫେବୃଆରୀ ୧୩ ଏବଂ ୧୪ତାରିଖରେ ଲାଠିକଟା, ରେଲାପୋଷ ଓ କନ୍ଧାବେଡା ଗ୍ରାମର ୨୦ଜଣଙ୍କୁ ଛତୁଚାଷ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମ୍‌ଓ ଡାକ୍ତର ଦୀପା ଲାଭାଙ୍ଗରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଲାଠିକଟା ବ୍ଲକର ବୀରକେରା ଓ ଖଇରାବନ୍ଦର ୨୦ଜଣଙ୍କୁ ଫେବୃଆରୀ ୧୭ ଏବଂ ୧୮ତାରିଖରେ ଆୟୋଜିତ ଅନୁରୂପ କାର୍ଯ୍ୟକ୍ରମରେ ଛତୁଚାଷ ତାଲିମ ପ୍ରଦାନ କରା ଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସହରସେବା ବିଭାଗର ଜିଏମ ସଞ୍ଜୟ ଦେଓ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଛତୁଚାଷ ପ୍ରକ୍ରିୟା ଉପରେ ତତ୍ତ୍ୱଗତ ଓ ପ୍ରୟୋଗାତ୍ମକ ତଥ୍ୟ ଅନ୍ତର୍ଭୁକ୍ତ ଥିଲା। ତାଲିମ ସମାପ୍ତ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ବୋତଲ ଛତୁ ମଞ୍ଜି ପ୍ରଦାନ କରାଯାଇଥିଲା। ସିଏସ୍‌ଆର ବିଭାଗ ମାଷ୍ଟର ଟ୍ରେନର ଟିଣ୍ଟସ ଭେଙ୍ଗରା ଓ ଦଳପୋଷ ଗାଁର ସୁମନ ସ୍ୱୟଂ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନର ସୁଶ୍ରୀ କମଳା ଟପ୍ପୋ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉକ୍ତ ଦୁଇଟି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସିଏସ୍‌ଆର ବିଭାଗ ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା ଆର୍‌ଏସ୍‌ପିର ବିଭିନ୍ନ ସିଏସ୍‌ଆର କାର୍ଯ୍ୟଧାରା ଉପରେ ସୂଚନା ପ୍ରଦାନ କରିଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଏ. ଏନ୍. ପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ସୁଧିରମ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା ଏବଂ ବିଭାଗୀୟ ଦଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଧାନକ୍ରୟକୁ ଦଲାଲମୁକ୍ତ କରାଯିବ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

**ଧାନକ୍ରୟର ସମୀକ୍ଷା ବୈଠକ**

**ଅଯୋଗ୍ୟଙ୍କୁ ରାଶନ କାର୍ଡ ତାଲିକାରୁ ବାଦ୍ ନିର୍ଦ୍ଦେଶ**

**ଝାରସୁଗୁଡ଼ା, ୧।୩(ଆଶିଷ ରଞ୍ଜନ ଦାଶ)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ କୌଶଳ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଝାରସୁଗୁଡ଼ାରେ ଧାନକ୍ରୟ ସମ୍ପର୍କରେ ଶୁକ୍ରବାର ଅପରାହ୍ନରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲାପାଳ ଅବୋଲି ସୁନୀଲ ନରୱଣେ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନବଲ କିଶୋର ଅଗ୍ରୱାଲ, ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ଶ୍ଲୋକ ଶାର୍ଣ୍ଣା, ବିଧାୟକ ପ୍ରତିନିଧି ପ୍ରେମସେନ ରାୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟାଳୟସ୍ଥିତ ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଝାରସୁଗୁଡ଼ାରେ ଚଳିତ ବର୍ଷ ଧାନକିଣା ସୁରୁଖୁରୁରେ ହୋଇଥିବା ପ୍ରକାଶ କରି ଧାନକ୍ରୟକୁ ଦଲାଲମୁକ୍ତ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ମାର୍ଚ୍ଚ ୧ରୁ ନୂତନ ରାଶନ କାର୍ଡ ଆବେଦନ ପାଇଁ ପୋର୍ଟାଲ ଖୋଲାଯାଉଥିବା ପ୍ରକାଶ କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଇବା ସକାଶେ ସର୍ଭେ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ସର୍ଭେ ସମୟରେ ନିରପେକ୍ଷତା ଅବଲମ୍ବନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେବା ସହ କୌଣସି ଗରିବ ଲୋକ ଯେପରି ରାଶନ କାର୍ଡରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପ୍ରାୟ ୭୦ହଜାର ଲୋକ ରାଶନ କାର୍ଡ ସରେଣ୍ଡର କରିଥିବା ପ୍ରକାଶ କରି ଅଯୋଗ୍ୟ ହିତାଧିକାରୀଙ୍କ ନାଁ ରାଶନ କାର୍ଡ ତାଲିକାରୁ ବାଦ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୃତଲୋକଙ୍କ ନାଁରେ ଉଠାଯାଉଥିବା ଚାଉଳ ବନ୍ଦ କରାଯାଇଛି। ରାଜ୍ୟ ସରକାର ପ୍ରତି ସବ-ଡିଭିଜନରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଝାରସୁଗୁଡାରେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ପାଇଁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ଦଶ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଉଦ୍ୟାନକୃଷି ସହକାରୀ ନିର୍ଦ୍ଦେଶକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି ମଣ୍ଡିଗୁଡିକରେ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ମନ୍ତ୍ରୀ ମଣ୍ଡି ଭିତ୍ତିଭୂମି ଉନ୍ନତିକରଣ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିବାରୁ ଏ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଜିଲାରେ ବର୍ତ୍ତମାନ ସୁଦ୍ଧା ୯ଲକ୍ଷ ୧ହଜାର ୮୬୩.୮୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଜିଲାରେ ଇ-କେୱାଇସି ପଞ୍ଜୀକରଣ, ଚାଷୀ ପଞ୍ଜୀକରଣ, ରାସନ କାର୍ଡ ସ୍ଥିତି ଓ କର୍ମଚାରୀ ସଂଖ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଯୋଗାଣ, କୃଷି, ଉଦ୍ୟାନ କୃଷି, ସମବାୟ ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ବିଡିଓ ଉପସ୍ଥିତ ଥିଲେ।



ବୈଠକରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଲୋଚନା କରୁଛନ୍ତି।

## ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ




ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

**ଦେବଗଡ, ୧।୩(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାରେ ସଡକ ଦୁର୍ଘଟଣା କିଭଳି ରୋକାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ଦୁର୍ଘଟଣା ରୋକିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରିବା ସହିତ ଟ୍ରାଫିକ ନିୟମ ପାଳନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଡ଼ିଏସପି ପବିତ୍ର କିସାନ, ଏକ୍ସାଇଜ ଆରକ୍ଷୀ ଅଧୀକ୍ଷକ ବାସନ୍ତୀପ୍ରଭା ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ କୃପାସିନ୍ଧୁ ସ୍ୱାଇଁ, ମୋଟର ଯାନ ନିରୀକ୍ଷକ ଶ୍ରୀବତ୍ସ ଦଳେଇ, ସିଦ୍ଧାର୍ଥ ଗୁରୁ, ସତ୍ୟନାରାୟଣ ମିଶ୍ର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି

**ଝାରସୁଗୁଡା, ୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କୁ ଗଜପତି ଜିଲାର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି। ବାଲେଶ୍ୱର ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ଝାରସୁଗୁଡା ଜିଲା ପରିଷଦ ମୁଖ୍ୟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ପ୍ରଶାସନ ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାରଙ୍କ କାର୍ଯ୍ୟାଳୟରୁ ଶୁକ୍ରବାର ଦିନ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରବୀର କୁମାର ନାୟକ ଏହା ପୂର୍ବରୁ ଝାରସୁଗୁଡା ଅତିରିକ୍ତ ଜିଲାପାଳ ଭାବରେ ମଧ କାର୍ଯ୍ୟ କରିଥିଲେ।

### ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

**ଦେବଗଡ଼, ୧।୩(ଶଶାଙ୍କ ଶେଖର ଝାଙ୍କର)**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଭିବୃଦ୍ଧି ଓ ଚାଷୀଙ୍କ ସମୃଦ୍ଧି ନେଇ ଦେବଗଡ଼ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶୁକ୍ରବାର ପ୍ରଧାନପାଟ ରୋଡ଼ ବଡବଗିଚାଠାରେ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପରକ୍ଷିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୋଶିକ କୁମାର ପ୍ରଧାନ ଓ ବରେଣ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଭାରପ୍ରାପ୍ତ ଅଧ୍ୟକ୍ଷ ପୌରପରିଷଦ ପ୍ରଜିତ କୁମାର ଭୋଜ, ଅଧ୍ୟକ୍ଷ ରିଆମାଳ ବ୍ଲକ ପଞ୍ଚାୟତ ସମିତି ମଧୁସୂଦନ ପ୍ରଧାନ, ଅଧ୍ୟକ୍ଷା ତିଲେଇବଣି ପଞ୍ଚାୟତ ସମିତି ବୃନ୍ଦାବତୀ ଭୋଇ, ସମ୍ବଲପୁର ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ସାମଲ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ବିଜୟ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ । କୃଷିର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହେବ । ଏଣୁ ଚାଷୀମାନେ ସରକାରଙ୍କ ଯୋଜନା ମାଧ୍ୟମରେ ଉପକୃତ ହେବା ପାଇଁ ଅତିଥିମାନେ କହିଥିଲେ । ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ବିଭାଗ ଓ ପ୍ରାଣୀ ସମ୍ପଦ ବିଭାଗର ୨୬ ଷ୍ଟଲ ଖୋଲା ହୋଇଥିଲା। ମେଳାରେ ଗାଈ, ଛେଳି, ମେଣ୍ଢା, ବତକ, ହଂସ ଓ ବିଭିନ୍ନ ପ୍ରକାର ମାଛ ପ୍ରଦର୍ଶିତ ହୋଇଥିଲା। ପ୍ରାଣୀ ସମ୍ପଦ ବିଭାଗରେ ଉନ୍ନତମାନର ପ୍ରଦର୍ଶନ ପାଇଁ ତିଲେଇବଣି ବ୍ଲକ ପାଲୁଣୀପଡ଼ା ଗ୍ରାମର ଉତ୍କଳ ଏସ ଏ ଜି ଗ୍ରୁପ ଓ ରିଆମାଳ ବ୍ଲକର ଖଣ୍ଡିଆମୁଣ୍ଡା ଗ୍ରାମର ଭାରତ ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାରା ଅର୍ଥ ରାଶି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଜିଲ୍ଲା କଳାକାର ସଂସ୍କୃତି ସଂଘ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା।

## ବିଦ୍ୟାବିକାଶ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

**ଦେବଗଡ, ୧।୩(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଏକ ଘରୋଇ କଲ୍ୟାଣ ମଣ୍ଡପରେ ବିଦ୍ୟାବିକାଶ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ସଭାପତି ମାନସ ରଞ୍ଜନ ଦେବତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର କୁମାର ପୁହାଣ, ସମ୍ମାନିତ ଅତିଥି ଭାବେ ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଜିଲା ବିଜେଡି ସଭାପତି ଇଂ. ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ

**ଦେବଗଡ, ୧।୩(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଆଡମିନ) ସୂର୍ଯ୍ୟକାନ୍ତ ବରିହା ସଭାପତିତ୍ୱ କରିଥିଲେ । ଏହି ଜନଶୁଣାଣିରେ ପଞ୍ଚାୟତ ଓ ଗ୍ରାମ ସ୍ତରରେ ହୋଇଥିବା ସାମାଜିକ ସମୀକ୍ଷାର ରିପୋର୍ଟ ଉପସ୍ଥାପନ କରାଯିବା ସହ ବିଭିନ୍ନ ଅଭିଯୋଗ ଏବଂ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଭିଆରପି ଓ ଜନସାଧାରଣ ଯୋଗଦେଇଥିଲେ। ସାମାଜିକ ସମୀକ୍ଷା ବିଭିନ୍ନ ଯୋଜନାର ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ତଥା ପାରଦର୍ଶିତାକୁ ସୁନିଶ୍ଚିତ କରିବା କରିବାରେ ସାହାଯ୍ୟ କରେ । ତେଣୁ ସାମାଜିକ ସମୀକ୍ଷାରେ ଆସିଥିବା ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାର ଆବଶ୍ୟକତା ରହିଛି ବୋଲି ଜିଲା ସାମାଜିକ ସମୀକ୍ଷକ ସତ୍ୟଜିତ ପୃଷ୍ଟି ନିଜ ବକ୍ତବ୍ୟରେ କହିଥିଲେ। ଶେଷରେ ବ୍ଲକ ସୋସିଆଲ ଅଡିଟର ଘନଶ୍ୟାମ ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ। ଏପିଓ ସୌରଭ ରଞ୍ଜନ ମହାନ୍ତ, କମ୍ପ୍ୟୁଟର ପ୍ରୋଗ୍ରାମର ସୁବାସ ପ୍ରଧାନ, ନରେଗା ସହାୟକ ଶୁଭଙ୍କର ଦେବତା, ମାନସ ଟାଲି ଓ ସୁଜିତ ଭୋଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ କୁକୁରଜଙ୍ଘା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣୀ ଭଇଂସାଙ୍କ ୬୦ ବର୍ଷ ପୂର୍ତ୍ତି ଅବସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁକୁରଜଂଘା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ସଭାପତି କୁମର ନେତୀ, ପୂର୍ବତନ ସଭାପତି ମହେଶ୍ୱର ଭୋଇ, ପୂର୍ବତନ ପ୍ରଧାନ ଶିକ୍ଷକ ବାସୁଦେବ ଭଇଂସା, ପୂର୍ବତନ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ଅଗ୍ରୱାଲ, ଶିକ୍ଷକ ନିତ୍ୟାନନ୍ଦ ସାହୁ, ମୁକ୍ତେଶ୍ୱର ପଟେଲ, ବନିତା ଧରୁଆ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିନ ବେହେରାଙ୍କ ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅତିଥି, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ର ଛାତ୍ରୀ ଚିନ୍ତାମଣି ଭଇଂସାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସର୍ବଶେଷରେ କୁକୁରଜଙ୍ଘା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବାମଣ୍ଡା ବ୍ରାହ୍ମଣ ସମାଜର ବୈଠକ



ବୈଠକରେ ଯୋଗ ଦେଇଥିବା ସଦସ୍ୟମାନେ।

**ଦେବଗଡ, ୧।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡସ୍ଥିତ ଜିଲା ବରିଷ୍ଠ ନାଗରିକ ଫୋରମ କାର୍ଯ୍ୟାଳୟରେ ବାମଣ୍ଡା ବ୍ରାହ୍ମଣ ସମାଜ କାର୍ଯ୍ୟକାରୀ ସଦସ୍ୟମାନଙ୍କର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବାମଣ୍ଡା ବ୍ରାହ୍ମଣ ସମାଜର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମାଜ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଚଳିତ ମାର୍ଚ୍ଚ ମାସ ଶେଷ ସପ୍ତାହରେ ସମାଜର ଏକ ସାଧାରଣ ସଭା ଆୟୋଜନ ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ବାମଣ୍ଡା ବ୍ରାହ୍ମଣ ସମାଜର ଉପଦେଷ୍ଟା ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, ଅଶୋକ କୁମାର ନନ୍ଦ, ଟିକେଶ୍ୱର ଆଚାର୍ଯ୍ୟ ଓ ସୁରେଶ ଶତପଥୀଙ୍କ ସମେତ ବହୁ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ

**ଝାରସୁଗୁଡା, ୧।୩(ଆଶିଷ ରଞ୍ଜନ ଦାଶ)**

ଆସନ୍ତା ମାର୍ଚ୍ଚ ୨୦ତାରିଖରେ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଝାରସୁଗୁଡା ଜିଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ନେଇ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ବୈଠକରେ ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେର ଓ ଜିଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ। ଶିଳ୍ପାନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ଅଧିକରୁ ଅଧିକ ସଂଖ୍ୟାରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ଦିଗରେ ଆନ୍ତରିକତା ପ୍ରଦର୍ଶନ ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ନିଯୁକ୍ତି ମେଳା ପୂର୍ବରୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଜିଲା ନିୟୋଜନ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ ନିଯୁକ୍ତି ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ବୈଠକ କରି ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ବୁଝେଇବା ସହିତ ଉତ୍ସାହିତ କରିବାକୁ କହିଥିଲେ। ପ୍ରତିନିଧିମାନେ ନିଜ ସଂସ୍ଥା ପାଇଁ କେଉଁ କେଉଁ ପଦ ପାଇଁ କେତେ ସଂଖ୍ୟକ କର୍ମଚାରୀ ଆବଶ୍ୟକ ତାହା ନିୟୋଜନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି।



ବୈଠକରେ ଯୋଗଦେଇଥିବା ଅତିଥିମାନେ।

## କୁରଡ ସରକାରୀ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳନା'

**ଦେବଗଡ, ୧।୩(ଶଶାଙ୍କ ଶେଖର ଝାଙ୍କର)**

ତିଲେଇବଣି ବ୍ଲକ ଅନ୍ତର୍ଗତ କୁରଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଖେଳନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡୋଳାଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଇଁସର ଗ୍ରାମ ପଞ୍ଚାୟତର ସରପଞ୍ଚ ବାସନ୍ତୀ ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଞ୍ଜନା ବେହେରା ଓ ଟାଇଁସର କ୍ଲଷ୍ଟରର ସିଆରସିସି ଭେନସ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରକାରର ଖେଳନା ଓ ଆମ ସଂସ୍କୃତି ଆଧାରିତ ଲୋକନୃତ୍ୟ, ଦଣ୍ଡନୃତ୍ୟ, କୀର୍ତ୍ତନ, ପାରମ୍ପରିକ ଆଦିବାସୀ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ଚକୁଳିଆ ପଣ୍ଡା ଓ ଦାଶକାଠିଆ ଆଦି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ଶ୍ରେଣୀର ୩ ଜଣ ଲେଖାଏ କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ତପନ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଧରିତ୍ରୀ ରାଏ, ମମତା ଶତପଥୀ, ଜୟନ୍ତୀ ମିଶ୍ର, ନୀଳିମା ବେହେରା, ସୁଶାନ୍ତି ବସନ୍ତରା, ଶିକ୍ଷକ ଲିଙ୍ଗରାଜ ପ୍ରଦାନ ପ୍ରମୁଖ ସହଯୋଗ କରିଥିଲେ ।



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ବେଲପାହାଡ଼ରେ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଝାରସୁଗୁଡା, ୧।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାର ମାର୍କେଟ ବୟଜ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ଏକ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ୨୮ ତାରିଖରେ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨ ତାରିଖରେ ଶେଷ ହେବ। ଏଥିରେ ବେଲପାହାଡ଼ ପୌରାଞ୍ଚଳର ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ସମସ୍ତ ମ୍ୟାଚ ୬ ଓଭର ବିଶିଷ୍ଟ ଓ ପ୍ରତ୍ୟେକ ଦଳରେ ୮ ଜଣ ସଦସ୍ୟ ଖେଳି ପାରିବେ।

ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଟିଆରଏଲ କ୍ରୋଶାକି କମ୍ପାନୀର ପିଆର ଓ ସି.ଏସ.ଆର ବିଭାଗର ଜେନେରାଲ ମ୍ୟାନେଜର ଡ. ସନ୍ତୋଷ କୁମାର ମିଶ୍ର ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବରେ ବିପ୍ଳବ ଅଗ୍ରୱାଲ, କ୍ରୀଡ଼ା ସଂଘଠକ ହମିଦ କୁମାର ମହାପାତ୍ର, ଶିକ୍ଷକ ଯୁବରାଜ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ନାଇଟ କିଙ୍ଗ ଓ ଭୋଲା ଏକାଦଶ ମଧ୍ୟରେ ଖେଳାଯାଇଥିବା ବେଳେ ନାଇଟ କିଙ୍ଗ ୧୫ ରନରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଦୋସ୍ତାନା ଓ ପ୍ରିୟାନ୍ସୁ ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ପ୍ରିୟାନ୍ସୁ ଏକାଦଶ ୫ ଉଇକେଟରେ ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ ନାଇଟ କିଙ୍ଗ ଓ ପ୍ରିୟାନ୍ସୁ ଏକାଦଶ ମଧ୍ୟରେ ଆୟୋଜିତ ହୋଇଥିବା ବେଳେ ପ୍ରିୟାନ୍ସୁ ଏକାଦଶ ଦଳ ୭ ଉଇକେଟରେ ବିଜୟ ଲାଭ କରି ସେମି ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ। ମ୍ୟାଚ୍‌ରେ ଅତିଥି ଭାବର ଅଖିଳ ସ୍ୱାଇଁ ଉପସ୍ଥିତ ଥିଲେ। ଶେଷ ମ୍ୟାଚ ପେନୁର ଓ ଆର.ଏନଡ଼ି ମଧ୍ୟରେ ହୋଇଥିଲା ଯେଉଁଥିରେ ପେନୁର ଦଳ ୧୪ ରନରେ ବିଜୟୀ ଲାଭ କରିଥିଲା ଏବଂ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଆୟୋଜକ ମାର୍କେଟ ବୟଜ ଆସୋସିଏଶନର ସଭାପତି ନବୀନ ଅଗ୍ରୱାଲ, ସମ୍ପାଦକ ଶିଭମ ଦୁବେ, ହରପ୍ରୀତ ସିଂହ, ସୁନିଲ ଅଗ୍ରୱାଲ, ସୁଶାନ୍ତ ଲେଙ୍କା, ସାହାରୁକ ମିଦ୍ଧା, ଆନନ୍ଦ ଦୁବେ, ଗୋବିନ୍ଦ ଗୁପ୍ତା , ସୁଜିତ ଗୁପ୍ତା, ସୁନିଲ ଗୁପ୍ତା, ସଞ୍ଜିବ ବେହେରା, ରାକେଶ ଅଗ୍ରୱାଲ ଏବଂ ମାର୍କେଟ ବୟଜ ଆସୋସିଏସନ ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।ଆଗାମୀ ଫାଇନାଲ ଖେଳରେ ଚାମ୍ପିୟନ ଦଳକୁ ୨୧ ହଜାର ନଗଦ ଓ ଉପବିଜେତା ଦଳକୁ ୧୫ ହଜାର ନଗଦ ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯିବ ବୋଲି ଆୟୋଜନ କମିଟି ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବିଜ୍ଞାନକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ



ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଗହଣରେ ବରଗଡ଼ ଜର୍ଜ ହାଇସ୍କୁଲର ଛାତ୍ର।



ଶିକ୍ଷୟିତ୍ରୀଙ୍କ ଗହଣରେ ବରଗଡ଼ ସରକାରୀ ବାଳିକା ହାଇସ୍କୁଲର କୃତୀ ଛାତ୍ରୀମାନେ।

ବରଗଡ଼,୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଗୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞାନ ଦିବସ ପାଳିତ ହୋଇଛି। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ ସଭାପତିତ୍ୱ କରିଥିଲେ। ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିବାବେଳେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଡେପୁଟି ସେକ୍ରେଟେରୀ ସୁଶ୍ରୀ ଚିନ୍ମୟୀ ଚେତନା ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ଭବାନୀ ଶଙ୍କର ଗଡ଼ତିଆ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଜ୍ଞାନ ଭିତ୍ତିକ ମେଳା, କୁଇଜ୍ ପ୍ରତିଯୋଗିତାରେ ଜିଲାର ୧୨ବ୍ଲକରୁ ୬୦ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ବିଜ୍ଞାନ ଶିକ୍ଷକମାନଙ୍କ ଏକ ସେମିନାର ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ କେନ୍ଦ୍ରର

## କୁଇଜ୍ ପ୍ରତିଯୋଗିତା, ଜିଲାର ୧୨ ବ୍ଲକରୁ ୬୦ ପ୍ରତିଯୋଗୀ

ଗୋପୀନାଥ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ଶିକ୍ଷକ ପ୍ରିୟବ୍ରତ ସାହୁ, ସୁବୋଧ ସାହୁ, ସୁଶାନ୍ତ ମଙ୍ଗୁଆଲ, ସଞ୍ଜୟ ଖମାରୀ, ଧର୍ମରାଜ ପ୍ରଧାନ, ସଞ୍ଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷୟିତ୍ରୀ ଦ୍ୟୁତି ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ମାନବ ସମାଜ ପ୍ରତି ବୈଜ୍ଞାନିକମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନର ସଦୁପଯୋଗ କରିବା ପାଇଁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୌମ୍ୟାରାଣୀ ଷଡ଼ଙ୍ଗୀ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ସି.ଭି ରମଣର ପ୍ରଭାବ ଉପରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀମାନେ ବିଜ୍ଞାନ ଭିତ୍ତିକ ନାଟକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମାନବ ପରିବେଷଣ କରିଥିଲେ। ଶିକ୍ଷକ ବିବେକାନନ୍ଦ ଅଦାବର ଧନ୍ୟବାଦ ଦେଇଥିଲେ।

ବରଗଡ଼ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସଭାପତିତ୍ୱ କରିଥିଲେ। ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ବିନୟ କୁମାର ସାହୁ ମୁଖ୍ୟଅତିଥି, ଜର୍ଜ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମଜା ପତି, ସୁରେଶ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ସଦାନନ୍ଦ ଜାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ବିଶି ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଆଧାରିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭରତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଅମ୍ବାଭୋନା କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁବାଷ ରଥ ଅଧ୍ୟକ୍ଷତା କରିଥିଲେ। ରମଣ ପ୍ରଭାବ, କୃତ୍ରିମ ବୁଦ୍ଧିମତାର ବ୍ୟବହାର, ନୂତନତ୍ୱର ସନ୍ଧାନ ଉପରେ କହିଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଝସକେତନ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟର ଛାତ୍ର ନିହାର ରଞ୍ଜନ ପ୍ରଧାନ ଇସ୍ରୋ ବୈଜ୍ଞାନିକଭାବେ ଗର୍ବ ଓ ଗୌରବ ଆଣିଥିଲେ ବୋଲି କହି ପୁରୋହିତ ତାଙ୍କ ସ୍ତୁତିଚାରଣ କରିଥିଲେ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଶୁଭାଶିଷ ଜଗତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଦିନେଶ ପ୍ରଧାନ ପ୍ରଥମ, ହିମେଶ ମେହେର ଦ୍ୱିତୀୟ ଏବଂ ମନିଷା ପଟେଲ ତୃତୀୟ ହୋଇଥିଲେ।

ଅମ୍ବାଭୋନା ବ୍ଲକ ଭୁକ୍ତା ଜନତା ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନକୁ ଲୋକାଭିମୁଖୀ କରିବା ସହିତ ଜନ କଲ୍ୟାଣମୂଳକ କାର୍ଯ୍ୟରେ ଏହାର ପ୍ରୟୋଗ ନିମନ୍ତେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ତେଜରାମ ସା ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ବୋଧରାମ ବିଶ୍ୱାଳ ସି.ଭି ରମଣଙ୍କ ଜୀବନୀ ଏବଂ ରମଣ ପ୍ରଭାବ ଉପରେ ଛାତ୍ରୀଛାତ୍ରଙ୍କୁ ଧାରଣା ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ କ୍ଲବ ମାର୍ଗଦର୍ଶକ ଶିକ୍ଷକ ସଞ୍ଜୟ ଖମାରୀଙ୍କ ସଂଯୋଜନାରେ ବିଜ୍ଞାନ ଭିତ୍ତିକ କୁଇଜ୍ ହୋଇଥିଲା। ଏଥିରେ ୩୬ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜାଗୃତି ପଟେଲ ପ୍ରଥମ, ଭାରତୀ ପ୍ରଧାନ ଦ୍ୱିତୀୟ, ଜିଜ୍ଞାସା ଭୋଇ ଓ ଭବେଶ ଭୋଇ ଯୁଗ୍ମ ତୃତୀୟ ହୋଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ରୀପତି ସାହୁ ସଭା ପରିଚାଳନା କରିଥିଲେ।

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଜାତୀୟ ଅନୁଷ୍ଠିତ ବିଜ୍ଞାନ ଦିବସରେ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା, ମୁଖ୍ୟଅତିଥି ଜ୍ୟୋସ୍ନା ସାହୁ ,ମୁଖ୍ୟ ବକ୍ତା ନନ୍ଦ କିଶୋର ସାହୁ ଗୁରୁଜୀ, ରମଣ ଇଫେକ୍ଟ ବିଷୟରେ ସୌମ୍ୟଜିତ୍ ମିଶ୍ର ଗୁରୁଜୀ ମାର୍ଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଜ୍ଞାନ ପ୍ରମୁଖ ଅରକ୍ଷିତ ସାହୁ ଗୁରୁଜୀ ପରିଚାଳନା କରିଥିଲେ । ମୋଟ ୭୯ ଟି ପ୍ରକଳ୍ପ, ୬୦ ଜଣ ପ୍ରଶ୍ନମଞ୍ଚରେ ଏବଂ ୧୦ ଜଣ ପତ୍ରବାଚନରେ ଭାଗ ନେଇଥିଲେ।

# ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟରୁ କ୍ଷୀର ଚୋରି, ୪ ଗିରଫ

ବରଗଡ଼,୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ଗୁରୁଦ୍ୱାରା ଛକ-ରେଲ ଷ୍ଟେଶନ ରୋଡ୍ ପାର୍ଶ୍ୱରେ ରହିଥିବା ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟରୁ ଦୁଗ୍ଧ (କ୍ଷୀର) ଚୋରି ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବରଗଡ଼ ଗ୍ରାମାଞ୍ଚଳ ଥାନା ତୋରା ଆମ୍ବପଡ଼ାର ସରୋଜ ସୁନା(୨୫), କାହ୍ନା କାଳସାଇ(୨୩), ବିହାର ରାଜ୍ୟ ଛାପ୍ରା ଜିଲା ରୁସୁଲପୁର ଥାନା ଲକଡଚାପଡ଼ାର ମୂଳ ବାସନ୍ଦା ତଥା ବରଗଡ଼ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟରେ ରହୁଥିବା ସୁଜିତ ସିଂ(୩୩) ଏବଂ ବିହାର ରାଜ୍ୟ ସିବାଙ୍ଗ ଜିଲା ଡାରୁଙ୍ଗା ଥାନା ଚକ୍ରି ଗ୍ରାମର ମୂଳ ବାସିନ୍ଦା ତଥା ବରଗଡ଼ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟର ସୁରକ୍ଷାକର୍ମୀ ଜିତେନ୍ଦ୍ର ସିଂ(୫୨)। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ସରୋଜ ଉକ୍ତ ପ୍ଲାଣ୍ଟରେ ପୂର୍ବରୁ କାର୍ଯ୍ୟ କରୁଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଏବେ ପ୍ଲାଣ୍ଟରେ କାର୍ଯ୍ୟରତ ଥିଲେ। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୯୯/୨୫) ରୁଜୁ କରିଛି। ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ପୋଲିସ ଅଧିକ ତଦନ୍ତ କରୁଛି। ଉକ୍ତ ପ୍ଲାଣ୍ଟରୁ ଗତ ୨୭ତାରିଖରେ ୪ଟି କେନରେ ରହିଥିବା ୧୬୦ଲିଟର କ୍ଷୀର ଚୋରି ହୋଇଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଉକ୍ତ ଅଭିଯୁକ୍ତମାନେ ତାହା ଚୋରି କରିଥିବା ଜଣାପଡିଥିଲା। ଏ ନେଇ ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘର ସାଧାରଣ ପରିଚାଳକ ଡ. ସରୋଜ କୁମାର ସାହୁ ଥାନାରେ ଏତଲା ଦେଇଥିଲେ।

# ଟଙ୍କା ଲୁଟେରାଙ୍କୁ କାବୁ କଲେ ଲୋକେ

ବରଗଡ଼,୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରସ୍ଥିତ ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖାରୁ ଶନିବାର ମଧ୍ୟାହ୍ନରେ ଜଣେ ଲୁଟେରା ଅନ୍ୟ ଜଣେ ବ୍ୟାଙ୍କ ଉପଭୋକ୍ତାଙ୍କଠାରୁ ୭୭ହଜାର ଟଙ୍କା ଲୁଟି ଫେରାର୍ ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସରେ ଦେଇଥିଲେ। ରେମଣ୍ଡା ଗାଁର ଦିଲ୍ଲୀପ ମହାପାତ୍ର ୭୭ହଜାର ଟଙ୍କା ଧରି ଉକ୍ତ ବ୍ୟାଙ୍କକୁ ଜମା କରିବାକୁ ଯାଇଥିଲେ। ସେ ଟଙ୍କା ଜମା ପାଇଁ କାଉଣ୍ଟର ସମ୍ମୁଖରେ ଥିବାବେଳେ ଅଭିଯୁକ୍ତ ଜଣଙ୍କ ଟଙ୍କା ଥିବା ବ୍ୟାଗ୍‌କୁ ଲୁଟି ନେଇ ଫେରାର୍ ହେବାକୁ ଉଦ୍ୟମ କରୁଥିଲେ। ସ୍ଥାନୀୟ ଲୋକେ ପାଟି କରିବା ସହିତ ଗୋଡ଼ାଇ ତାଙ୍କୁ କାବୁ କରିଥିଲେ।

# ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ଗାଇସିଲେଟ,୧।୩(ଗାଇସିଲେଟ)

ଗାଇସିଲେଟ୍ ବ୍ଲକ କଟାବହାଲଠାରେ ଗତ ୨୪ ତାରିଖରୁ ଚାଲିଥିବା ପାଞ୍ଚ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣମେଣ୍ଟରେ ୧୬ଟିଦଳ ଭାଗ ନେଇଥିଲେ। ସାରଙ୍ଗପୁର ଓ ଖଇରପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖଇରପାଲି ଦଳ ୮୪ ରନ କରିଥିବା ବେଳେ ସାରଙ୍ଗପୁର ଦଳ ୫୫ ରନ କରି ରନର୍ସଅପ ହୋଇଥିଲା। ଚାମ୍ପିୟନ ଖଇରପାଲି ଦଳ ଟ୍ରଫି ସହିତ ୧୦,୦୦୦ ଓ ଉପ ବିଜେତା ସାରଙ୍ଗପୁରକୁ ଟ୍ରଫି ସହିତ ୬,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷ ପ୍ରଣୟକୁମାର ସାହୁ, ଜିଲା ପରିଷଦ ସଭ୍ୟାଝରଣା ପାଣିଗ୍ରାହୀ ସାମ୍ବାଦିକ ସୁଶାନ୍ତ କୁମାର ପଣ୍ଡା, ଆଇନଜୀବୀ ପ୍ରବିଣ ପାନିଗ୍ରାହୀ ଉପସ୍ଥିତ ଥିଲେ।

# ଘରକୁ ଯାଇପାରିଲାନି ଶବ, ସ୍ୱେଚ୍ଛାସେବୀ କଲେ ସତ୍କାର

ବରଗଡ଼,୧।୩(ପ୍ରେମାନନ୍ଦ ଖମାରୀ)

ସାମାଜିକ କୁସଂସ୍କାର ଏବେ ମଧ୍ୟ ଦୂରୀଭୁତ ହୋଇ ନାହିଁ। ଏଭଳି ଏକ ଘଟଣା ଶନିବାର ପଦାକୁ ଆସିଛି। ଅନ୍ୟଜାତିର ଝିଅକୁ ବିବାହ ହେବା ପରେ ଜଣେ ଯୁବକ ଘରେ ରହି ପାରିଲେନି। ମୃତ୍ୟୁ ପରେ ତାଙ୍କ ଶବ ମଧ୍ୟ ଗ୍ରାମକୁ ପହଞ୍ଚି ପାରି ନଥିଲା ଏବଂ ଅନ୍ୟତ୍ର ଶବ ସଂସ୍କାର ହୋଇଥିଲା। ଏଭଳି ଏକ ସାମାଜିକ କୁସଂସ୍କାର ବରଗଡ଼ ଜିଲା ଭେଡ଼େନ ଥାନା ଖାଉପାଲି ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ମଙ୍ଗଲୁ ବିଶ୍ୱାଳ(୨୬) ଅନ୍ୟଜାତିର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଫଳରେ ତାଙ୍କୁ ଜାତିରୁ ବାସନ୍ଦ କରାଯାଇଥିଲା। ଏହାପରେ ଯୁବତୀଙ୍କୁ ଧରି ସେ ଅନ୍ୟତ୍ର ରହୁଥିଲେ। ମାତ୍ର ସମ୍ପୃକ୍ତ ଯୁବତୀ ତାଙ୍କ ସହିତ କିଛିମାସ ରହିବା ପରେ ଅନ୍ୟଜଣେ ଯୁବକଙ୍କ ସହିତ ସମ୍ପର୍କ ରଖି କୁଆଡ଼େ ଚାଲି ଯାଇଥିଲେ। ଏହାପରେ ମଙ୍ଗଲୁ ମାନସିକ ଦୁଃଶ୍ଚିନ୍ତାରେ ରହୁଥିଲେ। ଗତ ଶିବରାତ୍ରିରୁ ସେ କୁଆଡ଼େ ଚାଲି ଯାଇଥିଲେ। ଶୁକ୍ରବାର ଲୁପୁରସିଂହା-ଖାଉପାଲି ରାସ୍ତାପାର୍ଶ୍ୱରେ ରହିଥିବା ଏକ ବରଗଛରୁ ତାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରି ସ୍ଥାନୀୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରିଥିଲା। ମାତ୍ର ଜାତିରୁ ବାସନ୍ଦ ହୋଇଥିବା ଯୋଗୁ ଘରକୁଶବ ନେବା ପାଇଁ ପରିବାର ଲୋକେ ନିଜର ଅସହାୟତା ପ୍ରକାଶ କରିଥିଲେ। ଅପରପକ୍ଷେ ଭେଡ଼େନ ପୋଲିସଠାରୁ ସୂଚନା ପାଇ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ପିପଲମୁଣ୍ଡା ସ୍ୱର୍ଗଦ୍ୱାରରେ ଶବ ସତ୍କାର କରିଥିଲେ। ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ଶେଷଦେବ ପ୍ରଧାନ ନିଲେଶ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିବାବେଳେ ମୃତକଙ୍କ ଭାଇ, କାକା ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସଂକଳ୍ପ ପରିବାରର ଏଭଳି ସାମାଜିକ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଚକୁଲିଫାର୍ମରେ ଜବରଦଖଲ ଉଚ୍ଛେଦ

ସରଣ୍ଡା,୧।୩(ଯୁଧିଷ୍ଠିର ମହାପାତ୍ର)

- ପ୍ରତିବାଦ କରିବାରୁ ପଡ଼ାବାସୀର ୧୦ ଅଟକ
- ପ୍ରଥମେ ଥଇଥାନ ପରେ ଉଚ୍ଛେଦ ଦାବି

ଅତାବିରା ବ୍ଲକ ଚକୁଲିଫାର୍ମଠାରେ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମେ ଥଇଥାନ ପରେ ଉଚ୍ଛେଦ ଦାବିରେ ପ୍ରତିବାଦ କରିବାରୁ ୧୦ ଜଣଙ୍କୁ ପୋଲିସ ଅଟକ ରଖିଛି।

ଗତ ଅଗଷ୍ଟ ମାସରେ ସମ୍ବଲପୁର - ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ସେ ସମୟରେ ପଡ଼ାବାସୀଙ୍କ ଅନୁରୋଧ କ୍ରମେ ତତ୍କାଳୀନ ଅତାବିରା ତହସିଲଦାର ସେମାନଙ୍କୁ ଥଇଥାନ କରିଲା ପରେ ଉଚ୍ଛେଦ କାର୍ଯ୍ୟ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଉଚ୍ଛେଦ କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ସେମାନଙ୍କୁ ଥଇଥାନ ନ କରି ଗରୀବ ଖଟିଖିଆ ୨୫ଟି ଘରକୁ ଉଚ୍ଛେଦ କରିବା ପାଇଁ ପୋଲିସ ଫୋର୍ସ, ଏନ୍ଏଚ୍ଆଇ ଅଧିକାରୀ, ଅଶୋକା ବିଲଟନଙ୍କୁ ଧରି ଅତାବିରା ତହସିଲଦାର କେ. ରିଟୀ କୁମାର ଶନିବାର ପୂର୍ବାହ୍ନ ୧୦ଟାରେ ପହଞ୍ଚିଥିଲେ। ପୂର୍ବରୁ ମିଳିଥିବା ପ୍ରତିଶ୍ରୁତି ମୁତାବକ ପଡ଼ାବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ଗ୍ରାମବାସୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ପରେ ଦିନ ଗୋଟାଏରେ ବରଗଡ଼ ଏସ୍‌ଡିପିଓ ପରଦାବିନ୍ଦ ତ୍ରିପାଠୀ ପହଞ୍ଚି ଅନୁରୋଧ କରିଥିଲେ। ତାଙ୍କ କଥାରେ ପଡ଼ାବାସୀ ରାଜି ନ ହେବାରୁ ୧୦ ଜଣ ମହିଳା ଓ ପୁରୁଷଙ୍କୁ ପୋଲିସ ଅଟକ ରଖି ଉଚ୍ଛେଦ କାର୍ଯ୍ୟ କରିଥିଲା । ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ମଧ୍ୟ ପଡ଼ାରେ ବିଦ୍ୟୁତ ସଂଯୋଗ ରହିଥିଲା। ଏନେଇ ଅତାବିରା ବିଦ୍ୟୁତ୍ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଆମକୁ ଆଗୁଆ କୌଣସି ନୋଟିସ ଆସି ନଥିଲା। ଏବେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଛି ବୋଲି କହିଥିଲେ। ତହସିଲଦାର କେ ରିଟୀ କୁମାରଙ୍କୁ ପଚାରିବାରୁ ଆମେ ଆଗରୁ ଏ ସମ୍ପର୍କରେ ଜଣାଇଥିଲୁ ବୋଲି କହିଥିଲେ । ପ୍ରଶାସନିକ ସ୍ତରରେ ମଧ୍ୟ ସମଞ୍ଜସ୍ୟ ନ ଥିବା ବେଳେ ୨୫ ଘର ଏବେ ବେଦାଖଲ ହୋଇଯାଇଛି।

ଅନ୍ୟପଟେ ଏକ ଅଭିଯୋଗରୁ ପ୍ରକାଶ ଯେ, ପଡା ପାଖରେ ଥିବା ଏକ ଟ୍ରାକ୍ଟର ଶୋ ରୁମର ପାଞ୍ଚ ଫୁଟ ଜବରଦଖଲ କରିଥିଲେ ମଧ୍ୟ ତାହାକୁ ଉଚ୍ଛେଦ କରାଯାଇ ନ ଥିଲା। ଯାହା ଫଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏହାର ତଦନ୍ତ କରି ବଡ଼ ବଡ଼ିଆଙ୍କ ଜବରଦଖଲ ଉଚ୍ଛେଦ କରିବାକୁ ଦାବି ହେଉଛି।



ଉଚ୍ଛେଦ କରାଯାଉଛି।

# ଲୁହାଖାନ ଜଗନ୍ନାଥ ମନ୍ଦିର ରତ୍ନମୁଦ, ନାମଯଜ୍ଞ

ପଦ୍ମପୁର,୧।୩(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଅନ୍ତର୍ଗତ ବୁଡ଼ାମାଲ ଗ୍ରାମପଞ୍ଚାୟତ ଲୁହାଖାନ ଗ୍ରାମରେ ଅବସ୍ଥିତ ଏକ ଭବ୍ୟ ଜଗନ୍ନାଥ ମନ୍ଦିରର ରତ୍ନମୁଦ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ପୀତବାସ ମେହେର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଧର୍ମାନୁଷ୍ଠାନ କାର୍ଯ୍ୟରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ଜଗତର ନାଥ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ କୃପା ଲାଭ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ହୋମଯଜ୍ଞ କରାଯାଇ ସମଗ୍ର ମନ୍ଦିର ପରିବେଶକୁ ସୌଧ କରାଯାଇଥିଲା। ଗତିକୃଷ୍ଣ ଅମରି, ଗୀତାଞ୍ଜଳି ଅମରି, ପୀତବାସ ମେହେର, ପଦ୍ମିନୀ ମେହେର, କୈଳାଶ ସାହୁ, ସାବିତ୍ରୀ ସାହୁ, ତୁଳାରାମ ଅମରି, ଇନ୍ଦୁମତି ଅମରି, ନକୁଳ ମାଝି, ଅପୂର୍ବ ମାଝି ଯଥାକ୍ରମେ କର୍ତ୍ତା ଓ କର୍ତ୍ତୀ ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଶାନ୍ତି କୁମାର ଦାଶ ଓ ସାଥୀମାନେ ଉପସ୍ଥିତ ରହି ହୋମଯଜ୍ଞ କାର୍ଯ୍ୟ ଯଥା ବିଧି ସମାପନ କରିଥିଲେ। ଦରବାରରେ ରାଜ ଅତିଥି ଭାବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟିକା ବର୍ଷା ସିଂ ବରିହା, ପ୍ରିତେଶ ବହିଦାର, ତହସିଲଦାର ବିପିନ ବିହାରୀ ପ୍ରଧାନ, ଭାଜପା ନେତା ଗୋବର୍ଦ୍ଧନ ଭୋଇ, ପ୍ରମୁଖ ଯୋଗ ଦେଇଥିଲେ।

# ଲଖନାକୁ ହରାଇ ସେମିରେ ବାଲିପଟା

ପାଇକମାଲ,୧।୩(ବଢ଼ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ବଡ଼ ଖେଳ ପଡ଼ିଆରେ ଚାଲିଥିବା ମାଣ୍ଡୋସିଲ କ୍ରିକେଟ କପରେ ୪ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ବଖରମାଲକୁ ହରାଇ ଡୁଡୁକିଝରିଆ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଡୁଡୁକିଝରିଆକୁ ହରାଇ ଲଖନା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଛିନ୍ଦପାଣିକୁ ହରାଇ ବାଲିପଟା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ଲଖନା ଓ ବାଲିପଟା ମଧ୍ୟରେ କ୍ୱାର୍ଟର ଫାଇନାଲରେ ଲଖନାକୁ ହରାଇ ବାଲିପଟା ସେମି ଫାଇନାଲରେ ପ୍ରବେଶ କରିଛି। ଦେବସିଂ ଭରାସାଗର, ବେଦବ୍ୟାସ ପୁଟା,ହେମାନନ୍ଦ ବିଶ୍ୱାଳ ଓ ନରେଶ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

## ମାଣ୍ଡୋସିଲ କ୍ରିକେଟ କପ୍

ବିଜୟ ବରିହା ଓ ମନୋରଞ୍ଜନ ମଲ୍ଲିକ ସ୍କୋରର ଥିବା ବେଳେ ପୁଷ୍ପକାନ୍ତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ମାଣ୍ଡୋସିଲର ବିଶିଷ୍ଟ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ ଯୋଗଦେଇ ବାଲିପଟା ଦଳର ମହେନ୍ଦ୍ର ଚନ୍ଦନକୁ ମ୍ୟାନ ଅଫ ଦି ମ୍ୟାଚ ଦେଇ ପୁରସ୍କୃତ କରିଥିଲେ। ଅନିଲ ଦାସ, ଗୋକୁଳ ବିଶ୍ୱାଳ,ରାଜୁ ପୁଟା, ମହେଶ ଚନ୍ଦ୍ର ନାୟକ, ମହେନ୍ଦ୍ର ମଲ୍ଲିକ, ଦୁଃଖିଶ୍ୟାମ ସରିଆ, ଯୋଗେଶ ବିଶ୍ୱାଳ, ମୁକେଶ ବିଶ୍ୱାଳ, ଅଶୋକ ଝାଙ୍କର, ଝସକେତନ ନାୟକ, ମାନସ ନାୟକ, ଦାମୋଦର ରଣା, ସୁମନ୍ତ ଭୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ହେଲାନି ସ୍ୱାସ୍ଥ୍ୟଯାଞ୍ଚ, ନିରାଶରେ ଫେରିଲେ ଦିବ୍ୟାଙ୍ଗ

ବରଗଡ଼,୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରାଞ୍ଚଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର(ପୁରୁଣା ଜିଲା ମୁଖ୍ୟ ଡକ୍ତରଖାନା) କୁ ସ୍ୱାସ୍ଥ୍ୟଯାଞ୍ଚ ସହିତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଦିବ୍ୟାଙ୍ଗଙ୍କୁ ହଟହଟା ହେବା ସାଧାରଣରେ ପରିଣତ ହୋଇଛି। ବର୍ଷବର୍ଷ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ଏ ଦିଗ ରେ ଠୋସ୍ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦିବ୍ୟାଙ୍ଗଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଶନିବାର ଅନୁରୂପଭାବେ ଦିବ୍ୟାଙ୍ଗମାନଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଛି। ସ୍ୱାସ୍ଥ୍ୟଯାଞ୍ଚ ପାଇଁ ରହିଥିବା ଡାକ୍ତର ଅପରାହ୍ନ ୪ଟାରେ ଚାଲିଯିବାରୁ ଦୂରଦୂରାନ୍ତରରୁ ଆସିଥିବା ଦିବ୍ୟାଙ୍ଗଙ୍କୁ ସନ୍ଧ୍ୟାରେ ନିରାଶରେ ଘରକୁ ଫେରିବାକୁ ପଡୁଛି। ଦିବ୍ୟାଙ୍ଗମାନଙ୍କ ପ୍ରତି ଏଭଳି ଅଣଦେଖା ମନୋଭାବକୁ ନେଇ ସ୍ଥାନୀୟ ସଚେତନ ନାଗରିକ ମହଲରେ ଉଦବେଗ ପ୍ରକାଶ ପାଇଛି।

ସୂଚନାଅନୁଯାୟୀ, ବରଗଡ଼ସହରସ୍ଥିତ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରତିମାସ ୧ତାରିଖ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟଯାଞ୍ଚ କରି ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଏ। ଶନିବାର ସକାଳୁ ଉଭୟ ବରଗଡ଼ ଏବଂ ପଦ୍ମପୁର ଉପଖଣ୍ଡର ଦିବ୍ୟାଙ୍ଗମାନେ ଉକ୍ତ ଡାକ୍ତରଖାନାକୁ ଆସିଥିଲେ। ସ୍ୱାସ୍ଥ୍ୟଯାଞ୍ଚ କେନ୍ଦ୍ର ଆଗରେ ସେମାନେ ଲମ୍ୱାଧାଡ଼ିରେ ଛିଡ଼ା ହୋଇଥିଲେ। ସେଥିପାଇଁ ରହିଥିବା ଡାକ୍ତରଖ ଜଣେ ପରେ ଜଣେ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟଯାଞ୍ଚ କରିଥିଲେ। ମାତ୍ର ଅପରାହ୍ନ ୪ଟାରେ ସେ ଡାକ୍ତରଖାନାରୁ ଚାଲି ଯାଇଥିଲେ। ସେତେବେଳେ ମଧ୍ୟ ଧାଡ଼ିରେ ୪୦ରୁ ୫୦ଜଣ ଦିବ୍ୟାଙ୍ଗ ରହିଥିଲେ। ତେବେ ସ୍ୱାସ୍ଥ୍ୟଯାଞ୍ଚ କରୁଥିବା ଡାକ୍ତର ସେଠାରୁ ଅନ୍ୟତ୍ର ଚାଲି ଯାଇଥିବା ଜାଣି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାସତ୍ତ୍ୱେ ଡାକ୍ତର ପୁଣି ଆସିବେ ଭାବି ସେମାନେ ଧାଡ଼ିରେ ରହିଥିଲେ। କିନ୍ତୁ ଡାକ୍ତର ଆଉ ନ ଆସିବାରୁ ସେମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଜଣାଇଥିଲେ। ଏହାସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସେମାନେ ନିରାଶରେ ଘରକୁ ଫେରିଥିଲେ।

ବରପାଲି ନିକଟ ବଡ଼ଗାଁରୁ ଆସିଥିବା ସୁଦାମ ପ୍ରଧାନ କହିଥିଲେ, ସେ ସକାଳ ୮ଟାରୁ ଡାକ୍ତରଖାନାକୁ ଆସି ଧାଡ଼ିରେ ଥିଲେ। କିନ୍ତୁ ଡାକ୍ତର କେଉଁ ବାଟ ଦେଇ ଚାଲିଗଲେ, ଜାଣି ପାରିଲେ ନାହିଁ। ମାସକୁ ଥରେ ଏଭଳି ସ୍ୱାସ୍ଥ୍ୟଯାଞ୍ଚ କରାଯାଉଛି। ସପ୍ତାହକୁ ଥରେ ଏଭଳି ସ୍ୱାସ୍ଥ୍ୟଯାଞ୍ଚ କରାଯାଉ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟଯାଞ୍ଚ କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଉ। ସେହିପରି ବରଗଡ଼ ତଳିପଡ଼ାର କ୍ଷମାନିଧି ମେହେର କହିଛନ୍ତି, ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ସେ ଅନଲାଇନ ଆବେଦନ କରିଛନ୍ତି। ଶନିବାର ସ୍ୱାସ୍ଥ୍ୟଯାଞ୍ଚ ପାଇଁ ଆସିଥିଲେ। କିନ୍ତୁ ଅପରାହ୍ନରେ ଡାକ୍ତର ପଳାଇଥିଲେ। ଏଭଳି କରାଯିବା କଥା ନୁହେଁ ବୋଲି କ୍ଷମାନିଧି କହିଥିଲେ। ଗାଇସିଲେଟ ବ୍ଲକ ଗୁନିଆଁପାଲିର ବିଶ୍ୱଜିତ ଖମାରୀ କହିଥିଲେ, ଆଗରୁ ମଧ୍ୟ ସେ ଥରେ ଏଠାକୁ ଆସିଥିଲେ। ସେତେବେଳେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିଥିଲା। ଆଜି ପୁଣି ନିରାଶରେ ଫେରୁଛି ବୋଲି ସେ କହିଥିଲେ। ଗାଇସିଲେଟ ବ୍ଲକ ଝାଙ୍କରପାଲି ଗ୍ରାମରୁ ଆସିଥିବା ଜଣେ ଦିବ୍ୟାଙ୍ଗ ଯୁବତୀ କହିଥିଲେ, ସେ ଅଟୋଭଡ଼ା କରି ଆସିଥିଲେ। ଅଟୋଭଡ଼ା ବାବଦକୁ ୨ହଜାର ଟଙ୍କା ନେବ। ହେଲେ ଏଠାକୁ ଆସି ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବା ତ ଦୂରର କଥା, ତାଙ୍କ ସ୍ୱାସ୍ଥ୍ୟଯାଞ୍ଚ ମଧ୍ୟ ହେଲା ନାହିଁ ବୋଲି ସେ କହିଥିଲେ। ଅନ୍ୟପଟେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀଙ୍କୁ ତାଙ୍କ ମୋବାଇଲ ନମ୍ବର- ୯୪୩୯୯୮୨୨୪୯ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନଥିଲେ।




ସ୍ୱାସ୍ଥ୍ୟଯାଞ୍ଚ ପାଇଁ ଡାକ୍ତରଖାନାକୁ ଆସିଥିବା ଦିବ୍ୟାଙ୍ଗମାନେ ଡାକ୍ତରଙ୍କ ଅପେକ୍ଷାରେ ରହିଛନ୍ତି।

## ସଂକ୍ଷେପରେ

### ଜାତୀୟ ବିଜ୍ଞାନ ଦିବସ ପାଳନ

ଟିଟିଲାଗଡ଼, ୧।୩(ସନ୍ତୋଷ ପଟ୍ଟନାୟକ)

ଶୁକ୍ରବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟିଟିଲାଗଡ଼ର ସହକାରୀ ଉପଜିଲାପାଳ ସନ୍ଦୀପ କୁମାର ଚନ୍ଦ୍ରାକାର ଯୋଗଦେଇ ବୈଜ୍ଞାନିକ ମନୋଭାବ ନେଇ ଶିଶୁମାନେ ଆଗକୁ ବଢ଼ିବା ସହ ଦେଶର ଉନ୍ନତି କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜ୍ୟୋତିପ୍ରକାଶ ଗଡ଼ତ୍ୟା ଶିଶୁମାନଙ୍କୁ ସାହିତ୍ୟ ଓ ବିଜ୍ଞାନର ସମ୍ପର୍କ ଓ ସତ୍ୟର ସନ୍ଧାନରେ ବିଜ୍ଞାନର ଭୂମିକା କିପରି ସେ ବିଷୟରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଶିଶୁମାନଙ୍କୁ ଦେଶର ବିକାଶରେ ବିଜ୍ଞାନର ଭୂମିକା ବିଷୟ ରେ ବୁଝାଇଥିଲେ। କଟକ ବିଦ୍ୟାଧରପୁରସ୍ଥ ଧାନ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ ଫିଲ ଅଫିସର ଶରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ମୋତି ପୁଟେଲଙ୍କ ଦ୍ୱାରା ମଞ୍ଚ ପରିଚାଳନା ହୋଇଥିଲା। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଦିବସ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶ୍ରେଣୀ ଅନୁସାରେ ବିଭିନ୍ନ ପ୍ରତିଯୋଗିତା ଓ ପ୍ରଦର୍ଶନୀ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟ ଯୁଧିଷ୍ଠିର ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଟିକ୍ରାପଡ଼ା ଶିବରାତ୍ରି ମେଳାରେ ଉପମୁଖ୍ୟମନ୍ତ୍ରୀ

ସଇଁତଲା, ୧।୩(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଟିକ୍ରାପଡ଼ା ସ୍ୱପ୍ନେଶ୍ୱର ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ମେଳା ଅନୁଷ୍ଠିତ ହେଉଛି । ଗୁରୁବାର ଦିନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମେଳାରେ ପହଞ୍ଚି ଠାକୁର ଦର୍ଶନ କରିବା ସହ ମନ୍ଦିର କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଏବଂ ସଇଁତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୁଷୋତ୍ତମ ମିର୍ଦ୍ଧା ଠାକୁର ଦର୍ଶନ କରିବା ସହ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଉପ ମୁଖ୍ୟମନ୍ତ୍ରୀ ସିଂଦେଓ ପହଞ୍ଚିବା ପରେ କମିଟିର କର୍ମକର୍ତ୍ତାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପାଛୋଟି ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ହେଉଥିବା କଂସ ଦରବାରରେ ମୁଖ୍ୟଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଯୋଗ ଦେଇଥିଲେ । ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ଭାଜପା ନେତା ରାଜୀବ ମହାନ୍ତି, କରୁଣାସିନ୍ଧୁ ପଶାୟତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବଜରଙ୍ଗ ଲାଲ ଜୈନ, ମହୋତ୍ସବ କମିଟିର ସଭାପତି ଦିଲିପ ରାଜପାଲିଆ, ସଇଁତଲା ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା, ଅବିନାଶ ନନ୍ଦ, ଗୋକୁଳାନନ୍ଦ ବର୍ଗଡ଼ି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କମିଟି ତରଫରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସିଂଦେଓ ଆଗାମୀ ଦିନରେ ଶିବରାତ୍ରି ମେଳାକୁ ଆହୁରି ଆକର୍ଷଣୀୟ କରିବାକୁ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି କହିଥିଲେ। ଦରବାରରେ କଂସ ମହାରାଜଙ୍କ ଅଭିନୟ ଏବଂ ବରଗଡ଼ରୁ ଆସିଥିବା କଳାକାରମାନଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

### ବିଦ୍ୟାଳୟ ବାର୍ଷିକୋତ୍ସବ

ଲାଠୋର, ୧।୩(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ କହ୍ନେଇଛାପର ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉଜଳ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ କେନ୍ଦ୍ର ସଂଯୋଜକ ସତ୍ୟବ୍ରତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବଂଶୀଧର ପୋଢ଼,ଘନଶ୍ୟାମ ପୋଢ଼,ଡୋଲାମଣି ଜାଲ,ପ୍ରତିମା ମେହେର ଯୋଗ ଦେଇଥିଲେ। ଏହି ଅବସରରେ ମଦ ମଣିଷ ପାଇଁ କେତେ କ୍ଷତିକାରକ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ କୁନି କୁନି ଶିଶୁମାନଙ୍କ ଦ୍ୱାରା ଏକ ହିନ୍ଦୀ ଗୀତି ନାଟ୍ୟ 'ଜିନା ହେ ତୋ ବାବା ସରାବ ନେହିଁ ପିନା' ପରିବେଷଣ କରାଯାଇଥିଲା। ଏହି ଗୀତି ନାଟ୍ୟ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମ ପରିଚାଳନା ଶିକ୍ଷକ କାହ୍ନା ମେହେର କରିଥିବା ବେଳେ ଶିକ୍ଷକ ବସନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ତ ଉନ୍ନୟନ ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ



ଦିଶା ବୈଠକରେ ମଞ୍ଚାସୀନ ଏମ୍‌ପି ଓ ଅନ୍ୟମାନେ ।

## ଜିଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି ବୈଠକ

ବଲାଙ୍ଗୀର, ୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ କମିଟି ଅଧ୍ୟକ୍ଷ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସ୍ୱାଗତ ଭାଷଣ ଦେଇଥିଲେ। ଏମ୍‌ପି ସିଂଦେଓ ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଉନ୍ନୟନମୂଳକ ଯୋଜନାର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ପୂର୍ବକ କେନ୍ଦ୍ରୀୟ ଅନୁଦାନ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଶେଷ ଭାବେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଗୁଣାତ୍ମକ ମାନ, ଏମଜିଏନଆରଇଜିଏସ ଯୋଜନାର ସଫଳ ରୂପାୟନ, ପୂର୍ତ୍ତ ବିଭାଗ ଯୋଜନା, ପ୍ରଧାନମନ୍ତ୍ରୀ ଆବସ ଯୋଜନା, କ୍ଷୁଦ୍ର ଜଳସେଚନ, ମେଘା ଲିଫ୍ଟ ପ୍ରକଳ୍ପ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ସ୍ୱାସ୍ଥ୍ୟ ଯୋଜନା, ସମଗ୍ର ଶିକ୍ଷା ଅଭିଯାନର ସମୀକ୍ଷା କରିଥିଲେ। ଜିଲାର ସମସ୍ତ ବର୍ଗ ସ୍କୁଲର ସମ୍ପୂର୍ଣ୍ଣ ତଥ୍ୟ ସାତଦିନ ମଧ୍ୟରେ ଦାଖଲ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମୀକ୍ଷା କରି ସମସ୍ତ ଚିକିତ୍ସାଳୟଗୁଡିକରେ ସମସ୍ତ ମୌଳିକ ସୁବିଧାକୁ ଉପଲବ୍ଧ କରାଇବା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜାତୀୟ ସାମାଜିକ ସହାୟତା ଯୋଜନାରେ କାର୍ଯ୍ୟକାରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡିକର ସଫଳ ବିନିଯୋଗର ସମୀକ୍ଷା କରି ଯୋଜନା ସୁପରିଚାଳନା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜିଲାର ଜଳସେଚନ ବିଭାଗ, ଜାତୀୟ ଉଦ୍ୟାନ ମିଶନ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ତଥା ଅନ୍ୟାନ୍ୟ ଯୋଜନା ଉପରେ ଏମ୍‌ପି ସିଂଦେଓ ସମୀକ୍ଷା କରିଥିଲେ। ବଲାଙ୍ଗୀରରେ ନେଟୱର୍କ ଅସୁବିଧାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଜିଲାରେ ନେଟୱର୍କ ଅସୁବିଧା ଥିବା ସତ୍ତ୍ୱେ ନୂଆ ପ୍ରପୋଜାଲ ନ ଯାଉଥିବାରୁ ଆଗକୁ ଏଥିପାଇଁ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକଙ୍କ ପ୍ରତିନିଧି, ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଦିଶା କମିଟିର ମନୋନୀତ ସଦସ୍ୟା ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ କୃଷିକୁ ଆପଣାଇଲେ ସୁସ୍ଥ ସମାଜ ସୁନିଶ୍ଚିତ


ଦେଓଗାଁ ଉଦ୍ୟାନ ବିଭାଗରେ ବ୍ଲକସ୍ତରୀୟ ଉଦ୍ୟାନକୃଷି ସମ୍ପର୍କିତ କର୍ମଶାଳା ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି ସମ୍ପର୍କିତ କର୍ମଶାଳା

ଦେଓଗାଁ, ୧।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଉଦ୍ୟାନ ବିଭାଗରେ ଉଦ୍ୟାନ କୃଷି ସମ୍ପର୍କିତ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ବ୍ଲକ ସହକାରୀ ଅଧିକାରୀ ରୋହନ କୁମାର ଭୋଇ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ଏହାଛଡା ପ୍ରାକୃତିକ କୃଷିକୁ ଆପଣାଇଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ୟାନ ଅଧିକାରୀ ତିର୍ଜକ ଦାଶ ଓ ଅଶୋକ କୁମାର ରଣା ଯୋଗଦେଇ ଚାଷୀମାନେ ସମସ୍ତ ଯୋଜନା ଉପରେ ଅବଗତ ହୋଇ ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷକ ଭାବେ ଏଫଇଏସ (ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି)ର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପ୍ରାକୃତିକ କୃଷି ଅବା ଜୈବିକ ପଦ୍ଧତିରେ କୃଷି ପାଇଁ ଆବଶ୍ୟକ ବିଭିନ୍ନ ଜୈବିକ ଖତ ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶେଷରେ ଉଦ୍ୟାନ ଅଧିକାରୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ କୃଷକସାଥୀ, ଉଦ୍ୟାନ ମିତ୍ର, ଦେଓଗାଁ କଛାରପାଲିର ଏମବିକେ, ସିଆରପି ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ପୋଲିସର ଜନସମ୍ପର୍କ ଶିବିର


ପୋଲିସ ପକ୍ଷରୁ କ୍ୟାରମ ବୋର୍ଡ ପ୍ରଦାନ କରାଯାଉଛି।

ଲାଠୋର/ଖପ୍ରାଖୋଲ, ୧।୩ (ଭୁବନେଶ୍ୱର ବାରିକ/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କ ନେତୃତ୍ୱରେ ଥାନା ଅଧୀନ ବେହେରାପାଣି ଗ୍ରାମରେ ଶନିବାର ପୋଲିସର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୁବେଦାର ଜୟନ୍ତ ପ୍ରଧାନ, ଖପ୍ରାଖୋଲ ଓଆଇସି ନରେନ୍ଦ୍ର ଛତ୍ର,ଏସଓଜି ଟିମ୍ ଇନଚାର୍ଜ ରମାକାନ୍ତ ଭୋଇ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଖେଳର ଆୟୋଜନ କରାଯାଇଥିଲା। ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ଉପସ୍ଥିତ ଲୋକଙ୍କୁ ବିଭିନ୍ନ ପ୍ରକାର ସାମଗ୍ରୀ ବଣ୍ଟନ କରାଯାଇଥିଲା।ଶିବିରରେ ଏସଓଜି, ଡିଭିଏଫ ଯବାନ ଏବଂ ଲାଠୋର ପୋଲିସ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ: ୨ ଗିରଫ

ଦେଓଗାଁ, ୧।୩ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ଥାନା ଅନ୍ତର୍ଗତ ନୂଆପଡାରେ ଚାଲିଥିବା ନାମଯଜ୍ଞ ନିକଟରେ ଜୁଆଖେଳ ଚାଲିଥିବାର ସୂଚନା ପାଇ ପୋଲିସ ଅଚାନକ ଚଢ଼ାଉ କରିଥିଲା। ଏହି ଘଟଣାରେ ୨ଜଣ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ନୂଆପଡା ଗାଁର ଗୋପୀନାଥ ପଶାୟତ(୨୬) ଓ ପାଟଣାଗଡ ଥାନା ଗଙ୍ଗାସାଗର ଗାଁର କିଆବନ ବରିହା(୭୦)। ମିଳିଥିବା ସୂଚନା ଅନୁଯାୟୀ, ସଦର ବ୍ଲକ କୁଡାସିଂହା ପଞ୍ଚାୟତ ଅନ୍ତର୍ଗତ ନୂଆପଡାରେ ନାମଯଜ୍ଞ ଚାଲିଥିବା ବେଳେ ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ ଜୁଆଖେଳ ଚଳାଇ ଆସୁଥିଲେ। ଏହି ଖେଳରେ ବହୁ ବ୍ୟକ୍ତି ସର୍ବସ୍ୱାନ୍ତ ହେଉଥିବା ନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଏ ନେଇ ସ୍ଥାନୀୟ ଅଞ୍ଚଳର ସଚେତନ ଯୁବକ ପୋଲିସ ନିକଟରେ ଅଭିଯୋଗ କରିଥିଲେ । ଥାନାଧିକାରୀ ବୁଲୁ ମୁଣ୍ଡା ଓ ଏସଆଇ ସୁରେଶ ଚନ୍ଦ୍ର ବିଶିଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରି ଘୁଡୁଘୁଡୁ ପଟି ସମେତ ୬ଟି ଗୋଟି, ଗୋଟିଏ ଡାଲା, ନଗଦ ୬ହଜାର୨୯୦ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରିଥିଲା।

# ବଣିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ


ମଞ୍ଚ ଉପରେ ନବନିର୍ବାଚିତ କର୍ମକର୍ତ୍ତାମାନେ ।

## ଆଗାମୀ ଦିନରେ ସଂଘକୁ ଆହୁରି ମଜଭୁତ କରାଯିବ

ପାଟଣାଗଡ଼, ୧।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ବଣିକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ରାମପୁରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭାବେ ରାଜେଶ କୁମାର ମେହେର, ଉପସଭାପତି ମନୋଜ କୁମାର କୁଦେଇ, ସମ୍ପାଦକ ପ୍ରଫୁଲ୍ଲ କୁମାର ମେହେର,ସହ ସମ୍ପାଦକ ନିତେଶ ଅଗ୍ରୱାଲ , କୋଷାଧ୍ୟକ୍ଷ ମୁକେଶ ଶର୍ମା ଓ ଉପଦେଷ୍ଟା ଭାବେ ସୁନୀଲ ଗୋୟଲ, ପ୍ରଦୀପ ବଂଶଲ ଶପଥ ପାଠ କରିଥିଲେ। କାର୍ଯ୍ୟବାହୀ ସଦସ୍ୟ ଭାବେ ମୁକେଶ କୁମାର ଜୈନ, ସତ୍ୟ ନାରାୟଣ ଭୋଇ, ରବିନ୍ଦ୍ର ସରାଫ, ମଣ୍ଟୁ ମେହେର, ଦିଲିପ ଦାସ, ସୁଦାମ ମେହର,ଅନିଲ ଅଗ୍ରୱାଲ, ଶଙ୍କର ବାରିକ,ମଙ୍ଗତୁରାମ ଅଗ୍ରୱାଲ, ଦୟାନିଧି ରାଓ, ରାଜୀବ ମେହେର ଶପଥ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ କିପରି ସଂଘକୁ ଆହୁରି ମଜଭୁତ କରାଯିବ ସେ ବିଷୟରେ ବିଶେଷ ଆଲୋଚନା ହୋଇଥିଲା। ବରିଷ୍ଠ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ମିଶ୍ର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥପାଠ କରାଇଥିଲେ। ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କୋଶଲିଆ ମାଳୀ ସମାଜ ବାର୍ଷିକ ଉତ୍ସବ

ଲୋଇସିଂହା, ୧।୩ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ଗାଇଖାଇ ପ୍ରକଳ୍ପ ଅଞ୍ଚଳରେ କୋଶଲିଆ ମାଳୀ ସମାଜର ଆଗଲପୁର ଅଞ୍ଚଳସ୍ତରୀୟ ବାର୍ଷିକ ମହୋତ୍ସବ ସଭାପତି ଡାକ୍ତର ପୁଟେଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ପୁଟେଲ ଯୋଗ ଦେଇଥିଲେ। ସମ୍ପାଦକ ଆର୍ତ୍ତତ୍ରାଣ ପୁଟେଲ, କୋଷାଧ୍ୟକ୍ଷ ଜଗନ୍ନାଥ ପୁଟେଲ, ସହସମ୍ପାଦକ ହରିଭକ୍ତ ପୁଟେଲ, ଭରତ ପୁଟେଲ ମଞ୍ଚାସୀନ ଥିଲେ। ଉମାକାନ୍ତ ପଟେଲ ସଭା ପରିଚାଳନା କରିଥିଲେ। ସମାଜର ଇଷ୍ଟଦେବ କୋଶଲେଶ୍ୱର ବାବାଙ୍କ ପୂଜାର୍ଚ୍ଚନା କେତନ ପୁଟେଲ କରିଥିଲେ। ସମାଜର ନିୟମ ସମ୍ପର୍କରେ ସଭାପତି ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିବରଣୀ ପାଠ କରିଥିଲେ। ଆଗଲପୁର ଅଞ୍ଚଳର ମାଳି ସମାଜର ଦଶମ, ଦ୍ୱାଦଶ ଓ ସ୍ନାତକ ପରୀକ୍ଷାରେ ୭୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୨୭ଜଣ ଛାତ୍ରୀଛାତ୍ରଙ୍କୁ ଏକ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାଛଡା ମାଳି ସମାଜର ଗରିବ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଆର୍ଥିକ ସହାୟତା ପ୍ରଦାନ ଲାଗି ଆଲୋଚନା କରାଯାଇଥିଲା।

# ମହାଶିବରାତ୍ରି ମେଳାରେ ଉପ ମୁଖ୍ୟମନ୍ତ୍ରୀ


ଉପ ମୁଖ୍ୟମନ୍ତ୍ରୀ ଧବଳେଶ୍ୱରଙ୍କୁ ପୂଜା କରୁଛନ୍ତି।

ଟିଟିଲାଗଡ଼, ୧।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ଧୂମଧାମରେ ପାଳିତ ହେଉଛି ମହାଶିବରାତ୍ରି ମେଳା। ଶୁକ୍ରବାର ରାତିରେ ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓ ମେଳା ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ସେ କୁମୁଡା ପାହାଡ଼ ପାଦଦେଶରେ ଥିବା ବାବା ଧବଳେଶ୍ୱର ଶୈବ ପୀଠକୁ ଆସି ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି । ଟିଟିଲାଗଡ଼ର ଏହି ମହାଶିବରାତ୍ରି ମେଳାକୁ ତାଙ୍କ ଅଜାଙ୍କ ସମୟରେ ବହୁ ବର୍ଷ ପୂର୍ବେ ଆସିଥିବା ବେଳେ ଏବେ ପୁଣି ବାବା ଧବଳେଶ୍ୱରଙ୍କ ଦର୍ଶନ ଲାଭ କରିବାର ସୋଭାଗ୍ୟ ମିଳିଥିବା ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। ଟିଟିଲାଗଡ଼ର ମହାଶିବରାତ୍ରି ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖି ଏହାର ସ୍ୱତନ୍ତ୍ରତା ବାରି ହେଉଥିବା ସେ ପ୍ରକାଶ କରିଛନ୍ତି । ଏହି ମେଳା ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# 'ଶିକ୍ଷା, କଳା, ସଂସ୍କୃତିରେ ଏଆଇ କ୍ରାନ୍ତି ଆଣିବ'



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶିବ ପ୍ରସାଦ ପାଣ୍ଡିଆ ଜନ୍ମ ଶତବାର୍ଷିକୀ ସମାରୋହ ଉଦ୍‌ଘାଟିତ

ବଲାଙ୍ଗୀର, ୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବିପ୍ଳବୀ କବି, ସାମ୍ବାଦିକ ଗୌରବ ଶିବ ପ୍ରସାଦ ପାଣ୍ଡିଆଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଉଦ୍‌ଘାଟନୀ ଉତ୍ସବ ଶନିବାର ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ସ୍ମୃତିବିନ୍ଦୁ ଫାଉଣ୍ଡେଶନ ପକ୍ଷରୁ ପ୍ରଫେସର ମଧୁସୂଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ବରେଣ୍ୟ ଅତିଥି ପଦ୍ମଶ୍ରୀ ବିଦ୍ୟା ବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ଏବଂ ମୁଖ୍ୟଅତିଥି ସମ୍ବଲପୁର ଆଇଆଇଏମ୍ ଡାଇରେକ୍ଟର ଡ.ମହାଦେଓ ଜୟସ୍ୱାଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଡ. ଜୟସ୍ୱାଲ କହିଥିଲେ, ଆଗାମୀ ଦିନରେ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷାଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେବେ କଳା, ସଂସ୍କୃତି ଏବଂ ପରମ୍ପରା କ୍ଷେତ୍ରରେ ଆଗକୁ ଏଆଇର ପ୍ରୟୋଗ ହେବ। ଉଦ୍ୟୋଗ କ୍ଷେତ୍ରରେ ଏଆଇ ପ୍ରୟୋଗ କରାଯାଉଛି। ସମ୍ବଲପୁର ଆଇଆଇଏମ୍ ଏବଂ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନରେ ପ୍ରଥମ ଏଆଇ ଉପଯୋଗ କରାଯାଇଛି। ଆଗାମୀ ଦିନରେ ପଶ୍ଚିମ ଓଡିଶାର କଳା, ସଂସ୍କୃତିକୁ ବିଶ୍ୱସ୍ତରରେ ପହଞ୍ଚାଇବା ଦିଗରେ ଏଆଇ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି ପଦ୍ମଶ୍ରୀ ଉଦ୍‌ଗାତା ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ପାଣ୍ଡିଆଙ୍କ ସଂଘର୍ଷ, ଲଢ଼େଇ ଏବଂ ସାଧାରଣ ବର୍ଗଙ୍କ ପ୍ରତି ତାଙ୍କ ସହଯୋଗ ବିଷୟରେ କହିଥିଲେ। ମୁଁ କରିପାରିବି ଏଭଳି ବିଶ୍ୱାସ ଜନ୍ମିଲେ ଜୀବନ ସଫଳ ହେବ ବୋଲି ସେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କୁ କହିଥିଲେ। ସଭାପତୀୟ ଅଭିଭାଷଣରେ ପ୍ରଫେସର ପତି ସ୍ୱର୍ଗତ ପାଣ୍ଡିଆଙ୍କ ସଂଘର୍ଷମୟ ଜୀବନରୁ ଆମେ କ'ଣ ଶିଖିବା ବୋଲି କହିଥିଲେ।

ନିଜ ଜୀବନକୁ ମହନୀୟ କରିବା ସହ ସେ କିପରି ବୃହତ୍ ଅଞ୍ଚଳର ଅବହେଳିତଙ୍କ ସ୍ୱର ହୋଇଥିଲେ ତାହା ବର୍ଣ୍ଣନା କରିଥିଲେ। ଏଆଇର ନକରାତ୍ମକ ଦିଗ ପ୍ରତି ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ। ମହିଳା ମହାବବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ସ୍ୱାଗତ ଭାଷଣ ଦେଇଥିଲେ। ସୁଶୀଳ କୁମାର ପାଣ୍ଡିଆ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଦୀପ କୁମାର କୁଅଁର ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିବା ବେଳେ ବୀରେନ୍ଦ୍ର କୁମାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷାବିତ୍ ହରିବନ୍ଧୁ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭାରେ ପ୍ରଶାନ୍ତ ମହାକୁର, ଯୁଜେଷ୍ଟି ମେହେର, ସଂଗ୍ରାମ ପାଣ୍ଡିଆ, ନିହାର ପାଣ୍ଡିଆ, ମୋହନ ପାଣ୍ଡିଆ, ରାଜେଶ ଝାଙ୍କର ସହଯୋଗ କରିଥିଲେ। ସଭାରେ ଶିକ୍ଷାବିତ୍ ପ୍ରାଣବନ୍ଧୁ ନାୟକ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଆହ୍ଲାଦ ପୂଜାରୀ, ପ୍ରଫେସର ଡ. ସୁଜିତ ପୃଷେଠ୍, ସୁବାସ ପଣ୍ଡା, ଲୁଲୁମା ପାଣ୍ଡିଆ, ସୁଷମା ମଞ୍ଜରୀ ନାଏକ, ସରସ୍ୱତୀ ନନ୍ଦ, କଳ୍ପନା ମିଶ୍ର, ସରିତା ଆଚାର୍ଯ୍ୟ, ଡ. ପ୍ରେମଚାନ୍ଦ ମହାନ୍ତି, ଲକ୍ଷ୍ମୀ ପଟ୍ଟନାୟକ, ଶଶିଭୂଷଣ ପୁରୋହିତ, ଭବାନୀ ଶଙ୍କର ଶତପଥୀ, କୃଷ୍ଣ ବାରିକ, ପ୍ରଶାନ୍ତ ଯୋଷୀ, ବିନୋଦ ମହାନ୍ତି, ପ୍ରଫେସର ତରୁଣ ମିଶ୍ର, ନବୀନ ନାୟକ, ସନ୍ତୋଷ ପାଢ଼ୀ, ଅରୁଣ ମିଶ୍ର, ଅଶୋକ ରାଉତ, ସୁଧୀର ପଣ୍ଡା, ନବୀନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

କୁତ୍ରା, ୧।୩(ଦେବାଶିଷ ସାହୁ): କୁତ୍ରା ବ୍ଲକ ଲାଞ୍ଜିବେର୍ଣ୍ଣା ଶ୍ରମିକ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରଧାନ ଶିକ୍ଷକ ଅମିତ ରାଜ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଉପସ୍ଥିତ ସମସ୍ତଙ୍କ ସହମତି କ୍ରମେ ମାର୍ଚ୍ଚ ମାସ ୧୨ ତାରିଖରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଏହି ଅବସରରେ ଶିକ୍ଷକ କମଳଜିତ ବର୍ମା, ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ଦାସଙ୍କ ସ୍ମୃତି ଚାରଣ କରି ସୁବର୍ଣ୍ଣ ଜୟନ୍ତୀକୁ ତାଙ୍କରି ଉଦ୍ଦେଶ୍ୟରେ ଉତ୍ସର୍ଗ କରି ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ଲଳିତ ମୋହନ ସାହୁ, ବିଜୟ ତିର୍କୀ, ଫ୍ରାନ୍ସିସ ବାହାଲା, ଆଶୁତୋଷ ପ୍ରଧାନ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ପୂର୍ବତନ ଛାତ୍ରୀଛାତ୍ର, ଅଭିଭାବକମାନେ ଉପସ୍ଥିତ ରହି ସୁବର୍ଣ୍ଣ ଜୟନ୍ତୀକୁ ସଫଳତାର ସହ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

### ଜମି ଅଧିଗ୍ରହଣ ପାଇଁ ଗ୍ରାମ ସଭା

ହେମଗିର, ୧।୩(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଭୋଗରାକଛାରଠାରେ ମେସର୍ସ ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ ବିଜାହାନ କୋଇଲା ଖଣି ପାଇଁ ଗ୍ରାମରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁସାରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଗ୍ରାମବାସୀଙ୍କ ପକ୍ଷରୁ ୧୮ଟି ବିଶିଷ୍ଟ ଏକ ଦାବିପତ୍ର ହେମଗିର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦିଆଯାଇଥିଲା। ଏହି ଦାବି ନେଇ ପ୍ରଶାସନ, ଭୋଗରାକଛାର ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ମିଳିତ ଆଲୋଚନା କରାଯାଇଥିଲା। ପରେ ଏହି ଗ୍ରାମସଭା ସଫଳ ହେଲା ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ହେମଗିର ବିଡିଓ ରିନା ନାୟକ, ସରପଞ୍ଚ ଚନ୍ଦ୍ରଭ ମାଝି, ପୋଲିସ ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

### ସବ୍‌ଡେଗା ପଞ୍ଚାୟତ ସମିତିର ଦଶମ ସାଧାରଣ ବୈଠକ

ସବଡେଗା, ୧।୩ (ଅନନ୍ତ ପଟେଲ): ସୁନ୍ଦରଗଡ଼ ଜିଲା ସବ୍‌ଡେଗା ପଞ୍ଚାୟତ ସମିତିର ଦଶମ ସାଧାରଣ ବୈଠକ ପଞ୍ଚାୟତ ସମିତିର ଅଧ୍ୟକ୍ଷା କୁନ୍ତୀ ପ୍ରଧାନଙ୍କ ସଭାପତିତ୍ୱରେ ରାଜୀବଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ସଭାକୁ ଜିପିଓ ଅରବିନ୍ଦ ପାଣ୍ଡେ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ହେବାକୁ ଥିବା କାର୍ଯ୍ୟ ବିଷୟରେ ଆଲୋଚନା କରିବାସହ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ୧୪ଟି ପଞ୍ଚାୟତ ସମିତି ଓ ସରପଞ୍ଚ ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। ବିଜୁଳି ବିଭାଗ, ଜଙ୍ଗଲ, ସ୍ୱାସ୍ଥ୍ୟ, ଶିଶୁକଲ୍ୟାଣ, ଶିକ୍ଷା, ପଶୁସମ୍ପଦ, ଉଦ୍ୟାନ ବିଭାଗର କର୍ମଚାରୀଙ୍କ ସହ ପଞ୍ଚାୟତ ସମିତିର ଜେଇମାନେ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ଏମପି ପ୍ରତିନିଧି ଗୁଲସନ ବାଗୁଆ, ବିଧାୟକ ପ୍ରତିନିଧି ଶିବୁନ ନାୟକ, ଭାଇସ ଚ୍ୟାରମେନ ସୁଶାନ୍ତ ବେହେରା, ବିଡିଓ ସ୍ୱଦୀପ ଟପ୍ପୋ ଉପସ୍ଥିତ ଥିଲେ।

# ମଦ ବିରୋଧୀ ମହିଳାଙ୍କୁ ହତ୍ୟା ଧମକ

ବଡ଼ଗାଁ, ୧।୩(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଦ ବିରୋଧୀ ସଚେତନତା କାର୍ଯ୍ୟକ୍ରମ କରୁଥିବା ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ପାମରା ଗ୍ରାମର ୨ଜଣ ମଦ ବେପାରୀ ଧକ୍କା ମାରିବା ଓ ଅସଦାଚରଣ କରିବା ସହ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଶୁକ୍ରବାର ସନ୍ଧ୍ୟାରେ ମହିଳାଙ୍କୁ ଆକ୍ରମଣ ହୋଇଥିଲା। ଶନିବାର ମଧ୍ୟାହ୍ନରେ ପାମରା ଗ୍ରାମ ପଞ୍ଚାୟତର ୪୦ ରୁ ୫୦ ମହିଳା ଗୋଷ୍ଠୀ ସଦସ୍ୟା ବଡ଼ଗାଁ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ବଡ଼ଗାଁ ଥାନା ଆଇଆଇସି ଆଶିଷ କୁମାର ଜେନା ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ପାମରା ଗ୍ରାମ ପଞ୍ଚାୟତର



ଥାନା ଅଧିକାରୀଙ୍କୁ ମହିଳାମାନେ ଦାବିପତ୍ର ଦେଉଛନ୍ତି।

### ଥାନାରେ ମାମଲା ରୁଜୁ

ବିଭିନ୍ନ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ଗ୍ରାମରେ ମଦ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ମଦ ବେପାରୀଙ୍କୁ ମଦ ବିକ୍ରି ବନ୍ଦ କରିବାକୁ ଅନୁରୋଧ କରିଥିଲେ। ଏହି ସମୟରେ ମଦ ବେପାରୀ ଖାଣ୍ଡବ ମୋତି ଓ ତାଙ୍କର ଭାଇ ଭୋଳାରାଜ ମୋତି ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଧମକ ଦେଇ ଉଭଡାଇ କରିବାକୁ ଚେଷ୍ଟା କରିଥିଲେ। ପରେ ମହିଳା ଗୋଷ୍ଠୀ ସଦସ୍ୟା ଯୋଶାଲିନା ଗୁଡିଆ, ସୁରାନି ମାନି ବାଗେ, ପୁଷ୍ପାରାଣୀ ଟପ୍ପୋ, ଜିନିତା ବାଗେ, ଦୁଲାରି ବାଗେ, ନିଲମାନି ହେମ୍ରମଙ୍କୁ ଧକ୍କା ଦେଇଥିଲେ। ମହିଳାମାନଙ୍କୁ ସେମାନେ ଅସଦାଚରଣ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଘଟଣା ସ୍ଥଳରେ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ପରେ ମହିଳା ଗୋଷ୍ଠୀ ସଦସ୍ୟାମାନେ ଘରକୁ ଫେରି ଯାଇଥିଲେ। ବଡ଼ଗାଁ ଥାନା ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେବାପରେ ମହିଳା ଗୋଷ୍ଠୀ ସଦସ୍ୟାମାନେ ଘଟଣା ବିଷୟରେ ବଡ଼ଗାଁ ବିଡ଼ିଓ, ବଡ଼ଗାଁ ଅବକାରୀ ଅଧିକାରୀଙ୍କୁ ଅଭିଯୋଗ ଓ ଦାବିପତ୍ର ଦେଇଥିଲେ। ପାମରା ଗ୍ରାମ ପଞ୍ଚାୟତକୁ ମଦ ମୁକ୍ତ କରିବା ସହ ସାହାଜବାହାଲଠାରେ ଥିବା ଦେଶୀ ମଦ ଭାଟିକୁ ବନ୍ଦ କରିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟା ନନ୍ଦିନୀ ସିଂ, ନାଏବ ସରପଞ୍ଚ ଲଳିତ ରାଉତଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।

## ଭୁର୍ଲୁପଡ଼ା ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସବ୍‌ଡେଗା, ୧।୩ (ଅନନ୍ତ ପଟେଲ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଭୁର୍ଲୁପଡ଼ାଠାରେ ଥିବା ଭୁର୍ଲୁପଡ଼ା ପ୍ରାଥମିକ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ପ୍ରସାଦ ମାଝୀ, ସମିତ ସଭ୍ୟା କଳ୍ପନା ପ୍ରଧାନ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଉରକେଲା ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକ, ୱାର୍ଡ ସଭ୍ୟା ଯୋଶବା ମହାକୁଲ, ଭଣ୍ଡାରିଶଙ୍କରା ଉ.ପ୍ରା.ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୈମାଶ ଭିନ୍ତିଆ, ପଟେଙ୍ଗମୁଣ୍ଡା ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର ଡଡ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ଗୁଣାତ୍ମକ ଶିକ୍ଷା ଗୃହରୁ ଆରମ୍ଭ ହେଉଥିବାରୁ ପ୍ରତ୍ୟେକ ଅଭିଭାବକମାନେ ନିଜର ସନ୍ତାନ ସନ୍ତତିଙ୍କୁ ଉପଯୁକ୍ତ ବାତାବରଣରେ ଅଧ୍ୟୟନ ପାଇଁ ଦିଗଦର୍ଶନ ଦେଇପାରିଲେ ବିଦ୍ୟାଳୟର ଉନ୍ନତି ସମ୍ଭବ ହୋଇ ପାରିବ ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ବୟୋଜ୍ୟେଷ୍ଠ ଚନ୍ଦ୍ରମଣି କିସାନ, ଦନାର କିସାନ, ଇଗ୍ନେସ ଏକ୍କା, ଶିକ୍ଷୟିତ୍ରୀ ଅନିତା ସାହୁ, ପ୍ରତିମା ଚୌଧୁରୀ, ଜିତା ନାୟକ, ଗୁରୁଦିନୀ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଅନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସୁନ୍ଦରଗଡର ଚିନ୍ମୟ ପତି ମିଷ୍ଟର ଓଡ଼ିଶା ସମ୍ମାନ ଲାଭ କରୁଛନ୍ତି।

# ମିଷ୍ଟର ଓଡ଼ିଶା ସମ୍ମାନ ଲାଭ କଲେ ଚିନ୍ମୟ

ସୁନ୍ଦରଗଡ, ୧।୩(ଜୟ ନାରାୟଣ ମେଶ୍ରାମ)

ବିସ୍ୱା ଗ୍ରୁପ ପକ୍ଷରୁ ଆୟୋଜିତ ବହୁ ପ୍ରତୀକ୍ଷିତ ଓଡ଼ିଶା ବ୍ୟୁଟି ଏକ୍ସପୋ ସିଜିନ ୯ ଭୁବନେଶ୍ୱରର ରେଳ ଅଡିଟୋରିୟମରେ ଗତ ୨୨ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡର ଚିନ୍ମୟ ପତି ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମିଷ୍ଟର ଓଡ଼ିଶା ସମ୍ମାନ ଲାଭ କରି ଗୌରବ ଆଣିଛନ୍ତି। ଲାଇଶଙ୍କର ପତି ଓ ଝରଣା ପତିଙ୍କ ଏକ ମାତ୍ର ପୁତ୍ର ଚିନ୍ମୟ ପିଲା ଦିନରୁ ମଡେଲିଂ ଓ ଅଭିନୟ ପ୍ରତି ରୁଚି ରଖିଥିଲେ। ଚିନ୍ମୟଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

### ରାଜ୍ୟ ସ୍ତରୀୟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା

ଏହି ସଫଳତାର ଶ୍ରେୟ ଚିନ୍ମୟ ନିଜ ଅଜା ଅକ୍ଷୟ ପାଣିଗ୍ରାହୀ ଓ ମା'ବାପାଙ୍କୁ ଦେଇଛନ୍ତି। ଆଗାମୀ ଦିନରେ ମଡେଲିଂ ଓ ଅଭିନୟକୁ ନିଜର କ୍ୟାରିୟର କରିବେ ବୋଲି ଆଶା ରଖିଥିବା ଚିନ୍ମୟ କହିଛନ୍ତି। ବର୍ତ୍ତମାନ ସେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଯୁକ୍ତ ତିନି କମ୍ପ୍ୟୁଟର ବିଭାଗର ଛାତ୍ର। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଭାବାନ ସୌନ୍ଦର୍ଯ୍ୟ ବିଶେଷଜ୍ଞ, ମଡେଲ ଏବଂ ଶିଳ୍ପ ବିଶେଷଜ୍ଞମାନେ ସାମିଲ ଥିଲେ। ଏହି ଏକ୍ସପୋରେ ଅଲ ଓଡ଼ିଶା ବ୍ୟୁଟିସିଆନ ପ୍ରତିଯୋଗିତା ଏବଂ ପ୍ରତିଷ୍ଠିତ ମିସ, ମିଷ୍ଟର ଏବଂ ମିସେସ ଓଡ଼ିଶା ପ୍ରତିଯୋଗିତା ସହିତ ଏକ ସ୍ୱତନ୍ତ୍ର ବଧୂ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଯାହା ଉତ୍କୃଷ୍ଟ ବଧୂ କଳାକୃତି ଏବଂ ଷ୍ଟାଇଲିଂ ପ୍ରଦର୍ଶନ କରିଥିଲା। କିୟା ବ୍ୟୁଟିର ପ୍ରତିଷ୍ଠାତା ଗୀତାଞ୍ଜଳି ଶର୍ମା, ସମାଜସେବୀ ଏବଂ କର୍ମୀ ଖାନସା ରାଣୀଙ୍କ ସମେତ ଏକ ବିଶିଷ୍ଟ ଜୁରି ସଦସ୍ୟ ପ୍ୟାନେଲ ରହିଥିଲେ। ଓଡ଼ିଶା ୨୦୨୪ ଟାଇଟଲ ବିଜେତା ପୂଜା ଚନା, ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଗୌରୀ ଶଙ୍କର ଦାସ, ସମାଜସେବୀ ପଦ୍ମିନୀ ସିଂହ ଏବଂ ଫ୍ୟାଶନ ନିର୍ଦ୍ଦେଶକ ସହବାଜ ଖାନ ଅଂଶଗ୍ରହଣକାରୀଙ୍କ ମୂଲ୍ୟାଙ୍କନ କରିଥିଲେ। କଳିଙ୍ଗ ଅଙ୍କେଶ୍ୱୁ, ମଡେଲ ପୂଜା ଗଡସେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ।

## ସରକାରୀ ମହିଳା କଲେଜରେ ପିଏମ୍ ଇଣ୍ଟର୍ନସିପ ଯୋଜନା କାର୍ଯ୍ୟକ୍ରମ

ସୁନ୍ଦରଗଡ, ୨୮।୨(ଜୟ ନାରାୟଣ ମେଶ୍ରାମ)

ସୁନ୍ଦରଗଡ଼ ସରକାରୀ ମହାନ୍ତି ମହାବିଦ୍ୟାଳୟ ଆନୁକୂଲ୍ୟରେ ବଜାଜ ଫିନସର୍ଭ ପରିଚୟ, ପ୍ରଶିକ୍ଷଣ ଏବଂ ପିଏମ ଇଣ୍ଟର୍ନସିପ ଯୋଜନା କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବଜାଜ ଫିନସର୍ଭ ସଂସ୍ଥାର ଇଶାନୀ ମିଶ୍ର ଯୋଗଦେଇ ବଜାଜ ଫିନସର୍ଭର ବିଭିନ୍ନ ତଥ୍ୟ ଉପରେ ପରିଚୟ ଏବଂ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡ. ସଞ୍ଜିତା ଅଭିଜୀତା ଛାତ୍ରୀଙ୍କ ସହ କ୍ରୀୟା ପ୍ରତିକ୍ରିୟା କରାଇଥିଲେ। ସହକାରୀ ପ୍ରଫେସର ଡ.ମୋନାଲିସା ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାପକ ଡ. ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପ ଜିଲାପାଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ବଣାଇଁ, ୧।୩(ପ୍ରଦୀପ ତ୍ରିପାଠୀ)

ବଣାଇଁ ବ୍ଲକ ଅନ୍ତର୍ଗତ ଇନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ଶଙ୍କର ଜୟପୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ବଣାଇଁ ଉପ ଜିଲାପାଳ ଅକ୍ଷୟ ପିଲେ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିଥିଲେ। ଶିବିରରେ ବଣାଇଁର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ। ଶିବିରରେ ଲକ୍ଷ୍ୟ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ତାଙ୍କୁ ପଞ୍ଜିକୃତ କରିବା। ଶିବିରରେ ଯୋଗ ଦେଇଥିବା ତଥା ଯାଞ୍ଚ ନିମନ୍ତେ ପଞ୍ଜିକୃତ କରିଥିବା ୩୧୨ ଜଣଙ୍କ ମଧ୍ୟରୁ ୨୯୪ ଜଣଙ୍କୁ ଭିନ୍ନକ୍ଷମ ବିବେଚନା କ୍ରମେ ମୂଲ୍ୟାଙ୍କନ କରାଯାଇ ତାଲିକାଭୁକ୍ତ କରାଯାଇଥିଲା। ବଣାଇଁ ବ୍ଲକ ଅନ୍ତର୍ଗତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ପୋଲିସ ବିଭାଗ କର୍ମଚାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କଠିନ ପରିଶ୍ରମ କରି ସଫଳତା ହାସଲ କରିବାକୁ ଆହ୍ୱାନ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବନ୍ଧମୁଣ୍ଡା, ୧।୩(ସୁବ୍ରତ ଦେ)

ବିସ୍ରା ସ୍ଥିତ ସତ୍ୟବାଦୀ ବିଦ୍ୟାମନ୍ଦିର ପରିସରରେ ୨୫ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସମୀମ ଅଖତର ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥିଭାବେ ଶିକ୍ଷାବିତ ଅଭୟ କୁମାର ପୃଷ୍ଟି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳତା ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମାଜସେବୀ ପ୍ରଦୀପ ରାଉତରାୟ, ପୂର୍ବତନ ସରପଞ୍ଚ ସୋମା ଟପ୍ପୋ, ସାମାଜିକ କର୍ମୀ ତାରିକ ଅଜିଜ ଆନ୍‌ସାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଅଚ୍ୟୁତ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପୁନିତା ପ୍ରଧାନ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହିଅବସରରେ ସ୍କୁଲର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଧଉଁରାଅଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁନ୍ଦରଗଡ, ୧।୩(ଜୟ ନାରାୟଣ ମେଶ୍ରାମ)

ଧଉଁରାଅଢ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥିଭାବେ ବର୍ତ୍ତମାନକେଲା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଟେଲ, ଶିକ୍ଷାବିତ ଅଶୋକ କୁମାର ମାଝୀ, ଅଶୋକ କୁମାର ପଟେଲ, ତରଣୀସେନ ପଟେଲ, ୱାର୍ଡ ମେମ୍ବର ଆନନ୍ଦ କିଶାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆରତୀ ବାଗ, ମଙ୍ଗସପୁର ପ୍ରଧାନ ଶିକ୍ଷକ ତିଲେଶ୍ୱର ଗଡ଼ିଆ, ବଡକଳି ପ୍ରଧାନ ଶିକ୍ଷକ ସୁଜିତ କୁମାର ପଟେଲ,ମଙ୍ଗସପୁର



ଅତିଥିମାନେ ପିଲାମାନଙ୍କୁ ପୁରସ୍କୃତ କରୁଛନ୍ତି।

ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତିଲେଶ୍ୱର ଜୟପୁରିଆ, ରାଜନ କୁମାର ପଟେଲ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟେଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଡଲି ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ବିଦ୍ୟାଳୟର ବିଭିନ୍ନ ଅସୁବିଧା ଗୁଡ଼ିକର ସହଯୋଗ କରିବା ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୂଳଦୁଆ ଗାଣ ନ ଥିଲେ କୋଠା ଘର ଭୁଷୁଡ଼ି ପଡିବା ପରି ପ୍ରାଥମିକ ଶିକ୍ଷା ଦୃଢ଼ ନ ହେଲେ ମଣିଷର ସର୍ବାଙ୍ଗ ବ୍ୟକ୍ତିତ୍ୱ ପରିପ୍ରକାଶ ସମ୍ଭବ ନୁହେଁ ବୋଲି ବିଧାୟକ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟରେ ଥିବା ବିଭିନ୍ନ ଅସୁବିଧା ଗୁଡ଼ିକ ସମାଧାନ କରିବା ପାଇଁ ତାଙ୍କ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ ସହ ପୁରସ୍କାର ବିତରଣକରାଯାଇଥିଲା। ପ୍ରଧାନ ଶିକ୍ଷକ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ଗିରିଧାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଳା ଶିକ୍ଷୟିତ୍ରୀ ଭାରତୀ ନାୟକଙ୍କ ନିର୍ଦ୍ଦେଶନାରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ଅମରେଶ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଭାଜପା ଜିଲା ସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା





ରାଉରକେଲା, ୧।୩(ବିପ୍ଳବ ରଞ୍ଜନ ଦାଶ)

ଭାଜପାର ନବନିର୍ବାଚିତ ରାଉରକେଲା ସାଙ୍ଗଠନିକ ଜିଲା ସଭାନେତ୍ରୀଙ୍କ ସମେତ ସମସ୍ତ ରାଜ୍ୟ ପରିଷଦ ସଦସ୍ୟ, ନୂତନ ମଣ୍ଡଳ ସଭାପତି ଓ ପ୍ରତିନିଧିମାନଙ୍କୁ ଶୁକ୍ରବାର ସେକ୍ଟର-୩ ଜିଲା କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମପି ତଥା କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ଜିଲା ସଭାନେତ୍ରୀ ପୁଷ୍ପିତା କେରକେଟ୍ଟାଙ୍କୁ ଓରାମ ସମ୍ବର୍ଦ୍ଧିତ କରିଥିଲେ। ପରେ ଅନ୍ୟ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତ କାର୍ଯ୍ୟକର୍ତ୍ତା ରାଉରକେଲା ସାଙ୍ଗଠନିକ ଜିଲାର ୪ ବିଧାନସଭା କ୍ଷେତ୍ର ସମେତ ଜିଲା ପରିଷଦ, ମହାନଗର ନିଗମ, ଏନ୍‌ଏସି ଏବଂ ପଞ୍ଚାୟତ ନିର୍ବାଚନରେ ବିଜୟ ହାସଲ କରିବା ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଏମ୍‌ପି ଓରାମ ପରାମର୍ଶ ଦେଇଥିଲେ। ନବ ନିର୍ବାଚିତ ଜିଲା ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ ସମସ୍ତେ ଏକଜୁଟ ହୋଇ ସଙ୍ଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ଉପସଭାନେତ୍ରୀ ସୁସ୍ମି ସୁଜେଶୀ ଓରାମ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମିଳା ଦାସ, ରମେଶ ଅଗ୍ରୱାଲ, ଜଗବନ୍ଧୁ ବେହେରା, ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ପ୍ରତାରଣା

ଲହୁଣୀପଡା, ୧।୩(ଦାଶରଥ ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବରଗୁଆଁ ତଳ ବଜାରର ଜୈନିକା ଯୁବତୀଙ୍କୁ ଦମାଙ୍କୁ ଗ୍ରାମର ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବିବାହ କରିବାର ପ୍ରତିଶ୍ରୁତି ଦେଇ ଦୀର୍ଘ ଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବକ ଜଣକ ବିବାହ କରିବାକୁ ମନା କରିଦେବାରୁ ଯୁବତୀ ମାନସିକ ଭାରସାମ୍ୟ ହରାଇ ନ୍ୟାୟ ପାଇବା ଆଶାରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାରୁ ପ୍ରକାଶ, ବରଗୁଆଁ ଗୁଆଁ ବଜାରର ଯୁବତୀଙ୍କୁ ଦମାଙ୍କୁ ଗ୍ରାମର ଯାକ୍ରିୟାସ କୁଜିଆ ୩ବର୍ଷ ପୂର୍ବରୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରଥମେ ପ୍ରେମ ସମ୍ପର୍କ ସ୍ଥାପନା କରିଥିଲେ। ପରେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀଙ୍କ ଅଜାଣତରେ ଯାକ୍ରିୟାସ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫୋଟୋ ଏବଂ ଭିଡିଓ ଉତ୍ତୋଳନ କରି ନିଜ ପାଖରେ ରଖି ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ଯୁବତୀ ଜଣକ ମନାକଲେ ଭିଡିଓ,ଫୋଟ ଭାଇରଲ କରିବାର ଧମକ ଦେଉଥିବାରୁ ଯୁବତୀ ଜଣକ ଶାରୀରିକ ସମ୍ପର୍କ ରଖିବାକୁ ବାଧ ହେଉଥିଲେ। ପରେ ଯୁବତୀ ଜଣକ ବିବାହ କରିବା ପାଇଁ ଜିଦି ଧରିବାରୁ ସେ ସମୟ ଗଡାଇ ଚାଲିଥିଲେ। ଅନ୍ୟ ଏକ ଯୁବତୀଙ୍କୁ କୋର୍ଟ ମ୍ୟାରେଜ କରିବା ପାଇଁ ଯୋଜନା ଚଳାଇଥିବା ଖବର ପାଇ ଯୁବତୀ ଜଣକ ଯାକ୍ରିୟାସଙ୍କୁ ଭେଟିଥିଲେ। ଯାକ୍ରିୟାସ ଯୁବତୀଙ୍କୁ ଅର୍ଥ ଲୋଭ ଦେଖାଇ ଭୁଲି ଯିବାପାଇଁ ବାଧ କରିଥିଲେ। ଫଳରେ ଯୁବତୀ ଜଣକ ନିରୁପାୟ ହୋଇ ଘଟଣା ସମ୍ପର୍କରେ ନିଜ ମା'ଙ୍କୁ ଜଣାଇଥିଲେ। ଏନେଇ ତାଙ୍କ ମା' ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବିଜେଡି ବଣାଇଁ ନିର୍ବାଚନ ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକ

ବଣାଇଁ, ୧।୩(ପ୍ରଦୀପ ତ୍ରିପାଠୀ)

ବିଜୁ ଜନତା ଦଳର ବଣାଇଁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବଣାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟତଃ ତୃଣମୂଳ ସ୍ତରରୁ ଦଳକୁ ମଜବୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ସଭ୍ୟ ସଂଗ୍ରହ ଅଭିଯାନ ତୃତୀୟ ପର୍ଯ୍ୟାୟରେ ପହଞ୍ଚିଥିବାରୁ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଦଳକୁ ସୁସଙ୍ଗଠିତ କରି ସାଙ୍ଗଠନିକ ନିର୍ବାଚନ ସମ୍ପୂର୍ଣ୍ଣ କରିବା, ଲୋକଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନା କରିବା ଏବଂ ସର୍ବୋପରି ପ୍ରତ୍ୟେକ ଅଞ୍ଚଳକୁ ଦଳର ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିମାନେ ଗସ୍ତ କରି ସାଧାରଣ ଲୋକଙ୍କ ସହ ଯୋଡ଼ି ହେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ଉପରେ ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିଲା। ଏହି ବୈଠକରେ ବରିଷ୍ଠ ନେତା ରଞ୍ଜିତ କିଶାନ, ଜିଲା ପରିଷଦ ଉପାଧ୍ୟକ୍ଷ କମାଲ ଲାକ୍ରା, ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଶାନ, ଜିଲା ପରିଷଦ ସଭ୍ୟ ବିଭବିଚିତ୍ରସେନ ନାୟକ, ଜିଲା ସମ୍ପାଦକ କୁମାର ଗୌତମ ବାରିକ, ସମିତି ସଭ୍ୟା ଲକ୍ଷ୍ମୀ କିଶାନ, ରଘୁ ଓରାମ, ସରପଞ୍ଚ ସୁମିତ୍ରା ଛଦିଆ, ଅନିତା ଖେସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପବିତ୍ର ଭୋଇ, କୁଳମଣି ପ୍ରଧାନ, ସଞ୍ଜୟ ଦାଶ, ଭରତ କୁମ୍ଭାର, ଯୁବ ସଭାପତି ଚିନ୍ମୟ ଦାଶ, ଲୁଲୁ ମିଶ୍ର ପ୍ରମୁଖଙ୍କ ସହ ପ୍ରାୟ ୫୦ରୁ ଅଧିକ ଛାମୁଆ କର୍ମୀ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।

# ପରିଶ୍ରମ ସଫଳତାର ଚାବିକାଠି

## ଗନମୁଣ୍ଡା ପ୍ରାଥମିକ ସ୍କୁଲ ବାର୍ଷିକ ଉତ୍ସବ

କୁଚିଣ୍ଡା, ୧।୩(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ ଗନମୁଣ୍ଡା ସରକାରୀ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୁବେର ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବାଉରୀଗୋଡା ସମିତି ସଭ୍ୟ ପରେଶ ପଟେଲ ମୁଖ୍ୟଅତିଥି, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ ମୁଖ୍ୟବକ୍ତା, ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ, ସୁଶ୍ରୀ ନିଳେନ୍ଦ୍ରି ପଟେଲ, ବିଦ୍ୟାଳୟ ପରିଚାଳନା କମିଟି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ସଭାପତି ସୁମନ୍ତ ପୃଷେଠ, କିଶୋର ଚନ୍ଦ୍ର ପୃଷେଠ, ସନ୍ତୋଷ ନାଏକ, ଅବିଲ ମାଝି, ସନ୍ତୋଷ ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ପିଲାମାନେ କଠିନ ପରିଶ୍ରମ କଲେ ନିଶ୍ଚିତ ଭାବେ ସଫଳତା ପାଇପାରିବେ। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ ପଟେଲ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ନାଏକ ବିଦ୍ୟାଳୟର ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ନମିତା କିଷାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅବିଲ ମାଝି, ମଦନ ମାଝି, ଈଶ୍ୱର ପ୍ରଧାନ, ଲୋକନାଥ ମାଝି, ପ୍ରତାପ ସୁନାନୀ, ପ୍ରଭାକର ମାଝି, ଶୈଳେନ୍ଦ୍ର ପ୍ରଧାନ, ଜୟନାରାୟଣ ପଟେଲ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାସ୍ତାମଝିରେ ଗର୍ତ୍ତ, ଘଟୁଛି ଦୁର୍ଘଟଣା



ଖରାପ ହୋଇ ପଡିଥିବା ରାସ୍ତା।

ନାକଟିଦେଉଳ, ୧।୩(ବୈକୁଣ୍ଠନାଥ ସାହୁ)

ରାସ୍ତା ମଝିରେ ରହିଛି ଖାଲ। ଏହାର ମରାମତି କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସଦରଠାରେ ରାସ୍ତାଗୁଡିକର ଅବସ୍ଥା ଯଦି ଏପରି ତାହାଲେ ଗ୍ରାମାଞ୍ଚଳରେ ଥିବା ରାସ୍ତା ଗୁଡିକର ଅବସ୍ଥା କିପରି ହୋଇ ନ ଥିବା ତାହା ଏଥିରୁ ସ୍ପଷ୍ଟ ଅନୁମେୟ। ପୂର୍ତ୍ତ ବିଭାଗ ଅଧୀନରେ ଥିବା ନାକଟିଦେଉଳ-ଦେବଗଡ଼ ରାଜ୍ୟ ରାଜପଥର ନାକଟିଦେଉଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଦୀର୍ଘବର୍ଷ ହେବ ଅତି ଶୋଚନୀୟ ଅବସ୍ଥାରେ ପଡିରହିଛି। ଏଠାରେ ରାସ୍ତା ମଝିରେ ଏକାଧିକ ସ୍ଥାନରେ ପିଚୁ ଉଠି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏପରିକି ରାସ୍ତାପାର୍ଶ୍ୱରେ ଯାଇଥିବା ପାନୀୟ ଜଳ ପାଇପ ଫାଟି ଯାଇଥିବାରୁ ପାଣି ବୋହି ଅବସ୍ଥା ଅତି କଦର୍ଯ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଏବଂ ବାଇକ ଆରୋହୀମାନେ ଏଥିଯୋଗୁ ବହୁ ସମୟରେ ଦୁର୍ଘଟଣାର ଶିକାର ହୋଇ ଖଣ୍ଡିଆ ଖାବରା ହେଉଥିବା ନଜିର ରହିଛି। ଶନିବାର ସକାଳୁ ନାକଟିଦେଉଳ ରାଧାଦେବୀ ହେତମ ପୁରିଆ ବାଳିକା ଉଚ୍ଚ ବିଦ୍ୟାଳୟର ୨ଜଣ ଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହିତ ବାଇକରେ ମାଟ୍ରିକ ପରୀକ୍ଷା ଦେବା ପାଇଁ ସରାପାଲି ପରୀକ୍ଷା କେନ୍ଦ୍ରକୁ ଯାଉଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଖରାପ ଥିବାରୁ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଛାତ୍ରୀଦ୍ୱୟ ତଳେ ପଡି ଯିବାରୁ ସେମାନେ ଆହତ ହୋଇଥିଲେ। ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସତ୍ୟଜିତ ସାମଲଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ଅସଦାଚରଣ ମାମଲା

ସମ୍ବଲପୁର, ୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଚାରମାଲ ଥାନା ରାଶିବେଢ଼ା ଗ୍ରାମରେ ୨୦୨୩ ମସିହାରେ ଘଟିଥିବା ନାବାଳିକା ଅସଦାରଚଣ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ପୋକ୍ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଳାଷ ସେନାପତି ଅଭିଯୁକ୍ତ ଚୈତନ୍ୟ ପ୍ରଧାନ(୫୩)ଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡ ୫୦ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପିତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ରାଶିବେଢ଼ା ଗ୍ରାମର ୧୦ ବର୍ଷ ବୟସ୍କା ପୀଡ଼ିତା ଗତ ୨୦୨୩ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ତାଙ୍କ ମା'ଙ୍କ ସହିତ ନିକଟସ୍ଥ ପଡ଼ିଆକୁ ଶୌଚ ଯାଇଥିଲେ। ନାବାଳିକା ଜଣକ ଆଗରେ ଆସୁଥିବା ବେଳେ ଚୈତନ୍ୟ ତାଙ୍କୁ ଅସଦାଚରଣ କରିଥିଲେ। ପରେ ପୀଡ଼ିତା ପଛରେ ଆସୁଥିବା ତାଙ୍କ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପୀଡ଼ିତାଙ୍କ ମା' ଅଭିଯୁକ୍ତଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିଥିଲେ। ଏଥିରେ ଚୈତନ୍ୟ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ସେ ପୀଡ଼ିତାଙ୍କ ସହ ଚାରମାଲ ଥାନାକୁ ଯାଇ ଏନେଇ ଏତଲା ଦେଇଥିଲେ। ଏତଲା ଆଧାରରେ ଚାରମାଲ ଥାନାରେ ଦଫା ୩୫୪, ୩୫୪(ଏ) ପୋକ୍ସୋ ଆଇନ ଧାରା ୮ରେ ଏକ ମାମଲା (ନଂ.୧/୨୩)ରୁଜୁ କରି ପୋଲିସ ଚୈତନ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରୁଥିଲେ।

# ସଚେତନତା ପାଇଁ ଉପଭୋକ୍ତା ସଂଘ ଗଠିତ



ବୈଠକରେ ଉପସ୍ଥିତ ବିଦ୍ୟୁତ୍ ଉପଭୋକ୍ତାମାନେ।

## ବିଦ୍ୟୁତ୍ ସମସ୍ୟା ନେଇ ଜିଲାପାଳଙ୍କୁ ସାକ୍ଷାତ୍ ନିଷ୍ପତ୍ତି

ସମ୍ବଲପୁର, ୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତରେ ବିଦ୍ୟୁତ ଯୋଗାଣ ଜନିତ ବିଭିନ୍ନ ସମସ୍ୟାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସମାଧାନ ପାଇଁ ଗଠିତ ହୋଇଛି ଉପଭୋକ୍ତା ସଂଘ। ଗାଁ ଗାଁରେ ସଭା ଆୟୋଜନ କରି ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବ ସଂଘ। ସ୍ଥାନୀୟ ଜୟଦୁର୍ଗା ପଞ୍ଚାୟତ ପାଠାଗାରରେ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗରଙ୍କ ଆବାହକତ୍ୱରେ ଶନିବାର ଅନୁଷ୍ଠିତ ସଭାରେ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ଏକାଠି ହୋଇ ସାମୂହିକ ଭାବେ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସର୍ବସମ୍ମତିକ୍ରମେ ଆଶୁତୋଷ ପଣ୍ଡାଙ୍କୁ ନବଗଠିତ ବିଦ୍ୟୁତ୍ ଉପଭୋକ୍ତ ସଂଘ ସଭାପତିଭାବେ ଚୟନ କରାଯାଇଛି। ହରିହର ନାଏକ ଉପସଭାପତି, ଡା. ରାଜାରାମ ଷଡ଼ଙ୍ଗୀ ସାଧାରଣ ସମ୍ପାଦକ, ପ୍ରଦୀପ କୁମାର ବେହେରା ସହସମ୍ପାଦକ ଓ ଅଶୋକ କୁମାର ପୁରୋହିତଙ୍କୁ କୋଷାଧକ୍ଷଭାବେ ମନୋନୀତ କରାଯାଇଛି। ସୁବୋଧ କୁମାର ବେହେରା, ଦେବାନନ୍ଦ ଭୋସାଗର, ପ୍ରଫୁଲ୍ଲ କୁମାର ପଣ୍ଡା, ବିଜୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ମଗର ଓ ପ୍ରମୋଦ କୁମାର ମିଶ୍ରଙ୍କୁ ଉପଦେଷ୍ଟା ଭାବେ ଚୟନ ଯାଇଛି। କୈଳାଶ ଅଗ୍ରୱାଲ, ଶିବ ପ୍ରସାଦ ମେହେର, କୈବଲ୍ୟ ପ୍ରଧାନ, ଶୋଭାରାମ ସୁନା, ବିଜୟ ମେହେର, ରବିନାରାୟଣ ବେହେରା, ସୁଧାଂଶୁ ମହାପାତ୍ର, ଅଶୋକ କୁମାର ରାଏ, ଶେଷଦେବ ପଣ୍ଡା, ଦୁଷ୍ମନ୍ତ ମହାପାତ୍ର ଓ ଝସକେତନ ନାଏକଙ୍କୁ କାର୍ଯ୍ୟକାରୀ କମିଟିରେ ରଖାଯାଇଛି। ନଗଗଠିତ ସଂଘ ଅଞ୍ଚଳରେ ଗାଁକୁ ଗାଁ ବୁଲି ଲୋକଙ୍କ ମଧ୍ୟରେ ବିଦ୍ୟୁତ ଜନିତ ବିଭିନ୍ନ ସମସ୍ୟାର ମୁକାବିଲା ପାଇଁ ସଚେତନତା ସଭା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନରେ ଉପଭୋକ୍ତା ସଂଘ ପକ୍ଷରୁ ବିଦ୍ୟୁତ ସମସ୍ୟା ସମାଧାନ ଦାବିରେ ଜିଲାପାଳଙ୍କୁ ସାକ୍ଷାତ କରି ଏସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

# ସରକାରୀ ମହିଳା ମହାବିଦ୍ୟାଳୟରେ ବିଜ୍ଞାନ ଦିବସ



ଆଲୋଚନାଚକ୍ରର ଉପସ୍ଥିତ ଅତିଥିବୃନ୍ଦ।

ସମ୍ବଲପୁର, ୧।୩(ପ୍ରମୋଦ ବହିଦାର)

ପ୍ରାଚୀନ ଭାରତରେ ଜ୍ୟୋତିର୍ବିଜ୍ଞାନ ଉତ୍କର୍ଷତାର ଚରମ ବିନ୍ଦୁକୁ ସ୍ପର୍ଶ କରିଥିଲା। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକଭାବେ ଯୋଗଦେଇ ଏହା କହିଛନ୍ତି ଭୁବନେଶ୍ୱରସ୍ଥିତ ଗୀତା ବୈଷୟିକ ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନୀ ଡ. ଅରୂପ କୁମାର ମହାନ୍ତି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ପାୱାର ପଏଣ୍ଟ ମାଧ୍ୟମରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରି ଆଧୁନିକ ବିଜ୍ଞାନ ଓ ଭାରତୀୟ ଜ୍ୟୋତିର୍ବିଜ୍ଞାନରେ ଥିବା ଅଦ୍ଭୁତ ସାମଞ୍ଜସ୍ୟ, ପାଣିପାଗ ଓ ଜଳବାୟୁ ଉପରେ ଗ୍ରହ ନକ୍ଷତ୍ର ଅବସ୍ଥାନ ପ୍ରଭାବର ବୈଜ୍ଞାନିକ ବିଶ୍ଳେଷଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ବରାଳ ସ୍ୱାଗତ ଅଭିଭାଷଣରେ ପୃଥିବୀର ପରିବର୍ତ୍ତନ ଓ ବିକାଶରେ ବିଜ୍ଞାନର ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ବିଜ୍ଞାନ ଉପରେ ନାରୀମାନଙ୍କ ଦୃଷ୍ଟି ରହିଲେ ପରିବାର, ସମାଜ ଓ ଦେଶ ପ୍ରଗତି ପଥରେ ଆଗେଇଯିବ। ବିଜ୍ଞାନ ପରିଷଦ ଉପସଭାପତି ପ୍ରଫେସର ପବିତ୍ର ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋଚନାଚକ୍ରକୁ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଞ୍ଚାଳନ କରିଥିଲେ। ଶେଷରେ ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଅମିତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଏକ ଦେଶ, ଏକ ନିର୍ବାଚନ ଶୀର୍ଷକ ଆଲୋଚନାଚକ୍ର | ଆଞ୍ଚଳିକ ସ୍ୱରକୁ ଗୌଣ କରିବ

ସମ୍ବଲପୁର, ୧।୩(ବି.ଶଙ୍କର)

ପ୍ରୋଗ୍ରେସିଭ ସମ୍ବଲପୁର ଆୟୋଜନରେ ଏକ ଦେଶ, ଏକ ନିର୍ବାଚନ(ୱାନ ନେଶନ ୱାନ ଇଲେକ୍ସନ) ଶୀର୍ଷକ ଆଲୋଚନାଚକ୍ର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହଯୋଗୀତା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଚାଷୀ ନେତା ସରୋଜ ମହାନ୍ତିଙ୍କ ସଭାପତିତ୍ୱରେ ଆଲୋଚନାଚକ୍ରରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସହକାରୀ ଅଧାପକ ଡ. ପବିତ୍ର ବାଗ, ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପିଏଚ୍‌ଡି ଗବେଷକ ଗଣେଶ ଗାଇଗୋରିଆ ଓ ପୂର୍ବତନ ଏସ୍‌ଡିଏ ଅଧକ୍ଷ ବିଜୟ କୁମାର ମହାନ୍ତି ଯୋଗ ଦେଇଥିଲେ। ୱାନ ନେଶନ ୱାନ ଇଲେକ୍ସନ ବ୍ୟବସ୍ଥା ଦେଶର ସାମ୍ବିଧାନିକ ବ୍ୟବସ୍ଥା ଭିତରେ କେବେ ମଧ ଖାପ ଖାଇ ପାରିବ ନାହିଁ । ଏହା ଦେଶର ଆଞ୍ଚଳିକ ସ୍ୱରକୁ ଗୌଣ କରିବ। ଏଥିସହ ନିର୍ବାଚିତ ପ୍ରତିନିଧିମାନଙ୍କ ଉତ୍ତରଦାୟିତ୍ୱକୁ ହ୍ରାସ କରାଇବ। ଏହି ବ୍ୟବସ୍ଥା ଦେଶର ସଂଘୀୟ ବ୍ୟବସ୍ଥା ଏବଂ ନାଗରିକ ଅଧିକାର ପାଇଁ କୁଠାରଘାତ ସାବ୍ୟସ୍ତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ପ୍ରୋଗ୍ରେସିଭ ସମ୍ବଲପୁର ସହ ଆବାହକ ଦେବଜ୍ୟୋତି ପଟ୍ଟନାୟକ ଶୀର୍ଷକ ଉପରେ ସମ୍ୟକ ସୂଚନା ଦେବା ସହ ଅତିଥିମାନଙ୍କୁ ସ୍ୱାଗତ ଜଣେଇ ଥିଲେ। ଉପଦେଷ୍ଟା ଶିବ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଆଲୋଚନାରେ ସଞ୍ଜିତ ମହାନ୍ତି, ଗୋକୁଳ ମେହେର, ଭକ୍ତ ନନ୍ଦ, ଅଭିରାମ ପାଣିଗ୍ରାହୀ, ରାଜାରାମ ପାଢ଼ୀ, ଡ. ପ୍ରଦୀପ ପଣ୍ଡା, ମହେଶ ସତ୍ୟ, ମିଳନ ହୋତା, ସୁମିତ ପଟେଲ, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ମହମ୍ମଦ ସାନଉଲ୍ଲା, ମହମ୍ମଦ ଜାଫର, ହରିଶ ଚନ୍ଦ୍ର ଦୀପ, ରୂପେଶ ବାଗ, ଅନୀଲ ନାୟକ, ଭି.ରାମରାଓ, ଏନ.ଗୋପାଳ, ଅରୁଣ ଖୁଣ୍ଟିଆ, ମହେଶ୍ୱର ନାଏକ, ଶ୍ରୀନିବାସ ଖୁଣ୍ଟିଆ, ବିଶ୍ୱରୂପ ସାହୁ, ଶୈଳବାଳା ଜାଏପୁରିଆ, ସୁଧାମୟୀ ବାଗ, ଶୁଭମ ମହାନ୍ତି, ଯଶ୍ମିନ ପ୍ରଧାନ, ଶୁଭମ ସାହୁ, ସୁଧାଂଶୁ ମହାନ୍ତି, ଶିବୁ ସେଠ, ପ୍ରୀତିଶ ତ୍ରିପାଠୀ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଚୁମନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀକୁ ଜୀବନର ଭାଷା କରିବାକୁ ଆହ୍ୱାନ

ସମ୍ବଲପୁର, ୧।୩(ଭବାନୀ ଶଙ୍କର ଭୋଇ)

ଜେଲଛକ ନିକଟ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଶନିବାର ସମ୍ବଲପୁରୀ ଭାଷାର ଭବିଷ୍ୟତ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରୀ ଭାଷାର ପ୍ରତିଷ୍ଠିତ ଭାଷାବିତ୍ ଡ. ପ୍ରଫୁଲ୍ଲ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ସମ୍ବଲପୁରୀ ଭାଷାର ଅତିତ ବର୍ତ୍ତମାନ ଏବଂ ଭବିଷ୍ୟତର ଆହ୍ୱାନ ବିଷୟରେ ଅବଗତ କରିଥିଲେ। ଅନ୍ୟ ଭାଷା ଭଳି ସମ୍ବଲପୁରୀ ଭାଷାକୁ ଯଦି ଜୀବନ ଜୀବିକାର ଭାଷା ଭାବେ ବ୍ୟବହାର କରା ନ ଯାଏ ତେବେ ଭାଷାକୁ ଅଧିକ ଦିନ ସୁରକ୍ଷିତ ରଖାଯାଇ ପାରିବ ନାହିଁ ବୋଲି କହିଥିଲେ। ତେଣୁ ସମ୍ବଲପୁରୀ ଭାଷାକୁ କେବଳ ସାହିତ୍ୟରେ ସୀମିତ ନରଖି ଜୀବନର ସମସ୍ତ କ୍ଷେତ୍ରରେ ବ୍ୟବହାର ଉପଯୋଗୀ କରିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ଏହାସହ ଯୁବପିଢୀକୁ ନିଜର ଅନୁଭୂତିକୁ ସମ୍ବଲପୁରୀ ଭାଷାରେ ପ୍ରକାଶିତ କରିବା ଦିଗରେ ଚେଷ୍ଟିତ ହେବାକୁ ସେ ଆହ୍ୱାନ କରିଥିଲେ। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସମେତ ଅତୀତରେ ଯେଉଁମାନେ ସମ୍ବଲପୁରୀ



ସମ୍ବଲପୁରୀ ଡେରାରେ ସାରସ୍ୱତ ସମାରୋହରେ ଅତିଥି ବୃନ୍ଦ।

ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପାଇଁ କାର୍ଯ୍ୟ କରିବା ସହ ବର୍ତ୍ତମାନର ପିଢୀଙ୍କୁ ପ୍ରେରିତ କରିଛନ୍ତି ସେମାନଙ୍କ ବିଷୟରେ ମଧ ଆଗାମୀ ପିଢୀକୁ ସୂଚିତ କରିବା ପାଇଁ ଆହ୍ୱାନ କରିଥିଲେ। ନିଜର ଜୀବନ ଯାତ୍ରା ଏବଂ କଟକରେ ରହି ସମ୍ବଲପୁରୀ ସାଧନା କରିବାରେ ସମସ୍ୟା ଏବଂ ଲାଭ ବିଷୟରେ ମଧ ନିଜର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ଲୋକ ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ସମ୍ବଲପୁରୀ ଭାଷାର ପ୍ରସାର ଦିଗରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରିବା ସହ ଅତିତର ଅନେକ ସ୍ମୃତିକୁ ଉଜ୍ଜୀବିତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ସାହିତ୍ୟକ ପ୍ରଶାନ୍ତ ମାଝୀ, ଲକ୍ଷ୍ମୀନାରାୟଣ ପଣ୍ଡା, ଡ ସତ୍ୟ ନାରାୟଣ ଠାକୁର, ଅଶୋକ କୁମାର ମିଶ୍ର, କମଳ ଲୋଚନ ପଣ୍ଡା, ଲଳିତ ମୋହନ ବେବର୍ତ୍ତା, ପଙ୍କଜିନୀ ମେହେର, ଲଳିତା ଭୋଇ, ପ୍ରତୀକ୍ଷା ବେବର୍ତ୍ତା, ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ସହଯୋଗ କରିଥିଲା।

# ସ୍କଲାରଶିପ ଯୋଜନାରେ ଅଧିକ ବିଦ୍ୟାର୍ଥୀଙ୍କୁ ସାମିଲ କର

## ଆଇଏନ୍‌ଓ,ଏଚ୍‌ଏମଙ୍କ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ କର୍ମଶାଳା

ସମ୍ବଲପୁର, ୨୮।୨(ବି.ଶଙ୍କର)

ଆଇଏନ୍‌ଓ, ଏଚ୍‌ଏମଙ୍କ ପ୍ରି-ମାଟ୍ରିକ ସ୍କଲାରଶିପ୍ ସମ୍ବନ୍ଧୀୟ କର୍ମଶାଳା ସମ୍ବଲପୁର ବୁଢାରଜା ନୋଡାଲ ହାଇସ୍କୁଲ ସଭାକକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସମ୍ବଲପୁର ଜିଲାର ଧନକଉଡା, ଝୁଝୁମୁରା, ମାନେଶ୍ୱର ଏବଂ ରେଙ୍ଗାଲି ବ୍ଲକର ୧୫୦ଜଣ ଆଇଏନ୍‌ଓ(ଇନଷ୍ଟିଚ୍ୟୁଟ ନୋଡାଲ ଅଫିସର)/ଏଚ୍‌ଏମ୍ (ପ୍ରଧାନଶିକ୍ଷକ)ଅଂଶଗ୍ରହଣ କରିଥିଲେ। ସ୍କଲାରଶିପ୍ ପୋର୍ଟାଲ, ଯୋଗ୍ୟତା, ଆବଶ୍ୟକ ଦଲିଲପତ୍ର, ସମ୍ଭାବ୍ୟ ସମସ୍ୟାଗୁଡ଼ିକ ଏବଂ ଛାତ୍ରୀଛାତ୍ରଙ୍କୁ ସର୍ବାଧିକ ସଂଖ୍ୟକ ସ୍କଲାରଶିପ ଯୋଜନାରେ ଅଂଶଗ୍ରହଣ କରାଇବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କର୍ମଶାଳା ଏସ୍‌ଟି/ ଏସ୍‌ସି ବିକାଶ ବିଭାଗ, ଏସ୍‌ଆଣ୍ଡ ଏମ୍‌ଇ ବିଭାଗ ଏବଂ ପିରାମଲ ଫାଉଣ୍ଡେଶନ ସହଯୋଗରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶୁଭାରମ୍ଭ ହେବା ପରେ ପିଏଫଇଏଲ ଟିମ୍‌ର ଶିଶିର କୁମାର ଶୁକ୍ଳା ସୂଚନା ପ୍ରଦାନ କରିଥିଲେ। ଏଥିରେ ସମ୍ବଲପୁର ଜିଲା ଏଡିଇଓ ମୁରଲୀଧର ବେହେରା ସ୍କଲାରଶିପ୍ ଏବଂ ଡ୍ରପ୍‌ଆଉଟ୍ ହାର କମେଇବାର ଭୂମିକା ବିଷୟରେ ବକ୍ତବ୍ୟ ଦେଇଥିଲେ। ଏଡିଡବ୍ଲୁଓ ଟିକେଶ୍ୱର ପ୍ରଧାନ ସ୍କଲାରଶିପ ଆବେଦନ ପ୍ରକ୍ରିୟା ଏବଂ ଦଲିଲପତ୍ର ସଠିକ୍ ଭାବେ ପୂରଣ କରିବା ନେଇ ଅଲୋଚନା କରିଥିଲେ। ଧନକଉଡା, ଝୁଝୁମୁରା, ମାନେଶ୍ୱର ଏବଂ ରେଙ୍ଗାଲି ବ୍ଲକର ୯୦ ସ୍କୁଲର ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରାଯାଇ ବୈଶିଷ୍ଟ୍ୟପୂର୍ଣ୍ଣ ଆଲୋଚନା ଏବଂ ଉନ୍ନତିକରଣ କ୍ଷେତ୍ର ଚିହ୍ନଟ କରାଯାଇଥିଲା। କର୍ମଶାଳାରେ ଅଂଶଗ୍ରାହୀମାନେ ଏବଂ ଜିଲା ସ୍କଲାରଶିପ କୋଅର୍ଡିନେଟର ଆବେଦନ ପ୍ରକ୍ରିୟା ସମ୍ବନ୍ଧୀୟ ଚ୍ୟାଲେଞ୍ଜ ଏବଂ ଯୋଗ୍ୟ କାର୍ଯ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ଆୟୋଜକମାନେ ଆଗାମୀ କିଛି ମାସରେ ଏହି ପ୍ରକ୍ରିୟାକୁ ଅଧିକ ସୁସଙ୍ଗଠିତ କରିବା ପାଇଁ ଅନୁସରଣ ଏବଂ ଅତ୍ୟାବଶ୍ୟକ ସହଯୋଗର ଆଶ୍ୱାସନ ଦେଇଥିଲେ। ଜିଲା ସ୍କଲାରଶିପ କୋଅର୍ଡିନେଟର ଗୋପାଳ ସାହୁ, ପିଏଫ୍‌ଇଏଲ ଟିମ୍‌ର ସଞ୍ଜନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଟିମ୍‌ର ପୁନମ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲା ପରୀକ୍ଷା ସଂଯୋଜକ ସନ୍ତୋଷ କୁମାର ମହାପାତ୍ର, ପିଏଫଇଏଲ୍ ଟିମ୍‌ର ତବରେଜ୍ ଅବ୍ଦୁଲ୍ଲାହ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ବୁଢାରଜା ନୋଡାଲ ହାଇସ୍କୁଲ ସଭାକକ୍ଷରେ ଆୟୋଜିତ କର୍ମଶାଳାରେ ଆଇଏନ୍‌ଓ ଓ ଏଚ୍‌ଏମ୍‌ମାନେ।

## ତ୍ରୁଟି ସଂଶୋଧନ

**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର):** ଧରିତ୍ରୀର ନୀତି ରାଜନୀତି ପୃଷ୍ଠାରେ ଶନିବାର ୧।୩।୨୦୨୫ରେ 'ବୈଜୟନ୍ତଙ୍କୁ ଭେଟିଲେ ରେଖା, ରେଖାଙ୍କୁ ଭେଟିବାକୁ ଗଲେ ଧର୍ମେନ୍ଦ୍ର' ଶୀର୍ଷକ ଖବରରେ ଏକ ତ୍ରୁଟି ହୋଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ୨୭ ଫେବୃଆରୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନକୁ ଯାଇ ତାଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏନେଇ ରେଖା ଗୁପ୍ତା ତାଙ୍କ 'ଏକ୍ସ' ହାଣ୍ଡେଲରେ ଉଲ୍ଲେଖ କରିଥିଲେ। ହେଲେ ଧରିତ୍ରୀରେ ରେଖା ଗୁପ୍ତାଙ୍କୁ ଭେଟିବା ଲାଗି ଧର୍ମେନ୍ଦ୍ର ଯାଇଥିଲେ ବୋଲି ପ୍ରକାଶିତ ହୋଇଛି।

# ଜଣେ ବ୍ୟକ୍ତିଙ୍କ ପ୍ରଚାରରେ ପର୍ଯ୍ୟଟନ ବିଭାଗର ବହୁ ଅର୍ଥ ଖର୍ଚ୍ଚ ହୋଇଛି: ପ୍ରଭାତୀ

**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)**

**ଯେଉଁ କାମ କରିପାରୁନାହାନ୍ତି ତା'ର ଦୋଷ ଲଦିଦେବାକୁ ଚେଷ୍ଟା କରୁଛନ୍ତି: ବିଜେଡି**

ଲୋକମାନେ ଓଡ଼ିଶାକୁ ଜଗନ୍ନାଥଙ୍କ ଦର୍ଶନ ଲାଗି ମୁଖ୍ୟତଃ ଆସିଥାଆନ୍ତି। ତାହା ମଧ୍ୟ ଏକ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ଗଣତି ହେଉଛି। ହେଲେ ପର୍ଯ୍ୟଟନ ବିଭାଗ ଅର୍ଥକୁ ଗତ ବିଜେଡି ସରକାର ଜଣେ ବ୍ୟକ୍ତିଙ୍କ ପ୍ରଚାରପ୍ରସାରରେ ବହୁ ମାତ୍ରାରେ ଖର୍ଚ୍ଚ କରୁଥିଲା। କେତେକ ପର୍ଯ୍ୟଟନ ସ୍ଥଳୀକୁ ସେତେବେଳେ ଦଳୀୟ କର୍ମୀଙ୍କୁ କମ୍ ଦରରେ ଦେଇସାରିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଭିଯୋଗ କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିବା ବେଳେ ପ୍ରଭାତୀ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନାଁ ନ ନେଇ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ପର୍ଯ୍ୟଟନ ଟଙ୍କା ବ୍ୟକ୍ତିକେନ୍ଦ୍ରିକ ଭାବେ ଖର୍ଚ୍ଚ ହେଉଥିଲା। ଜଣେ ବ୍ୟକ୍ତିର ପ୍ରଚାରପ୍ରସାର ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବଢ଼ାଇବା ନିମନ୍ତେ ପର୍ଯ୍ୟଟନର ସମସ୍ତ ଟଙ୍କା ବଣ୍ଟାଯାଉଥିଲା। କିନ୍ତୁ ଆମ ସରକାରରେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ପ୍ରଚାରପ୍ରସାର ହେବାର ନାହିଁ କି କରିବୁ ନାହିଁ। ପୂର୍ବ ସରକାରରେ ଶାଗମାଛ ଦରରେ ପର୍ଯ୍ୟଟନର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥଳୀକୁ ତାଙ୍କ ଦଳୀୟ କର୍ମୀମାନଙ୍କୁ ଦେଇ ଦେଇଛନ୍ତି। କାହାକୁ ୪୦ ବର୍ଷ, କାହାକୁ ୮୦ ତ ୯୦ ବର୍ଷ ପାଇଁ ଦେଇଛନ୍ତି। ସେମାନେ ଏତେ ଷ୍ଟ୍ରଙ୍ଗ୍ ଚୁକ୍ତିନାମା କରିଦେଇଛନ୍ତି ଯେଉଁଥିଲାଗି ଏବେ ସେହି ସ୍ଥାନଗୁଡ଼ିକୁ ନେଇ ଆଇନଗତ ସମସ୍ୟା ଦେଖାଦେଇଛି। ହେଲେ ସେହି ଲୋକମାନେ କାମ କରୁନାହାନ୍ତି। ତଥାପି ଏବେ ମଧ୍ୟ ରାଜ୍ୟ ସରକାରଙ୍କ ନଜରରେ ବହୁ ପ୍ରାଇମ ଲୋକେଶନରେ ଥିବା ପର୍ଯ୍ୟଟନସ୍ଥଳୀକୁ ଆହୁରି ନିବେଶକମାନଙ୍କୁ ଦିଆଯିବ। ଓଡ଼ିଶା ନିବେଶକମାନଙ୍କୁ ପ୍ରାଥମିକତା ଦିଆଯାଉଛି। ପର୍ଯ୍ୟଟନ ପାଇଁ ୮ ହଜାର ୧୫୩ କୋଟି ଟଙ୍କା ନିବେଶ ଫାଇଲ କ୍ଲିୟରାନ୍ସ ଦ୍ରୁତଗତିରେ ହେଉଛି। ସେମାନଙ୍କୁ ଜମି ଦେବା ପାଇଁ ୩ ଜଣ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଆର୍ଥିକ ଅସୁବିଧା ଥିଲେ ଆର୍ଥିକ ସଂସ୍ଥା ସହ ଲିଙ୍କ୍ କରାଯାଉଛି। ଓଡ଼ିଶାର ଲୋକ ନିବେଶ ଚାହୁଁଛନ୍ତି ସେମାନଙ୍କୁ କେମିତି ନିରାପଦ ସ୍ଥାନ ଦିଆଯିବ ସେଥିପ୍ରତି ବିଭାଗ ଗୁରୁତ୍ୱ ଦେଉଛି। ଭିତ୍ତିଭୂମି ବିକାଶ ପାଇଁ ୩ ଶହ କୋଟି ଟଙ୍କା ଦିଆଯାଇଛି ବୋଲି ପ୍ରଭାତୀ କହିଛନ୍ତି।

ପ୍ରଭାତୀଙ୍କ ମତ ଉପରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ସାରଦା ଜେନା କହିଛନ୍ତି, ଉପମୁଖ୍ୟମନ୍ତ୍ରୀ ଯେଉଁ କଥା କହିଛନ୍ତି କେଉଁ ଭିତ୍ତିରେ କହିଛନ୍ତି ଜଣାନାହିଁ। ପର୍ଯ୍ୟଟନଠାରୁ ଆରମ୍ଭକରି ଅନେକ ଶିଳ୍ପରେ ସବୁ ବିକାଶ ପୂର୍ବ ସରକାର ସମୟରେ ହୋଇଥିଲା। ବର୍ତ୍ତମାନର ସରକାର ଯେଉଁସବୁ କାମ କରିପାରୁନାହାନ୍ତି ତା'ର ସବୁ ଦୋଷ ପୂର୍ବ ସରକାର ଉପରେ ଲଦିଦେଉଛନ୍ତି। ତାହା କିନ୍ତୁ ବାସ୍ତବିକତା ନୁହେଁ। ନୂଆ ସରକାର ନୂଆ ଯୋଜନା କରି ସରକାରକୁ ଚଳାଇବା କଥା, ପୂର୍ବ ସରକାରକୁ ଦୋଷଦେଇ ଲାଭ କିଛି ନାହିଁ। ଏହା କେବଳ ରାଜନୈତିକ ଅଭିସନ୍ଧିମୂଳକ ମନ୍ତବ୍ୟ। ଏ କଥାର କିଛି ଗୁରୁତ୍ୱ ନାହିଁ ବୋଲି ସେ କହିଛନ୍ତି।



ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଲାଗି ଯାଉଥିବା ଦଳୀୟ ନେତା ଓ କର୍ମୀ।

# ୮ ମାସରେ ୫୪ ଗଣବଳାତ୍କାର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି: କଂଗ୍ରେସ

**ଭୁବନେଶ୍ୱର, ୧।୩(ସୁନିତ୍ ମିଶ୍ର)**

**ଆଇନଶୃଙ୍ଖଳା ପରିସ୍ଥିତି ନେଇ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ**

ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ବିପଦଜନକ ସ୍ଥିତିରେ ରହିଛି। ଗୋଟିକ ପରେ ଗୋଟିଏ ମହିଳା ହିଂସା ଡବଲ ଇଞ୍ଜିନ ସରକାରର ମୁଖା ଖୋଲିଦେଇଛି। ବେଟି ବଚାଓ, ବେଟି ପଢ଼ାଓ ସ୍ଲୋଗାନ ଦେଉଥିବା ଡବଲ ଇଞ୍ଜିନ ସରକାରଙ୍କ ୮ ମାସର ଶାସନକାଳ ଲଜ୍ଜାରେ ଭରି ରହିଛି। ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି ବୋଲି ଶନିବାର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରାଯାଇଛି। ଭୁବନେଶ୍ୱର ଜିଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନଠାରୁ ଦଳୀୟ ନେତା ଓ କର୍ମୀମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରିବାକୁ ଯିବାବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ଘଟଣାସ୍ଥଳରୁ ବହୁ କଂଗ୍ରେସ କର୍ମୀଙ୍କୁ ଉଠାଇନେବା ସହିତ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଥିବା ଜଣାପଡିଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ସୁଭଦ୍ରା ଯୋଜନା ଟଙ୍କା ବାଣ୍ଟି ପ୍ରଚାର କରୁଥିବା ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହିଛି। ବାଲେଶ୍ୱରର ସୋର, ଢେଙ୍କାନାଳ, ସମ୍ବଲପୁର, ରାଉରକେଲା, ବଲାଙ୍ଗୀରର ଖଇରାପାଲି, କୋରାପୁଟର ଲକ୍ଷ୍ମୀପୁର, ଭଦ୍ରକର ବେତଡ଼ା, ଦେଓଗଡ଼ ଓ ବରଗଡ଼ରେ ଧନୁଯାତ୍ରା ସମୟରେ ମହିଳାମାନଙ୍କ ପ୍ରତି ଗଣବଳାତ୍କାର ଘଟଣା ରାଜ୍ୟବାସୀଙ୍କ ଭିତରେ ଆଲୋଡନ ସୃଷ୍ଟି କରିଛି। ଯେଉଁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି। ସ୍କୁଲରେ ନାବାଳିକା ଗର୍ଭବତୀହେବା ଓ ସନ୍ତାନ ପ୍ରସବ କଲାଭଳି ଘଟଣା ମୋହନ ସରକାରଙ୍କ ଶାସନର ବିଫଳତାକୁ ପ୍ରମାଣିତ କରୁଛି। ଚିତ୍ରକୋଣ୍ଡା, ଚମ୍ପୁଆ, ବରୀ, ଲକ୍ଷ୍ମୀପୁର ଅଞ୍ଚଳରେ ଏଭଳି ସାଂଘାତିକ ଘଟଣା ଦୃଷ୍ଟିକୁ ଆସିଛି। ରାଜ୍ୟରେ ଏଭଳି ବ୍ୟଭିଚାର ଶାସନ ବିରୋଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ତା'ର ପ୍ରତିବାଦ ଜାରି ରଖିବ। ସାଧାରଣ ଲୋକଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତା'ର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ ବୋଲି ଭକ୍ତ କହିଛନ୍ତି। ସେ ଆହୁରି କହିଛନ୍ତି, ୮ମାସର ଡବଲ ଇଞ୍ଜିନ ସରକାର ସମୟରେ ରାଜ୍ୟର ଅପରାଧ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଓଡ଼ିଶା ଏକ ଅପରାଧପ୍ରବଣ ରାଜ୍ୟ ରୂପେ ପରିଗଣତି ହେବାକୁ ବସିଲାଣି। ମହିଳାମାନଙ୍କ ସୁରକ୍ଷାକୁ ସରକାର ଯଦି ପ୍ରାଥମିକତା ନ ଦିଅନ୍ତି ତେବେ ରାଜ୍ୟ କଂଗ୍ରେସ ଏ ସରକାରକୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦେବ ନାହିଁ ବୋଲି ଭକ୍ତ କହିଛନ୍ତି।

# ମାନିବାକୁ ନାରାଜ

**ହାଟଡିହୀ, ୧।୩(ଶୁଭକାନ୍ତ ନାୟକ)**

**■ ଭାଜପାରେ ମିଶ୍ରଣ: ବିଜେଡି କଂଗ୍ରେସ ମଧ୍ୟରେ କାଦୁଅ ଫିଙ୍ଗା**

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନମଣ୍ଡଳୀର ତରତରାଠାରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ପଦ୍ମ ଧରିଥିବା ଅନ୍ୟ ଦଳର ଶତାଧିକ ନେତା ଓ କର୍ମୀଙ୍କୁ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଛନ୍ତି। ମାତ୍ର ଏହି ମିଶ୍ରଣକୁ ନେଇ କଂଗ୍ରେସ ଏବଂ ବିଜେଡି ମଧ୍ୟରେ କାଦୁଅଫିଙ୍ଗା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ସାଧାରଣ ନିର୍ବାଚନରେ ଆନନ୍ଦପୁର ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହୋଇଥିବା ଆଲୋକ ସେଠୀ କହିଛନ୍ତ, ବିଜେଡି ଓ କଂଗ୍ରେସର ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହ ବହୁ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। କିନ୍ତୁ ବିଜେଡ଼ି ବିଧାୟକ ଅଭିମନ୍ୟୁ ସେଠୀ କହିଛନ୍ତି, ଯେଉଁ ମାନେ ଭାଜପାରେ ମିଶିଛନ୍ତି ସେମାନେ ବିଜେଡିର ନୁହଁନ୍ତି। ସେମାନେ କଂଗ୍ରେସ ଦଳର ଅଟନ୍ତି। ଅପରପକ୍ଷେ ଏପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ବିଜେଡି ଓ ସନାତନ ମହାକୁଡ଼ଙ୍କ ଲୋକ ଭାଜପାରେ ମିଶିଛନ୍ତି। କଂଗ୍ରେସ ଦଳର କେହି ଭାଜପାରେ ମିଶିନାହାଁନ୍ତି। ତେବେ ଯେଉଁ ଦଳ ସରକାରକୁ ଆସେ ସେତେବେଳେ ଅନ୍ୟ ଦଳର କର୍ମୀ ନିଜର ସ୍ୱାର୍ଥ ହାସଲ ପାଇଁ ଦଳ ପରିବର୍ତ୍ତନ କରିବା ଏକ ଅଭ୍ୟାସଗତ ଘଟଣା ବୋଲି ଜୟଦେବ କହିଛନ୍ତି।

# ମାମୁନିଙ୍କ ହାତ ଧରିବେ ବିଧାୟକ ସାରଦା

**ନିଶ୍ଚିନ୍ତକୋଇଲି, ୧।୩(ଅଶୋକ କୁମାର ମହାପାତ୍ର)**



କଟକ ଜିଲା ମାହାଙ୍ଗା ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ଓ ତାଙ୍କ ବାନ୍ଧବୀ ସିପ୍ରା ପ୍ରିୟଦର୍ଶିନୀ ବଳଙ୍କ ମଧ୍ୟରେ ବିବାହ ହେବାକୁ ଯାଉଛି। ସେ ନିଶ୍ଚିନ୍ତକୋଇଲି ବ୍ଲକର ପୂର୍ବତନ ସମାଜ ମଙ୍ଗଳ ଅଧିକାରୀ ସିପ୍ରା ପ୍ରିୟଦର୍ଶିନୀ ବଳ(ମାମୁନି)ଙ୍କୁ ବିବାହ କରିବେ। ସାମାଜିକ ଗଣମାଧ୍ୟମରେ ଉଭୟଙ୍କ ନିର୍ବନ୍ଧ ବେଳର ଫଟୋ ଦେଖିବାକୁ ମିଳିଛି। ଦୁହେଁ ରବିବାର ରାଜସ୍ଥାନର ଏକ ହୋଟେଲରେ ବିବାହ କରିବେ ବୋଲି ଜଣାପଡ଼ିଛି।

ବିଧାୟକ ସାରଦା(୪୮) ଆଉ ବିବାହ କରିବେ ନାହିଁ ବୋଲି ମାହାଙ୍ଗାରେ ଆଲୋଚନା ହେଉଥିଲା। ଶନିବାର ସିପ୍ରାଙ୍କ ସହ ତାଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଦେଖାଯିବା ପରେ ଉଭୟ ବିବାହ କରିବା ଆଲୋଚନା ହେଉଛି। ସିପ୍ରା(୨୬) କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ଜଅଁରା ବାଗିମୂଳ ଗ୍ରାମର ରମେଶ ଚନ୍ଦ୍ର ବଳଙ୍କ ଜ୍ୟେଷ୍ଠା କନ୍ୟା। ସେ ପୂର୍ବରୁ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ସାମାଜିକ ସମ୍ପ୍ରସାରଣ ଅଧିକାରୀ ରୂପେ କାର୍ଯ୍ୟ କରୁଥିବାବେଳେ ନିକଟରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପ୍ରଶିକ୍ଷଣ ନେଉଛନ୍ତି। ଶନିବାର ସିପ୍ରା କେଣ୍ଟାଲୋ ପଞ୍ଚାୟତ ଅନ୍ତର୍ଗତ ଜୁଲୁକିପଡା ଗ୍ରାମରେ ଥିବା ନିଗମାନନ୍ଦ ଆଶ୍ରମରେ ପୂଜାର୍ଚ୍ଚନା କରିବା ପରେ ବିବାହ ନିମନ୍ତେ ୩୦ଜଣ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନଙ୍କ ସହ ବିମାନରେ ରାଜସ୍ଥାନ ଯାତ୍ରା କରିଥିବା କୁହାଯାଉଛି। ଉକ୍ତ ବିମାନରେ ସାରଦା ମଧ୍ୟ ୨୫ଜଣ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନଙ୍କ ସହ ଯାଇଥିବା ଶୁଣିବାକୁ ମିଳିଛି।

## Business

# ରେକର୍ଡ ପରିମାଣରେ ଟିକସ ଆଦାୟ

**■ ଫେବୃଆରୀରେ ୧.୮୪ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ**

**■ ବାର୍ଷିକ ଭିତ୍ତିରେ ୯.୧ % ବୃଦ୍ଧି**




**ନୂଆଦିଲ୍ଲୀ, ୧।୩**

ଚଳିତ ବର୍ଷ ଫେବୃଆରୀ ମାସରେ ରେକର୍ଡ ପରିମାଣର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷର ଏକାଦଶ ତମ ମାସରେ ମଧ୍ୟ ପ୍ରାୟ ୧.୮୪ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ଶନିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଏକାଦଶ ତମ ମାସରେ ମଧ୍ୟ ଦେଶର ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୮୪ ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ କରାଯାଇଥିବା ଟିକସ ପରିମାଣ ୧,୬୮,୩୩୭ ଲକ୍ଷ କୋଟିଠାରୁ ଏହା ୯.୧% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି ଚଳିତ ଆର୍ଥିକ ବର୍ଷର ୧୧ତମ ମାସ ବା ଫେବୃଆରୀରେ ମୋଟ ୧,୮୩,୬୪୬ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୫,୨୦୪ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୩,୭୦୪ କୋଟି ଆଦାୟ ହୋଇଛି। ଏପରିକି ଆଇଜିଏସ୍‌ଟି ବାବଦକୁ ମୋଟ ୯୦,୮୭୦ ଟି ଟଙ୍କା ଏବଂ ସେସ୍ ବାବଦରେ ୧୩,୮୬୮ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ସେହିପରି କେନ୍ଦ୍ର ସରକାର ୨୦୨୫ ଫେବୃଆରୀରେ ମୋଟ ୧,୮୩,୬୪୬ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ଆକାରରେ ସଂଗ୍ରହ କରିଥିଲାବେଳେ ସେଥିମଧ୍ୟରୁ ଘରୋଇ ରାଜସ୍ୱ ପ୍ରାୟ ୧. ୪୨ ଲକ୍ଷ କୋଟି ଏବଂ ରପ୍ତାନି ବାବଦୀୟ ରାଜସ୍ୱ ୪୨ କୋଟି ଅନ୍ତର୍ଭୁକ୍ତ ରହିଛି।

ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୧୧ତମ ମାସ ବା ୨୦୨୫ ଫେବୃଆରୀରେ ଓଡ଼ିଶାରୁ ପ୍ରାୟ ୫୩୪୪ କୋଟି ଟଙ୍କାର ରାଜସ୍ୱ ଟିକସ ଆକାର ସଂଗ୍ରହ ହୋଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ରାଜ୍ୟରୁ ୫୧୩୬ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୪% ଅଧିକ ଟିକସ ରାଜସ୍ୱ ଆକାରରେ ଜିଏସ୍‌ଟି ଆଦାୟ କରାଯାଇଛି।

# ଯୋଗାଣ ଶୃଙ୍ଖଳକୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧।୩**

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟ୍‌ଫର୍ମ 'ଫ୍ଲିପ୍‌କାର୍ଟ' ତା'ର ଯୋଗାଣ ଶୃଙ୍ଖଳକୁ ଗୁରୁତ୍ୱ ଦେଉଛି। ଏପରିକି ଭାରତର ଟାୟାର-୨ ଓ ଟାୟାର-୩ ସହରଗୁଡ଼ିକରେ ପ୍ଲାଟ୍‌ଫର୍ମର ଉପସ୍ଥିତିକୁ ସକ୍ରିୟ ଭାବେ ବିସ୍ତାର ମଧ୍ୟ କରୁଛି। ଅପରପକ୍ଷରେ ବିସ୍ତୃତ ଭୂଭାଗ, ଅପ୍ରତ୍ୟାଶିତ ଜଳବାୟୁ ଓ ସୀମିତ ସଂଯୋଗ ଭଳି ଆହ୍ୱାନ ସତ୍ତ୍ୱେ ପ୍ଲାଟ୍‌ଫର୍ମର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଫ୍ଲିପ୍‌କାର୍ଟର ଡେଲିଭରି ଏକ୍ଜିକ୍ୟୁଟିଭମାନେ ଏହି ସମ୍ପ୍ରସାରଣର କେନ୍ଦ୍ରରେ ରହିଛନ୍ତି। ବର୍ତ୍ତମାନ ଦେଶର ୧୭୦୦ ସହର ଓ ଟାଉନରେ ଅର୍ଡର ଡେଲିଭର କରୁଥିବା ୧.୦୭ ଲକ୍ଷ ୱିଶମାଷ୍ଟର ଏହି ପ୍ରତିବନ୍ଧକଗୁଡ଼ିକୁ ଦୂରକରିବା ଏବଂ ସୁଗମ ପରିଚାଳନା ନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

# କମର୍ସିଆଲ ଗ୍ୟାସ୍ ଦରରେ ବୃଦ୍ଧି

**ନୂଆଦିଲ୍ଲୀ, ୧।୩**



କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ୍ (୧୯କେଜି)ର ଦର ପରିବର୍ତ୍ତନ ହେଉଥିବାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.) ର ଦର ପୂର୍ବ ପରି ସ୍ଥିର ରହିଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୬.୫୦ ଟଙ୍କା ବଢ଼ିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୬ଟଙ୍କା ବୃଦ୍ଧି ପାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ଚଳିତ ମାସର ନୂତନ ଦର ସୂଚୀ (ନୂଆ ଦର) ଶନିବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୬.୫୦ଟଙ୍କା ବଢ଼ି ୧୯୫୧ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଜାନୁୟାରୀ) କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ୧୯୪୪.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କେ.ଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି।

ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୬ ଟଙ୍କା ବୃଦ୍ଧି ଘଟି ୧୮୦୩ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.) ଦର ୮୦୩ ଟଙ୍କାରେ ରହିଛି। ଅପରପକ୍ଷରେ କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ଯଥାକ୍ରମେ ୧୯୧୩ ଟଙ୍କା, ୧୭୫୫ ଟଙ୍କା ଏବଂ ୧୯୬୫ ଟଙ୍କାରେ କାରାବାର ହେଉଥିଲାବେଳେ ଉପରୋକ୍ତ ମହାନଗରଗୁଡ଼ିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୨୯ ଟଙ୍କା, ୮୦୨.୫୦ ଟଙ୍କା ଏବଂ ୮୧୮.୫୦ ଟଙ୍କାରେ ବିକ୍ରି ହେଉଛି।

# ପ୍ୟୋର ପର୍‌ଫେକ୍ଟ ୧୦ ର ଶୁଭାରମ୍ଭ

**ନୂଆଦିଲ୍ଲୀ, ୧।୩**

ପ୍ୟୋର ଇଭିର ବହୁ ପ୍ରତିକ୍ଷୀତ କ୍ୟାଶବ୍ୟାକ ଅଫର 'ପ୍ୟୋର ପର୍‌ଫେକ୍ଟ ୧୦' ରେଫେରାଲ ପ୍ରୋଗ୍ରାମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ପ୍ରୋଗ୍ରାମ ଜରିଆରେ ବ୍ରାଣ୍ଡର ସମସ୍ତ ବିଦ୍ୟମାନ ଗ୍ରାହକଙ୍କ ସମେତ ଆଶାୟୀ ଗ୍ରାହକଙ୍କ ପାଇଁ ମଧ୍ୟ ଏହି ଅଫର ଉପଲବ୍ଧ। ଏହି ଅ଼ଫର ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା କିମ୍ବା ସମ୍ବନ୍ଧିତ ଆଉଟଲେଟଗୁଡ଼ିକର ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ଏହି ଅଫର (ଏକ ପ୍ୟୋର ଇଭି ଯାନ କ୍ରୟ କରୁଥିବା ନୂଆ ଗ୍ରାହକ ପାଇଁ) ଉପଲବ୍ଧ ରହିବ। ସେହିଭଳି ଏହି ସ୍କିମ ଅଧିନରେ ଗ୍ରାହକମାନେ ଏକ ପ୍ୟୋର ଇଭି ଯାନ କ୍ରୟ କରିବା ପାଇଁ ନିଜର ବନ୍ଧୁ ଓ ପରିବାର ଲୋକଙ୍କୁ ରେଫର କରି ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ରିୱାର୍ଡ ଜିତିପାରିବେ। ଏପରିକି ସମସ୍ତ ପୁରୁଣା ଓ ନୂଆ ପ୍ୟୋର ଇଭି ଗ୍ରାହକମାନେ ନିଜର ପଞ୍ଜୀକୃତ ହ୍ୱାଟସ ଆପ ନମ୍ବର (ରେକର୍ଡ ଅନୁଯାୟୀ) ମାଧ୍ୟମରେ ୧୦ଟି ସ୍ୱତନ୍ତ୍ର ରେଫେରାଲ କୋଡ୍ ଗ୍ରହଣ କରିବେ। ରେଫରର ଏକ କ୍ରୟରେ ପରିଣତ ହେଉଥିବା ପ୍ରତ୍ୟେକ ସଫଳ ରେଫରେନ୍ସ ପାଇଁ ୪,୦୦୦ ଟଙ୍କାର କ୍ୟାଶବ୍ୟାକ ଭାଉଚର ପାଇବେ। ଏହିଭଳି ଭାବେ ସର୍ବାଧିକ ୧୦ଟି ଭାଉଚର ପର୍ଯ୍ୟନ୍ତ ଏବଂ ନୂଆ କ୍ରେତାଙ୍କ ପାଇଁ ସେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ପାଇପାରିବେ। ରେଫେରାଲ ମାଧ୍ୟମରେ ପାଇଥିବା କ୍ୟାଶବ୍ୟାକ ଭାଉଚରଗୁଡ଼ିକୁ ଭବିଷ୍ୟତରେ ଗାଡିର ସର୍ଭିସ ଓ ସେୟାର ପାର୍ଟସ ଆବଶ୍ୟକତା ପାଇଁ ବ୍ୟବହାର କରାଯାଇପାରିବ। ଗ୍ରାହକମାନେ ଅପ୍‌ଗ୍ରେଡ, ଯାନର ଏକ୍ସଚେଞ୍ଜ ଓ ବ୍ୟାଟେରୀ ଏକ୍ସଚେଞ୍ଜ ଅଫର୍ ପାଇଁ ସେହି ଭାଉଚରକୁ ଉପଯୋଗ କରିପାରିବେ କିମ୍ବା ରେଫର କରିଥିବା ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ପ୍ୟୋର ଇଭି କ୍ରୟ ଉପରେ ନଗଦ ରିହାତି ପାଇପାରିବେ। ଏ ସମ୍ପର୍କରେ ପ୍ୟୋର୍‌ର ସହ-ପ୍ରତିଷ୍ଠାତା ଓ ସିଇଓ ରୋହିତ ଭଦେରା କହିଛନ୍ତି, ଏହି ପଦକ୍ଷେପ କେବଳ ଆମର ଗ୍ରାହକଙ୍କୁ ସେମାନଙ୍କର ବିଶ୍ୱାସ ପାଇଁ ସେମାନଙ୍କୁ ପୁରସ୍କୃତ କରିବ ନାହିଁ ବରଂ ସେମାନଙ୍କୁ ନିଜର ପ୍ରିୟଜନଙ୍କ ସହ ପ୍ୟୋର ଇଭିର ଅନୁଭୂତି ସେୟାର କରିବା ପାଇଁ ସକ୍ଷମ କରିବ। ପ୍ୟୋର ଇଭି କ୍ରୟ କରିବା ପାଇଁ ରେଫର୍ କରି ସେମାନେ ଆକର୍ଷଣୀୟ କ୍ୟାଶବ୍ୟାକ ଇନ୍‌ସେଣ୍ଟିଭରୁ ଲାଭାନ୍ୱିତ ହେବା ସହିତ ସ୍ଥାୟୀ ଯାତାୟତର ଏକ ବିଶାଳ ଲକ୍ଷ୍ୟ ପ୍ରତି ଯୋଗଦାନ ଦେଇପାରିବେ।

# ଏଆଇ ଭାରତର ଅଭିବୃଦ୍ଧି ଇଞ୍ଜିନ ହେବ: ଆକାଶ

**ମୁମ୍ବାଇ, ୧।୩ (ଅଭୟ ଦାଶ)**




ହର୍ଷ ଜୈନଙ୍କ ସହ ଆକାଶ ଅମ୍ବାନୀ ଫାୟାରସାଇଡ ବାର୍ତ୍ତାଳାପ କରୁଛନ୍ତି।

ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ଆକାଶ ଅମ୍ବାନୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଚଳିତ ପିଢ଼ିର ସବୁଠାରୁ ବଡ ପରିବର୍ତ୍ତନ ବୋଲି ବର୍ଣ୍ଣନା କରିଛନ୍ତି। ଜିଓ ୱାର୍ଲ୍ଡ ସେଣ୍ଟରଠାରେ ଆୟୋଜିତ 'ମୁମ୍ବାଇ ଟେକ୍ ସପ୍ତାହ-୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ ଆକାଶ ଏଭଳି କହିଛନ୍ତି। ଏପରିକି ସେ କହିଛନ୍ତି, ଏଆଇ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଅଭିବୃଦ୍ଧି ଇଞ୍ଜନ ଭାବେ ପ୍ରମାଣିତ ହେବ, ଯାହା ଆଗାମୀ କିଛି ବର୍ଷରେ ଦେଶକୁ ୧୦% କିମ୍ବା ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାର ହାସଲ କରିବାରେ ସକ୍ଷମ କରିବ। ଅପରପକ୍ଷରେ ଡ୍ରିମ୍ ଇଲେଭେନର ସିଇଓ ହର୍ଷ ଜୈନଙ୍କ ସହ ଫାୟାରସାଇଡ୍ ବାର୍ତ୍ତାଳାପରେ ଭାଗନେଇ ଆକାଶ ଭବିଷ୍ୟତ ପାଇଁ ଏଆଇକୁ ମହତ୍ତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଆକାଶ କହିଛନ୍ତି, ଏଆଇ କ୍ଷେତ୍ରରେ ମାର୍ଗଦର୍ଶନ କରିବା ପାଇଁ ଜିଓ ୧୦୦୦ରୁ ଅଧିକ ଡାଟା ବୈଜ୍ଞାନିକ, ଅନୁସନ୍ଧାନକାରୀ ଏବଂ ଇଞ୍ଜିନିୟରଙ୍କ ଏକ ଟିମ୍ ଗଠନ କରିଛି। ଏପରିକି କମ୍ପାନୀ ଜାମନଗରଠାରେ ଏକ ଗିଗାୱାଟ କ୍ଷମତାର ଡାଟା ସେଣ୍ଟର ମଧ୍ୟ ନିର୍ମାଣ କରୁଛି, ଯାହା ଦେଶର ଏଆଇ କ୍ଷେତ୍ରକୁ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହା ବ୍ୟତୀତ କମ୍ପାନୀ ଗ୍ରାଫିକ୍ ପ୍ରସେସିଂ ୟୁନିଟ୍ (ଜିପିୟୁ) ପାଇଁ ମଧ୍ୟ ବିଚାର କରୁଥିବା ସେ କହିଛନ୍ତି।

ସେହିପରି ଜିଓର ଚେୟାରମ୍ୟାନ୍ କହିଛନ୍ତି, ଭାରତରେ ଏଆଇକୁ ଆଗକୁ ନେବାକୁ ହେଲେ ଏହାକୁ ତିନୋଟି ମୌଳିକ କ୍ଷେତ୍ର-ଏଆଇ ଭିତ୍ତିଭୂମି, ଅନୁସନ୍ଧାନ ଓ ବିକାଶ ଏବଂ କୁଶଳୀ ପ୍ରତିଭା ଉପରେ ଧ୍ୟାନଦେବାକୁ ପଡିବ। ଭାରତରେ ଡିଜିଟାଲ ଏବଂ ଏଆଇ ଭିତ୍ତିଭୂମି ବିକାଶରେ କ୍ରମାଗତ ନିବେଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏପରିକି ସେ କହିଛନ୍ତି, ସେ ସବୁ ଦିନ ଚାଲିଗଲାଣି ଯେବେ ଆମେ ଟେକ୍ନୋଲୋଜି ବିଷୟରେ ପଛୁଆ ରହିଥିବା ଦୃଷ୍ଟିରୁ ଭାବୁଥିଲୁ। ମୁଁ ଭାବୁଛି ଆମେ ବିଶ୍ୱରେ ଏହା ପ୍ରମାଣିତ କରିଛୁ, ଭାରତ ସେହି ଅଗ୍ରଣୀ ଦେଶଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯାହା ଶୀଘ୍ର ଟେକ୍ନୋଲୋଜିକୁ ଗ୍ରହଣ କରିପାରିବ ଏବଂ ଦେଶର ହିତ ପାଇଁ ଟେକ୍ନୋଲୋଜିର ଉପଯୋଗ ମଧ୍ୟ କରିପାରିବ।

# ଦୁଇ ଗୁଣରୁ ଅଧିକ ସଞ୍ଚୟ

**ନୂଆଦିଲ୍ଲୀ, ୧।୩**

ପ୍ରତି ବର୍ଷ ଆମାଜନର ଗ୍ରାହକମାନେ କେବଳ ପ୍ରାଇମ ମେମ୍ବରସିପରେ ଅଧିକ ପରିମାଣର ସଞ୍ଚୟ କରୁଛନ୍ତି। ୨୦୨୪ରେ ପ୍ରାଇମ୍ ସଦସ୍ୟମାନେ ଦ୍ରୁତତମ ଡେଲିଭରି ସମୟରୁ ଉପକୃତ ହୋଇଥିବାବେଳେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ସଞ୍ଚୟ କରିଛନ୍ତି। ଆମାଜନ ଇଣ୍ଡିଆ ୨୦୨୪ରେ ପ୍ରାଇମ ମେମ୍ବରମାନଙ୍କ ପାଇଁ ସବୁଠାରୁ ଦ୍ରୁତ ଗତିରେ ଡେଲିଭରି କରିଥିବାବେଳେ ସମାନ ଦିନ କିମ୍ବା ପରଦିନ ୪୧ କୋଟିରୁ ଅଧିକ ଆଇଟମ୍ ଡେଲିଭରି କରିଥିଲା। ପ୍ରାଇମ ସଦସ୍ୟମାନେ ମଧ୍ୟ ଗତ ବର୍ଷ ଦ୍ରୁତ, ମାଗଣା ଡେଲିଭରିରେ ହାରାହାରି ୩୩୦୦ଟଙ୍କାରୁ ଅଧିକ ସଞ୍ଚୟ କରିଥିଲେ, ଯାହାକି ବାର୍ଷିକ ପ୍ରାଇମ୍ ସଦସ୍ୟତା ମୂଲ୍ୟର ଦୁଇ ଗୁଣରୁ ଅଧିକ ସଞ୍ଚୟ ବୋଲି କୁହାଯାଉଛି। ବିଶ୍ୱସ୍ତରରେ ଆମାଜନ ପ୍ରାଇମ୍ ଗତ ବର୍ଷ ସମାନ କିମ୍ବା ପରଦିନ ସମଗ୍ର ବିଶ୍ୱରେ ୯ ବିଲିୟନରୁ ଅଧିକ ୟୁନିଟ୍ ପ୍ରଦାନ କରିଥିଲା ଏବଂ ସମଗ୍ର ବିଶ୍ୱର ସଦସ୍ୟମାନେ ଦ୍ରୁତ, ମାଗଣା ଡେଲିଭରିରେ ପାଖାପାଖି ୯୫ବିଲିୟନ ଡଲାର ସଞ୍ଚୟ କରିଥିଲେ। ଏପରିକି ଗ୍ରାହକଙ୍କ ପାଇଁ ବୃହତ ଚୟନ ସହିତ ସ୍ପିଡର ଗୁରୁତ୍ୱକୁ ହୃଦବୋଧ କରି ଆମାଜନ ନିରନ୍ତର ଭାବେ ଲଜିଷ୍ଟିକ୍ସ ଏବଂ ଡେଲିଭରି କ୍ଷମତାରେ ନିବେଶ କରିଛି। ପରବର୍ତ୍ତୀ ଦିନ ଡେଲିଭରି ଅଧୀନରେ ସେବା ପ୍ରଦାନ କରୁଥିବା ପିନ କୋଡ ସଂଖ୍ୟାକୁ ୧୧% ରୁ ଅଧିକକୁ ବୃଦ୍ଧି କରାଯାଇଛି, ଯାହା ଭାରତୀୟ ସହର ଏବଂ ଟାଉନଗୁଡ଼ିକରେ ଅଧିକରୁ ଅଧିକ ଗ୍ରାହକଙ୍କୁ ପ୍ରାଇମ ସୁବିଧା ଉପଲବ୍ଧ କରାଇଛି। ଆମର ଗ୍ରାହକମାନେ ଆମର ପ୍ରତ୍ୟେକ କାର୍ଯ୍ୟର କେନ୍ଦ୍ରରେ ଅଛନ୍ତି ଏବଂ ଏହା ଜାଣିବା ଅତ୍ୟନ୍ତ ଆନନ୍ଦର ବିଷୟ। ଆମେ କେବଳ ଦ୍ରୁତ ଡେଲିଭରି ସ୍ପିଡ୍ ସହିତ ଆମାଜନରେ ସେମାନଙ୍କ ସପିଙ୍ଗକୁ ମୂଲ୍ୟ ପ୍ରଦାନ କରିନାହୁଁ ବରଂ ସେମାନଙ୍କୁ ସଞ୍ଚୟ କରିବାରେ ମଧ୍ୟ ସାହାଯ୍ୟ କରିଛୁ ବୋଲି ଆମାଜନ ପ୍ରାଇମ ସ୍ପିଡ ଆଣ୍ଡ ଫୁଲଫିଲମେଣ୍ଟ ଏକ୍ସପିରିଏନ୍ସ ଇଣ୍ଡିଆର ନିର୍ଦ୍ଦେଶକ ତଥା ମୁଖ୍ୟ ଅକ୍ଷୟ ସାହି କହିଛନ୍ତି।

# ଭୁଶୁଡ଼ିଲା ଫିରିଙ୍ଗିଆ ବସ୍‌ଷ୍ଟାଣ୍ଡ ଟର୍ମିନାଲ ଛାତ



ଭୁଶୁଡ଼ି ପଡ଼ିଥିବା ବସ୍‌ଷ୍ଟାଣ୍ଡ ଛାତ।

**ଫୁଲବାଣୀ/ଫିରିଙ୍ଗିଆ,୧।୩ (ରାକେଶ କୁମାର ରାଉତ/ ବିମଳ ଦିଗାଲ)**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟଠାରେ ଚାଲିଥିବା ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରେ ଅଘଟଣ ଘଟିଛି। ବସ୍ ଟର୍ମିନାଲ ବିଲ୍ଡିଂ ଛାତ ପଡୁଥିବା ବେଳେ ଏହା ହଠାତ୍ ଭୁଶୁଡ଼ି ପଡ଼ିଛି। ଏଥିରେ ନିୟୋଜିତ ୫ ମିସ୍ତ୍ରି ଏବଂ ୨୦ ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗତ ୮ ମାସ ହେଲା ଓଡ଼ିଶା ରାଜ୍ୟ ପରିବହନ ବିଭାଗ ଦ୍ୱାରା ଏହାର ନିର୍ମାଣ କାର୍ଯ୍ୟ ଚାଲିଥିଲା। ଦାୟିତ୍ୱ ନେଇଥିବା ଠିକାସଂସ୍ଥା, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଏସ୍‌ଡିଓଙ୍କ ଉପସ୍ଥିତିରେ ଶନିବାର ଟର୍ମିନାଲର ଛାତ ପଡୁଥିଲା। ହଠାତ୍ ଛାତ ଭୁଶୁଡି ପଡିଥିଲା। ଛାତର ଉଚ୍ଚତା ୩୦ ଫୁଟରୁ ଅଧିକ ହୋଇଥିଲା। ପରିବହନ ବିଭାଗ ନିୟମ ଅନୁଯାୟୀ ଛାତ ପାଇଁ ଲୁହା ପାଇପ୍‌ରେ ସେଣ୍ଟ୍ରିଂ ହେବା କଥା। ମାତ୍ର ସମ୍ପୃକ୍ତ ଠିକା ସଂସ୍ଥା କାଠବଲ୍ଲାରେ ସେଣ୍ଟ୍ରିଂ କରିଥିବାରୁ ଏଭଳି ଏକ ଘଟଣା ଘଟିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜନସାଧାରଣରେ ଦାବି ହେଉଛି।

## ପାଇପ୍‌ରେ ସେଣ୍ଟ୍ରିଂ ନ କରି କାଠବଲ୍ଲାରେ କରିଥିଲେ ଠିକାଦାର

## ୨ ହାର୍ଡକୋର ମାଓବାଦୀ ନିହତ

**ମାଲକାନଗିରି,୧।୩ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର କିସ୍ତାରାମ ଅଞ୍ଚଳରେ ମାଓବାଦୀ ଥିବା ଗୋଇନ୍ଦା ବିଭାଗରୁ ଖବର ପାଇ ଡିଆରଜି ଓ କୋବ୍ରା ବାହିନୀ ମିଳିତ ଭାବେ କମ୍ବିଂ କରିଥିଲେ। ଶନିବାର ସକାଳେ ମାଓବାଦୀଙ୍କ ଆଶ୍ରାରେ ପହଞ୍ଚିବା ପରେ ପୋଲିସ ଆସିବା ଜାଣି ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହା ଦୀର୍ଘ ସମୟ ଧରି ଜାରି ରହିଥିଲା। ଏଥିରେ ୨ଜଣ ହାର୍ଡକୋର ମାଓବାଦୀଙ୍କର ମୃତ୍ୟୁ ଘଟିଥିବା ସୁରକ୍ଷା କର୍ମୀ ସୂଚନା ଦେଇଛନ୍ତି।

## ରମଜାନ ମାସ ଆରମ୍ଭ

**ଭୁବନେଶ୍ୱର,୧।୩ (ସୌମ୍ୟରଞ୍ଜନ ରାଉତ)**

ମୁସଲମାନଙ୍କ ପବିତ୍ର 'ରମଜାନ ମାସ' ଶନିବାରଠାରୁ ଆରମ୍ଭ ହୋଇଛି। ରାତିରେ ଇସ୍‌ଲାମ୍ ଧର୍ମାବଲମ୍ବୀ ଚନ୍ଦ୍ର ଦେଖିବା ପରେ ମସ୍‌ଜିଦ୍‌ରେ ସମୂହ ତରାବି ନମାଜ ପାଠ କରିଛନ୍ତି। ରବିବାରଠାରୁ ସେମାନେ ମାସେ ପର୍ଯ୍ୟନ୍ତ ରୋଜା (ଉପବାସ) ରଖିବେ। ଇସଲାମ୍ ଧର୍ମରେ ରମଜାନ ମାସକୁ ସବୁଠାରୁ ପବିତ୍ର ମାସ ବୋଲି ବିବେଚନା କରାଯାଏ। ଏହି ମାସରେ ମୁସଲମାନ ଭଉଣୀ ଓ ଭାଇମାନେ ସୂର୍ଯ୍ୟ ଉଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ସେମାନେ ନିର୍ଜଳା ଉପବାସ ରଖିଥାନ୍ତି। ଏହି ସମୟରେ ଇସ୍‌ଲାମ୍ ଧର୍ମାବଲମ୍ବୀମାନେ ପ୍ରାର୍ଥନା କରିବା ସହିତ କୋରାନ, ନମାଜ ପାଠ ପଢ଼ିଥାନ୍ତି। ମାସ ସାରା ଅଲ୍ଲାଙ୍କ ପ୍ରତି ଅତି ଶ୍ରଦ୍ଧା ଭାବନା ରଖି ରମ୍‌ଜାନ ପାଳନ କରିବାକୁ ପଡ଼ିଥାଏ। ରମଜାନ ପାଇଁ ରାଜଧାନୀଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ମସ୍‌ଜିଦ ସଜେଇ ହୋଇଛି। ରମଜାନ ମାସକୁ ନଜରରେ ରଖି ମସ୍‌ଜିଦରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଇସଲାମୀ କ୍ୟାଲେଣ୍ଡରର ଅନୁଯାୟୀ ୨୯ ବା ୩୦ଦିନ ପରେ ନୂତନ ଚନ୍ଦ୍ର ଦେଖିବା ପରେ ରମଜାନ ମାସ ଶେଷ ହୋଇ 'ଇଦ୍ ଉଲ-ଫିତର' ପର୍ବ ପାଳନ କରାଯାଇଥାଏ। ଇଦ୍‌ର ଅର୍ଥ ଖୁସି, ଫିତର୍ ଅର୍ଥ ଦାନ। ରମଜାନର ଶେଷ ରାତ୍ରି ଉପବାସ କରିଥିବା ଲୋକଙ୍କ ପାଇଁ ମଗ ଫିରତ ରାତ୍ରି ହୋଇଥାଏ। ଏହି ରାତ୍ରିରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଲ୍ଲା ଆଗାମୀବର୍ଷ ପାଇଁ ରୋଜି ଓ ରୋଜଗାର ଦେଇଥାନ୍ତି।

# ଝାରସୁଗୁଡ଼ା-ମୁମ୍ବାଇକୁ ଉଡ଼ାଣ ଭରିଲା ଇଣ୍ଡିଗୋ

## ପ୍ରଥମ ଦିନରେ ଗଲେ ୯୦ ଯାତ୍ରୀ

## ସପ୍ତାହରେ ୩ ଦିନ ଉଡ଼ିବ

**ଝାରସୁଗୁଡ଼ା,୧।୩ (ଆଶିଷ ରଞ୍ଜନ ଦାଶ)**



ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା - ମୁମ୍ବାଇ ବିମାନସେବାର ଉଦ୍‌ଘାଟନ କରୁଛନ୍ତି।

ଶିଳ୍ପନଗରୀ ଝାରସୁଗୁଡ଼ା ସହ ମାୟାନଗରୀ ମୁମ୍ବାଇକୁ ବିମାନସେବାର ଶୁଭାରମ୍ଭ ହୋଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହାର ଉଦ୍‌ଘାଟନ କରିଛନ୍ତି। ଶନିବାର ପୂର୍ବାହ୍ନ ୧୦ଟା ୫୫ରେ ମୁମ୍ବାଇରୁ ଇଣ୍ଡିଗୋ ଏୟାର ବସ୍ ବାହାରି ଅପରାହ୍ନ ୧ଟାରେ ଝାରସୁଗୁଡ଼ାରେ ପହଞ୍ଚିଥିଲା। ପୁଣି ଝାରସୁଗୁଡ଼ାରୁ ୨ଟାରେ ବାହାରି ଅପରାହ୍ନ ୪ଟା ୧୫ରେ ଏହି ବିମାନ ମୁମ୍ବାଇରେ ପହଞ୍ଚିଥିଲା। ପ୍ରଥମ ଦିନରେ ୯୦ଜଣ ଯାତ୍ରୀ ମୁମ୍ବାଇ ଛତ୍ରପତି ଶିବାଜୀ ମହାରାଜ ଇଣ୍ଟରନ୍ୟାଶନାଲ ବିମାନ ବନ୍ଦରରୁ ଇଣ୍ଡିଗୋ ଏୟାର ବସ୍‌ରେ ଝାରସୁଗୁଡ଼ାକୁ ଯାତ୍ରା କରିଥିଲେ। ଅନୁରୂପ ଭାବେ ୯୦ ଜଣ ଯାତ୍ରୀ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ମୁମ୍ବାଇକୁ ଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ସପ୍ତାହକୁ ୩ ଦିନ ସୋମବାର, ବୁଧବାର, ଶୁକ୍ରବାର ଏହି ବିମାନ ଚଳାଚଳ କରିବ ବୋଲି ଜଣାପଡ଼ିଛି। ଇଣ୍ଡିଗୋର ଏୟାର ବସ୍-୩୨୦ ବିମାନ ଏହି ରୁଟ୍‌ରେ ଚଳାଚଳ କରିବ। ୨୩୨ଜଣ ଯାତ୍ରୀ ଏଥିରେ ସୁବିଧାରେ ଯାତ୍ରା କରିପାରିବେ। ରାଜଧାନୀ ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁରୁ ଇଣ୍ଡିଗୋର ବିମାନସେବା ଜାରି ରହିଛି। ସେହିପରି ଷ୍ଟାର ଏୟାର ପକ୍ଷରୁ ହାଇଦ୍ରାବାଦ, ରାୟପୁର ଏବଂ ଲକ୍ଷ୍ନୌକୁ ବିମାନସେବା ଆରମ୍ଭ ହୋଇଛି। ଏଲାୟନ୍ସ ଏୟାର ପକ୍ଷରୁ ଭୁବନେଶ୍ୱର- ଝାରସୁଗୁଡ଼ା ମଧ୍ୟରେ ବିମାନସେବା ସପ୍ତାହକୁ ତିନି ଦିନ ଜାରି ରହିଛି। ଝାରସୁଗୁଡ଼ାରୁ ମୁମ୍ବାଇ ସେକ୍ଟରରେ ବିମାନ ଚଳାଚଳକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧିପାଇଛି।

# ବିଦ୍ୟୁତ୍ ଆଘାତରେ ନାବାଳକ ଗୁରୁତର

## ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି ଉଦ୍ୟମ

**ପାରାଦୀପ,୧।୩(ଶରତ ରାଉତ)**



ଗୁରୁତର ନାବାଳକ ନନ୍ଦନ

ସାମାନ୍ୟ ଅର୍ଥ ଲୋଭରେ ଛୋଟ ପିଲାମାନେ ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି କରି ବିପଦରେ ପଡୁଛନ୍ତି। ଜଗତ୍‌ସିଂହପୁର ଜିଲା ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀସ୍ଥିତ ଓଭରବ୍ରିଜଠାରେ ଶନିବାର ମଧ୍ୟାହ୍ନରେ ଏହାର ଉଦାହରଣ ଦେଖିବାକୁ ମିଳିଛି।

୨ ଜଣ ନାବାଳକ ଚଳନ୍ତା ଟ୍ରେନରୁ କୋଇଲା ଖସାଇବାବେଳେ ଜଣେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ସବ୍‌ଷ୍ଟେଶନ ବସ୍ତିର ନନ୍ଦନ ଓରଫ ନଣ୍ଡା(୧୩)। ନନ୍ଦନ ଓ ତାଙ୍କ ସାଙ୍ଗ ବର୍ଦ୍ଧନ କୋଇଲା ଚୋରି ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ବାହାରୁଥିବା କୋଇଲା ବୋଝେଇ ଟ୍ରେନରେ ଚଢ଼ିଯାଇଥିଲେ। ଦୁହେଁ ଏକ ଡେଣ୍ଟା ଦ୍ୱାରା ଚଳନ୍ତା ଟ୍ରେନରୁ କୋଇଲା ତଳକୁ ଖସାଉଥିଲେ। ଏହି ସମୟରେ ନନ୍ଦନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ପୋଡ଼ିହୋଇ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର ଶିବାନୀ ଗିରି ନାମ୍ନୀ ମହିଳା ନନ୍ଦନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସେହି ଓଭରବ୍ରିଜ ତଳୁ ନିୟମିତ କୋଇଲା ଚୋରି ହୁଏ। ଗତ ଫେବୃଆରୀ ୭ରେ ଓଭରବ୍ରିଜ ତଳ ଫାଣ୍ଡି କଲୋନିରୁ ବିପୁଳ ପରିମାଣର କୋଇଲା ଆରପିଏଫ୍ ଓ ପୋଲିସ ଉଦ୍ଧାର କରିଥିଲା। ଏହି କୋଇଲା ଚୋରି କାରବାର ପଛରେ ଅନେକ ପ୍ରଭାବଶାଳୀ ଲୋକଙ୍କ ହାତ ଥିବା ଚର୍ଚ୍ଚା ହେଉଛି।

## 'ସମାଲୋଚନା ନ କରି ନିଜ ସ୍ୱପ୍ନ ସ୍ଥିର କର'

**ଭୁବନେଶ୍ୱର,୧।୩(ସୁଚିସ୍ମିତା ସାହୁ)**

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମା' ରମାଦେବୀ ଚେୟାର ପକ୍ଷରୁ "ମହିଳାଙ୍କ ସ୍ଥିରତା ଓ ସଶକ୍ତୀକରଣ ଯାତ୍ରା: ଆଧ୍ୟାତ୍ମିକ ଶକ୍ତିର କାହାଣୀ ଓ ରଣନୀତି"କୁ ନେଇ ଚାଲିଥିବା ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଏକ ପ୍ୟାନେଲ ଆଲୋଚନା ହୋଇଥିଲା। ଏଥିରେ ଡ. ସଙ୍ଗୀତା ଗୋସାଇଁ, ପ୍ରଫେସର ଡ. ସଂଘମିତ୍ରା ପାଲ, ପ୍ରଫେସର ମାରିଆ ସେଶିଲିଆ ଦେଶୌଶା ଓ ଗର୍ଗ ଫାଡେଲ ଯୋଗଦେଇ ପ୍ରସଙ୍ଗ ଉପରେ ନିଜ ମତ ରଖିଥିଲେ। ସକାରାତ୍ମକ ଚିନ୍ତାଧାରା ଓ ଦୃଷ୍ଟିକୋଣ ନିଜ କାହାଣୀକୁ ବଦଳାଇ ଦେବା ସହ ନୂତନ ପରିଚୟ ଦେଇଥାଏ। ସଶକ୍ତୀକରଣ ସମାଜ କେବଳ ଜଣେ ମନୁଷ୍ୟ ଦ୍ୱାରା ହିଁ ସୃଷ୍ଟି ହୋଇଥାଏ ବୋଲି ଡ. ଗୋସାଇଁ କହିଛନ୍ତି। ପ୍ରଫେସର ସଂଘମିତ୍ରା କହିଲେ, ଆଧ୍ୟାତ୍ମିକତା ନାରୀ ସଶକ୍ତୀକରଣ ଏବଂ ସ୍ଥିରତାର ସ୍ରଷ୍ଟା।


**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE PANCHAYAT SAMITI, CHANDAHANDI**
**INVITATION FOR BIDS**

No. BDO/PR/04/2024-25 Dated: / /2024

No. i-523: The Block Development Officer, Chandahandi on behalf of Governor of Odisha invites Percentage Rate bid through tender in Single Cover System according to norm of Tender system in Online mode.

1. Name of Works : As mentioned in Table "A" which includes construction of GPLF Building at Different GP of Chandahandi Block
2. No. of Works : 05 (Five) Nos. (Detailed in Tender Call Notice available in the website)
3. Estimated Cost: : As mentioned in Table "A"
4. Tender Paper Cost : Rs.6000/- per each work
5. Class of Contractor : B & C Class
6. Period of Completion : 180 Days
7. Critical Dates : * Further details can be seen in the bidding documents, which is available in the tender portal **https://www.nabarangpur.nic.in**.
* Subsequent corrigendum if required shall be appeared in the website.
* Authority reserves the right to reject any or all tenders without assigning any reason thereof.

| Tendering Officer | Bid Identification No. | Availability of Tender Online for Bidding | | Last date | Date of Opening of Bid |
|---|---|---|---|---|---|
| | | From | To | | |
| BDO, Chandahandi | BDO / PR / CHD / 04 / 2024-25 | 25.02.2025 at 10.00 A.M. | 10.03.2025 at 04.00 P.M. | 10.03.2025 upto 4.00 P.M. | 11.03.2025 at 11.00 A.M. |

Sd./- Block Development Officer, Chandahandi
OIPR-19439/11/0001/2425



**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/PO- BARINIPUT, DIST: KORAPUT- 764006, Phone-06854-242001, Fax: 06854242038,
E-mail:sgmel_ukhep@ohpcltd.com, CIN:U40101OR1995SGC003963

**E-Tender NOTICE No.-10/2024-25, Dated 27.02.2025**

**No.CAD-2704:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document Tender Paper Cost | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Repair of Peripheral Drains of Power House Colony by providing R.C.C. Drains, UKHEP, Bariniput | 61,46,280/- | 61,500/- | 11,800/- (Rs.10000+18% GST) | "B" Class | From 10.00 AM of Dt.04.03.2025 to 13.00 Hrs of Dt.18.03.2025 | At 12.30 Hrs. of 19.03.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0055/2425 Sd./- Unit Head, UKHEP, Bariniput



**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)**
**IDCO, IDCO TOWER, BHUBANESWAR**
No. CAD-2701
Tender Call Notice No. BBSR/ELECT/E-4551/23-24/534 Dated: 24.02.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of 11KV OH and UG Line for providing power supply to Worker's Hostel at Choudwar under Electrical Section Choudwar - 1, Cuttack.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-125/24-25 | 03.03.2025 at 17.00 Hrs. | 13.03.2025 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0112/2425 Sd./- Divisional Head (Elect), IDCO, Bhubaneswar



**SUPERINTENDENT, PRM MCH, BARIPADA MAYURBHANJ**

Notice No. 1020 Date : 25.02.2025

**TENDER CALL NOTICE**

**No.CAD-792** : Sealed tenders are invited from interested/ Wholesale/ Retail/ Distributor/ registered agency for supply of Bio Medical Waste Bins to PRM Medical College & Hospital, Baripada. The details regarding specification, terms & conditions may be downloaded from district website www.mayurbhanj.odisha.nic.in. The bids in sealed envelope should reach the office of the undersigned by 11.03.2025 till 5.30 P.M. along with all relevant documents. The tender will be opened on Dt. 12.03.2025 at 11.30 A.M. in the presence of bidders or authorized representatives. In case of absence of any bidder then bid document will be opened by the committee members. The undersigned reserves the right to reject any or all the tenders without assigning any reason thereof.

Sd./- Superintendent PRM MCH
OIPR-10120/11/0012/2425 Baripada, Mayurbhanj



**ORISSA STATE AIDS CONTROL SOCIETY** OSACS
Department of Health & Family Welfare, Govt. of Odisha

No. 4910/OSACS Date: 24.02.2025
File No. : XV-Proc.- 28/2024

**NOTICE INVITING TENDER**
**HIRING OF MANPOWER SERVICE PROVIDER AGENCY FOR PROVIDING ATTENDANTS & CLEANING STAFF ON OUTSOURCING BASIS**

**No.E-787** : Orissa State AIDS Control Society (OSACS), H & FW Deptt., Govt. of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **two bid systems** from the interested and eligible tenderers for **providing services of manpower (Attendants, Cleaning Staff) on outsourced basis for a period of two years, Initially, the contract shall be signed for a period of one year which shall be renewed further** on same terms and conditions, with mutual consent of both parties & performance of the bidder. The tender documents in prescribed formats should be submitted to the address as mentioned above through **Registered Post, Speed Post, Courier** only. For more details, please visit website of OSACS (**https://osacs.odisha.gov.in**) tender documents may be downloaded from the above said websites and the date of availability of Tender Document is **01.03.2025 11.00 A.M.** & Closing Date & Time of Receiving of Sealed Tender **21.03.2025 upto 5.00 P.M.**

OIPR-10009/11/0038/2425 Sd./- Project Director



**OFFICE OF THE NOTIFIED AREA COUNCIL, KUCHINDA**
**E-PROCUREMENT NOTICE**
**BID Identification No. KCDA/NAC-11/2024-25**
**No.339/NAC Date : 25.02.2025**

**No.C-1764** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Construction of Civil Works
2. No. of works : 10 (ten) nos.
3. Estimated Cost : As per work list
4. Period of Completion : 1 (one) / 2 (two) / 3 (three) Calendar Months
5. Date & time of availability of bid documents in the portal : From 10.00 hours of 03.03.2025
6. Last date / Time of received of Bids in portal : 17.30 Hours of 13.03.2025
7. Date & time of opening of Bid : 10.00 hours of 17.03.2025
8. Name & Address of the office Inviting bid : Executive Officer, NAC, Kuchinda

Further details can be seen from the e-procurement portal - www.tendersorissa.gov.in

OIPR-13121/11/0009/2425



No.JJ-60

**Directorate of Ports & Inland Water Transport**
Fortune Tower, Ground Floor, Zone - A, Chandrasekharpur,
Bhubaneswar, Phone : 0674-2300885, Email : portsniwt.od@nic.in

**e-PROCUREMENT NOTICE**
**Bid Identification No. DPIWT - 13/2024-25**

| | | | |
|---|---|---|---|
| 01. | Name of work | : | Construction of Swimming Pool at Crew Training Institute (Campus-I), Chandbali in Bhadrak District. |
| 02. | No. of works | : | 1 (One) No. |
| 03. | No. of Covers | : | Double cover |
| 04. | Value of works | : | Rs.3,40,70,000.00 |
| 05. | Bid Cost | : | Rs.10,000.00 |
| 06. | Period of Completion | : | 04 (Four) Calendar Months |
| 07. | Date & Time of availability of bid document in the portal | : | 04.03.2025 to 20.03.2025 upto 05.00 P.M. |
| 08. | Date & Time of Bid Clarification | : | 04.03.2025 to 10.03.2025 upto 03.00 P.M. |
| 09. | Date & Time of Pre-Bid meeting | : | 12.03.2025 at 03.00 P.M. |
| 10. | Last date & time for receipt of bids in the portal | : | 20.03.2025 up to 05.00 P.M. |
| 11. | Date of opening of bid document (Cover-I) | : | 21.03.2025 at 11.30 A.M. |
| 12. | Date of transparent lottery process (If situation arises) | : | Intimation will be given through online |
| 13. | Class of Contractor | : | "A" Class Contractor |
| 14. | Name and address of Officer Inviting Tender (OIT) | : | Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, PIN-751023 Phone : 0674-2390355, Fax - 2396885, e-Mail : portsniwt.od@nic.in |

Further details can be seen from the e-Procurement market place, https//tendersodisha.gov.in. The Addendum / Corrigendum if any will be hosted in the website only.

Sd./- Director
OIPR-38035/11/0023/2425 Ports & IWT, Odisha


See Career Appointment on every Wednesday & Saturday


ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
ORMAS BHUBANESWAR
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj and DW Department, Government of Odisha

No. 654 Date : 28.02.2025
File No. : ORMAS-Mkt-Event-0001-2024

**Corrigendum Notice to the RFP No. 341, dtd. 14.02.2025**
**Selection of an Event Management Agency for Designing, Fabricating, Erection of stall with other allied works and Management of Event for SISIR SARAS- 2025 in Bhubaneswar, Odisha**

**No.CAD-2713** : In referring to the RFP No. 341, dated 14.02.2025, and subsequent to the pre-bid meeting held on 21.02.2025 at 4 PM in the ORMAS Conference Hall, the queries were clarified and the modifications have been made. The detailed pre-bid clarifications and the Corrigendum Notice can be referred to and downloaded from these websites www.ormas.org/panchayat.odisha.gov.in/ www.tendersodisha.gov.in

OIPR-19004/11/0010/2425 Sd./- Chief Executive Officer, ORMAS



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MECHANICAL DIVISION, KHATIGUDA**

No.A-1132: Email Address: exengeer123@gmail.com

**e-Procurement Notice-Bid Identification No.- EE-MDK-09/2024-25**

1. Name of the Work : Painting of the Walkway Bridge with its allied Components of Bhaskel Dam for the Financial Year 2024-25
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates
4. Bid Identification No. : EE-MDK-09/2024-25
5. Estimated Cost : Rs.16,97,761.00
6. Period of Completion : 01 (One) Calendar Month/30 days
7. Date & Time of availability of bid documents in the Portal : From dt.01.03.2025 (10.00 AM) to Dt.10.03.2025 (5.00 PM)
8. Last date & time of availability of bid documents in the portal : Dt.10.03.2025 (upto 5.00 PM)
9. Date and Place of opening of Online Bids : Dt.11.03.2025 (12.00 PM onwards) in the O/o the undersigned
10. Name of the Officer Inviting Tender : Executive Engineer, Mechanical Division, Khatiguda

Further details can be seen from the e-Procurement portal **https://tendersodisha.gov.in**

Sd./- Executive Engineer
OIPR-32511/11/0008/2425 Mechanical Division, Khatiguda



**OFFICE OF THE MUNICIPAL COUNCIL, BELPAHAR**
No.C-1763 **"e" PROCUREMENT NOTICE**
Ph:06645-356292, Fax:06645-250236, Email:municipalitybelpahar@gmail.com
**BID REFERENCE NO.EO/BPHM/04/24-25**
**BID IDENTIFICATION NO.2025_ORULB_111174**
**TENDER CALL NOTICE NO.367, DT.27.02.2025**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**

| | | |
|---|---|---|
| Name of the Work | : | Individual Civil Construction Works |
| No. of Works | : | 04 Nos. |
| Bid Value | : | As per DTCN |
| Period of Completion | : | As per DTCN |
| Date & Time of availability of the bid documents in the portal | : | From dt.01.03.2025 at 10.00 A.M. to dt.12.03.2025 upto 5.00 P.M. |
| Bids received online shall be opened on | : | 11.00 A.M. onwards on dt.13.03.2025 |
| Name & Address of the Officer inviting Bid | : | Executive Officer, Belpahar Municipality |

Further the details can be seen from the procurement portal: www.tendersorissa.gov.in. If any addendum/ Corrigendum/ Cancellation of tender shall be publish in the above website only.

Sd./- Executive Officer,
OIPR-13050/11/0012/2425 Belpahar Municipality



No.MM-508:

**OFFICE OF THE DIVISIONAL FOREST OFFICER, KALAHANDI NORTH DIVISION**
NEAR OLD GOVT. BUS STAND, BHAWANIPATNA, KALAHANDI, ODISHA- 766001
E-mail ID: north_kalahandi@yahoo.co.in, dfo.kalahandinorth@odisha.gov.in, Phone No.06670-230526
Bid Identification No.DFO, KLD 08/2024-2025, dated 28.02.2025

**NOTICE INVITING SHORT TENDER**

| Sl. No. | Name of the Work | Details |
|---|---|---|
| 1 | Purpose of the Tender | Procurement of Various items for the Kalahandi North Forest Division |
| 2 | Estimated Cost | Based on fund allocation |
| 3 | Date & Time of availability of the bid document | 01.03.2025 to 10.03.2025 |
| 4 | Last date/time for receipt of bids in the portal | Upto 5.00 PM of 10.03.2025 |
| 5 | Date & Time of bid opening | 11.00 AM on Dated 11.03.2025 |
| 6 | Name & Address of the Officer inviting Bid | Divisional Forest Officer, Kalahandi North Forest Division, Pin-766001 |

Further details can be found in the Detailed Notice Inviting Tenders, available on the district website:- https://kalahandi.odisha.gov.in. Corrigendum if any, shall only be published on the above website.

Sd./-Divisional Forest Officer
OIPR-08107/11/0013/2425 Kalahandi North Division

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବନ୍ଦନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିରଳ ପ୍ରଜାତିର ସାପ 'ଗ୍ରିନ୍ କିଲ୍ ବ୍ୟାକ୍' ଉଦ୍ଧାର

**ନୀଳଗିରି, ୧।୩(ପ୍ରଶାନ୍ତ ବିଶ୍ୱାଳ)**



ବାଲେଶ୍ୱର ଜିଲା ନୀଳଗିରି ଏନ୍ଏସି ଅଧୀନ ୱାର୍ଡ ନଂ. ୮ ସାନଅତା ଗ୍ରାମରୁ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତ ଶନିବାର ୨ ଫୁଟ ଲମ୍ବର ଏକ ବିରଳ ପ୍ରଜାତିର ସାପ ଉଦ୍ଧାର କରିଛନ୍ତି। ସାପଟି ମହେନ୍ଦ୍ର ଜେନାଙ୍କ ଠାକୁର ଘର ଭିତରେ ଥିବା ଦେଖିଥିଲେ ଏବଂ ତୁରନ୍ତ ରାଉତଙ୍କୁ ଖବର ଦେଇଥିଲେ। ରାଉତ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଛନ୍ତି। ପୂର୍ବରୁ ଅନେକ ବିରଳ ପ୍ରଜାତିର ସାପ ନୀଳଗିରିରୁ ଉଦ୍ଧାର ହୋଇଥିବାବେଳେ ବନବିଭାଗ ନିକଟରେ ସାପ ଧରିବା ପାଇଁ କର୍ମଚାରୀ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# 'ଦହିବରାକୁ ଜିଆଇ ଟ୍ୟାଗ୍ ପାଇଁ ବ୍ୟାପକ ଉଦ୍ୟମ ଦରକାର'

## ଦହିବରା ଖାଇ ଦିବସ ପାଳିଲେ କଟକବାସୀ

**କଟକ, ୧।୩(ଶିପ୍ରା ପ୍ରିୟଦର୍ଶିନୀ)**


ସିଲ୍ଭର୍ ସିଟି ବୋଟ୍ କ୍ଲବ୍ ପରିସରସ୍ଥ ଏକ ଷ୍ଟଲ୍‌ରୁ ବିଧାୟିକା, ଜିଲାପାଳ, ସିଏମ୍‌ସି ମେୟର ଓ କମିଶନର ଦହିବରା ଖାଉଛନ୍ତି।

ସକାଳ ଜଳଖିଆ, ଲଞ୍ଚ ଅବା ଡିନରରେ ଦହିବରା ମିଳିଲେ ଖାଇବାକୁ ଆମେ ବିଲ୍‌କୁଲ୍ ମନା କରି ନ ଥାଉ। ଏତେ ଟେଷ୍ଟି ଯେ ଗୋଟିଏ ପ୍ଲେଟ୍ ଖାଇଦେଲେ ମନ ଶାନ୍ତି ହୋଇଯାଏ। ଏଭଳି ଷ୍ଟ୍ରିଟ୍ ଫୁଡ୍ ଖାଇବାକୁ ଠେଲାଗାଡି ପାଖରେ ଲୋକଙ୍କ ଭିଡ ଜମିଥାଏ। ଦହିବରା ସାଙ୍ଗକୁ ଆଳୁଦମ୍ ଓ ଘୁଘୁନି ଏବଂ ତାହା ଉପରେ ପିଆଜ, ଧନିଆପତ୍ର ଓ ସେଓ ଦେଇ ଗ୍ରାହକଙ୍କ ହାତକୁ ବଢାଇ ଦେଇଥାନ୍ତି ବ୍ୟବସାୟୀ। ଲୋକମାନେ ଏହାକୁ ଆନନ୍ଦରେ ଖାଇବା ପରେ ଦହିପାଣି ପିଇବାକୁ ଭୁଲି ନଥାନ୍ତି। ମାର୍ଚ୍ଚ ପହିଲାକୁ ଦହିବରା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଶନିବାର କଟକର ବିଭିନ୍ନ ସ୍ଥାନରେ ଦହିବରା ଖାଇବା ପାଇଁ ଲୋକଙ୍କ ଭିଡ ଲାଗିଥିଲା। କାରଣ ଅନ୍ୟସ୍ଥାନ ଅପେକ୍ଷା କଟକ ଦହିବରା ଟିକେ ନିଆରା। ସେହିପରି ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ନିଜକୁ ପ୍ରସ୍ତୁତ କରିଥିଲେ। ଖଟା ଓ ମିଠା ଦହିବରା ସହ ଘୁଘୁନି, ଆଳୁଦମ୍, ସେଓ ପିଆଜ ପକାଇ ଲୋକଙ୍କ ହାତକୁ ବ୍ୟବସାୟୀ ବଢାଇ ଦେଉଥିଲେ। ଦହିବରା ହାଫ୍ ପ୍ଲେଟ୍ ୫୦ଟଙ୍କା ଓ ଫୁଲ୍ ପ୍ଲେଟ୍‌ର ଦାମ୍ ୬୦ ଟଙ୍କା ରହିଛି। ଲୋକମାନେ ଦହିବରା ଖାଇ ଏହି ଦିବସକୁ ଖୁସିରେ ପାଳନ କରିଥିଲେ।

ଜିଲା ପ୍ରଶାସନ ପକ୍ଷରୁ ସିଲ୍‌ଭର୍ ସିଟି ବୋଟ୍ କ୍ଲବ୍‌ଠାରେ ଶନିବାର ଦହିବରା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ କହିଛନ୍ତି, ଦହିବରା କଟକ ସହରର ଅନ୍ୟତମ ପରିଚୟ। ଦହିବରାକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ପାଇଁ ବ୍ୟାପକ ଉଦ୍ୟମ ଆବଶ୍ୟକ। ସେହିପରି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ଖାଦ୍ୟ ମଧ୍ୟରେ ଦହିବରା ଅନନ୍ୟ। ଏହାକୁ ଜିଆଇ ଟ୍ୟାଗ୍ ମିଳିବା ଦିଗରେ ଜିଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ଖାଦ୍ୟକୁ ଆହୁରି ଜନାଦୃତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ଅନ୍ୟଅତିଥି ଭାବେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଓ କମିଶନର ଅନାମ ଚରଣ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଆଳୁଦମ୍ ଦହିବରା ଡଟ୍ କମ୍ ନାମକ ଏକ ୱେବ୍ ପେଜ୍ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଦହିବରା ଓ ଆଳୁଦମ୍‌ର ଇତିହାସ, ବିଭିନ୍ନ ସ୍ଥାନରେ ମିଳୁଥିବା ପ୍ରସିଦ୍ଧ ଦହିବରା, ଆଳୁଦମ୍ ଓ ଦହିବରା ଆଳୁଦମର ସ୍ୱାସ୍ଥ୍ୟଗତ ଉପାଦେୟତା ଆଦି ସ୍ଥାନ ପାଇଛି। ଏହି କାର୍ଯ୍ୟକ୍ରମରେ କଟକର ବିଭିନ୍ନ ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବ୍ୟବସାୟୀଙ୍କ ପକ୍ଷରୁ ଦହିବରା ଷ୍ଟଲ ଖୋଲାଯାଇଥିଲା। ଏଥିସହ ବୋଟ କ୍ଲବ୍‌ଠାରେ କଟକର ଦହିବରା ବ୍ୟବସାୟୀଙ୍କ ତାଲିକା ଉପସ୍ଥାପନ କରାଯିବା ସହ ସେଲ୍ଫି ଜୋନ ଓ ଦହିବରାର ଗୁଣବତ୍ତା ଆଦି ପ୍ରଦର୍ଶିତ ହୋଇଥିଲା। ଦହିବରା ବ୍ୟବସାୟୀ ତ୍ରିନାଥ ଓ ବାବୁଲା, ଫୁଡ୍ ବ୍ଲଗ୍‌ର ରୋହିତ ଶ୍ରୀବାସ୍ତବ ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦହିବରା ଦିବସର ନୋଡାଲ ଅଫିସର ଭାବେ ଅତିରିକ୍ତ ଜିଲାପାଳ ଈପ୍‌ସିତା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଏମାନେ କୁହନ୍ତି...

### ଖୁଆଇବାର ମଜା ନିଆରା



କଟକର ଦହିବରା ଏବେ ବିଶ୍ୱ ଦରବାରରେ ପହଞ୍ଚିଛି। ଏହାକୁ ଖାଇବାକୁ ଦୂରଦୂରାନ୍ତରୁ ଲୋକ କଟକ ଆସୁଛନ୍ତି। ଏହା କଟକର ଏକ ପରିଚୟ ପାଲଟିଛି। ଦହିବରା ଦିବସରେ ଦହିବରା ଖାଇବା ସହ ଅନ୍ୟକୁ ଖୁଆଇବାର ମଜା କିଛି ଅଲଗା। ବିଶ୍ୱ ଦରବାରରେ ପହଞ୍ଚିଥିବା ଦହିବରାକୁ ଜିଆଇ ଟ୍ୟାଗ୍ ପ୍ରଦାନ କରାଯିବା ଆବଶ୍ୟକ।

**- ସ୍ନିଗ୍ଧା ଷଡ଼ଙ୍ଗୀ, ଗୃହିଣୀ**

### କଟକର ପରିଚୟ ଦହିବରା



କଟକିଆଙ୍କ ସବୁବେଳେ ପ୍ରଥମ ପସନ୍ଦ ଦହିବରା ରହିଆସିଛି। ଖାଦ୍ୟ ମଧ୍ୟରେ ଦହିବରା ଏକ ଭିନ୍ନ ସ୍ୱାଦ ଆଣିଥାଏ। ଘରୋଇ ମସଲାରେ ଏହାର ସ୍ୱାଦ ତାରକା ହୋଟେଲକୁ ବାଦ୍ ଦେବ। ଦହିବରାକୁ ଜିଆଇ ଟ୍ୟାଗ ପ୍ରଦାନ କରିବା ଆବଶ୍ୟକ। ଏହା କଟକ ସହରର ଏକ ପରିଚୟ ପାଲଟିଛି।

**- ମୋନାଲିସା ନାୟକ, ଛାତ୍ରୀ**

### ଭଲ ବେପାର ହେଇଛି



ଦହିବରା ଦିବସକୁ ନଜରରେ ରଖି ସମସ୍ତ ପ୍ରସ୍ତୁତି କରିଛି। ଅନ୍ୟଦିନରେ ପ୍ରାୟ ୭୦୦ ପ୍ଲେଟ୍ ବିକ୍ରି ହେଉଥିବାବେଳେ ଶନିବାର ଦହିବରା ଦିବସରେ ପ୍ରାୟ ୧୨୦୦ ପ୍ଲେଟ୍ ବିକ୍ରି ହୋଇଥିବା ଜଣାପଡିଛି। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଖଟା, ମିଠା ଦହିବରା ପ୍ରସ୍ତୁତ କରିଥିଲି। ଏହାକୁ ଖାଇବା ପାଇଁ କଟକ ସମେତ ବାହାର ଅଞ୍ଚଳରୁ ଲୋକମାନେ ଆସିଥିଲେ। ଦିନତମାମ ଗ୍ରାହକଙ୍କ ଭିଡ଼ ଜମିଥିବାବେଳେ ବେପାର ଭଲ ହୋଇଛି।

**- ମେଘନାଥ ସାହୁ, ଦହିବରା ବ୍ୟବସାୟୀ**

**Classified Everyday**
**0674-2580101, 9692975378**


MATRIMONIAL

**BRIDE WANTED**

Handsome Brahmin boy 1981/ Government College Lecturer, only child Bhubaneswar. 7008967858. D-71081

38 Widow Karan Caste ମା'ଙ୍କ ସହିତ ଏକାକୀ ରହୁଥିବା କନ୍ୟାଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9776270725. D-3118


**REAL ESTATE**
**SALE**

ଚନ୍ଦନପୁରରୁ ମାତ୍ର **4.5** କିଲୋମିଟର ନିରାକାରପୁର ରାସ୍ତା ପାତେଳି ଛକ ପାଖରେ ନୂଆ ଜଗନ୍ନାଥ ସଡ଼କକୁ ଲାଗି ଘର କରିବାଯୋଗ୍ୟ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ **1150/-** ଓ **2500** ବର୍ଗଫୁଟ **Commercial Plot 2600/-** ଟଙ୍କା ପଥର ପାଚେରି, 30 ଫୁଟ ପିଚୁ ରାସ୍ତା ଓ ଅନ୍ୟାନ୍ୟ ସୁବିଧା ଦେଇ ବିକ୍ରୟହେବା। ଯୋଗାଯୋଗ- **9438220432/ 8144658008.** D-3108

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**Gharabari plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-3119

**Gharabari converted plots available near Hitech Square, Sundarpada, Bhubaneswar. For More Details Contact: 9777554170, 7978874990.** D-3114


**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

**LEASE**

**Sharing of a commercial plot 10000sft. at NH side of Nakhara Niali Road for apartment. 7809525452.** D-76422


**CONSTRUCTION**

**Construct your dream home @950/- , 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3127




1 Room with attached kitchen & bathroom, vitrified flooring, asbestos roof near Khandagiri, Bhubaneswar. Contact: 9437051142. D-3117

Ground floor single room attached toilet for Office space at VSSnagar- 7873657633. D-3087

To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Positively health benefited spa by expert therapist. 7750040475. D-76199

Full body massage by odia therapist in homely atmosphere. 9556498382. D-75361

**Email** ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By virtue of an affidavit sworn before the Executive Magistrate, Dharmasala, dated 18.02.2025 I, Chittaranjan Kar, Address At-Nanpur, P.O.-Thanual, P.S.-Dharmasala, Dist.-Jajpur, Odisha-755024 declare that I have changed my Son's name from Antarjyami Kar to Antaryami Kar. Henceforth, he shall be known as Antaryami Kar for all purposes. D-3122

By virtue of an affidavit sworn before Notary Public, Bhadrak, dated 24. 02. 2025, I Laxmipriya Barik, W/o- Bishnu Mohan Barik, Vill- Kalapahad, P.O.-Adia, P.S.- Agarapada, Dist.- Bhadrak, PIN-756114, Odisha, declare that I have changed my name Puspalata Barik to Laxmipriya Barik. Henceforth, I shall be known as Laxmipriya Barik for all purposes. D-3128

By virtue of an affidavit sworn before the Executive Magistrate, Dharmasala, dated 24.02.2025 I, Jatindra Kumar Panda, Address: At/P.O.-Mirzapur, P.S.-Dharmasala, Dist.-Jajpur, Odisha-755008 declare that I have changed my Son's name from Robert Panda to Ronnet Panda. Henceforth, he shall be known as Ronnet Panda for all purposes. D-3123

I, Gouri Sankar Jena, S/o- Ashok Kumar Jena, resident of flat No.- A-110, Centre Point Apartment, Sailashree Vihar, Bhubaneswar, Dist.- Khurda, Odisha, PIN- 751021, P.S.-Chandrasekharpur. Declare by this affidavit No.- 68, dated 18.02.2025 that now onwards I shall be known as GOURI SHANKAR JENA for all future purposes. D-76424

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Dharmasala, dated 28.02.2025, I Pravati Malik, Address: At-Kaduamagura, P.O.-Batijoda, P.S.-Badachana, Dist.-Jajpur, Odisha-755023 declare that I have changed my name from Kanakalata Malik to Pravati Malik. Henceforth, I shall be known as Pravati Malik for all purposes. D-3124

By virtue of an affidavit sworn before Notary Public, Keonjhar, dated 28.02.2025, I KANHU CHARAN PATI, Address: At/ P.O.- Bodaka, P.S.-Tihidi, Dist.- Bhadrak, PIN-756163 declare that I have changed my name from ANHU CHARAN PATI to KANHU CHARAN PATI. Henceforth, I shall be known as KANHU CHARAN PATI for all purposes.
KANHU CHARAN PATI D- 3126

By virtue of an affidavit sworn before Notary Public, dated 28th February 2025, I, Suresh Bidika, Address: Village- Jagannathpur, P.O.-Rayagada S.F., Dist.- Rayagada, Odisha, 765002, declare that I have changed my daughter's name from Seryya Bidika to Sriya Bidika. Henceforth, she shall be known as Sriya Bidika for all purposes.
Suresh Bidika D-3115

By virtue of an affidavit 28.02.2025 sworn before Notary Salipur, I Parshuram Das, S/o- Harekrusna Das, Vill/ P.O.- Lalitagiri, P.S.- Mahanga, Dist.- Cuttack, State- Odisha, PIN- 754205 declare that all times herein after in all records, deeds and writing and in all proceeding my minor son Anurag Das and his name in place of and in Substitution of his former name of Anurag Sahoo. D-3116

By virtue of an affidavit sworn before Executive Magistrate, Khordha, dated 24.02.2025, I Astutosh Chhotaray, S/o- Jitendra Chhotaray, Adress: At-Jamusahi (Jariput), P.O.-Gudum, P.S.- Khordha Sadar, Dist.-Khordha declare that I have changed my name from Astutosh Srichandan to Astutosh Chhotaray. Henceforth, I shall be known as Astutosh Chhotaray for all purposes. D-3131

**LEGAL NOTICE**

IN THE COURT OF THE DIST. JUDGE, ANGUL
Transfer Petition No.1/2024
(arising out of C.M.A No.22/2024, which is arising out of C.M.A No.30/2023 & T.S. No. 11/1981 of the Court of the Sr. Civil Judge, Talcher)
Smt. Hiranmayee Deo ....Petitioner
Vrs.
Smt. Santimayee Devi (Since dead) & Ors... O.Ps
NOTICE U/O.-5, R-20 (1)A OF C.P.C
O.P No.6(a)
Sri Bibhu Prasad Samant, aged about 51 years, S/o Late Padma Ch. Samant & Late Nirmala Kumari Samant.
O.P No.6(b)
Smt. Sanghamitra Samant, aged about 47 years, D/o Late Padma Charan Samant & Late Nirmala Kumari Samant
Both the O.Ps 6(a) & 6(b) are of Village - Naranpur, P.O.- Brahmapura, Via - Banki, Dist.- Cuttack
O.P No.20
Sri Debananda Sahu, S/o Late Hrudananda Sahu, At - Talcher Town, P.O./P.S. - Talcher, Dist. - Angul

Whereas, the above named Petitioner has filed this Transfer Petition U/s.24 of C.P.C, 1908 in this Court against the O.Ps to transfer all the connected case records of C.M.A No.22/2024 from the Court of the Senior Civil Judge, Talcher to Civil Courts, Angul. If you having objection on the Transfer Petition are required to appear before the Court of the Dist. Judge, Angul on the 11th day of March 2025 at about 10.30 A.M on the motion of this notice either in person or through your Advocate and take part in the proceeding and file show cause, if any, failing which the case will be heard ex-parte.

Given under my hand & seal of this Court on this the 20th day of February 2025
Verified
Sd./- Sheristadar, Civil Courts, Angul
Approved
Dist. Judge, Angul
D-3129

# ବାସିଫୁଲ ଦେଇଛି ପରିଚୟ



ପୁନମ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା।

**ସମ୍ବଲପୁର, ୧।୩(ଭବାନୀ ଶଙ୍କର ଭୋଇ)**

## ସର୍ବଭାରତୀୟ ପ୍ରଦର୍ଶନୀରେ ଦକ୍ଷତା ଦେଖାଇବ ପୁନମ ଏସ୍ଏଚ୍‌ଜି

ବାସିଫୁଲ ଦେଇଛି ପରିଚୟ। ବିଭିନ୍ନ ମନ୍ଦିରରୁ ବାସିଫୁଲ ସଂଗ୍ରହ କରି ସୁଗନ୍ଧିତ ଅଗରବତୀ ଏବଂ ଅବିର ତିଆରି କରୁଥିବା ସମ୍ବଲପୁରର ପୁନମ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ସଦସ୍ୟା ସର୍ବଭାରତୀୟ ପ୍ରଦର୍ଶନୀରେ ଭାଗନେବା ପାଇଁ ମନୋନୀତ ହୋଇ ରାଜସ୍ଥାନର ଜୟପୁରକୁ ଯାଉଛନ୍ତି। ଆସନ୍ତା ୩ରୁ ୫ତାରିଖ ପର୍ଯ୍ୟନ୍ତ ଜୟପୁରରେ ପରିବେଶ ସୁରକ୍ଷା ଏବଂ ସାମାଜିକ ବିକାଶକୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବାସିଫୁଲରୁ ଅଗରବତୀ ଏବଂ ଅବିର ତିଆରି କରୁଥିବା ସମ୍ବଲପୁରର ପୁନମ ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ନିଜର ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରି କରିବ। ବ୍ୟବହୃତ ସାମଗ୍ରୀର ପ୍ରକ୍ରିୟାକରଣ କରାଯାଇ ପୁନଃ ବ୍ୟବହାର ଉପଯୋଗୀ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ସମ୍ମିଳନୀରେ ଦେଶର ୧୫ଟି ଅନୁଷ୍ଠାନକୁ ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଛି। ପରିବେଶ ମନ୍ତ୍ରଣାଳୟ ସହଯୋଗରେ ମହୁଆ ସଙ୍ଗଠନ ଏହା ଆୟୋଜନ କରୁଛି। ଏସିଆ ଏବଂ ପ୍ରଶାନ୍ତ ମହାସାଗର କ୍ଷେତ୍ର ପାଇଁ ସଂଯୁକ୍ତ ରାଷ୍ଟ୍ର ଆର୍ଥିକ ଏବଂ ସାମାଜିକ ଆୟୋଗ ପକ୍ଷରୁ ଏହି ସମ୍ମିଳନୀକୁ ସହଯୋଗ କରାଯାଉଛି। ଏଥିରେ ଜାପାନ ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ମଧ୍ୟ ଅଂଶଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ପୁନମ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଅବିର ଏବଂ ସୁଗନ୍ଧିତ ଅଗରବତୀ ତିଆରିରେ ସହଯୋଗ କରୁଥିବା ମହିଳାମାନେ ମଧ୍ୟ ଭାଗନେବେ। ତା' ସହିତ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁରର ବିଭିନ୍ନ ମନ୍ଦିରରେ ଦେବଦେବୀଙ୍କଠାରେ ବ୍ୟବହୃତ ଫୁଲ ପୂର୍ବରୁ ଆବର୍ଜନାରେ ପରିଣତ ହେଉଥିଲା। ଦେଢବର୍ଷ ତଳେ ଏହାକୁ ପୁନଃ ଉପଯୋଗ କରାଯିବା ପାଇଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଚେଷ୍ଟା କରାଯାଇଥିଲା। ଏହାପରେ ବାସିଫୁଲକୁ ବ୍ୟବହାର କରି ସୁଗନ୍ଧିତ ଅଗରବତୀ ଏବଂ ପ୍ରାକୃତିକ ଅବିର ତିଆରି କରିବା ପାଇଁ ପୁନମ ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଲିମ ଦିଆଯାଇଥିଲା। ସୁଧାର ଗୃହରେ ରହୁଥିବା ଅନ୍ତେବାସୀଙ୍କୁ ମଧ୍ୟ ଏହି କାମରେ ସାମିଲ କରାଯାଇଥିଲା।

# ହୋମ୍ ସିକ୍‌ନେସ୍







**ଗୋଟେ ପଟେ ଅଧିକ ପାଠ ପଢ଼ିବା ଆଉ ଭଲ ଚାକିରି କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ନିଶା, ଆଉଗୋଟେ ପଟେ ଘରଠୁ ଦୂରରେ ରହିବାକୁ ନେଇ ଡରା ଏମିତିରେ ନିଜକୁ ମାନସିକ ସ୍ତରରେ ଦୃଢ଼ କରି ହୋମ୍ ସିକ୍‌ନେସ୍ ଦୂର କରିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...**

ପାଠ ପଢ଼ିବା, ଚାକିରି କିମ୍ବା ବ୍ୟବସାୟ ଆଦି ପାଇଁ ଅନେକ ଯୁବତୀ ଯୁବକଙ୍କୁ ପରିବାରଠାରୁ ଦୂରରେ ରହିବାକୁ ହୋଇଥାଏ । ହେଲେ ଅନେକ ଏମିତି ଅଛନ୍ତି, ଯେଉଁମାନେ ବାହାରେ ରହିଲେ ଘରଲୋକଙ୍କ କଥା ମନେପଡ଼ିଥାଏ ଏବଂ ସେମାନେ ସବୁବେଳେ ଏକୁଟିଆ ଅନୁଭବ କରିଥା'ନ୍ତି, ଯାହାକୁ ହୋମ୍ ସିକ୍‌ନେସ୍ ବୋଲି କୁହାଯାଇଥାଏ । ନୂଆ ନୂଆ ଘରଠୁ ଦୂରକୁ ଯିବା ପରେ କଷ୍ଟ ହେଉଥିଲେ ସୁଦ୍ଧା ଅନେକେ ନିଜ ମନକୁ ସମ୍ଭାଳି ଧୀରେ ଧୀରେ ବାହାରେ ରହିବା ଅଭ୍ୟାସ କରିନିଅନ୍ତି । କିନ୍ତୁ ଏମିତି ବି କେତେଜଣ ଅଛନ୍ତି, ଯେଉଁମାନେ ପରିବାରଠାରୁ ଦୂରରେ ନ ରହିପାରିବା କାରଣରୁ ପାଠ ହେଉ ଅବା ଚାକିରି କ୍ଷେତ୍ରରେ ଅନେକ ଭଲ ସୁଯୋଗ ପାଇବାରୁ ବଞ୍ଚିତ ହୋଇଥା'ନ୍ତି । ତେଣୁ ହୋମ୍ ସିକ୍‌ନେସ୍ ଥିଲେ ଏହାକୁ ଦୂର କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ...

**ମାନସିକ ସ୍ତରରେ ଦୃଢ଼ ହୁଅନ୍ତୁ:** ବାହାରେ ରହିବା, ପଢ଼ିବା କିମ୍ବା ଚାକିରି କରିବାକୁ ଚାହୁଁଥିଲେ ପ୍ରଥମେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରନ୍ତୁ । ପରିବାରର ଚାପରେ ନୁହେଁ ବରଂ ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଜରୁରୀ ବୋଲି ହୃଦୟଙ୍ଗମ କରନ୍ତୁ, ଦେଖିବେ ଧୀରେ ଧୀରେ ହୋମ୍ ସିକ୍‌ନେସ୍ ଦୂର ହୋଇଯିବ ଏବଂ ବାହାରେ ରହିବା ମଧ୍ୟ ସହଜ ଲାଗିବ ।

**ଭିଡିଓ କଲ୍ ଭଲ ବିକଳ୍ପ–** ଅନେକ ଯୁବପିଢ଼ି ଖୁବ୍ ଭାବପ୍ରବଣ ହୋଇଥାନ୍ତି । ସେମାନେ ଏକାକୀ ରହିଲେ ପରିବାର ସଦସ୍ୟଙ୍କ କଥା ମନେପଡ଼ିଥାଏ । ତେଣୁ ସେମାନେ ନିଜ ପରିବାର ଛାଡ଼ି ଗୋଟିଏ ଦିନ ବାହାରେ ରହିବା ମୁସ୍କିଲ୍ । ହେଲେ ଏହି ଏକଲାପଣ ଦୂର କରିବା ଲାଗି ବର୍ତ୍ତମାନ ଫୋନ୍‌ରେ ଭିଡିଓକଲ୍ ସବୁଠୁ ଭଲ ବିକଳ୍ପ ପାଲଟିଛି । ତେଣୁ ପଢ଼ିବା କିମ୍ବା ଅଫିସ୍‌ରେ କାମ କରିବା ସମୟ ବ୍ୟତୀତ ଫାଙ୍କା ସମୟରେ ପ୍ରତିଦିନ କିଛି ସମୟ ଭିଡିଓ କଲ୍‌ରେ ଘରଲୋକଙ୍କ ସହ କଥା ହେଲେ ହୋମ୍ ସିକ୍‌ନେସ୍ ଦୂର ହୋଇପାରିବ ।

**ବନ୍ଧୁତା କରନ୍ତୁ:** କେହି ଚିହ୍ନା ପରିଚିତ ପାଖରେ ନ ଥିବା ହେଉଛି ନୂଆ ବା ଅଜଣା ଜାଗାରେ ଘର କଥା ମନେପଡ଼ିବାର ମୁଖ୍ୟ କାରଣ । ତେଣୁ ଧୀରେ ଧୀରେ କଲେଜ ହେଉ କିମ୍ବା ଅଫିସ୍‌ରେ ଅନ୍ୟମାନଙ୍କ ସହ ବନ୍ଧୁତା କରନ୍ତୁ । ଲୋକସମ୍ପର୍କ ବୃଦ୍ଧି ହେବା ଦ୍ୱାରା ନା କେବଳ ଏକୁଟିଆପଣ ଦୂର ହୋଇଥାଏ ବରଂ ଦରକାର ସମୟରେ ପରିବାର ଲୋକଙ୍କ ଅନୁପସ୍ଥିତିରେ ସେମାନେ ସାହାଯ୍ୟ ମଧ୍ୟ କରିଥାନ୍ତି ।

**ହଷ୍ଟେଲ୍ କିମ୍ବା ମେସ୍‌ରେ ରହିବା ଭଲ:** ଯେଉଁମାନେ ହୋମ୍‌ସିକ୍, ସାଧାରଣତଃ ଅନ୍ୟମାନଙ୍କ ସହ ରହିବାକୁ ଭଲ ଲାଗିବନି ଭାବି ସେମାନେ ଘରଭଡ଼ା ନେଇଥାନ୍ତି । ହେଲେ ଏହାହିଁ ଏକୁଟିଆ ଲାଗିବାର ବଡ଼ କାରଣ । ତେଣୁ ଏଭଳି ଯୁବତୀଯୁବକ ସବୁବେଳେ ମେସ୍ କିମ୍ବା ହଷ୍ଟେଲ୍‌ରେ ରହିବା ଭଲ । କାରଣ ରୁମ୍‌ମେଟ୍ ସାଙ୍ଗରେ ରହିଲେ କଥାବାର୍ତ୍ତା ହେବା, ପରସ୍ପରକୁ ସାହାଯ୍ୟ କରିବା ଦ୍ୱାରା ଏକୁଟିଆ ଲାଗି ନ ଥାଏ ଏବଂ ଘର କଥା କମ୍ ମନେ ପଡ଼ିଥାଏ ।

**ହବି ଉପରେ ଧ୍ୟାନ ଦିଅନ୍ତୁ:** କେଉଁ କାର୍ଯ୍ୟ ଆପଣଙ୍କ ପସନ୍ଦ ଅର୍ଥାତ୍ ନିଜ ହବି ଉପରେ ଗୁରୁତ୍ୱ ଦିଅନ୍ତୁ, ଦେଖିବେ ବାହାରେ ଏକା ଥିଲେ ବି ସମୟ ଜଣାପଡ଼ିବ ନାହିଁ କିମ୍ବା ଏକା ବାରମ୍ବାର ପରିବାର ସଦସ୍ୟଙ୍କ କଥା ମନେପଡ଼ିବ ନାହିଁ । ବହି ପଢ଼ିବା, ଡ୍ରଇଂ କରିବା, ଗୀତ ଶୁଣିବା, ଭଲ ଭଲ ରୋଷେଇ ଶିଖି ନିଜେ କରିବା କିମ୍ବା ଅନ୍ୟ ଯେକୌଣସି କାର୍ଯ୍ୟରେ ରୁଚି ଅଛି ଏକା ଥିବା ସମୟରେ ସେଥିପ୍ରତି ଫୋକସ୍ କରନ୍ତୁ ହୋମ୍ ସିକ୍‌ନେସ୍ ଧୀରେ ଧୀରେ କମିଯିବ ।

**ନିଜକୁ ସମୟ ଦିଅନ୍ତୁ:** ଅନେକେ ଘରେ ଥିବା ବେଳେ ବିଭିନ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁ ନିଜ ପାଇଁ ସମୟ ବାହାର କରିପାରନ୍ତି ନାହିଁ । ଘରଠୁ ବାହାରେ ଥିଲେ ପାଠପଢ଼ା କିମ୍ବା ଅଫିସ୍ ସମୟ ବ୍ୟତୀତ ଖାଲି ସମୟରେ ଯୋଗ, ବ୍ୟାୟାମ, ପ୍ରାଣାୟାମ ଆଦି କରନ୍ତୁ । ଏହା ଉଭୟ ଶରୀର ଏବଂ ମନକୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ ।

## କ'ଣ କୁହନ୍ତି ଏମାନେ...




**ପ୍ରିୟଙ୍କା ପୋଲାଇ**(କର୍ମଜୀବୀ, କଟକ)– ପିଲାଟି ଦିନରୁ କଟକର ପାଣି ପବନ ସହ ଜଡ଼ିତ । ଏହି ସହରର ୫୨ ବଜାର ୫୩ ଗଳିକୁ ବେଶ ଭଲ ଭାବେ ଜାଣିଯାଇଛି । ହେଲେ ଘରୁ ପାଦ କାଢ଼ିଲି ରୋଜଗାର ପାଇଁ । ଆଜିର ଏ ଚାକିରୀର ପ୍ରତିଯୋଗିତା ଓ ସଙ୍କଟ ଭିତରେ ବହୁତ ସଂଘର୍ଷ ପରେ ଗୋଟିଏ ଚାକିରି ପାଇଲି । ତେଣୁ ବାଧ୍ୟ ହୋଇ ଘର ଛାଡ଼ି ବାହାରେ ରହିଲି । ପ୍ରତିଦିନ ସକାଳୁ ରୋଷେଇ, ପୁଣି କାମ କରି ଆସିଲା ବେଳକୁ ଇଚ୍ଛା ହୁଏ ଟିକେ ଗଡି ପଡନ୍ତି କି । ଏ ସମୟରେ ଘର କଥା ଭାରି ମନେ ପଡେ ଓ ବେଳେ ବେଳେ କାନ୍ଦ ବି ଲାଗେ । କିନ୍ତୁ ମୁଁ ମନକୁ ଦୃଢ କରେ ଓ ନିଜ କର୍ମକୁ ଗୁରୁତ୍ୱଦିଏ । ତା'ଛଡା ଘର କଥା ମନେ ପଡିଲେ କିଛି ସମୟ ଫୋନ୍‌ରେ କିମ୍ବା ଭିଡିଓ କଲ୍‌ରେ କଥା ହୁଏ, ଯାହା ମୋ ହୋମ୍‌ସିକ୍‌ନେସ୍ ଦୂର କରିବାରେ ସାହାଯ୍ୟ କରେ ।



**ଦିବ୍ୟଜ୍ୟୋତି ବେହେରା**(ଛାତ୍ର, ତାଳଚେର)– ସୁଦୂର ତାଳଚେର ଗୋପାଳପ୍ରସାଦ ଗାଁ ରୁ ଆସି ଭୁବନେଶ୍ୱର ସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଅଧ୍ୟୟନ କରୁଛି । ପିଲାବେଳୁ ପରିବାରଠୁ କେବେ ବାହାରେ ରହିନାହିଁ । ତେଣୁ ପ୍ରଥମେ ଏଠାରେ ପଢିବାକୁ ବାପାମାଆ ଅନିଚ୍ଛା ପ୍ରକାଶ କରୁଥିଲେ । କେବଳ କଳା ଅଧ୍ୟୟନରେ ବହୁ ରୁଚି ଥିବାରୁ ମୁଁ ଏଠାକୁ ଚାଲି ତ ଆସିଲି ହେଲେ ପ୍ରଥମେ ପ୍ରଥମେ ଏକା ରହିବାରେ କଷ୍ଟ ହେଲା । ହେଲେ ନିଜ କ୍ୟାରିୟରକୁ ଆଖି ଆଗରେ ରଖି ହୋମ୍‌ସିକ୍ ନ ହେବା ଦରକାର ବୋଲି ମନକୁ ବୁଝାଇଲି । ତେଣୁ ଏକା ରହି ଯେପରି ଦୁଃଖ ନ ଲାଗେ ସେଥିପାଇଁ ହଷ୍ଟେଲ୍‌ରେ ରହିଲି । ତା'ଛଡା ଘର ଲୋକଙ୍କ ସାଙ୍ଗେ ଅନେକ ସମୟରେ ଫୋନ୍‌ରେ କଥା ହୁଏ ଓ ଫାଙ୍କା ସମୟରେ ପେଣ୍ଟିଂ କରେ ।





## ଏ ସପ୍ତାହର ପ୍ରଶ୍ନ

୧– ମାଜୋରାନା– ୧ .............. ସଂସ୍ଥାର ପ୍ରଥମ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଚିପ୍ ?
୨–ୱାର୍ଲ୍ଡ ଅଡିଓ ଭିଜୁଆଲ ଆଣ୍ଡ ଇଣ୍ଟରନେଟ୍ ସମିତି–୨୦୨୫ ........... ଦ୍ୱାରା ପରିଚାଳିତ ହେଉଛି ?
୩– ସୋଲିଗା ଜନଜାତି ମୁଖ୍ୟତଃ .............. ଦୁଇ ରାଜ୍ୟରେ ବାସ କରନ୍ତି ?
୪– ଭାରତର ପ୍ରଥମ ବାୟୋପଲିମର ପ୍ଲାଣ୍ଟ ............ଠାରେ ପ୍ରତିଷ୍ଠା କରାଯାଇଛି ?
୫– ମହାରାଷ୍ଟ୍ରର ଅଯୋଦ୍ଧାଠାରେ ଆୟୋଜିତ ଓପନ୍ ଟେନିସ୍ ଟୁର୍ନାମେଣ୍ଟରେ ମେନ୍ସ ସିଙ୍ଗଲ୍ ଟାଇଟେଲ ବିଜେତା .............. ?

## ଗତ ଥରର ଉତ୍ତର

୧ ବ୍ରାଜିଲ୍
୨ ଡେନିସ୍ ପାପିନ୍
୩ ଯୁନିକର୍ଣ୍ଣ
୪ ନିନା ସିଂ
୫ ରଚନା ବିଶ୍ୱଦ୍ ରାଓ୍ୱତ୍

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ଶକ୍ତିପ୍ରସାଦ ସିଂ, ଭୁବନେଶ୍ୱର

## ଟପ୍ ୧୦

### ସ୍ମାର୍ଟ ସିଟି– ୨୦୨୪



୧– ଜୁରିଚ୍ ........ ସ୍ୱିଜରଲାଣ୍ଡ
୨– ଓସ୍ଲୋ ........ ନରୱେ
୩– କାନ୍‌ବେରା ........ ଅଷ୍ଟ୍ରେଲିଆ
୪– ଜେନେଭା........ ସ୍ୱିଜରଲାଣ୍ଡ
୫– ସିଙ୍ଗାପୁର୍ ........ ସିଙ୍ଗାପୁର
୬– କୋପେନ୍‌ହାଗେନ୍ ........ ଡେନ୍‌ମାର୍କ
୭– ଲୌସାନେ ........ ସ୍ୱିଜରଲାଣ୍ଡ
୮– ଲଣ୍ଡନ୍........ ଇଂଲଣ୍ଡ
୯– ହେଲ୍‌ସିଙ୍କି ........ ଫିନ୍‌ଲାଣ୍ଡ
୧୦– ଆବୁଧାବି ........ ୟୁନାଇଟେଡ୍ ଆରବ ଏମିରେଟ୍ସ

## ଜାଣନ୍ତୁ ଦୁନିଆ

# କୁଇକ୍ ସିଲ୍‌ଭର

**ପୃଥିବୀପୃଷ୍ଠରେ ତରଳ ଅବସ୍ଥାରେ ମିଳୁଥିବା ଏକମାତ୍ର ଧାତୁ ହେଉଛି ପାରଦ। ରୁପେଲି ରଙ୍ଗର ଉଜ୍ଜ୍ୱଳ ଦେଖାଯାଉଥିବା ଏହି ଧାତୁକୁ କୁଇକ୍ ସିଲ୍‌ଭର ବୋଲି ମଧ୍ୟ କୁହାଯାଇଥାଏ। ଜାଣିବା ଏ ସମ୍ପର୍କରେ ଅନେକ ତଥ୍ୟ...**



- ନିଜର ଗତି ଏବଂ ଗତିଶୀଳତା ପାଇଁ ପରିଚିତ ଥିବା ରୋମାନ୍ ଦେବତା ମର୍କ୍ୟୁରିଙ୍କ ନାମରେ ଏହାକୁ ଇଂଲିଶ୍ ନାମ ମର୍କ୍ୟୁରି ଭାବେ ନାମିତ କରାଯାଇଛି ବୋଲି କୁହାଯାଏ ।
- ଏହାର ରାସାୟନିକ ନାମ Hg, ଯାହାକି ଲାଟିନ୍ ଶବ୍ଦ ହାଇଡ୍ରାର୍ଜିରମ୍‌ରୁ ଆସିଛି ।
- ପାରଦ ପୃଥିବୀପୃଷ୍ଠରେ ଏକମାତ୍ର ଏଭଳି ଧାତୁ, ଯାହା ସାଧାରଣ ତାପମାତ୍ରା ଏବଂ ଚାପରେ ତରଳ ଅବସ୍ଥାରେ ମିଳିଥାଏ । ତାପମାତ୍ରା ମାପିବା ଲାଗି ଥର୍ମୋମିଟରରେ ଏହା ବ୍ୟବହାର କରାଯାଇଥାଏ ।
- ଏୟାରକ୍ରାଫ୍ଟରେ ଏହାକୁ ନେବା ମନା । କାରଣ ଏୟାରକ୍ରାଫ୍ଟ ପ୍ରସ୍ତୁତ ହେବା ଲାଗି ଆଲୁମିନିୟମ୍ ବ୍ୟବହାର କରାଯାଇଥାଏ । ପାରଦ ଆଲୁମିନିୟମ ସହ ଏକ ମିଶ୍ରଣ ସୃଷ୍ଟି କରେ, ଯାହାକି ଆଲୁମିନିୟମକୁ ଜଙ୍କ୍ ହେବାରୁ ରକ୍ଷା କରୁଥିବା ଉପାଦାନକୁ ନଷ୍ଟ କରିଦିଏ ।
- ଏହା ମୁକ୍ତ ଅବସ୍ଥାରେ ଖୁବ୍ କମ୍ ମିଳିଥାଏ । ଏହାର ମୁଖ୍ୟ ଓର୍ ହେଉଛି ସିନେବାର, ଯାହାକି ସ୍ପେନ୍, ଆମେରିକା, ମେକ୍ସିକୋ, ଜାପାନ, ଚାଇନା ଏବଂ ମଧ୍ୟ ୟୁରୋପରେ ମିଳିଥାଏ ।
- ଚରକ ସଂହିତାରେ ମଧ୍ୟ ପାରଦ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଗୋଟିଏ ସ୍ଥାନରେ ଏହାକୁ ରସ ଏବଂ ଅନ୍ୟ ସ୍ଥାନରେ ରସୋତ୍ତମ ବୋଲି ଲେଖାଯାଇଛି ।
- ପାରଦର ଫ୍ରିଜିଂ ପଏଣ୍ଟ –୩୮.୮୩° ସେଲ୍‌ସିଅସ୍ ହୋଇଥିବା ବେଳେ ବଏଲିଂ ପଏଣ୍ଟ ୩୫୬.୭୩° ସେଲ୍‌ସିଅସ୍ ।
- ପାରଦ ଅଧିକାଂଶ ଏସିଡ୍ ସହିତ ମିଶିଲେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ ।

## ଯୁବ ପ୍ରତିଭା

# ସେବା ଦିଏ ଆତ୍ମସନ୍ତୋଷ

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ରାଏବିଧାର ଗ୍ରାମର ବିଜୟଲକ୍ଷ୍ମୀ ଓ ବିଭୂତି ଭୂଷଣ ଦାସଙ୍କ ପୁଅ ରାଜେନ୍ଦ୍ର କୁମାର ଦାସ(ରାଜା) । କଲେଜ ପାଠପଢ଼ା ପରେ କର୍ମ ଅନ୍ୱେଷଣରେ ପୁରୀ ଚାଲି ଆସନ୍ତି । ୨୦୦୨ ମସିହାରେ ବୀରହରେକୃଷ୍ଣପୁରର ପ୍ରଫୁଲ୍ଲ ତ୍ରିପାଠୀ ଏବଂ ପୁରୀର ବ୍ରଜବନ୍ଧୁ ମହାରଣାଙ୍କ ସଂସ୍ପର୍ଶରେ ଆସି ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସଖା'ରେ ସାମିଲ ହୋଇ ପ୍ରତ୍ୟେକ ମାସର ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟ ସଫେଇ, ୱାର୍ଡ ପରିଷ୍କାର ପରିଚ୍ଛନ୍ନ ଅଭିଯାନରେ ଯୋଗ ଦିଅନ୍ତି । ଏହି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ଆୟୋଜିତ ରକ୍ତଦାନ ଶିବିର, ନାରାୟଣ ସେବା, ପରିବେଶ ସୁରକ୍ଷା ପ୍ରଭୃତି କାର୍ଯ୍ୟରେ ସକ୍ରିୟ ଭାବେ କାର୍ଯ୍ୟ କରନ୍ତି । ପରେ ଅନ୍ୟତମ ଅନୁଷ୍ଠାନ ସାହିଭାଇରେ ଯୋଗ ଦିଅନ୍ତି । ଅନୁଷ୍ଠାନ ସହ ଯୋଡ଼ିହେବା ପରେ ଅନ୍ୟର ସେବାକୁ ନୈତିକ ଦାୟିତ୍ୱ ଭାବି ସେଥିରେ ସେ ମଜି ଯାଆନ୍ତି । ଅସହାୟ ଲୋକଙ୍କୁ ମେଡିକାଲ ସେବା, ସ୍ୱର୍ଗଦ୍ୱାରରେ ଶବଦାହ, ରାସ୍ତାକଡ଼ ରୋଗୀଙ୍କୁ ମେଡିକାଲରେ ଚିକିତ୍ସା ଉପଲବ୍ଧ ସହ ଆବଶ୍ୟକ ସ୍ଥଳେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରିବା, ଚାରାରୋପଣ ସହ ତା'ର ଯତ୍ନ ନେବା ପ୍ରଭୃତି କାର୍ଯ୍ୟରେ ଲାଗିପଡ଼ନ୍ତି । ଏଥିସହିତ କୋଭିଡ୍ ସମୟରେ ଦୁଇ ବର୍ଷ ଆକ୍ରାନ୍ତ ଲୋକଙ୍କୁ ମେଡିକାଲ ସେବା ଯୋଗାଇବା, ସଚେତନତା କାର୍ଯ୍ୟକ୍ରମ, ବୁଲା ଗୋରୁଗାଈଙ୍କ ଯତ୍ନ ପରି କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ବିଭିନ୍ନ ବାତ୍ୟା ସମୟରେ କ୍ଷତିଗ୍ରସ୍ତଙ୍କ ନିକଟରେ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ସହ ପ୍ରଶାସନକୁ ରିଲିଫ୍ କାର୍ଯ୍ୟରେ ସହଯୋଗ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସହଯୋଗ ପାଇଁ ଜିଲା ପ୍ରଶାସନ ଦ୍ୱାରା ତାଲିମ ପ୍ରାପ୍ତ ପରେ ଗତ କିଛିବର୍ଷ ଆପଦ ମିତ୍ର ଭାବେ କାର୍ଯ୍ୟ କରୁଛନ୍ତି । ଏବେ ଗତ ୪ବର୍ଷ ହେବ ପୁରୀ ସ୍ୱର୍ଗଦ୍ୱାର ସେବା କେନ୍ଦ୍ରରେ କନିଷ୍ଠ ସେବକ ଭାବେ କାର୍ଯ୍ୟ କରୁଛନ୍ତି ।

ଜଣେ ସଂଗ୍ରାମୀ ଯୁବକ ଭାବେ ଦଶମ ପାସ୍ କରିବା ପରେ ପୁରୀ ସହରରେ ଟ୍ୟୁଶନ କରି ନିଜେ ପାଠପଢ଼ା ସହ ସାମାଜିକ ସେବା କରୁଥିଲେ । ଏଥିସହିତ ପାର୍ଟ ଟାଇମ୍ କମ୍ପ୍ୟୁଟର ଡିଟିପି ଡାଟା ଏଣ୍ଟ୍ରି ଅପରେଟର ଭାବେ କାମ କରି ପରିବାରକୁ ସହଯୋଗ କରୁଥିଲେ । ଜୀବନର ଅନେକ ଝଡ଼ଝଞ୍ଜା ଦେଇ ଗତି କରୁଥିବା ବେଳେ ୨୦୧୬ରେ ହଠାତ୍ ସାନ ଭାଇର ମୁଣ୍ଡବିନ୍ଧା ଆରମ୍ଭ ହୁଏ, ପରେ ଜଣାପଡ଼େ ତାଙ୍କୁ ବ୍ରେନ ଟ୍ୟୁମର ହୋଇଛି ଏବଂ ସେ ବାମ ପାର୍ଶ୍ୱ ପାରାଲେସିସ୍‌ରେ ଆକ୍ରାନ୍ତ ହୋଇ ଏକପ୍ରକାର ଅଚଳ ହୋଇପଡ଼ନ୍ତି । ଘର ସମ୍ପତ୍ତିବାଡ଼ି ବିକ୍ରି କରି ସାନଭାଇର ଚିକିତ୍ସା ଆରମ୍ଭ କରନ୍ତି । ସେପଟେ ମା'ବାପା ମଧ୍ୟ ହୃଦ୍‌ଘାତରେ ଆକ୍ରାନ୍ତ ହୁଅନ୍ତି । ତଥାପି ସେ ଏଥିରେ ଭାଙ୍ଗି ନ ପଡ଼ି ପରିବାର ଦାୟିତ୍ୱ ସତ୍ତ୍ୱେ ସାମାଜିକ କାର୍ଯ୍ୟକୁ ଭୁଲନ୍ତି ନାହିଁ । ମା'ବାପାଙ୍କ ଚିକିତ୍ସା ସହ ସାନଭାଇକୁ କିଭଳି ପୁଣି ଥରେ କାର୍ଯ୍ୟକ୍ଷମ କରିବେ, ସେଥିରେ ଲାଗିପଡ଼ନ୍ତି । ସେବାଶୁଶ୍ରୂଷା ସହ ବାପାମାଆଙ୍କୁ କାନ୍ଧରେ ପକାଇ ଶ୍ରୀମନ୍ଦିର ଦର୍ଶନ, ସମୁଦ୍ରକୂଳ ଭ୍ରମଣ, ବଡ଼ଦାଣ୍ଡରେ ରଥରେ ଠାକୁରଙ୍କୁ ଦର୍ଶନ କରାଇ ସାମାଜିକ ଦାୟିତ୍ୱବୋଧର ପରିଚୟ ଦିଅନ୍ତି । ଦୃଢ଼ ଇଚ୍ଛାଶକ୍ତି, ଏକାଗ୍ରତା ଯେ ସଫଳତାର ବାଟ କଢ଼ାଏ ତାହାକୁ କରି ଦେଖାନ୍ତି । ଦିନେ ପକ୍ଷାଘାତରେ ଅଚଳ ହୋଇ ପଡ଼ିଥିବା ସାନଭାଇ ପୁଣି ଥରେ ନିଜ ଗୋଡ଼ରେ ଠିଆହୁଏ । ସାନଭାଇ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ମମତାର ପରିଣାମ ସ୍ୱରୂପ ଏହିକଥା ଶ୍ରୀକ୍ଷେତ୍ରରେ ଚହଳ ସୃଷ୍ଟି କରେ । ରାଜାଙ୍କୁ ଦେଖିଲେ ଲୋକେ କୁହନ୍ତି ଏମିତି ଭାଇ ଜଗତେ ନାହିଁ । ତାଙ୍କର ନିଆରା ସେବା, ସମର୍ପଣଭାବ ଲାଗି ସେ ପୁରୀର ବିଭିନ୍ନ ସାମାଜିକ ଅନୁଷ୍ଠାନରୁ ଶ୍ରୀକ୍ଷେତ୍ର ସମ୍ମାନ, ଯୁବ ବ୍ୟକ୍ତିତ୍ୱ, ସମାଜସେବୀ ଭାବେ ସମ୍ମାନିତ ହୋଇଛନ୍ତି ।




– ପ୍ରଭାତ ପାଣିଗ୍ରାହୀ

**ଚାମ୍ପିୟନ୍ସ ଟ୍ରଫି**

# ସେମିରେ ଦକ୍ଷିଣ ଆଫ୍ରିକା



ଉଇକେଟ ନେବାପରେ ମାର୍କୋ ଜାନସେନ (ମଝି)ଙ୍କୁ ସାଥି ଖେଳାଳିଙ୍କ ବଧେଇ।

**କରାଚୀ,୧।୩**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଦକ୍ଷିଣ ଆଫ୍ରିକା ଅନ୍ତିମ ତଥା ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଗ୍ରୁପ-ବି'ର ଅନ୍ତିମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୮୦ ରନର ଟାର୍ଗେଟକୁ ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୩ ଉଇକେଟ ବିନିମୟରେ ହାସଲ କରି ନେଇଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ଗ୍ରୁପ-ବି' ପଏଣ୍ଟ ଟେବୁଲରେ ୫ ପଏଣ୍ଟ ସହ ଶୀର୍ଷରେ ରହିଛି। ଦଳ ଆସନ୍ତା ୫ ତାରିଖରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଗ୍ରୁପ-ଏ'ରେ ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ଭେଟିବ।

ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ୩୮.୨ ଓଭରରେ ୧୭୯ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଜୋ ରୁଟ ସର୍ବାଧିକ ୩୭ ରନ କରିଥିବା ବେଳେ ଜୋଫ୍ରା ଆର୍ଚ୍ଚର ୨୫, ବେନ ଡକେଟ ୨୪, ଅଧିନାୟକ ଜୋସ ବଟଲର ୨୧ ଓ ହ୍ୟାରି ବ୍ରୁକ ୧୯ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ବୋଲିଂରେ ମାର୍କୋ ଜାନସେନ ଓ ୱିଆନ ମୁଲ୍ଡର ୩ ଲେଖାଏ ଉଇକେଟ ନେଇଥିଲେ। ସେହିଭଳି କେଶବ ମହାରାଜ ଦୁଇଟି ଉଇକେଟ ହାତେଇଥିବା ବେଳେ ଲୁଙ୍ଗି ଏନଗିଡି ଓ କାଗିସୋ ରାବାଡା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ହେଲେ ରାସି ଭାନ ଡର ଡୁସେନ ଓ ହେନରିଚ କ୍ଲାସେନ ତୃତୀୟ ଉଇକେଟ ପାଇଁ ୧୨୭ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। କ୍ଲାସେନ ୬୪ ରନ କରି ଆଉଟ ହୋଇଥିବା ବେଳେ ଭାନ ଡର ଡୁସେନ ୭୨ ଓ ଡେଭିଡ ମିଲର ୭ ରନ କରି ମ୍ୟାଚର ଅନ୍ତ ଘଟାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୩୮.୨ ଓଭରରେ ୧୭୯/ଅଲଆଉଟ (ଜୋ ରୁଟ-୩୭, ଜୋଫ୍ରା ଆର୍ଚ୍ଚର-୨୫, ବେନ ଡକେଟ-୨୪, ୱିଆନ ମୁଲଡର-୩/୨୫, ମାର୍କୋ ଜାନସେନ-୩/୩୯)।

ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୧୮୧/୩ (ରାସି ଭାନ ଡର ଡୁସେନ ୭୨*, ହେନରିଚ କ୍ଲାସେନ-୬୪, ରିଆନ ରିକେଲଟନ-୨୭, ଜୋଫ୍ରା ଆର୍ଚ୍ଚର-୨/୫୫, ଆଦିଲ ରସିଦ-୧/୩୭)।

**ଆଜିର ମ୍ୟାଚ**

**ଭାରତ ବନାମ ନ୍ୟୁଜିଲାଣ୍ଡ**

**ସ୍ଥାନ: ଦୁବାଇ ସମୟ: ଅପରାହ୍ନ ୨.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ-୧୮**

# ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷା କରିବ ଭାରତ

**ଦୁବାଇ,୧।୩ (ପି.ଟି.)**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିସାରିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର ତା'ର ଅନ୍ତିମ ତଥା ତୃତୀୟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ଉଭୟ ଦଳ ଗ୍ରୁପ ପର୍ଯ୍ୟାୟରେ ଲଗାତର ଦୁଇଟି ବିଜୟ ସହ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏହାସତ୍ତ୍ୱେ ଏହି ମ୍ୟାଚର ବିଶେଷ ଗୁରୁତ୍ୱ ରହିଛି। ଏହି ମ୍ୟାଚର ଫଳାଫଳ ଆଧାରରେ ସେମାନେ ସେମିଫାଇନାଲରେ କାହାକୁ ଭେଟିବେ, ତାହା ନିର୍ଣ୍ଣୟ ହେବ।

ଟୁର୍ନାମେଣ୍ଟରେ ଦୁଇ ମ୍ୟାଚରେ ଦୁଇଟି ବିଜୟ ସତ୍ତ୍ୱେ ଭାରତୀୟ ବ୍ୟାଟରମାନେ ସ୍ପିନରଙ୍କ ଆଗରେ ଅସହଜ ଅନୁଭବ କରୁଥିବା ପରିଲକ୍ଷିତ ହୋଇଛି। ନ୍ୟୁଜିଲାଣ୍ଡର ସ୍ପିନ ବିଭାଗ ଭାରତ ଲାଗି ଚ୍ୟାଲେଞ୍ଜ ହୋଇପାରେ। ଅଧିନାୟକ ମିଚେଲ ସାଣ୍ଟନର ନ୍ୟୁଜିଲାଣ୍ଡ ସ୍ପିନ ବିଭାଗର ନେତୃତ୍ୱ ନେବେ। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଭାରତୀୟ ବ୍ୟାଟରମାନେ ସ୍ପିନରଙ୍କ ବିପକ୍ଷରେ ଏକ ଓ ଦୁଇ ରନ ନେଉଥିବା ବେଳେ ପେସ ବୋଲରଙ୍କ ବିପକ୍ଷରେ ଦ୍ରୁତଗତିରେ ରନ କରିବାକୁ ଦେଖୁଛନ୍ତି। ରବିବାର ହେବାକୁ ଥିବା ମ୍ୟାଚରେ ଭାରତୀୟ ଦଳକୁ ମାଇକେଲ ବ୍ରେସୱେଲ, ଅଧିନାୟକ ସାଣ୍ଟନର ଓ ନିୟମିତ ବୋଲିଂ କରୁ ନ ଥିବା ଗ୍ଲେନ ଫିଲିପ୍ସଙ୍କ ସମ୍ମୁଖୀନ ହେବାକୁ ପଡ଼ିବ। ପାକିସ୍ତାନ ବିପକ୍ଷରେ ଶୁବମନ ଗିଲ ଓ ବିରାଟ କୋହଲିଙ୍କ ଦର୍ଶନୀୟ ବ୍ୟାଟିଂ ଦଳୀୟ ମନୋବଳକୁ ବଢ଼ାଇଛି। କିନ୍ତୁ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ପିଚ୍‌ର ଧୀରେ ଧୀରେ ଖରାପ ହେଉଥିବାରୁ ବ୍ୟାଟିଂ ଅଧିକ କଷ୍ଟକର ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଭାରତ ଦଳରେ ୫ ସ୍ପିନରଙ୍କୁ ଚୟନ କରିଛି। ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ୩ ସ୍ପିନର ଯଥା ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବଙ୍କୁ ବ୍ୟବହାର କରାଯାଇଛି। ସେମାନେ ଖୁବ ଭଲ ଭାବେ ପିଚ୍‌ର ଫାଇଦା ଉଠାଇ ପ୍ରତିପକ୍ଷ ଦଳ ଲାଗି ରନ କରିବା କଷ୍ଟକର କରିଛନ୍ତି। ସେମାନେ ମିଡିଲ ଓଭରରେ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କ ଉପରେ ଚାପ ବଢ଼ାଇଛନ୍ତି। କିନ୍ତୁ ନ୍ୟୁଜିଲାଣ୍ଡ ବ୍ୟାଟିଂ ଲାଇନଅପରେ କେନ ୱିଲିୟମସନ, ୱିଲ ୟଙ୍ଗ, ଟମ ଲଥାମ, ଡେଭନ କନୱେ ଓ ରାଚିନ ରବୀନ୍ଦ୍ରଙ୍କ ଭଳି କ୍ୱାଲିଟି ବ୍ୟାଟର ରହିଛନ୍ତି, ଯେଉଁମାନେ ସ୍ପିନରଙ୍କ ବିପକ୍ଷରେ ଭଲ ଖେଳନ୍ତି।

ଏତଦ୍‌ବ୍ୟତୀତ ଭାରତୀୟ ଦଳର ଟିମ ମ୍ୟାନେଜମେଣ୍ଟ ଅଧିନାୟକ ରୋହିତ ଶର୍ମା ଓ ମହମ୍ମଦ ଶାମିଙ୍କୁ ସେମିଫାଇନାଲ ପୂର୍ବରୁ ରିକଭର କରିବା ଲାଗି ଅତିରିକ୍ତ ସମୟ ମଧ୍ୟ ଦେଇପାରେ। ପାକିସ୍ତାନ ବିପକ୍ଷ ମ୍ୟାଚ ବେଳେ ରୋହିତ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏଥିଯୋଗୁ ସେ ପ୍ରାୟ ୨୦ ମିନିଟ ପାଇଁ ପଡ଼ିଆରୁ ଦୂରେଇ ରହିଥିଲେ। ଅବଶ୍ୟ ପରେ ବିନା କୌଣସି ଅସୁବିଧାରେ ସେ ବ୍ୟାଟିଂ କରିଥିଲେ। ଯଦି ରୋହିତଙ୍କୁ ବିଶ୍ରାମ ଦିଆଯାଏ, ତେବେ ରିଷଭ ପନ୍ତଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ। ସେହିଭଳି ଯଦି ଶାମିଙ୍କୁ ବିଶ୍ରାମ ଦିଆଯାଏ, ତେବେ ବାମହାତୀ ପେସର ଅର୍ଶଦୀପ ସିଂ ଚଳିତ ଟୁର୍ନାମେଣ୍ଟରେ ତାଙ୍କର ପ୍ରଥମ ମ୍ୟାଚ ଖେଳିପାରନ୍ତି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ)/ ରିଷଭ ପନ୍ତ, ଶୁବମନ ଗିଲ (ଉପ ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, ମହମ୍ମଦ ଶାମି/ ଅର୍ଶଦୀପ ସିଂ, ହର୍ଷିତ ରାଣା, କୁଲଦୀପ ଯାଦବ।

**ନ୍ୟୁଜିଲାଣ୍ଡ ଦଳ:** ୱିଲ ୟଙ୍ଗ, ଡେଭନ କନୱେ, କେନ ୱିଲିୟମସନ, ରାଚିନ ରବୀନ୍ଦ୍ର, ଟମ ଲଥାମ(ଉଇକେଟକିପର), ଗ୍ଲେନ ଫିଲିପ୍ସ, ମାଇକେଲ ବ୍ରେସୱେଲ, ମିଚେଲ ସାଣ୍ଟନର(ଅଧିନାୟକ), ମ୍ୟାଟ ହେନରୀ, କାଇଲ ଜେମିସନ, ୱିଲିୟମ ଓରାର୍କେ।




ଶନିବାର ଦୁବାଇରେ ଅଭ୍ୟାସ ଅବସରରେ ଶୁବମନ ଗିଲ୍ ଓ ଅର୍ଶଦୀପ ସିଂ।

# ନିଜ ବିଶ୍ୱ ରେକର୍ଡ ଭାଙ୍ଗିଲେ ଡୁପ୍ଲାଣ୍ଟିସ


ଆର୍ମଣ୍ଡ ଡୁପ୍ଲାଣ୍ଟିସ

**କ୍ଲେରମଣ୍ଟ-ଫେରାଣ୍ଡ (ଫ୍ରାନ୍ସ), ୧।୩ (ଏପି)**

ଆର୍ମଣ୍ଡ ଡୁପ୍ଲାଣ୍ଟିସ ଏଠାରେ ଏକ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଟୁର୍ ମିଟିଂରେ ୬.୨୭ ମିଟରରେ ତାଙ୍କ ପୋଲ୍‌ଭଲ୍ଟ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଅଲିମ୍ପିକ ଓ ୱାର୍ଲ୍ଡ ଚାମ୍ପିୟନ ତାଙ୍କ ବିଶ୍ୱ ରେକର୍ଡରେ ଏକ ସେଣ୍ଟିମିଟର ଯୋଗକରିଛନ୍ତି। ଏହାପୂର୍ବରୁ ଗତ ଅଗଷ୍ଟରେ ସେ ତାଙ୍କ ରେକର୍ଡରେ ଉନ୍ନତି ଆଣିଥିଲେ। ଡୁପ୍ଲାଣ୍ଟିସଙ୍କ ପାଇଁ ଏହା ୧୧ତମ ବିଶ୍ୱ ପୋଲ୍‌ଭଲ୍ଟ ରେକର୍ଡ। ଅଲ୍‌ଷ୍ଟାର ପର୍ଚରେ ସୁଇଡେନର ଏହି ଆଥ୍‌ଲେଟ ତାଙ୍କ ପ୍ରଥମ ପ୍ରଚେଷ୍ଟାରେ ସଫଳ ହୋଇଥିଲେ। ଗ୍ରୀସ୍‌ର ଏମାନୋଇଲ କାରାଲିସ ୬.୦୨ ମିଟର କ୍ଲିଅର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ଟିକେଟ ମୂଲ୍ୟ ଫେରସ୍ତ କରିବ ପିସିବି

**ଲାହୋର, ୧।୩ (ପି.ଟି.)**

ବର୍ଷା ଯୋଗୁ ରାଓଲପିଣ୍ଡିରେ ଚାମ୍ପିୟନ୍ସ ଟ୍ରଫି ର ଦୁଇଟି ମ୍ୟାଚ ଖେଳାଯାଇ ନ ପାରି ବାତିଲ କରିଦିଆଯାଇଥିଲା। ଏଥିପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ଟିକେଟର ସମ୍ପୂର୍ଣ୍ଣ ମୂଲ୍ୟ ଫେରସ୍ତର ବ୍ୟବସ୍ଥା କରାଯାଇଛି। ଫେବୃଆରୀ ୨୫ରେ ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ଏବଂ ଫେବୃଆରୀ ୨୭ରେ ବାଂଲାଦେଶ ବନାମ ପାକିସ୍ତାନ ମ୍ୟାଚ ଗୋଟିଏ ହେଲେ ବଲ୍ ପକାଯାଇ ନ ପାରି ସମ୍ପୂର୍ଣ୍ଣ ବାତିଲ କରିଦିଆଯାଇଥିଲା। ଆତିଥ୍ୟ ଟିକେଟଧାରୀ (ବକ୍ସ ଓ ପିସିବି ଗ୍ୟାଲେରୀ)ମାନେ ଟିକେଟ ଫେରସ୍ତ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ମାର୍ଚ୍ଚ ୧୦ରୁ ୧୪ ମଧ୍ୟରେ ଟିସିଏସ୍ ଆଉଟଲେଟ୍‌ରେ ଯୋଗ୍ୟ ଟିକେଟଧାରୀମାନେ ସେମାନଙ୍କର ଟଙ୍କା ଫେରସ୍ତ ଦାବି କରିପାରିବେ। ଟିକେଟଧାରୀମାନଙ୍କୁ ପ୍ରମାଣ ସହ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ।

# ରାଜ୍ୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର



ମନୋନୀତ ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)**

ବିହାରର ବେଗୁସରାଇଠାରେ ମାର୍ଚ୍ଚ ୨୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ସମ୍ଭାବ୍ୟ ୩୦ ଜଣିଆ ଓଡ଼ିଶା ଦଳ ମନୋନୀତ କରାଯାଇ ପୁରୀରେ ଶନିବାରଠାରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହା ୧୫ ପର୍ଯ୍ୟନ୍ତ ଚାଲିବ। ଏହାପରେ କେନ୍ଦୁଝରଠାରେ ଶିବିର ମାର୍ଚ୍ଚ ୧୬ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୁଖ୍ୟ କୋଚ ଗୌରୀଶଙ୍କର ମିଶ୍ର, ଚନ୍ଦନ କୁମାର ପତ୍ରି, ଆକାଶ କୁମାର ପଟ୍ଟନାୟକ ଓ ଝାଡ଼ଖଣ୍ଡର ସୁଲତାନ ଶିବିର ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଅଲିମ୍ପିକ ସଂଘର କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ଓଡ଼ିଶା ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁକେଶଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୧।୩ (ପି.ଟି.)**

ଶନିବାର ସଦ୍ୟ ପ୍ରକାଶିତ ଫିଡେ କ୍ଲାସିକାଲ ରେଟିଂ ତାଲିକାରେ ଭାରତର ବିଶ୍ୱ ଚାମ୍ପିୟନ ଡି. ଗୁକେଶ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୩ ନମ୍ବର ର୍ୟାଙ୍କିଙ୍ଗ ହାସଲ କରିଥିବା ବେଳେ ଆର. ପ୍ରଜ୍ଞାନନ୍ଦ ଟପ୍ ୧୦କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜବରଦସ୍ତ ଫର୍ମରେ ଥିବା ୧୮ବର୍ଷୀୟ ଗୁକେଶ ଗତ ଡିସେମ୍ବରରେ ସିଙ୍ଗାପୁରରେ ଚାଇନାର ଡିଙ୍ଗ୍ ଲିରେନ୍‌ଙ୍କୁ ପରାସ୍ତ କରି ବିଶ୍ୱ ଟାଇଟଲ ଜିତିଥିଲେ। ସେ ୧୦ ପଏଣ୍ଟ ପାଇଛନ୍ତି। ତାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୨୭୮୭ରେ ପହଞ୍ଚିଛି। ର୍ୟାଙ୍କିଙ୍ଗ ତାଲିକାରେ ନରୱେର ମାଗ୍ନସ କାର୍ଲସେନ (୨୮୩୩) ପୂର୍ବଭଳି ବିଶ୍ୱର ନମ୍ବର ୱାନ ଚେସ୍ ଖେଳାଳି ରହିଛନ୍ତି। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି ହିକାରୁ ନାକାମୁରା (୨୮୦୨)। ର୍ୟାଙ୍କିଙ୍ଗ ତାଲିକାରେ ଭାରତୀୟ ଗ୍ରାଣ୍ଡମାଷ୍ଟର ନିଜ ଦେଶର ଅର୍ଜୁନ ଏରିଗାସି ଓ ଆମେରିକାର ଫାବିଆନୋ କାରୁଆନାଙ୍କୁ ଅତିକ୍ରମ କରିଯାଇଛନ୍ତି।

# ସହିଦ ସ୍ପୋର୍ଟିଂ ୮ ଉଇକେଟରେ ବିଜୟୀ

**ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ**

**ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ମ୍ୟାଚରେ ସହିଦ ସ୍ପୋର୍ଟିଂ ୮ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଟାଉନ୍ କ୍ଲବ ନିର୍ଦ୍ଧାରିତ ୩୫ ଓଭରରେ ୨୩୭ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ରାକେଶ କୁମାର ବେହେରା ସର୍ବାଧିକ ୭୧, ଶୁଭ ସଙ୍କେତ ଧଳ ୪୫, ପ୍ରତ୍ୟୁଷ ଦାସ ୩୫ ଓ ବିଶାଳ କର ୩୪ ରନ କରିଥିଲେ। ବିପକ୍ଷ ଦଳର ପାର୍ଥସାରଥି ନାୟକ ସର୍ବାଧିକ ୪ଟି ଓ ଜନ୍ମେଜୟ ସାହୁ ୨ଟି ଉଇକେଟ ନେଇଥିଲେ। ୨୩୮ ରନର ବିଜୟ ଲକ୍ଷ୍ୟକୁ ସହିଦ ସ୍ପୋର୍ଟିଂ ଦଳ ୩୨.୩ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ ଶତକ ହାସଲକାରୀ ଜନ୍ମେଜୟ ସାହୁ ସର୍ବାଧିକ ୧୦୧ ଓ ଶୁଭମ୍ ଶତ୍ରୁଜିତ ୯୨ ରନକରି ଦଳର ବିଜୟକୁ ସହଜ କରି ଦେଇଥିଲେ। ଦୁହିଁଙ୍କ ମଧ୍ୟରେ ୧୯୪ ରନର ଭାଗୀଦାରି ହୋଇଥିଲା। ଶତକୀୟ ଇନିଂସ ପାଇଁ ଜନ୍ମେଜୟଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବତନ ରଣ୍‌ଜୀ ତାରକା ରଶ୍ମିରଞ୍ଜନ ପରିଡ଼ା, ଟାଉନ୍ କ୍ଲବ ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର ଓ ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଉପସଭାପତି ରାଧାକାନ୍ତ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ଶରତ ସାହୁ ମ୍ୟାଚ ପରିଚାଳନା କରିଥିଲେ। ରବିବାର ପ୍ରଗତି ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



ଜନ୍ମେଜୟ ସାହୁଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ସନ୍ଦୀପ ସ୍ମାରକୀ ସର୍ବଭାରତୀୟ ଟେନିସ୍ ଉଦ୍‌ଘାଟିତ

**ଯୋଗ୍ୟତା ପର୍ଯ୍ୟାୟରେ ଓଡ଼ିଶାର ଶୁଭମ୍, ସ୍ୱସ୍ତିକ, ଶୁଭ୍ରନିଲ, ଆହାନ ବିଜୟୀ**

**ଭୁବନେଶ୍ୱର, ୧।୩ (ତପନ ସ୍ୱାଇଁ)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବ ପରିସରରେ ଶନିବାର ୨.୫ ଲକ୍ଷ ଟଙ୍କା ବିଶିଷ୍ଟ ମେଜର ସନ୍ଦୀପ ସ୍ମାରକୀ ସର୍ବଭାରତୀୟ ପୁରୁଷ ର୍ୟାଙ୍କିଙ୍ଗ୍ ଟେନିସ ପ୍ରତିଯୋଗିତା ଆରମ୍ଭ ହୋଇଛି। ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଏମଓଏସ୍‌ଏଫ୍), ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟରେ ଓଡ଼ିଶା, ତାମିଲନାଡୁ, ହରିୟାଣା, କର୍ଣ୍ଣାଟକ, ଦିଲ୍ଲୀ, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ, ମଣିପୁର, ପଞ୍ଜାବ, ପଶ୍ଚିମବଙ୍ଗ, ଆସାମ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ର ଆଦି ୧୪ଟି ରାଜ୍ୟରୁ ୪୯ ପ୍ରତିଭାସମ୍ପନ୍ନ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଡ୍ର'ରେ ୨୪ ଖେଳାଳି ସାମିଲ ହୋଇଥିବାବେଳେ ଯୋଗ୍ୟତା ପର୍ଯ୍ୟାୟରେ ୨୫ ଖେଳାଳି ରହିଛନ୍ତି। ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଖେଳାଳିଙ୍କ ପାଇଁ ଏହି ପ୍ରତିଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ସଦୃଶ ହୋଇଛି। ହରିୟାଣାର ୨୭ତମ ର୍ୟାଙ୍କ୍ ଖେଳାଳି ଉଦିତ କାମ୍ବୋଜ ଟପ୍‌ସିଡ୍ ବିବେଚିତ ହୋଇଛନ୍ତି। ସେହିପରି ତାମିଲନାଡୁର ଓ.ଟି. ଜୟ ପ୍ରକାଶ (ର୍ୟାଙ୍କ୍ ୩୧), ୨ୟ, କର୍ଣ୍ଣାଟକର ଏ. ଦୀପକ ତୃତୀୟ ଓ ମଣିପୁରର ଭିକି ସାଗୋଲଶେମ ୪ର୍ଥ ସିଡ୍‌ର ମାନ୍ୟତା ପାଇଛନ୍ତି।

ପ୍ରଥମ ଦିବସରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ଓଡ଼ିଶାର ଶୁଭମ୍ ଷଡ଼ଙ୍ଗୀ, ସ୍ୱସ୍ତିକ ସତ୍ୟକାମ ପ୍ରଧାନ, ଶୁଭ୍ରନିଲ ବର୍ମନ ଓ ଆହାନ ମିଶ୍ର ବିଜୟ ହାସଲ କରିଛନ୍ତି। ସ୍ୱର୍ଗତ ମେଜର ସନ୍ଦୀପଙ୍କ ବାପା ଜଗଦାନନ୍ଦ ମହାପାତ୍ର, ଭାଇ ସଞ୍ଜୀମ ମହାପାତ୍ର, ଗୁରୁକୁଳ ଟେନିସ ରିସର୍ଟର ପ୍ରତିଷ୍ଠାତା ପ୍ରତାପ ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟି-ଶାର୍ଟ ଉନ୍ମୋଚନ କରାଯାଇଥିଲା। ଏଥିରୁ ସିଙ୍ଗଲ୍ସରେ ଚାମ୍ପିୟନ ଖେଳାଳି ୪୦, ରନରଅପ୍ ୨୫ ଓ ଦୁଇ ସେମିଫାଇନାଲିଷ୍ଟ ୧୫ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ। ସେହିପରି ଡବଲ୍ସରେ ଚାମ୍ପିୟନ ଖେଳାଳି ୩୦, ରନରଅପ୍ ୨୦ ଓ ଦୁଇ ସେମିଫାଇନାଲିଷ୍ଟ ୧୪ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ। ସେହିପରି ସିଙ୍ଗଲ୍ସରେ ଚାମ୍ପିୟନ ଖେଳାଳି ଟ୍ରଫି ସହ ୩୧,୨୫୦ ଓ ରନରଅପ୍ ୨୧,୦୦୦ ଟଙ୍କା ପୁରସ୍କାର ଆକାରରେ ପାଇବେ। ଡବଲ୍ସରେ ବିଜେତାଙ୍କୁ ୧୫,୦୦୦ ଓ ରନରଅପ୍‌ଙ୍କୁ ୯,୫୦୦ ଟଙ୍କା ପ୍ରଦାନ କରାଯିବ। ଟୁର୍ନାମେଣ୍ଟ ସୁପରିଚାଳନା ପାଇଁ ଏଆଇଟିଏ ପକ୍ଷରୁ ପ୍ରବୀଣ କୁମାର ନାୟକଙ୍କୁ ସୁପରଭାଇଜର ଭାବେ ନିଯୁକ୍ତ କରାଯାଇଛି।



ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

**ରଣ୍‌ଜୀ ଟ୍ରଫି ଫାଇନାଲ**

# ବିଦର୍ଭ ନିୟନ୍ତ୍ରଣରେ ମ୍ୟାଚ୍

**ନାଗପୁର,୧।୩ (ଏପି)**

ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ କେରଳ ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି ଫାଇନାଲ ମ୍ୟାଚ୍ ଚତୁର୍ଥ ଦିନ ଶେଷସୁଦ୍ଧା ବିଦର୍ଭ ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ କରିଥିବା ବେଳେ କେରଳ ୩୪୨ ରନ କରିଥିଲା। ଫଳରେ ୩୭ ରନରେ ଆଗୁଆ ଥିବା ବିଦର୍ଭ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଚତୁର୍ଥ ଦିନ ଶେଷସୁଦ୍ଧା ୪ ଉଇକେଟରେ ହରାଇ ୨୪୯ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କରୁନ ନାୟର ୧୩୨ ଓ ଅଧିନାୟକ ଅକ୍ଷୟ ୱାଡକର ୪ ରନରେ ଅପରାଜିତ ଅଛନ୍ତି। ବିଦର୍ଭ ହାତରେ ୬ ଉଇକେଟ ସୁରକ୍ଷିତ ରଖି ମ୍ୟାଚରେ ୨୮୬ ରନରେ ଆଗରେ ରହିଛି। ଶନିବାର ତଥା ମ୍ୟାଚ୍‌ର ଚତୁର୍ଥ ଦିନ ବିଦର୍ଭ ତା'ର ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ମାତ୍ର ୭ ରନ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇଥିଲା। ଏହାପରେ ଡାନିଶ ମାଲେୱାର ଓ କରୁନ ତୃତୀୟ ଉଇକେଟ ପାଇଁ ୧୮୨ ରନ ଯୋଡ଼ିଥିଲେ। ଡାନିଶ ୭୩ ରନ କରି ପାଭିଲିଅନ ଫେରିଥିଲେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ